

## ଆମେରିକା ସହ ତରବରିଆ ରାଜିନାମା କରିବନି ଭାରତ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 113 ଭାଗ ୩୪ | ସଂଖ୍ୟା ୧୧୩ | Tuesday 14 July 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର, ୧୪ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଏକମାତ୍ର ମହିଳା ଟେଷ୍ଟ: ୨୭୦ ରନ୍‌ରେ ହାରିଲା ଇଂଲଣ୍ଡ

# ଲର୍ଡ୍ସରେ କମାଲ କଲେ ଭାରତୀୟ ମହିଳା




**ଲର୍ଡ୍ସ, ୧୩।୭:** ଐତିହାସିକ ଲର୍ଡ୍ସରେ ଇତିହାସ ରଚିଛି ଭାରତୀୟ ମହିଳା କ୍ରିକେଟ୍ ଦଳ। ଆଜି ଏଠାରେ ଚାଲିଥିବା ଘରୋଇ ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟକୁ ଭାରତ ଚତୁର୍ଥ ଦିନରେ ସାରିଦେବା ସହ ୨୭୦ ରନ୍‌ରେ ଦମ୍‌ଦାର ବିଜୟ ହାସଲ କରିଛି। ଏଥିସହ ଭାରତୀୟ ମହିଳା ଦଳ ଟେଷ୍ଟ ଇତିହାସରେ ଦ୍ୱିତୀୟ ସର୍ବଶ୍ରେଷ୍ଠ ବିଜୟ ମଧ୍ୟ ଅର୍ଜନ କରିଛି। ମ୍ୟାଚ୍‌ର ପ୍ରଥମ ଇନିଂସରେ ୫ଟି ସମେତ ମୋଟ ୭ଟି ୱିକେଟ୍ ନେଇ ମ୍ୟାଚ୍‌ର ମୋଡ଼ ବଦଳାଇଥିବା ଭାରତୀୟ ଦଳର ମଧ୍ୟମ ଗତି ବୋଲର୍ କ୍ରାନ୍ତି ଗୌଡ଼ାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହି ବିଜୟ ମାଧ୍ୟମରେ ଲର୍ଡ୍ସରେ ବିଜୟ ହାସଲ କରିଥିବା ହାତଗଣତି ଭାରତୀୟ ନେତୃତ୍ୱ ମଧ୍ୟରେ ନିଜକୁ ସାମିଲ୍ କରିଛନ୍ତି ହରମନ୍‌ପ୍ରୀତ୍ କୌର୍। ପୂର୍ବରୁ ଏଠାରେ ଭାରତୀୟ ପୁରୁଷ ଦଳ କପିଳ ଦେବ(୧୯୮୬), ମହେନ୍ଦ୍ର ସିଂହ ଧୋନି (୨୦୧୪) ଓ ବିରାଟ କୋହଲି (୨୦୨୧)ଙ୍କ ନେତୃତ୍ୱରେ ବିଜୟ ହାସଲ କରିଥିଲା। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ପାଇଥିବା ଭାରତ ପ୍ରଥମ ଇନିଂସରେ ୨୮୫ ରନ୍ କରିବା ପରେ ଇଂଲଣ୍ଡ ୧୭୦ ରନ୍ କରିଥିଲା। ପ୍ରଥମ ଇନିଂସ ଭିତ୍ତିରେ ୧୦୫ ରନ୍‌ରେ ଅଗ୍ରଣୀ ରହିଥିବା ଭାରତ ତା'ର ଦ୍ୱିତୀୟ ଇନିଂସରେ ଯାସ୍ତିକା ଭାଟିଆଙ୍କ ରେକର୍ଡ ଶତକୀୟ ଇନିଂସ ବଳରେ ୭ ୱିକେଟ୍‌ରେ ୩୪୧ ରନ୍ କରିଥିଲା। ଫଳତଃ ଇଂଲଣ୍ଡ ଆଗରେ ୪୫୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟ ହାସଲ ସକାଶେ ବ୍ୟାଟିଂ କରିଥିବା ଇଂଲଣ୍ଡ ୬୨.୫ ଓଭର୍‌ରେ ମାତ୍ର ୧୮୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ମ୍ୟାଚ୍‌ର ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ୬ ୱିକେଟ୍ ହରାଇ ୧୩୦ ରନ୍ କରି ପରାଜୟ ଦ୍ୱାରଦେଶରେ ପହଞ୍ଚିଯାଇଥିଲା। ଆଜି ଏହିଠାରୁ ଇନିଂସର ଖେଳ ଆରମ୍ଭ କରି ଆମି ଜୋନ୍ସ (୫୨) ଓ ସୋଫି ଏକ୍ଲେଷ୍ଟୋନ୍ (୧) ଦଳୀୟ ସ୍କୋର୍‌କୁ ୧୩୫ ରନ୍‌ରେ ପହଞ୍ଚାଇଥିଲେ। ଏହି ସମୟରେ ଆମି ଜୋନ୍ସ ଆଉଟ୍ ହୋଇଥିଲେ। କିନ୍ତୁ ଏକ୍ଲେଷ୍ଟୋନ୍ ତାଙ୍କ ଅଭିଜ୍ଞତାର ଫାଇଦା ନେଇ ଭାରତୀୟ ବୋଲର୍‌ଙ୍କ ଉପଯୁକ୍ତ ମୁକାବିଲା କରିଥିଲେ। ସେ ଇସି ୱଙ୍ଗ୍, ଲୌରେନ୍ ବେଲ୍ ଓ ଅପରାଜିତ ଲୌରେନ୍ ଫିଲର୍‌ଙ୍କୁ ସାଥୀ କରି ପୃଷ୍ଠା-୬

**କ୍ରାନ୍ତି ଗୌଡ଼ା ପ୍ଲେୟର୍ ଅଫ୍ ଦି ମ୍ୟାଚ୍**

**ସ୍ମରଣୀୟ ହୋଇପାରିଲାନି ନାଇଟ୍ ଓ ବିଉମଣ୍ଟ୍‌ଙ୍କ ଅବସର**

## କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି





- କେନ୍ଦୁପତ୍ର ମୂଲ୍ୟରେ କେରି ପିଛା ୧୦ ପଇସା ବୃଦ୍ଧି
- ଫାଳ ପିଛା ୨୦ ପଇସା ବୃଦ୍ଧି
- ତୋଳାଳିଙ୍କୁ ୨୫ % ବୋନସ
- ବନ୍ଧାଳୀ ଓ ସିଜନାଲ୍ ଷ୍ଟାଫଙ୍କ ପାଇଁ ୫ %
- ରାଜକୋଷରୁ ଖର୍ଚ୍ଚ ହେବ ୭୪.୭୮ କୋଟି

**ଭୁବନେଶ୍ୱର, ୧୩।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳୀ ଓ ସିଜିନାଲ୍ ଷ୍ଟାଫଙ୍କ କଲ୍ୟାଣ ପାଇଁ ସେମାନଙ୍କ ବୋନସ ଓ ପ୍ରୋତ୍ସାହନ ରାଶି ପ୍ରଦାନକୁ ଅନୁମୋଦନ କରିଛନ୍ତି। ଏଥିସହ ଶ୍ରୀ ମାଝୀ କେରି ଓ ଫାଳର ମୂଲ୍ୟରେ ମଧ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରୋସେସ ଏରିଆରେ କେନ୍ଦୁପତ୍ର କେରି (୨୦ଟି) ପିଛା ମୂଲ୍ୟ ୧୦ ପଇସା ବୃଦ୍ଧି କରାଯାଇଥିବା ବେଳେ ଫାଳ (୪୦ଟି) ପିଛା ମୂଲ୍ୟ ୨୦ ପଇସା ବୃଦ୍ଧି କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୦.୭୮ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ। ସେହିପରି କେନ୍ଦୁପତ୍ର ତୋଳାଳିମାନଙ୍କ ପାଇଁ ୨୫ ପ୍ରତିଶତ ବୋନସ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆହୁରି ବନ୍ଧାଳୀ ଓ ସିଜନାଲ୍ ଷ୍ଟାଫଙ୍କ ପାଇଁ ୫ ପ୍ରତିଶତ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୬୪ କୋଟି ଟଙ୍କା ବହନ କରିବେ। କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳୀଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ସମୁଦାୟ ୭୪.୭୮ କୋଟି ଟଙ୍କା ଖର୍ଚ୍ଚ କରିବେ। ରାଜ୍ୟର ଆଦିବାସୀବହୁଳ ପୃଷ୍ଠା-୬

**ଇଲିସି ଲୋଭ**

## ୯ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର, ଏବେ ବି ୬ ନିଖୋଜ

**ବାଲେଶ୍ୱର, ୧୩।୭(ସଂଚାର ବ୍ୟୁରୋ):** ଗତ ୪ ତାରିଖରୁ ବଙ୍ଗୋପ ସାଗରରେ ନିଖୋଜ ହୋଇଥିବା ଟ୍ରଲର୍‌କୁ ଆଜି ଠାବ କରାଯାଇଛି। ଏଥିସହ ଉକ୍ତ ଟ୍ରଲର୍‌ରୁ ୯ ଜଣ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏବେ ବି ଆହୁରି ୬ ଜଣ ମତ୍ସ୍ୟଜୀବୀଙ୍କର କୌଣସି ପତ୍ତା ମିଳିପାରିନଥିବା ବେଳେ ସେମାନଙ୍କ



ତଲାସୀ ଜାରି ରହିଛି। ସମସ୍ତ ମୃତଦେହକୁ ପଶ୍ଚିମବଙ୍ଗର କାକଦ୍ୱୀପ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଗତ ୨ ତାରିଖରେ ୧୫ ଜଣ ମତ୍ସ୍ୟଜୀବୀ ଇଲିଶି ମାଛ ଧରିବା ସକାଶେ ଏକ ଟ୍ରଲର୍‌ରେ ବଙ୍ଗୋପ ସାଗର ଭିତରକୁ ଯାଇଥିଲେ। ପରବର୍ତ୍ତୀ ଦୁଇ ଦିନ ପର୍ଯ୍ୟନ୍ତ ଉକ୍ତ ଟ୍ରଲର୍ ସହ ଯୋଗାଯୋଗ ରହିଥିଲେ ହେଁ ପରେ ଆପେ ଆପେ ସଂଯୋଗ କଟିଯାଇଥିଲା। ଫଳତଃ ଭାରତୀୟ ତଟରକ୍ଷୀ ବାହିନୀ ଓ ଅନ୍ୟାନ୍ୟ ଏଜେନ୍ସି ପକ୍ଷରୁ ଉକ୍ତ ଟ୍ରଲର୍‌ର ସନ୍ଧାନ ଆରମ୍ଭ ହୋଇଥିଲା।

ତେବେ ଦୀର୍ଘ ଦିନର ସନ୍ଧାନ ପରେ ଆଜି ଉକ୍ତ ଟ୍ରଲର୍‌କୁ ବଙ୍ଗୋପ ସାଗର ଭିତରେ ପାଖାପାଖି ୧୦୦ କିମି ଦୂରବର୍ତ୍ତୀ ରକ୍ତେଶ୍ୱର ବାଲିଚାଦ୍‌ଠାରେ ତଟରକ୍ଷୀ ବାହିନୀ ପକ୍ଷରୁ ଠାବ କରାଯାଇଛି। ପରେ ଉକ୍ତ ଦୁର୍ଘଟଣାଗ୍ରସ୍ତ ଟ୍ରଲର୍‌କୁ ଗୋବର୍ଦ୍ଧନପୁରର ସୀତାପୁରମ୍‌ଠାକୁ ଅଣାଯାଇଛି। ସେଠାରେ ଉକ୍ତ ଟ୍ରଲର୍ ଭିତରେ ୯ଟି ମୃତଦେହ ରହିଥିବା ତଟରକ୍ଷୀ ବାହିନୀ ଦେଖିବାକୁ ପାଇଥିଲେ। ତେବେ ଉକ୍ତ ଟ୍ରଲର୍‌ର ଦୁର୍ଘଟଣା ପଛର ଠୋସ୍ କାରଣ କିଛି ଜଣାପଡ଼ି ନ ଥିଲେ ବି ବଙ୍ଗୋପ ସାଗରର ଉତ୍ତାଳ ଢେଉ ଯୋଗୁଁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅନୁମାନ କରାଯାଉଛି। ଏଥିସହ ନିଖୋଜ ଥିବା ଅନ୍ୟ ୬ ଜଣ ମତ୍ସ୍ୟଜୀବୀଙ୍କ ସନ୍ଧାନ ଜାରି ରହିଛି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ୩ ଭାଇ ରବୀନ୍ଦ୍ର ମାଝୀ, ଜଗନ୍ନାଥ ମାଝୀ ଓ ଜୟରାମ ମାଝୀ ମଧ୍ୟ ଅଛନ୍ତି।

### ପାଠ୍ୟପୁସ୍ତକରେ ମାଳ ମାଳ ତ୍ରୁଟି ମାମଲା

# ତଦନ୍ତ ଭାର ନେଲା କ୍ରାଇମବ୍ରାଞ୍ଚ

- ଏଫଆଇଆର ଦେଲେ ଏସସିଇଆରଟି ନିର୍ଦ୍ଦେଶିକା
- ଏସପିଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ କରିବ ଖୋଳତାଡ଼
- ପ୍ରସ୍ତୁତିଠୁ ବଣ୍ଟନ ଯାଏଁ ପୂରା ପ୍ରକ୍ରିୟାର ହେବ ଯାଞ୍ଚ୍




**ଭୁବନେଶ୍ୱର, ୧୩।୭(ସଂଚାର ବ୍ୟୁରୋ):** ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗରେ ଆକ୍ସନ ମୋଡ୍‌ରେ ସରକାର। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏହି ମାମଲାରେ ଏଫଆଇଆର ଦେଇଛନ୍ତି ଏସସିଇଆରଟି ନିର୍ଦ୍ଦେଶିକା। ଆଜିଠୁ କ୍ରାଇମବ୍ରାଞ୍ଚର ୫ଜଣିଆ ଟିମ ଖୋଳତାଡ଼ କରିଛି। ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ପଛରେ କାହାର ଭୂମିକା ରହିଛି, ତ୍ରୁଟି କିପରି ହେଲା, କେଉଁମାନେ ଏଥିରେ ସମ୍ପୃକ୍ତ ରହିଛନ୍ତି ଏବଂ ଏହା ପଛରେ କୌଣସି ଷଡ଼ଯନ୍ତ୍ର ରହିଛି କି ନାହିଁ, ସେନେଇ ତଦନ୍ତ କରିବ କ୍ରାଇମବ୍ରାଞ୍ଚ।

ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ଲିଖିତ ଅଭିଯୋଗକୁ ଆଧାର କରି କ୍ରାଇମବ୍ରାଞ୍ଚରେ କେସ୍ ନଂ-୦୮/୨୦୨୬ ରୁଜୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ୨୦୨୩ର ଧାରା ୩୧୬(୫), ୨୦୧, ୩(୫) ଏବଂ ୬୧(୨) ଅନୁଯାୟୀ ମାମଲା ଦାୟର କରାଯାଇଛି। କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏସ୍‌ପି ନରେନ୍ଦ୍ର କୁମାର ବେହେରାଙ୍କୁ ଏହି ସମ୍ବେଦନଶୀଳ ମାମଲାର ମୁଖ୍ୟ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।

ତଦନ୍ତକୁ ବ୍ୟାପକ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକାଧିକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଛି। ପାଠ୍ୟପୁସ୍ତକ ପ୍ରସ୍ତୁତି, ବିଷୟବସ୍ତୁ ଚୟନ, ଅନୁମୋଦନ, ମୁଦ୍ରଣ, ପ୍ରକାଶନ ଏବଂ ବଣ୍ଟନ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ ତନ୍ନ ତନ୍ନ କରି ଯାଞ୍ଚ କରାଯିବ। ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଦସ୍ତାବିଜ, ରେକର୍ଡ ଓ ପୃଷ୍ଠା-୬

## ଆମେରିକା ହେବ ହର୍ମୁଜ୍‌ର ଗାର୍ଡିଆନ୍: ଟ୍ରମ୍ପ୍

**ୱାଶିଂଟନ, ୧୩।୭:** ଷ୍ଟ୍ରେଟ୍ ଅଫ୍ ହର୍ମୁଜର ପରବର୍ତ୍ତୀ ରକ୍ଷକ ବା ଗାର୍ଡିଆନ୍ ଆମେରିକା ହେବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକୁ ଏହା ସୁରକ୍ଷା ଦେବ। ଆଉ ସେଥିଲାଗି ତୈଳ ଟ୍ୟାଙ୍କରଗୁଡ଼ିକଠାରୁ ଆମେରିକା ୨୦ ପ୍ରତିଶତ ଫି' ଆଦାୟ କରିବ। ଟ୍ରମ୍ପଙ୍କ ଏ ମନ୍ତବ୍ୟର ଇରାନ୍ ଦୃଢ଼ ଜବାବ ଦେଇଛି। ଷ୍ଟ୍ରେଟ ଅଫ୍ ହର୍ମୁଜର ରକ୍ଷକ ହେବା ଲାଗି ଇରାନ୍ କୌଣସି ବିଦେଶୀ ଲୋକଙ୍କୁ ଆବଶ୍ୟକ କରୁନାହିଁ ବୋଲି ତେହରାନ୍ ସ୍ପଷ୍ଟ କରିଦେଇଛି। ଟ୍ରମ୍ପ କହିଛନ୍ତି ଯେ, ଆମେ ଖୁବ୍ ଶୀଘ୍ର ହର୍ମୁଜ୍ ଦଖଲ କରୁଛୁ। ସେମାନଙ୍କର ଆଉ କିଛି ବାକି ନାହିଁ।

## ଭାରତ ଫେରିଲା ୧୫ ପର୍ଯ୍ୟଟକଙ୍କ ମୃତଦେହ

**ହାନୋଇ, ୧୩।୭:** ଭିଏତନାମର ଫୁ କ୍ୱୋକ୍ ଦ୍ୱୀପରେ ସ୍ପିଡବୋଟ ଓଲଟି ପ୍ରାଣ ହରାଇଥିବା ୧୫ ଭାରତୀୟ ପର୍ଯ୍ୟଟକଙ୍କ ମରଶରୀର ସୋମବାର ଭାରତରେ ଆସି ପହଞ୍ଚିଛି। ସ୍ପିଡବୋଟର କ୍ୟାପଟେନ ଏନଗୁଏନ ହଙ୍ଗ ହାଇଙ୍କୁ ଜଳପଥ ପରିବହନ ନିରାପତ୍ତା ନିୟମ ଉଲ୍ଲଂଘନ କରିଥିବା ତଦନ୍ତ ପରିସରଭୁକ୍ତ କରାଯାଇଛି। ମୃତ ପର୍ଯ୍ୟଟକଙ୍କ ମରଶରୀରକୁ ନେଇ ହୋ ଚି ମିନ୍ ସହରରୁ ଉଡ଼ାଣ କରିଥିବା ବିମାନ ସୋମବାର ବିଳମ୍ବିତ ରାତିରେ ମୁମ୍ବାଇରେ ପହଞ୍ଚିଛି ବୋଲି ଭିଏତନାମସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ମୃତକଙ୍କୁ ସେମାନଙ୍କ ସମ୍ପର୍କୀୟଙ୍କ ନିକଟରେ ପହଞ୍ଚାଇବା ଲାଗି ଆନ୍ଧ୍ର ପ୍ରଦେଶ, କେରଳ ଓ ତାମିଲନାଡୁ ରାଜ୍ୟ ସରକାରଙ୍କୁ ସୂଚନା ଦିଆଯାଇଥିବା ଦୂତାବାସ କହିଛି।

## ବିଗୁଡୁଛି ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟ

**ନୂଆଦିଲ୍ଲୀ, ୧୩।୭:** ଏଠାକାର ଯନ୍ତର ମନ୍ତରରେ ଶିକ୍ଷାବିତ୍ ତଥା ପରିବେଶ କର୍ମୀ ସୋନମ ୱାଙ୍ଗଚୁକଙ୍କ ଅନିର୍ଦ୍ଦିଷ୍ଟ ଆମରଣ ଅନଶନ ସୋମବାର ୧୬ ଦିନରେ ପହଞ୍ଚିଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଦ୍ରୁତଗତିରେ ବିଗିଡ଼ିବାରେ ଲାଗିଛି। ୱାଙ୍ଗଚୁକଙ୍କର ରକ୍ତଶର୍କରା ୬୭ ଏମଜି/ଡିଏଲକୁ ଖସି ଆସିଥିବା ବେଳେ ତାଙ୍କ ଶରୀରର ଓଜନ ୮.୨ କିଲୋଗ୍ରାମ ହ୍ରାସ ପାଇଥିବା କକ୍ରୋଚ ଜନତା ପାର୍ଟି (ସିଜେପି) ପକ୍ଷରୁ ସୋମବାର କୁହାଯାଇଛି। ୱାଙ୍ଗଚୁକ୍ ଜୁନ ୨୮ ତାରିଖରେ ଆମରଣ ଅନଶନ ଆରମ୍ଭ କରିଥିଲେ।

# ଆଜି ନବଯୌବନ ଦର୍ଶନ



- ଘଣା ଲାଗି, ଖଳି ଲାଗି ସହ ଖଡ଼ି ପ୍ରସାଦ ନୀତି
- କ୍ରାଇମବ୍ରାଞ୍ଚ ଆରମ୍ଭ କଲା 'ସାଇବର ସାଥୀ' ଅଭିଯାନ
- ୯ଟି ଫେକ ୱେବପେଜ୍ ବନ୍ଦ, ୧୬ ୟୁଆରଏଲ ବ୍ଲକ୍
- ଅଘଟଣ ପାଇଁ ମୁତୟନ ହେଲେ ଏନଡିଆରଏଫ ଟିମ୍

**ପୁରୀ, ୧୩।୭(ସଂଚାର ବ୍ୟୁରୋ):** ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡ଼ିତ ଥିବା ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଗତକାଲି ଅଣସରର ତ୍ରୟୋଦଶୀ ତିଥିରେ ଦଇତା ଓ ପତି ମହାପାତ୍ର ସେବାୟତ ମହାପ୍ରଭୁଙ୍କ ସୁସ୍ଥତା ସଂକ୍ରାନ୍ତ ଖବର ଗଜପତି ମହାରାଜାଙ୍କୁ ପ୍ରଦାନ କରିଥିଲେ। ଏଥିସହ ରଥଯାତ୍ରାର ସୁପରିଚାଳନା ନେଇ ମଧ ଆଲୋଚନା କରିଥିଲେ। ତେବେ ଆଜି ଅଣସର ଚତୁର୍ଦ୍ଦଶୀ ତିଥିରେ ଶ୍ରୀମନ୍ଦିରରେ ଘଣା ଲାଗି ଓ ଶ୍ରୀପୟର ମୁଦ ଉପଲକ୍ଷେ ପାଟ ଡୋର, ଖଳି ପ୍ରସାଦ ଓ ଖଡ଼ି ପ୍ରସାଦ ଲାଗି ପୃଷ୍ଠା-୬

## ୧୯ରୁ ମହାପ୍ରଭୁଙ୍କ ଗହଣା ଗଣା

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଗଣତି ପାଇଁ ଆସିଲା ନୂଆ ତାରିଖ। ଆସନ୍ତା ୧୯ରେ ଗଣାହେବ ମହାପ୍ରଭୁଙ୍କ ଗହଣା। ଗତ ମେ' ୨୩ ତାରିଖରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର ସୁନା-ଗହଣା ଓ ମୂଲ୍ୟବାନ ଜିନିଷ ଗଣତିମଣତି ବନ୍ଦ ରହିଛି। ଏବେ ସ୍ନାନ ପୂର୍ଣ୍ଣିମା ସମୟରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଓହ୍ଲାଇଥିବା ଗହଣାଗୁଡ଼ିକୁ ଆସନ୍ତା ୧୯ ତାରିଖରେ ଗଣାଯିବ। ଏହି ଗଣତି କାର୍ଯ୍ୟ କେବଳ ଗୋଟିଏ ଦିନ ପାଇଁ ହେବ। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ଏହି ଗଣତିମଣତି କରାଯିବ। ତେବେ ଭିତର ରତ୍ନଭଣ୍ଡାରରେ ଥିବା ବାକି ସବୁ ଗହଣାର ଗଣତି କେବେ ହେବ, ସେନେଇ ପରେ ସୂଚନା ଦିଆଯିବ ବୋଲି ଜଣାଇ ଦିଆଯାଇଛି।

### ଦୁଇ ବର୍ଷରେ ଆମ୍ବୁଲାନ୍ସ ଖର୍ଚ୍ଚ ୩୮୮ କୋଟି

# ତଥାପି ସୁଧୁରୁନି ୧୦୮ର ସ୍ୱାସ୍ଥ୍ୟ

**ପୁଣି ମାଲଗାଡ଼ିରେ ବୁହାହେଲେ ରୋଗୀ**




**ନବରଙ୍ଗପୁର, ୧୩।୭(ସଂଚାର ବ୍ୟୁରୋ):** ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିକାଶକୁ ନେଇ ବଡ଼ ବଡ଼ ଦାବି କରାଯାଉଥିବା ବେଳେ ଗ୍ରାଉଣ୍ଡ ଜିରୋରୁ ପୁଣି ସାମ୍ନାକୁ ଆସିଛି ଆମ୍ବୁଲାନ୍ସ ଅବ୍ୟବସ୍ଥାର ଚିନ୍ତାଜନକ ତଥ୍ୟ। କେଉଁଠି ଠିକ ସମୟରେ ଆମ୍ବୁଲାନ୍ସ ପହଞ୍ଚିପାରୁନି ତ ଆଉ କେଉଁଠି ଭଲ ରାସ୍ତା ଅଭାବରୁ ରୋଗୀଙ୍କ ପାଖରେ ଗାଡ଼ି ପହଞ୍ଚିବା ସ୍ୱପ୍ନ ପାଲଟିଛି। ଫଳରେ ରୋଗୀ ଓ ପ୍ରସୂତିଙ୍କୁ ମାଲବାହୀ ଗାଡ଼ି କିମ୍ବା ଟ୍ରାକ୍ଟରରେ ମେଡିକାଲ୍ ଆଣିବାକୁ ପଡୁଛି। କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରୁ ଏଭଳି ଦୁଇଟି ଘଟଣା ସାମ୍ନାକୁ ଆସିଛି। କଳାହାଣ୍ଡି ଧର୍ମଗଡ଼ରେ ଜଣେ କିଡନୀ ରୋଗୀ ଭଙ୍ଗା ଗୋଡ଼ରେ ଆମ୍ବୁଲାନ୍ସ ନ ପାଇ ଖଟିଆ ସହ ମାଲବାହୀ ଗାଡ଼ିରେ ଡାକ୍ତରଖାନା ଆସିଥିବା ବେଳେ ନବରଙ୍ଗପୁର-କଳାହାଣ୍ଡି ସୀମାନ୍ତରେ ରାସ୍ତା ଅଭାବରୁ ପ୍ରସୂତୀଙ୍କ ପାଖରେ ଆମ୍ବୁଲାନ୍ସ ପହଞ୍ଚିପାରିନାହିଁ। ଶେଷରେ ୭ କିମି ଟ୍ରାକ୍ଟରରେ ପୃଷ୍ଠା-୬



**କାନ ଡେରିଥା**

ନେତା ହେଇଗଲେ
ଟେନସନ ନାହିଁ
ସବୁ ଚଳୁ ହୋଇଯିବ
ଚିଟ ଫଣ୍ଡ ଅର୍ଥ ଗୋଟେଇ
ଗୋଟେଇ
କୋଟିକୋଟି ରଖିଦେବ
ଦଳ ବଦଳାଇ ଦେବ...
ଗେରୁଆ ହୋଇଲେ ସବୁ
ଭୁଲ ଗୁଡା
ଅଣଦେଖା ହୋଇଯିବ ।

ଦେବାଶିଷ

# ଚିଠାଦାର ଆନ୍ଦୋଳନକାରୀଙ୍କ ପଛରେ ବିଜେଡି ନେତା

- ବିଜେପି ସରକାର ବିରୁଦ୍ଧରେ ଷଡ଼ଯନ୍ତ୍ର
- ଅସ୍ତ୍ର ପାଲଟିଛନ୍ତି ଖାତା ନଥିବା ଲୋକେ








**ଭୁବନେଶ୍ୱର, ୧୩।୭(ସଂଚାର ବ୍ୟୁରୋ):** ରାଜଧାନୀରେ ଘଣ୍ଟ ବାଡ଼େଇ ତାମସା କରୁଥିବା ଚିଠାଦାର (ଚିଠାରେ ଠିକା କାମ କରୁଥିବା ବ୍ୟକ୍ତି)ମାନେ ରାଜ୍ୟ ସରକାରଙ୍କ ବିରୋଧରେ ଚଳାଇଥିବା ଅଭିଯାନର ଗୁମର ଖୋଲିବାରେ ଲାଗିଛି। ଏମାନଙ୍କ ପଛରେ କିଛି ବିଜେଡି ନେତା ଥିବା ସ୍ପଷ୍ଟ ହେଉଥିବା ବେଳେ ଚିଠାଦାରଙ୍କୁ ଅସ୍ତ୍ର କରି ଏମାନେ ମୋହନ ସରକାରଙ୍କୁ ବଦନାମ କରିବାକୁ ଲାଗି ପଡ଼ିଛନ୍ତି।

ନିଜ ଖାତା ଖତିୟାନ ନଥାଇ ନିଜକୁ ଠିକାଦାର କହୁଥିବା କିଛି ବ୍ୟକ୍ତି ଏବେ ରାଜଧାନୀରେ ଘଣ୍ଟ ବାଡ଼େଇ ସରକାରଙ୍କୁ ଗାଳି ଦେଉଛନ୍ତି। ତେବେ ଏମାନଙ୍କ ପଛରେ ବିଜେଡିର କିଛି ନେତା ରହିଛନ୍ତି। ବିଶେଷକରି ବିଜେଡି ସରକାର ସମୟରେ ଯେଉଁମାନଙ୍କ ହାତଲେଖା ଚିଠାରେ ଏମାନେ ଚିଠାଦାର ସାଜିଥିଲେ, ସେହି ନେତାମାନେ ଏବେ ଏମାନଙ୍କୁ ଅସ୍ତ୍ର କରି ସରକାରଙ୍କ ବିରୋଧରେ ଲଗାଇଥିବା ଜଣାଯାଇଛି।

ବିଜେଡିର ଏହି ନେତାମାନଙ୍କ ମଧ୍ୟରେ ଜଣେ ପୂର୍ବତନ ମନ୍ତ୍ରୀ ଓ ବର୍ତ୍ତମାନର ବିଧାୟକ ରହିଛନ୍ତି। ଆଉ ଜଣେ ପୂର୍ବତନ ବିଧାୟକ ବି ଅଛନ୍ତି। ଏହାଛଡ଼ା କିଛି ପୂର୍ବତନ ମନ୍ତ୍ରୀ ଯେଉଁମାନେ ଗତ ନିର୍ବାଚନରେ ଚିତପଟାଙ୍ଗ ପୃଷ୍ଠା-୬

## ଚିଠାଦାରଙ୍କୁ ଅନୁମତି ଦେଲା କିଏ?

ରାଜ୍ୟ ସଚିବାଳୟ ପାର୍ଶ୍ୱରେ ଥିବା ନିର୍ମାଣ ସୌଧ ଆଗରେ ଧାରଣାରତ ଚିଠାଦାରମାନଙ୍କୁ କିଏ ଅନୁମତି ଦେଲା, ତାହା ଏବେ ପ୍ରଶ୍ନବାଚୀ। କାରଣ ରାଜଧାନୀରେ ଧାରଣା ଦେବା ପାଇଁ ଗାନ୍ଧି ମାର୍ଗର କିଛି ଅଂଶ ଚୟନ ହୋଇଥିବା ବେଳେ ଅନ୍ୟ ସ୍ଥାନରେ ପ୍ରାୟତଃ ଧାରଣାକୁ ଅନୁମତି ମିଳେ ନାହିଁ। ଅତି ବେଶୀରେ କେତେ ସମୟ ପାଇଁ ରାଜଭବନର ଅନତି ଦୂରରେ ଏଥିପାଇଁ ଅନୁମତି ମିଳିଥାଏ। ହେଲେ ସଚିବାଳୟ କଡ଼ରେ ଘଣ୍ଟ ପିଟିବା ପାଇଁ କିଏ ଅନୁମତି ଦେଲା? ଏହାର ଠିକ୍ ସାମ୍ନାରେ ପୁଲିସ୍ କମିଶନର ଦପ୍ତର ରହିଛି। ପୁଲିସ୍ ବାବୁମାନେ କିଭଳି ଏମିତି ଧାରଣାକୁ ଅନୁମତି ଦେଲେ, ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ତେବେ ସୂଚନାନୁଯାୟୀ, ଚିଠାଦାରମାନେ ଏଠାରେ ବେଆଇନ ଭାବେ ଆନ୍ଦୋଳନ ଚଳାଇଛନ୍ତି। ଖାଲି ଆନ୍ଦୋଳନ ଚଳାଇନାହାନ୍ତି, ଆମରଣ ଅନଶନ କରୁଥିବା କହିଛନ୍ତି। ଏପରି ସ୍ଥିତିରେ ଯଦି ଏଠାରେ କିଛି ଅଘଟଣ ଘଟେ, ତା'ହେଲେ ସେଥିପାଇଁ କିଏ ଦାୟୀ ରହିବ? ଏଭଳି ହେଲେ କେବଳ ପୁଲିସ୍ ବାବୁମାନେ ଫସିବେ ବୋଲି କୁହାଯାଉଛି।

## ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ

# ପ୍ରତି ମହିଳା ହେବେ ଜଣେ ଉଦ୍ୟୋଗୀ



ଯାଜପୁର,୧୩।୭ (ସଂଚାର ବ୍ୟୁରୋ): ମହିଳାଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ସାମାଜିକ ବିକାଶକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ଯାଜପୁର ଜିଲ୍ଲାର ଧର୍ମଶାଳାସ୍ଥିତ ଜାରକା ଷ୍ଟାଡିୟମରେ ଆଞ୍ଚଳିକ 'ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସମେତ ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ବ୍ଲକ୍ ଫେଡେରେସନ ସଦସ୍ୟା, କମ୍ୟୁନିଟି ସପୋର୍ଟ ଷ୍ଟାଫ୍, ଅଙ୍ଗନବାଡ଼ି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି ସମ୍ମିଳନୀରେ ଯୋଗଦେଇଥିଲେ।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ, "ସୁଭଦ୍ରା ଯୋଜନା କେବଳ ଆର୍ଥିକ ସହାୟତାରେ ସୀମିତ ନୁହେଁ, ବରଂ ମହିଳାଙ୍କୁ ସ୍ୱାବଲମ୍ବୀ ଓ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବାର ଏକ ବୃହତ୍ ଅଭିଯାନ।" ବିକଶିତ ଓଡ଼ିଶା ଗଠନରେ ପ୍ରତ୍ୟେକ ମହିଳାଙ୍କୁ ଜଣେ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ସେ କହିଥିଲେ। ରାଜ୍ୟର ୧ କୋଟିରୁ ଅଧିକ ମହିଳା ସୁଭଦ୍ରା ଯୋଜନାରୁ ଉପକୃତ ହୋଇଥିବା ବେଳେ, ମିଶନ ଶକ୍ତି ମାଧ୍ୟମରେ ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ସହ ବ୍ୟବସାୟିକ ସହଯୋଗ ଦିଆଯାଉଥିବା ସେ ସୂଚନା ଦେଇଥିଲେ।

ଦିଆସିଲି, ଧୂପକାଠି, ଝାଡୁ, ଖଳି, ସାବୁନ, ସୁଗନ୍ଧି ସାମଗ୍ରୀ ଭଳି କ୍ଷୁଦ୍ର ଉଦ୍ୟୋଗ ଗଢ଼ି ଆତ୍ମନିର୍ଭର ହେବାକୁ ସେ ମହିଳାମାନଙ୍କୁ ଆହ୍ୱାନ କରିଥିଲେ। ସ୍ୱଦେଶୀ ହସ୍ତଶିଳ୍ପ ଆଜି ବିଦେଶରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସେ କହିବା ସହ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନରେ ମହିଳାଙ୍କ ଭୂମିକାକୁ ଗୁରୁତ୍ୱ ଦେଇଥିଲେ।

ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଥିଲେ, ସୁଭଦ୍ରା ଯୋଜନା ମା' ଓ ଭଉଣୀଙ୍କ ଆତ୍ମସମ୍ମାନ ଓ ସ୍ୱାଭିମାନର ପ୍ରତୀକ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ କହିଥିଲେ, ଯୋଗ୍ୟ ପ୍ରତ୍ୟେକ ମହିଳାଙ୍କ ନିକଟରେ ସୁଭଦ୍ରା ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ପ୍ରଶାସନ ସହ ସମନ୍ୱୟରେ କାର୍ଯ୍ୟ କରାଯାଉଛି। କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସନାୟକ ମଧ୍ୟ ସୁଭଦ୍ରା ଯୋଜନାର ସଫଳତା ଓ ମହିଳା ସଶକ୍ତିକରଣରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ।

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବାକୁ ଚାଷୀଙ୍କ ଚେତାବନୀ

କେନ୍ଦ୍ରାପଡ଼ା/ଗରଦପୁର,୧୩।୭(ସଂଚାର ବ୍ୟୁରୋ): ବିଭିନ୍ନ ପଞ୍ଚାୟତକୁ ଆସିଥିବା ମୁଗ ବିହନ ସହିତ ସରକାରୀ ସବସିଡି ମୂଲ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି ଅନେକ ଚାଷୀ। ଏହି ସମସ୍ୟାର ସମାଧାନ ଏବଂ ନିଜର ପ୍ରାପ୍ୟ ଦାବିରେ ଆସନ୍ତା ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବାକୁ ଯାଉଛନ୍ତି ଗରଦପୁର ବ୍ଲକର ଶତାଧିକ ଚାଷୀ। ସରକାରୀ ପ୍ରତିଶ୍ରୁତି ସତ୍ତ୍ୱେ ଦୀର୍ଘ ଦିନ ଧରି ସବସିଡି ଟଙ୍କା ନମିଳିବାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ସବସିଡି ମୂଲ୍ୟ ମିଳିବାରେ ବ୍ୟାପକ ଅନିୟମିତତା ଅଭିଯୋଗ ଅନୁଯାୟୀ, ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଷୀଙ୍କୁ ମୁଗ ବିହନ ବଣ୍ଟନ କରାଯାଇଥିଲା। ସରକାରୀ ନିୟମ ଅନୁସାରେ ଏହି ବିହନ ବାବଦକୁ ଚାଷୀଙ୍କୁ ନିର୍ଦ୍ଧାରିତ ରିହାତି ମୂଲ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବାର ଥିଲା। ମାତ୍ର ଅଧିକାଂଶ ଚାଷୀ ଏପର୍ଯ୍ୟନ୍ତ ଏହି ସହାୟତାରୁ ବଞ୍ଚିତ ଅଛନ୍ତି। କିଏ ପାଇଲେ କି ଆସିଥିବା ମୁଗ ବିହନକୁ ବିକି ହଡ଼ପ କଲେ ତାହା ଗ୍ରାସରୁଟରେ ତଦନ୍ତ ହୋଇନାହିଁ। ସ୍ଥାନୀୟ କୃଷି ଅଧିକାରୀ ଓ ବ୍ଲକ ପ୍ରଶାସନ ଏଥିପ୍ରତି ଧ୍ୟାନ ନଦେଇ କାଗଜ ପତ୍ରରେ କାମ ସାରିଦେଇଛନ୍ତି ଯାହାଦ୍ୱାରା ଅନେକ ଚାଷୀଙ୍କୁ କୌଣସି ସୁଫଳ ମିଳିନାହିଁ ବୋଲି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଛି।

ଚାଷ କାର୍ଯ୍ୟ ପାଇଁ ଋଣ କରିଥିବା ଗରିବ ଚାଷୀମାନେ ଏବେ ଆର୍ଥିକ ଅନଟନ ଦେଇ ଗତି କରୁଛନ୍ତି। ସରକାରୀ ଯୋଜନା କେବଳ କାଗଜପତ୍ରରେ ସୀମିତ ରହିଯାଇଥିବା ବେଳେ ବାସ୍ତବ କ୍ଷେତ୍ରରେ ଚାଷୀମାନେ ଶୋଷଣର ଶିକାର ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଅବହେଳା ପ୍ରତିବାଦରେ ଗରଦପୁର ବ୍ଲକ ସହ ଜିଲ୍ଲାର ସମସ୍ତ ବ୍ଲକର ବିଭିନ୍ନ ଗାଁରୁ ଶତାଧିକ ଚାଷୀ ଏକାଠି ହୋଇ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିବେ। ଯଦି ତୁରନ୍ତ ସବସିଡି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ନଆସେ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚାଷୀ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ପାଣି ମାଗିବା ବାହାନାରେ ବୃଦ୍ଧାଙ୍କ ହାତଗୋଡ଼ ବାନ୍ଧି ଲୁଟ୍

● ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି



ଆଳି,୧୩।୭(ସଂଚାର ବ୍ୟୁରୋ): ପାଣି ମାଗିବା ବାହାନାରେ ବୃଦ୍ଧାଙ୍କ ହାତ ଗୋଡ଼ବାନ୍ଧି ଲୁଟ୍ ପାତ କଲେ ୨ ଦୁର୍ବୃତ୍ତ। ଲୁଟିନେଲେ ୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର। କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଏଣ୍ଡୋଳ ଗାଁର ହାରାବତୀ ସାମଲଙ୍କ ହାତଗୋଡ଼ ବାନ୍ଧିବା ସହ ଆକ୍ରମଣ କରି ୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ସୋମବାର ଅପରାହ୍ନରେ ଦୁଇଜଣ ଅଜଣା ଯୁବକ ହାରାବତୀ ସାମଲଙ୍କ ଘରେ ପହଁଚି ପାଣି ପିଇବା ପାଇଁ ମାଗିଥିଲେ। ବୃଦ୍ଧା ଜଣଙ୍କ ପାଣି ଆଣିବାକୁ ଯାଇଥିବା ବେଳେ ଦୁଇ ଅଜଣା ଯୁବକ ହଠାତ ତାଙ୍କ ପଛପଟୁ ବେକରେ ମାରଣାସ୍ତ୍ର ଲଗାଇ ମାଡ଼ମାରିବା ସହ ହାତଗୋଡ଼ ବାନ୍ଧି ପକାଇଥିଲେ।ପରେ ଘରେ ଥିବା ସମସ୍ତ ଗଡ୍ରେଜ୍ ଲକର ତାଡ଼ି ୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟିନେଇଥିଲେ ଦୁଇ ଦୁର୍ବୃତ୍ତ। ଅନ୍ୟପଟେ ହାରାବତୀ ଗୁରୁତର ଅବସ୍ଥାରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେପଟେ ପୋଲିସକୁ ଖବର ଦିଆଯିବା ପରେ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି।

## ସଫଳତା ସାଉଁଟିଲେ ଡେରାବିଶ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଅନନ୍ୟା ଓ ଇଷ୍ଟପ୍ରଭା



ଡେରାବିଶ,୧୩।୭(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅନନ୍ୟ ପ୍ରିୟଦର୍ଶିନୀ ଓ ଇଷ୍ଟପ୍ରଭା ଦାସ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ବିଦ୍ୟାଳୟ ତଥା ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ଏହି ଛାତ୍ରୀଦ୍ୱୟଙ୍କ ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅନନ୍ଦର ଲହରୀ ଖେଳିଯାଇଛି।

ସୂଚନା ଯୋଗ୍ୟ ଅନନ୍ୟା ଏସ୍‌ଓପି ନ୍ୟାସ୍‌ନାଲ ସାଇନ୍ସ ପରୀକ୍ଷାରେ ରାଜ୍ୟରେ ପ୍ରଥମ ସ୍ଥାନ କରିଛନ୍ତି। ସେହିପରି ଇଷ୍ଟପ୍ରଭା ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗୀତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ଏହି ଛାତ୍ରୀଦ୍ୱୟଙ୍କ ସଫଳତା ପଛରେ ବିଦ୍ୟାଳୟର ଶିକ୍ଷକ ଓ ଅବିଭାବକମାନଙ୍କ ପ୍ରଚେଷ୍ଟା ରହିଛି। ଏ ନେଇ ଅଭିଭାବକମାନେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜରିଆ ଝିଲ୍ଲୀ ଡ୍ରେନେଜ କଟ୍ ଉପରେ ଥିବା ପୋଲ ଦବିଲା

### ଯାତାୟାତ ବାଧାପ୍ରାପ୍ତ



ମାହାଙ୍ଗା,୧୩।୭ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାଇ ମନ୍ଦିର ନିକଟ ଠାରୁ ବିନୋଦ ବିହାରୀ ସଂଯୋଗୀ କରଣ ରାସ୍ତାର ଜରିଆ ଝିଲ୍ଲୀ ଡ୍ରେନେଜ କଟ ଉପରେ ଥିବା ପୋଲ ଦବି ଯିବାରୁ ଯାତାୟତରେ ବାଧା ଉପୁଜୁଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଲଘୁଚାପ ବର୍ଷା ଯୋଗୁଁ ଏହି ପୋଲର କିଛି ଅଂଶ ଫାଟି ଭାଙ୍ଗିଯିବା ସହ ଏକ ପାର୍ଶ୍ୱ ଆପ୍ରୋଚ ରାସ୍ତା ଦବିଯାଇଛି। ଏଥି ସହ ବାମ ପାର୍ଶ୍ୱର ସୁରକ୍ଷା ବାଡା ଭାଙ୍ଗି ଲଟକି ଥିବା ଦେଖିବାକୁ ମିଳିଛି।

ଏହି ପୋଲ ଦେଇ ମାହାଙ୍ଗା, ଉଷୁମା, ରାହାଣିଆ, ବରାହିପୁରୀର ଜନସାଧାରଣ ମାନେ ଯାତାୟତରେ ନିର୍ଭର କରିଥାନ୍ତି। ଏହି ରାସ୍ତା ଦେଇ ପର୍ଯ୍ୟଟନ ସ୍ଥଳୀ ବିନୋଦ ବିହାରୀ, ଶ୍ରୀ ଶ୍ରୀ କେଶବ ଠାକୁର, ସାଇ ମନ୍ଦିର, ବିଦେଇ ବାବା ମଠ ଆଦି ସ୍ଥାନକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ମାନେ ଯାତାୟତ କରିଥାନ୍ତି। ଏଥି ସହିତ ମାହାଙ୍ଗା ମେଡିକାଲ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମେତ ଏରକଣା ବଜାର, ବାଲିଚନ୍ଦ୍ରପୁର ବଜାର ସହ ଛତର-କଟିକଟା ପୂର୍ତ୍ତ ରାସ୍ତାକୁ ସଂଯୋଗ କରୁଅଛି। କିନ୍ତୁ ପୋଲି ଦବି ଯିବାରୁ ଯାତାୟତ ଠପ ହୋଇଯାଇଛି। କେବଳ ସେତିକି ନୁହେଁ କୁନି କୁନି ଛାତ୍ରୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣମାନେ ବ୍ଲକ, ଥାନା, ବିଦ୍ୟାଳୟ ଓ ମହାବିଦ୍ୟାଳୟ କୁ ଯାତାୟତ ନିମନ୍ତେ ଏହି ପୋଲ ଉପରେ ନିର୍ଭର କରିଥାନ୍ତି।

ଏହି ଖବର ଜାଣିବା ପରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଏବେ ବର୍ଷା ରିତୁ ଥିବାରୁ ପୋଲ ନିର୍ମାଣ କରାଯାଇପାରିବ ନାହିଁ। ବର୍ଷା ରିତୁ ସରିବା ପରେ ପୋଲ ନିର୍ମାଣ କରାଯିବା ସହ କହିବା ସହ ତୁରନ୍ତ ଆପ୍ରୋଚ ରାସ୍ତାର ଡଷ୍ଟ ଗୁଣ୍ଡ ପକାଯାଇ ପାଦ ଚଲା ନିମନ୍ତେ କାର୍ଯ୍ୟ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ହଜାରେ କ୍ୟୁବିକ୍ ଗଚ୍ଛିତ ବାଲି ଜବତ





କେନ୍ଦ୍ରାପଡ଼ା,୧୩।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅନେକ ଗୁଡିଏ ବାଲିଘାଟ ନିଲାମ ହୋଇନଥିବାରୁ ଏହାକୁ ମାଫିଆମାନେ ନିଜ କବ୍‌ଜାରେ ରଖି ବାଲି ବ୍ୟବସାୟ କରି ଆସୁଥିବା ଅଭିଯୋଗ ହେଉଛି । ଏଥିସହିତ ବର୍ଷାଦିନ ଥିବାରୁ ବାଲି ସାରାତରୁ ବାଲି ଉଠାଇବା କଷ୍ଟକର ହେଉଥିବାରୁ ଜିଲ୍ଲାର ଅନେକ ଗୁଡିଏ ସ୍ଥାନରେ ବାଲି ମାଫିଆମାନେ ହଜାର ହଜାର ଟ୍ରିପ୍ ବାଲି ଉଠାଇ ଗଚ୍ଛିତ ରଖି ଦୁଇଗୁଣରେ ବିକ୍ରି କରୁଛନ୍ତି । ଅଭିଯୋଗ ପାଇବା ପରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ କରିଲୋ ପାଟଣା ସ୍କୁଲ୍ ପାଖରୁ ହଜାର କ୍ୟୁବିକ୍ ଗଚ୍ଛିତ ବାଲି ଜବତ କରି ଖଣି ଅଧିକାରୀ ଓ ତହସିଲଦାରଙ୍କୁ ଦାୟିତ୍ୱରେ ଦିଆଯାଇଛି । ଏହି ଚଢ଼ାଉ ସମୟରେ ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କ ସମେତ ଖଣି ଅଧିକାରୀ ସମ୍ବିତ୍ କୁମାର ସାହୁ, ଅତିରିକ୍ତ ତହସିଲଦାର ମାନସ ମହାଭୋଇଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କ ପରଲୋକରେ ଶୋକ



ଡେରାବିଶ, ୧୩।୭(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଖଣ୍ଡସାହି ପଞ୍ଚାୟତ ବାୟାକଣ ଗ୍ରାମ ନିବାସୀ ଅବସରପ୍ରାପ୍ତ ପୁଲିସ ଅଧିକାରୀ ନରେନ୍ଦ୍ର ସାହାଣୀଙ୍କ ୬୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୁଇ ବର୍ଷପୂର୍ବେ ସେ କେନ୍ଦ୍ରାପଡ଼ା ଟାଉନ ଥାନାରୁ ଅବସର ଗ୍ରହଣ କରିବା ପରେ ଜନସେବାରେ ନିଜକୁ ନିୟୋଜିତ କରିବା ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଘରେ ଥିବାବେଳେ ହଠାତ୍ ହୃଦ୍‌ଘାତରେ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଗୋଚର ଜମିରେ ମନ୍ଦିର ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

### ତହସିଲଦାରଙ୍କୁ ଲିଖିତ ଅଭିଯୋଗ



ଆଳି,୧୩।୭(ସଂଚାର ବ୍ୟୁରୋ): ଆଳି ବ୍ଲକ କୋଳିଡିହ ଗ୍ରାମରେ ଗୋଚର ଜମିରେ ସରକାରୀ ଅର୍ଥ ମନ୍ଦିର ନିର୍ମାଣ କୁ ଗ୍ରାମବାସୀମାନେ ବିରୋଧ କରିଛନ୍ତି । ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସୂଚନା ଅନୁଯାଇ କୋଳିଡିହ ରାଜସ୍ୱ ଗ୍ରାମ ଖାତା ନଂ - ୨୧୮ ପ୍ଲଟ କିସମ ଗୋଚର ଜମି ହୋଇଥିବାରୁ ମନ୍ଦିର ନିର୍ମାଣକୁ ନେଇ ସାଧାରଣରେ ଅସନ୍ତୋଷ ସହ ବିବାଦ ଦେଖାଦେଇଛି। ଅନ୍ୟ ପଟେ ଏହି ମନ୍ଦିର ନିର୍ମାଣ କାର୍ଯ୍ୟଦେଶ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ଥିବାବେଳେ ବନବିହାରୀ ଠାକୁରଙ୍କ ନାମରେ ଥିବା ନିଜସ୍ୱ ଜାଗାରେ କରାନଯାଇ କିଭଳି ସରକାରୀ ଗୋଚର ଜମିରେ ମନ୍ଦିର ନିର୍ମାଣ କରାଯାଇଛି ତାହା ବଡ଼ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି।

ସେପଟେ ୦୬/୦୭/୨୬ ତାରିଖ ଦିନ ଜିଲ୍ଲାପାଳଙ୍କ ଜନଶୁଣାଣି ରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ପୁନର୍ବାର ତହସିଲଦାର ପାଖରେ ସରପଞ୍ଚ ହେମନ୍ତ ଧଳ, ଅଶୋକ ଧଳ,ଜୟଦେବ ଧଳ, ସୁଶାନ୍ତ ଧଳ, ପ୍ରଫୁଲ୍ଲ ଧଳ, ପ୍ରଶାନ୍ତ ଧଳ, ପ୍ରମୁଖ ଅଭିଯୋଗ କରିଛନ୍ତି। ସବୁଠୁ ବଡ କଥା ହେଲା ତହସିଲଦାର, ରାଜସ୍ୱ ନିରୀକ୍ଷକ ମହୁକୁ ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ କିନ୍ତୁ ରାଜସ୍ୱ ନିରୀକ୍ଷକଙ୍କୁ ଗ୍ରାମର କିଛି ମୁଷ୍ଟିମେୟ ଲୋକେ ଧମକ ଚମକ ଦେବାରୁ ଭୟରେ ଆଜି ଯାଏ ତଦନ୍ତ କରିନାହାନ୍ତି।

ଏ ନେଇ ତହସିଲଦାର ସୁମନ ଘୋଷଙ୍କୁ ପଚାରିବାରୁ ସେ କହିଛନ୍ତି ଧମକ ଚମକ କଥାକୁ ମାନିବା ସହ ଖୁବ୍ ଶୀଘ୍ର ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବିବି ମଡେଲ ହାଇସ୍କୁଲ ପରିଚାଳନା କମିଟି ଗଠନ ଓ ବନ ମହୋତ୍ସବ କାର୍ଯ୍ୟକ୍ରମ





ଡେରାବିଶ,୧୩।୭ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳି ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିଚାଳନା କମିଟି ଗଠନ ହେବା ସହ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତକାଲି ସରକାରଙ୍କ ନୂତନ ନିୟମାନୁଯାୟୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଭିଭାବକମାନଙ୍କୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଭାବରେ ଶୁଭେନ୍ଦୁ କୁମାର ପ୍ରତାପ ଓ ଉପସଭାପତି ଭାବେ ପ୍ରତିମା ମହାପାତ୍ରଙ୍କୁ ମନୋନିତ କରାଯାଇଥିଲା।

ପରେ ବିଦ୍ୟାଳୟର ଇକୋ କ୍ଲବ, ଏନ୍‌ସିସି କ୍ୟାଡେଟ୍, ଛାତ୍ରଛାତ୍ରୀ ଓ ନିର୍ବାଚିତ କମିଟିର କର୍ମକର୍ତ୍ତା ଓ ସଭ୍ୟସଭ୍ୟା ଉତ୍ସାହର ସହିତ ବନମହୋତ୍ସବ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ।

## ଇଲିସି କିଲୋ ୨୨୦୦ ଟଙ୍କା ଛୁଇଁଲା

### ପ୍ରଦୂଷଣ ଯୋଗୁଁ ପାରାଦ୍ୱୀପରୁ ଇଲିସି ଉଭାନ



ପାରାଦ୍ୱୀପ,୧୩।୭ (ସଂଚାର ବ୍ୟୁରୋ): ଥରେ ସାଧାରଣ ଲୋକଙ୍କ ଥାଳିର ଶୋଭା ଥିବା ଇଲିସି ମାଛ ଏବେ କେବଳ ସ୍ୱପ୍ନ। ପାରାଦ୍ୱୀପ ମତ୍ସ୍ୟ ବନ୍ଦର ଓ ବଜାରରେ ଇଲିସିର ଦର ରେକର୍ଡ ଭାଙ୍ଗି କିଲୋ ପ୍ରତି ୧୮୦୦ ରୁ ୨୨୦୦ ଟଙ୍କା ଛୁଇଁଲାଣି। ଫଳରେ ମଧ୍ୟବିତ୍ତ ପରିବାର ତ ଦୂରର କଥା, ଧନୀ ଲୋକ ବି ଦୁଇଥର ଭାବୁଛନ୍ତି। ପୂର୍ବରୁ ବର୍ଷା ଆସିଲେ ଟୋକେ ଟୋକେ ଇଲିସି ବିକ୍ରି ହେଉଥିଲା। ଏବେ ଗୋଟେ ବଡ଼ ଇଲିସି ପାଇଁ ହଜାର ଟଙ୍କା ଗଣିବାକୁ ପଡୁଛି। ଯୋଡ଼ା କିଣିବା ତ ଆଉ କଥା ହିଁ ନୁହେଁ।

ମତ୍ସ୍ୟ ବ୍ୟବସାୟୀମାନେ କହୁଛନ୍ତି, ନଦୀ ଓ ସମୁଦ୍ରରେ ବଢୁଥିବା ପ୍ରଦୂଷଣ କଳକାରଖାନାର ବର୍ଜ୍ୟ ପଦାର୍ଥ ଏବଂ ପ୍ଲାଷ୍ଟିକ ଆବର୍ଜନା ଯୋଗୁଁ ଇଲିସିର ପ୍ରଜନନ କ୍ଷେତ୍ର ନଷ୍ଟ ହୋଇଯାଉଛି। ତା ସହିତ ଅତ୍ୟଧିକ ମତ୍ସ୍ୟ ଆହରଣ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଇଲିସି ସଂଖ୍ୟା ଦ୍ରୁତ ଗତିରେ କମୁଛି। ଜଣେ ମତ୍ସ୍ୟଜୀବୀ କହିଲେ, "ଆଗରୁ ଜାଲରେ ଗଦା ଗଦା ଇଲିସି ପଡୁଥିଲା। ଏବେ ସପ୍ତାହେ ସମୁଦ୍ରରେ ରହିଲେ ବି ୨-୪ଟା ମିଳୁନି। ସମୁଦ୍ର ପାଣି ମଧ୍ୟ ଆଗ ଭଳି ନାହିଁ।" ଗୃହିଣୀମାନେ କହୁଛନ୍ତି, ଇଲିସି ଭଜା, ଇଲିସି ଝୋଳ ଆମ ଓଡ଼ିଆଙ୍କ ପ୍ରିୟ ଥିଲା। ଏବେ ସେ ସ୍ୱାଦ କେବଳ ସ୍ମୃତିରେ ରହିଗଲା। ବିଶେଷଜ୍ଞମାନେ କହିଛନ୍ତି , ଯଦି ଏବେ ନଦୀ-ସମୁଦ୍ର ପ୍ରଦୂଷଣ ରୋକା ନଗଲା ତେବେ ଆଗାମୀ ଦିନରେ ପାରାଦ୍ୱୀପରୁ ଇଲିସି ସମ୍ପୂର୍ଣ୍ଣ ଭାବେ ଲୁପ୍ତ ହୋଇଯିବ!

## ପୌର ନିର୍ବାଚନ ପାଇଁ ଓଜେସି ପକ୍ଷରୁ ସାଙ୍ଗଠନିକ ସମ୍ମିଳନୀ



ଯାଜପୁର ରୋଡ଼,୧୩।୭ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଂଚଳ ସହରର ଟାଉନ ହଲ ସଭା ଗୃହରେ ଓଡିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ପୌର ପରିଷଦ ନିର୍ବାଚନକୁ ଆଖିଆଗରେ ରଖି ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧକ୍ଷତାରେ ସାଙ୍ଗଠନିକ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି ସମ୍ମିଳନୀକୁ ପାର୍ଟିର ରାଜ୍ୟ ସଭାପତି ଇଂ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି କହିଥିଲେଯେ ବିଜେଡି ଦୀର୍ଘ ଦିନ ଧରି ଶାସନରେ ରହିଥିଲେ ମଧ୍ୟ ବ୍ୟାସନଗର ପୌରାଅଂଚଳର ଲୋକଙ୍କ ସର୍ବନିମ୍ନ ସମସ୍ୟା ପ୍ରତି ଗୁରୁତ୍ୱ ନଦେବା ଓ ବିଜେପି ୨ବର୍ଷ ମଧ୍ୟରେ ମଧ୍ୟ ଠିକ ସେହିପରି ସ୍ୱରାଜ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ଭୂମିହୀନଙ୍କୁ ପଟ୍ଟାପ୍ରଦାନ ନ କରିବା ଯୋଗୁ ସହରା ଅଂଚଳରେ ଜନସାଧାରଣ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଧରି ଶାସନ କରୁଥିବା ଦଳ ଯୁବକ ମାନଙ୍କୁ ରାଜନୀତି କ୍ଷେତ୍ରରେ ଅଣଦେଖା କରିଥିବା ଘଟଣାକୁ ନିନ୍ଦା କରିବା କରିବା ସହ ଓଜେସି, ଆଗାମୀ ଦିନରେ ଲୋକଙ୍କ ମୌଳିକ ସମସ୍ୟାକୁ ନେଇ ଲଢ଼େଇ କରିଓ୍ୱା ସହିତ ଆଗାମୀ ଦିନରେ ପୌରନିର୍ବାଚନ ଏକାକୀ ଲଢ଼ିବା ବୋଲି ଶ୍ରୀ ମୋକିମ ଆରପାର ଲଢ଼େଇ ପାଇଁ ଆହ୍ୱାନର ଘୋଷଣା କରିଥିଲେ।

## ଶିକ୍ଷକମାନଙ୍କ ମଧ୍ୟରେ ଆଧାତ୍ମିକ ଓ ସାମାଜିକ ବିପ୍ଳବ ଜରୁରୀ





ବେତନଟୀ,୧୩।୭ (ସଂଚାର ବ୍ୟୁରୋ): ଶିକ୍ଷକମାନେ ଚାହିଁଲେ ସମାଜରେ ଆଧ୍ୟାତ୍ମିକ ଓ ସାମାଜିକ ବିପ୍ଳବ ଦ୍ୱାରା ସମାଜକୁ ବଦଳାଇ ପାରିବେ । କାରଣ ସେମାନଙ୍କ ମଧ୍ୟରେ ବିଷୟବସ୍ତୁ ଭିତ୍ତିକ ଜ୍ଞାନ ଓ ଶୃଙ୍ଖଳିତା ଓ ସଂଯମତା ରହିଥାଏ ବୋଲି ଜ୍ଞାନ ପ୍ରଭା ମିଶନ ତରଫରୁ ଗତକାଲି ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ ଅଡ଼ିଟରିୟମରେ ଆୟୋଜିତ ସୃଜନିକା କାର୍ଯ୍ୟକ୍ରମରେ ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦ ପ୍ରକାଶ କରିଛନ୍ତି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୬୦୦ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେବି ରାଉତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ।

ଉକ୍ତ ସୃଜନିକା ସମାବେଶରେ ବେତନଟୀ ଶାଖାରୁ ପଦ୍ମମାଳୀ ମହିଳା ସଂଗଠନର କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳି ଭୂୟାଁ, ସଂପାଦକ ପ୍ରଭାତୀ ମହାନ୍ତି, ସଦସ୍ୟା କୁମୁଦିନୀ ମହାନ୍ତ, ସୋନା ଖାତୁନ ଓ ଅବଦୁଲ ରିୟାଜ ଆଜାମ ଖାନ ଯୋଗଦାନ କରି ଗୁରୁଜୀଙ୍କ ପ୍ରବଚନ ଶୁଣିବା ସହିତ ତାଙ୍କ ଆଶୀର୍ବାଦ ନେଇଥିଲେ ।

## ବାଲିଆପାଳରେ ଜିଲ୍ଲାପାଳ-ଏସପିଙ୍କ ମିଳିତ ଜନଶୁଣାଣି



ବାଲିଆପାଳ,୧୩।୭ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ପରିସରରେ ସୋମବାର ଜିଲ୍ଲାପାଳ ଏବଂ ଏସପି ଙ୍କ ମିଳିତ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ,ଏସପି ପ୍ରତ୍ୟୁଷ ଦିବାକର ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାକର ନାୟକ, ପ୍ରକଳ୍ପ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତ, ଉପଜିଲ୍ଲାପାଳ ଶିବ ମାଳାଭୀୟ,ସିଡିଏମଓ ଡ଼ ଦିଲ୍ଲୀପ କୁମାର ଜେନା, ବସ୍ତା ଏସଡିପିଓ ସର୍ମଥ କୁମାର ବେହେରା, ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ,ବିଡିଓ ରାଧାରଞ୍ଜନ ଦାଶଙ୍କ ସମେତ ସମସ୍ତେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ମୋଟ ୧୩୫ଟି ଅଭିଯୋଗ ଆସିଥିଲା ବେଳେ ତନ୍ମଧ୍ୟରୁ ୭ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡିକ ଶିଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରମୁଖ ଅଭିଯୋଗ ମଧ୍ୟରେ ଭତ୍ତା, ରାସନ, ପ୍ରଧାନମନ୍ତ୍ରୀ ଆବାସ ଗୃହ ରେ ବହୁ ବିଭିନ୍ନ ସମସ୍ୟା ମୂଳକ ଅଭିଯୋଗ ରହିଛି। ଡଗରା ପଞ୍ଚାୟତରେ ଚଞ୍ଚକତା କରି ୪୦/୫୦ ବର୍ଷର ଯୁବକ ମାନେ ପ୍ରଶାସନ ଠାରୁ ଭତ୍ତା ହାତେଇ ନେବା ବେଳେ ୮୦ ବର୍ଷୀୟ ବୃଦ୍ଧ ଓ ବୃଦ୍ଧା ମାନେ ଭତ୍ତା ରୁ ବଞ୍ଚିତ ରହିଛନ୍ତି ବୋଲି ସୂଚନା ଅଧିକାର ସଂଘର ସଭାପତି ଅନୁଜ ମହାପାତ୍ର ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି।

## ଉପଖଣ୍ଡସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ବରୀ,୧୩।୭ (ସଂଚାର ବ୍ୟୁରୋ): ଆଜି ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ରାଇରଙ୍ଗପୁର ପୋଲିସ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପଜିଲ୍ଲାପାଳ ଉଗ୍ରେସନ ଓରାମ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା. ରବୀନ୍ଦ୍ର ନାଥ ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

ଆଜିର ଏହି ଶିବିର ରେ ଜନସାଧାରଣଙ୍କ ଠାରୁ ମୋଟ ୧୩୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୧୦୩ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୨୭ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୬ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଆବେଦନର ଗୁରତ୍ୱକୁ ବିଚାର କରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଜଣଙ୍କୁ ଟ.୫୦,୦୦୦/-ଙ୍କା ଓ ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ଟ ୫,୦୦୦/-ଙ୍କା ଜିଲ୍ଲାପାଳ ମଂଜୁର କରିଛନ୍ତି। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## କର୍କଟ ଆକ୍ରାନ୍ତଙ୍କୁ ସହଯୋଗର ହାତ ବଢ଼ାଇଲେ ଡଃ. ସୌଭାଗ୍ୟ ପରିଡ଼ା

ମହାକାଳପଡ଼ା, ୧୩।୭ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ୍ ତିଖିରି ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମର ଶଙ୍କର୍ଷଣ ବେହେରାଙ୍କ ବାପା ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ହୋଇ ଅସୁସ୍ଥ ଅବସ୍ଥାରେ ରହିଛନ୍ତି।



ଏହି ଖବର ପାଇ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ଶିକ୍ଷାବିତ୍ ଡଃ. ସୌଭାଗ୍ୟ ପରିଡ଼ା ତାଙ୍କ ବାସଭବନରେ ପହଞ୍ଚି ପରିବାର ସଦସ୍ୟଙ୍କ ସହ ଆଲୋଚନା କରିବା ସହିତ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

# ପ୍ରେମ ପାଇଁ ଗଲା ନାବାଳକଙ୍କ ଜୀବନ

ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ): ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନାଞ୍ଚଳର ଏକ ଆପାର୍ଟମେଣ୍ଟରୁ ସନ୍ଦେହଜନକ ପରିସ୍ଥିତିରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନ ଥିବାବେଳେ ମୃତଦେହକୁ ଜବତ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ଯାଞ୍ଚ ପରେ ଜଣାପଡ଼ିଛି ଯେ ପ୍ରେମିକାକୁ ଭେଟିବାକୁ ଆସିଥିବା ବେଳେ ପ୍ରେମିକର ମୃତ୍ୟୁ ହୋଇଛି। ପ୍ରେମିକାଙ୍କ ସହ ଥିବା ବେଳେ ଘର ଲୋକେ ପଳାଇ ଆସିବାରୁ ପ୍ରେମିକ ଜଣଙ୍କ ବାଥ ରୁମ୍ ଡକ୍ଟ ଭିତରେ ଲୁଚିଯାଇଥିଲେ। ୧୦ ତାଲା ଉପରେ ଥିବା ଡକ୍ଟ ୟାର୍ଡ ପାଇପ୍ ଧରି ସେ ଲାଗି ରହିଥିଲେ। ତେବେ ଦୀର୍ଘ ସମୟ ଝୁଲି ରହିବା ପରେ ସେ ଭାରସାମ୍ୟ ହରାଇ ତଳେ ପଡ଼ିଯିବାରୁ ପ୍ରେମିକଙ୍କର ମୃତ୍ୟୁ ହୋଇଥିଲା। ମୃତ ଯୁବକ ଜଣଙ୍କ ଏକ ଘରୋଇ ସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଥିଲେ। ମୃତ ଯୁବକଙ୍କ ବାପା ଘରୋଇ ବ୍ୟାଙ୍କରେ ରିଜିଓନାଲ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ଏନେଇ ଖବର ପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ, ଭୁବନେଶ୍ୱର ଡିସିପି, ସାଇଣ୍ଟିଫିକ୍ ଟିମ୍ ଓ ସ୍ପେଶାଲ୍ ସ୍କ୍ୱାଡ୍ ପହଞ୍ଚି ତଦନ୍ତ କରିଛନ୍ତି।

**ପାଇପରେ ଝୁଲିଥିଲେ, ତଳକୁ ଖସିପଡ଼ିଲେ**



## ବନ ବିଭାଗର ଚଢ଼ାଉ
# ୨ ଶିକାରୀ ଗିରଫ



ଡୁମୁଡ଼ିବନ୍ଧ,୧୩।୭(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ବେଲଘର ବନାଞ୍ଚଳରେ ବନ ବିଭାଗ ପକ୍ଷରୁ କରାଯାଇଥିବା ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ୨ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ ସହ ନାନାଦି ଶିକାର ସାମଗ୍ରୀ ଜବତ କରାଯାଇଛି। ଗିରଫ ଶିକାରୀମାନେ ଝିରିପାଣି ପଞ୍ଚାୟତ ଅନ୍ତର୍ଗତ ଦେଶୁଘାଟି ଗ୍ରାମର ସୁରେନ୍ଦ୍ର ଯାନୀ (୨୭) ଓ ଉପେନ୍ଦ୍ର ଯାନୀ (୪୦) ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, କିଛିଦିନ ପୂର୍ବରୁ ବେଲଘର ବନାଞ୍ଚଳରେ ଦୁଇଟି ହାତୀର ମୃତ୍ୟୁ ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ବର୍ତ୍ତମାନ ହାତୀଙ୍କ ଚଳପ୍ରଚଳକୁ ଦୃଷ୍ଟିରେ ରଖି ବେଲଘର ବନ ବିଭାଗ ପକ୍ଷରୁ ଦିବାରାତ୍ର ପାଟ୍ରୋଲିଂ ଜୋରଦାର କରାଯାଇଛି। ଗତ ରବିବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ଝିରିପାଣି ପଞ୍ଚାୟତର ଦେଶୁଘାଟି ଛକ ନିକଟ ଜଙ୍ଗଲରେ ଦୁଇ ଶିକାରୀ ପାଟ୍ରୋଲିଂ ଟିମ୍ ହାବୁଡ଼ରେ ପଡ଼ିଥିଲେ। ବନ କର୍ମଚାରୀମାନେ ସେମାନଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ଗୋଟିଏ ଜୀବନ୍ତ ସମେତ ୨ଟି ଗୁଳି, ୩୦ ଗ୍ରାମ ଶିସାରେ ତିଆରି ୪ଟି ଗୁଳି, ୪୬ ଗ୍ରାମ ବାରୁଦ, ୨ଟି ହେଡ୍‌ଲାଇଟ୍ ସହ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ କରାଯାଇଛି। ବେଲଘର ରେଞ୍ଜର ରଜନୀକାନ୍ତ ମେହେର ସୂଚନା ଦେଇଛନ୍ତି ଏକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ଆଜି ବିଶ୍ୱନାଥ ପଣ୍ଡିତ ପାଠାଗାରର ଲୋକାର୍ପଣ

କଟକ,୧୩।୭ (ସଂଚାର ବ୍ୟୁରୋ): ଐତିହ୍ୟର ସହର କଟକରେ ଶିକ୍ଷା, ସାହିତ୍ୟ ଓ ଜ୍ଞାନର ଏକ ନୂତନ ଅଧ୍ୟାୟର ସୂଚନା ଦେବାକୁ ଯାଉଛି ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର। ଜୁଲାଇ ୧୪ ତାରିଖରେ ବାଦାମବାଡ଼ିଠାରେ ଥିବା ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାରରର ଶୁଭ ଉଦ୍‌ଘାଟନ ହେବ। ସୋମବାର କଟକ ମହାନଗର ନିଗମର ମାନ୍ୟବର ମେୟର ସୁବାସ ଚନ୍ଦ୍ର ସିଂହ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ଏହି ପାଠାଗାର କେବଳ ପୁସ୍ତକ ପଢ଼ିବାର ସ୍ଥାନ ନୁହେଁ। ବରଂ ଜ୍ଞାନ, ଗବେଷଣା, ନବସୃଜନ ଓ ସାମାଜିକ ବିକାଶର ଏକ ଆଧୁନିକ କେନ୍ଦ୍ର ଭାବେ ଗଢ଼ିଉଠିବ। ମେୟର ଶ୍ରୀ ସିଂହ ସୂଚନା ଦେଇଛନ୍ତି ଯେ ପ୍ରାୟ ୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଓଡ଼ିଶାର ସର୍ବବୃହତ ଓ ଅତ୍ୟାଧୁନିକ ସାର୍ବଜନୀନ ପାଠାଗାର ମଧ୍ୟରୁ ଅନ୍ୟତମ। ପ୍ରାୟ ୩ ଏକରରୁ ଅଧିକ ପରିସରରେ ନିର୍ମିତ ଏହି ଚାରି ମହଲା ବିଶିଷ୍ଟ ଭବନରେ ଏକ ସମୟରେ ୧୭୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ ପାଠନ ସୁବିଧା ରହିଛି। ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧକ୍ଷ୍ୟା ମୋନାଲିସା ଦାସ , ଷ୍ଟାଣ୍ଡିଂ କମିଟି ଅଧକ୍ଷ୍ୟ ପ୍ରଦୀପ୍ତ ଖୁଣ୍ଟିଆ, କର୍ପୋରେଟର ସନ୍ତୋଷ ଭୋଳ, କର୍ପୋରେଟର ଗୋପାଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**● ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ**

# ଉଚ୍ଚଶିକ୍ଷାର ଉତ୍କର୍ଷ ପାଇଁ ସରକାର ସର୍ବଦା ପ୍ରତିବଦ୍ଧ




ବାରିପଦା,୧୩।୭(ସଂଚାର ବ୍ୟୁରୋ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର (ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ) ୨୯ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅତିଥିମାନଙ୍କୁ ସମ୍ବୋଧିତ କରିଥିଲେ। ନିଜ ଅଭିଭାଷଣରେ ଡାକ୍ତର ମହାପାତ୍ର କହିଥିଲେ ଯେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କେବଳ ଉଚ୍ଚଶିକ୍ଷା ପ୍ରଦାନରେ ସୀମିତ ନ ରହି ମୟୂରଭଞ୍ଜ ଜିଲ୍ଲାର ସର୍ବାଙ୍ଗୀନ ବିକାଶରେ ଏକ ଅଗ୍ରଣୀ ଅନୁଷ୍ଠାନର ଭୂମିକା ଗ୍ରହଣ କରିବ। ଆବଶ୍ୟକ ଶିକ୍ଷା, ଗବେଷଣା, ନବସୃଜନ, ଦକ୍ଷତା ବିକାଶ ଓ ସମାଜସେବା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ସକ୍ରିୟ ଅବଦାନ ଜିଲ୍ଲାର ସାମଗ୍ରିକ ପ୍ରଗତିକୁ ନୂତନ ଦିଗ ପ୍ରଦାନ କରିବ ବୋଲି ସେ କହିଥିଲେ। ଏହି ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ମିଳିବ ବୋଲି ସେ ଆଶ୍ୱାସନ ଦେଇଥିଲେ।

ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ଅନୁଯାୟୀ ଜ୍ଞାନ, ଗବେଷଣା, ନବସୃଜନ ଓ ମାନବ ସମ୍ବଳ ବିକାଶକୁ ପ୍ରାଧାନ୍ୟ ଦେଇ ବିଶ୍ୱବିଦ୍ୟାଳୟ ଆଗକୁ ବଢ଼ିବା ଆବଶ୍ୟକ। ଏହାଦ୍ୱାରା ମୟୂରଭଞ୍ଜ ସମେତ ଉତ୍ତର ଓଡ଼ିଶାର ବିକାଶରେ ନୂତନ ଅଧ୍ୟାୟ ସୃଷ୍ଟି ହେବ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ତଥା ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରଘୁନାଥ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ, ମୂଲ୍ୟବୋଧଭିତ୍ତିକ ଶିକ୍ଷା ଓ ଜ୍ଞାନଭିତ୍ତିକ ସମାଜ ଗଠନ ଉପରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ମୟୂରଭଞ୍ଜ ରାଜପରିବାରର ଉତ୍ତରାଧିକାରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର ଉତ୍ତରୋତ୍ତର ପ୍ରଗତି କାମନା କରିଥିଲେ। ଏହି ଅବସରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ 'ଭୂମି ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଏଣିକି ନିଜ ଜିଲ୍ଲାରେ ରହିପାରିବେନି ବନ ଅଧିକାରୀ

**■ ରାଜନୈତିକ ଚାପ ନପକାଇବାକୁ ଜଙ୍ଗଲ ମନ୍ତ୍ରୀଙ୍କ ତାଗିଦ**

ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ): ବନ ଅଧିକାରୀଙ୍କ ପାଇଁ ଆସିଲା କଡ଼ା ନିୟମ। ଏଣିକି ନିଜ ଜିଲ୍ଲାରେ ରହିପାରିବେନି ବନ ଅଧିକାରୀ। ବନ ବିଭାଗର ବଦଳି ନିର୍ଦ୍ଦେଶକୁ କେତେକ ଅଧିକାରୀ ପାଳନ କରିବାରେ ବିଳମ୍ବ କରୁଥିବା ପ୍ରସଙ୍ଗରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହି ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ବଦଳି ନିର୍ଦ୍ଦେଶ ପାଳନ କରିବାରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ)ଙ୍କ ପକ୍ଷରୁ କଡ଼ା ସତର୍କବାଣୀ ଜାରି କରାଯାଇଛି।

ମନ୍ତ୍ରୀଙ୍କ ସୂଚନାନୁଯାୟୀ, ନୂଆ ସରକାର କ୍ଷମତାକୁ ଆସିବା ପରେ ରେଞ୍ଜର, ଏସିଏଫ ଓ ଡିଏଫଓ ସ୍ତରର ଅଧିକାରୀମାନେ ନିଜ ଜନ୍ମ କିମ୍ବା ଘର ଜିଲ୍ଲାରେ କାର୍ଯ୍ୟରତ ରହିପାରିବେ ନାହିଁ ବୋଲି ସରକାର ନୀତି ପ୍ରଣୟନ କରିଥିଲେ। ସେହି ନୀତି ଅନୁଯାୟୀ ବଦଳି ଆଦେଶ ଜାରି କରାଯାଇଥିଲା। ତେବେ କେତେକ ଅଧିକାରୀ ଏପର୍ଯ୍ୟନ୍ତ ରିଲିଭ୍ ନ ହୋଇ ବିଳମ୍ବ କରୁଥିବାରୁ ପିସିସିଏଫ ସେମାନଙ୍କୁ ସତର୍କ କରିଦେଇଛନ୍ତି। ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ବଦଳି ପ୍ରକ୍ରିୟାରେ କୌଣସି ରାଜନୈତିକ ଚାପ କିମ୍ବା ସୁପାରିସକୁ ପ୍ରଶ୍ରୟ ଦିଆଯିବ ନାହିଁ। ଅଧିକାରୀମାନେ ରାଜନୈତିକ ବ୍ୟକ୍ତିଙ୍କ ମାଧ୍ୟମରେ ଚାପ ସୃଷ୍ଟି କରିବାରୁ ବିରତ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଏପର୍ଯ୍ୟନ୍ତ ପ୍ରାୟ ୭୫ ପ୍ରତିଶତ ଅଧିକାରୀଙ୍କୁ ରିଲିଭ୍ କରାଯାଇସାରିଛି। ଯେଉଁମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା ବିଶେଷ ବ୍ୟକ୍ତିଗତ ଅସୁବିଧା ରହିଛି, ସେମାନଙ୍କ ଆବେଦନକୁ ବିଭାଗ ପକ୍ଷରୁ ପୃଥକ ଭାବେ ସମୀକ୍ଷା କରାଯାଉଛି। ନିୟମ ଅନୁଯାୟୀ ଉଚିତ ନିଷ୍ପତ୍ତି ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

**■ ଛେଳି ଚରାଇବାକୁ ଯାଇଥିଲେ ଯୁବକ**

## ଭାଲୁ ଆକ୍ରମଣରେ ଚାଲିଗଲା ଜୀବନ

ଝରିଗାଁ,୧୩।୭(ସଂଚାର ବ୍ୟୁରୋ): ଝରିଗାଁ ଥାନା ଅଧୀନ କୁସୁମୀ ଗ୍ରାମରେ ଘଟିଛି ଏକ ଦୁଃଖଦ ଘଟଣା। ସୋମବାର ମଧ୍ୟାହ୍ନରେ ଦଳେ ଭାଲୁ ଆକ୍ରମଣରେ ଜଣେ ୪୦ ବର୍ଷୀୟ ବ୍ୟକ୍ତିଙ୍କ ଜୀବନ ଚାଲି ଯାଇଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ କୁସୁମୀ ଗ୍ରାମର ଫଗୁନୁ ଗୌଡ଼ (୪୫)। ଝରିଗାଁ ଉମରକୋଟ ମୁଖ ରାସ୍ତା ପାର୍ଶ୍ୱରେ ରହିଥିବା ଗାଁ ଶ୍ମଶାନ ନିକଟ ଜଙ୍ଗଲ ମଧ୍ୟକୁ ଛେଳି ପଲ ଧରି ଚରାଇବାକୁ କୁସୁମୀ ଜଙ୍ଗଲକୁ ଯାଇଥିଲେ ଫଗୁନୁ। ତେବେ ଏହି ସମୟରେ ଜଙ୍ଗଲରେ ଥିବା ତିନୋଟି ଭାଲୁଙ୍କ ହାବୁଡ଼ରେ ସେ ପଡ଼ିଯାଇଥିଲେ। ଭାଲୁ ଦୁଇଟି ଅତର୍କିତ ଭାବେ ଆକ୍ରମଣ କରି ତାଙ୍କ ଶରୀରରୁ ମୁଣ୍ଡକୁ ଅଲଗା କରିଦେଇଥିଲେ। ଫଗୁଣୁଙ୍କ ଚିତ୍କାର ଶୁଣି ନିକଟରେ ଥିବା ଅନ୍ୟ ଚରାଳିମାନେ ଭୟରେ ଦୌଡ଼ି ଗାଁ ଲୋକଙ୍କୁ ଖବର ଦେଇଥିଲେ। ପରିବାର ଓ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ଫଗୁଣୁଙ୍କ କ୍ଷତବିକ୍ଷତ ମୁଣ୍ଡବିହୀନ ଶରୀର ଦେଖିବାକୁ ପାଇଥିଲେ। ଖବର ପାଇ ଝରିଗାଁ ପୁଲିସ ଓ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୃତ ଫଗୁଣୁଙ୍କ ୫ଟି ସନ୍ତାନସନ୍ତତି ରହିଛନ୍ତି। ଫଗୁନୁଙ୍କ ମୃତ୍ୟୁ ଖବର ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣା ନେଇ ପରିବାର ପକ୍ଷରୁ ମୃତକଙ୍କ ଭାଇ ଭସମନ ଥାନାରେ ଏତଲା ଦେବା ପରେ ପୁଲିସ ମୃତଦେହ ଜବତ କରିଛି।

## ଇସ୍କନ ରଥଯାତ୍ରା ପାଇଁ ରାଜଧାନୀରେ ଟ୍ରାଫିକ୍ କଟକଣା

ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଇସ୍କନ ପକ୍ଷରୁ ଆୟୋଜିତ ହେବାକୁ ଥିବା ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଭୁବନେଶ୍ୱର କମିଶନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ କଟକଣା ଜାରି କରାଯାଇଛି। ରଥଯାତ୍ରା ଦିନ ଅପରାହ୍ନ ୩ଟାରୁ ରଥଯାତ୍ରା ଶେଷ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। କମିଶନରେଟ୍ ପୁଲିସର ସୂଚନାନୁଯାୟୀ, ଖୋର୍ଦ୍ଧା ପଟୁ ଆସୁଥିବା ସମସ୍ତ ଭାରୀଯାନକୁ ସିଆରପି ଛକ ଆଡ଼କୁ ଆସିବାକୁ ବାରଣ କରାଯାଇଛି। ସେହିପରି ଡିଏଭି ସ୍କୁଲ, ୟୁନିଟ୍-୮ରୁ ସିଆରପି ଛକ ପର୍ଯ୍ୟନ୍ତ ଏବଂ ସିଆରପି ଛକରୁ ଇସ୍କନ ମନ୍ଦିର ପର୍ଯ୍ୟନ୍ତ ସମସ୍ତ ପ୍ରକାର ସାଧାରଣ ଯାନବାହନ ଚଳାଚଳ ବନ୍ଦ ରହିବ। ଏହି ସମାନ ଟ୍ରାଫିକ୍ ବ୍ୟବସ୍ଥା ବାହୁଡ଼ା ଯାତ୍ରା ଦିନ ମଧ୍ୟ ଲାଗୁ ରହିବ। ରଥ ନିର୍ଦ୍ଦିଷ୍ଟ ରାସ୍ତା ଅତିକ୍ରମ କରିବା ପର୍ଯ୍ୟନ୍ତ ପୁଲିସ ପକ୍ଷରୁ ଟ୍ରାଫିକ୍ କଟକଣା ବଳବତ୍ତର ରହିବ। ସେହିପରି ଆସନ୍ତା ସୁନାବେଶ ଦିନ ସନ୍ଧ୍ୟା ୫ଟାରୁ ଦର୍ଶନ ଶେଷ ହେବା ପର୍ଯ୍ୟନ୍ତ ସିଆରପି ଛକରୁ ଇସ୍କନ ମନ୍ଦିର ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଉପରେ କଟକଣା ଜାରି ରହିବ। ତେବେ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଓ ଅନ୍ୟାନ୍ୟ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ପାଇଁ ଏହି କଟକଣା ଲାଗୁ ହେବନାହିଁ। ରଥଯାତ୍ରା ସମୟରେ ଟ୍ରାଫିକ୍ ନିୟମ ପାଳନ କରି ପୁଲିସକୁ ସହଯୋଗ କରିବାକୁ କମିଶନରେଟ୍ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ପୌରପାଳିକା ସମ୍ମୁଖରେ ଧାରଣାରେ ବସିଲେ ୱାର୍ଡବାସୀ

କଟକ,୧୩।୭ (ସଂଚାର ବ୍ୟୁରୋ): ଚୌଦ୍ୱାର ପୌରପାଳିକା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇ ପଡ଼ିଛି। ସାଧାରଣ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସୋମବାର ୯ ନମ୍ବର ୱାର୍ଡବାସୀ ପୌରପାଳିକା ସମ୍ମୁଖରେ ଧାରଣାରେ ବସିଛନ୍ତି। ବର୍ଷା ଦିନେ ପାଣିରେ ୱାର୍ଡବାସୀ ଜଳବନ୍ଦୀରେ ରହୁଛନ୍ତି। ପିଲାମାନେ ସ୍କୁଲକୁ ଯାଇପାରୁନାହାନ୍ତି। ବିଜୁଳି ଜଳୁ ନଥିବାରୁ ମହିଳାମାନେ ସୁରକ୍ଷିତ ମଣୁନାହାନ୍ତି। ଯଦି ଅଭିଯୋଗ ଉପରେ କର୍ତ୍ତୃପକ୍ଷ ପଦକ୍ଷେପ ନନେବେ ତା'ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ପ୍ରକାଶ ନୀଳିମା ତ୍ରିପାଠୀ କହିଛନ୍ତି। ଏହି ଧାରଣାରେ ଅନ୍ୟମାନଙ୍କ ସହିତ ଅଶୋକ ପ୍ରଧାନ, ଗୋଲଖି ନାୟକ, ଅଜୟ ସାହୁ, ମାନସ ବେହେରା, ଅମୀୟ ବେହେରା ସମେତ ବହୁ ୱାର୍ଡବାସୀ ଉପସ୍ଥିତ ଥିଲେ।

**■ ମିଶନ ଶକ୍ତିରେ ଦୁର୍ନୀତି ଅଭିଯୋଗ**

## ହାଟଡିହି ବ୍ଲକରେ ଭିଜିଲାନ୍ସ ଚଢ଼ାଉ

ହାଟଡିହି,୧୩।୭ (ସଂଚାର ବ୍ୟୁରୋ):କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ପୁଣି ପଶିଛି ଭିଜିଲାନ୍ସ। ଗତ କିଛିଦିନ ତଳେ ଭିଜିଲାନ୍ସ ଷ୍ଟ୍ରିଟ ଲାଇଟ ଦୁର୍ନୀତି ନେଇ ହାଟଡିହୀ ବ୍ଲକରେ ଖୋଳତାଡ଼ କରିଥିବା ଜଣାପଡ଼ିଛି। ଏଥର ମିଶନ ଶକ୍ତି ବିଭାଗରେ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ ପଶିଥିଲା। କିନ୍ତୁ କୌଣସି ବିଭାଗୀୟ ଅଧିକାରୀଙ୍କୁ ନ ପାଇ ଫେରି ଯାଇଥିବା ଜଣାପଡିଛି। ସୂଚନାରୁ ଜଣାଯାଇଛି ଯେ, ମିଶନ ଶକ୍ତି ବିଭାଗ ପକ୍ଷରୁ ପୂର୍ବରୁ ଦିଆଯାଇଥିବା ଗ୍ରୁପ ଲୋନରେ ଅନିୟମିତତା ହୋଇଛି। ଏଥିରେ ୧୨ ଲକ୍ଷର ଋଣ ଟଙ୍କା ମହିଳାଙ୍କ ଗ୍ରୁପ ବ୍ୟାଙ୍କ ଏକାଉଣ୍ଟକୁ ନଯାଇ ଜଣେ କର୍ମକର୍ତ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିବା ଅଭିଯୋଗ ହୋଇଛି। ସେହିପରି ହାବଳେଶ୍ୱର ପଞ୍ଚାୟତସ୍ତରୀୟ ମହାସଂଘରୁ ଦୁଇ ଲକ୍ଷ ଟଙ୍କା ମେଡିକାଲ ଖର୍ଚ୍ଚ ଉଠାଯାଇଛି। ଗତ ୨୦୨୨ରେ ଶାଢ଼ୀ କିଣିବା ପାଇଁ ୩୦ ହଜାର ଟଙ୍କା ଉଠାଯାଇ ହେରଫେର କରାଯାଇଛି। ମିଶନ ଶକ୍ତି କାଫେ ପାଇଁ ବେନିୟମ ଭାବେ ୫୦ ହଜାର ୭୦୦ ଟଙ୍କା ଉଠାଇ ନିଆଯାଇଛି ବୋଲି ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିବା ଜଣାପଡିଛି।

**■ ବିଜେପିର ଦଳୀୟ ଶୋଭାଯାତ୍ରାରେ ଶିଶୁ ସାମିଲ ହେବା ଘଟଣା**

# ଶିଶୁ ସୁରକ୍ଷା ଅଧିକାର ଆୟୋଗର ହସ୍ତକ୍ଷେପ ଲୋଡ଼ିଲା ବିଜେଡି



ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ): ବିଜେପି ନିଜର ରାଜନୈତିକ ଫାଇଦା ହାସଲ ପାଇଁ ଶିଶୁମାନଙ୍କ ମଧ୍ୟ ଛାଡୁନାହିଁ। ରାଜନୈତିକ ଶୋଭାଯାତ୍ରାରେ ଶିଶୁମାନଙ୍କୁ ସାମିଲ୍ କରୁଛି ଦଳ। ବିଜେପି ଦଳର ଶୀର୍ଷ ନେତୃମଣ୍ଡଳୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ହସ୍ତକ୍ଷେପ ଲୋଡ଼ିଛି ବିଜେଡି ପ୍ରତିନିଧି ଦଳ। ଗତକାଲି ଭୁବନେଶ୍ୱରଠାରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଜେପିରେ ଯୋଗଦେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଆୟୋଜିତ ରାଜନୈତିକ ଶୋଭାଯାତ୍ରାରେ ଶିଶୁଙ୍କୁ ସାମିଲ କରାଯାଇଛି। ସେମାନଙ୍କୁ ଦଳୀୟ ଟୋପି, ଉତ୍ତରୀୟ ପିନ୍ଧାଇ ଦଳୀୟ ପତାକା, ପ୍ଲାକାର୍ଡ ଓ ବ୍ୟାନର୍ ଧରାଇଥିଲା ବିଜେପି। ଏହା ଶିଶୁମାନଙ୍କ ଅଧିକାର ଏବଂ ସୁରକ୍ଷାକୁ ବିପନ୍ନ କରୁଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି ବିଜେଡି କହିଛି। ଏନେଇ ବିଜେଡି ପକ୍ଷରୁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ଆୟୋଗର ଅଧ୍ୟକ୍ଷା ବବିତା ପାତ୍ରଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ରାଜନୈତିକ ଶୋଭାଯାତ୍ରା ଓ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସାମିଲ କରାଯାଇଥିବାରୁ ଆୟୋଗର ତୁରନ୍ତ ହସ୍ତକ୍ଷେପ ଓ ଶିଶୁ ଅଧିକାର ସୁରକ୍ଷା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଗ୍ରହଣ କରିବାକୁ ବିଜେଡି ପ୍ରତିନିଧିମଣ୍ଡଳୀ ଦାବି କରିଛି।

**● ଓଡ଼ିଶା ଯୁବ ଜନତା କଂଗ୍ରେସର ବିକ୍ଷୋଭ**

# ରାଜଧାନୀରେ ଯୁବ ଓଜେସିର ରଣହୁଙ୍କାର



ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କାଙ୍କ ନେତୃତ୍ୱରେ ଭୁବନେଶ୍ୱରର ଖାରବେଳ ନଗରଠାରୁ ମାଷ୍ଟର କ୍ୟାଣ୍ଟିନ ପର୍ଯ୍ୟନ୍ତ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରାରେ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପାର୍ଟିର ସଭାପତି ଇଂ ମହମ୍ମଦ ମୋକିମ୍ ଯୋଗଦେବା ସହ ଅନେକ ଯୁବନେତା, ରାଜ୍ୟ ନେତୃତ୍ୱ ଓ ହଜାର ହଜାର ଯୁବ କର୍ମୀ ଯୋଗ ଦେଇଥିଲେ। ବିଜେପିର ୨ ବର୍ଷ ଶାସନ କାଳରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ସ୍ୱାସ୍ଥ୍ୟ ଓ ଶିକ୍ଷାର ଅବ୍ୟବସ୍ଥା, ଭିଡ଼ହିଂସା, ମହିଳା ନିର୍ଯାତନା, ବେରୋଜଗାରୀ, କମ୍ପାନୀ ସ୍ୱାର୍ଥରେ ନିରୀହ ଆଦିବାସୀଙ୍କ ଉପରେ ଜୁଲୁମ୍, ଦଳିତଙ୍କ ଉପରେ ଅତ୍ୟାଚାର ଆଦି ବିଭିନ୍ନ ସମସ୍ୟାକୁ ନେଇ ରାଜଧାନୀର ରାଜରାସ୍ତାରେ ସରକାରଙ୍କୁ ଜବାବ ମାଗିଛି ଯୁବ ଓଜେସି।

ଆଜିର ଏହି ପ୍ରତିବାଦ ଶୋଭାଯାତ୍ରାରେ ଓଜେସି ସଭାପତି ଶ୍ରୀ ମୋକିମ୍ ଯୋଗଦାନ କରି ସରକାରଙ୍କ ଦୁଇ ବର୍ଷର ବିଫଳତା ସମ୍ପର୍କରେ କହିଥିଲେ ଯେ ରାଜ୍ୟରେ ଏକ ପ୍ରଶାସନିକ ସ୍ଥାଣୁତା ଦେଖାଦେଇଛି। ରାଜ୍ୟ କ୍ୟାବିନେଟର କାର୍ଯ୍ୟ କରିବାରେ କୌଣସି ତାଳମେଳ ନାହିଁ ଏବଂ ଏକଥା ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ବକ୍ତବ୍ୟରୁ ସ୍ପଷ୍ଟ ଅନୁମେୟ। ଡବଲ ଇଞ୍ଜିନ ସରକାର ଦୁଇ ବର୍ଷ ଭିତରେ ଓଡ଼ିଶାକୁ ଏପରି ଏକ ଅରାଜକତା ଭିତରକୁ ଠେଲିଦେଇଛନ୍ତି, ଯେଉଁଠାରେ ଭିଡ଼ହିଂସା, ହାଜତ ମୃତ୍ୟୁ, ମହିଳାମାନଙ୍କ ଉପରେ ଅତ୍ୟାଚାର, କମ୍ପାନୀ ପ୍ରୀତି ପାଇଁ ଆଦିବାସୀଙ୍କ ଜଳ, ଜଙ୍ଗଲ, ଜମିକୁ ଲୁଟତରାଜ, ଦଳିତଙ୍କୁ ଶୋଷଣ, ଚାଷୀଙ୍କୁ ମରଣ ମୁହଁଙ୍କୁ ଠେଲିଦେବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ସରକାର ଏତେ ଅପାରଗ ଯେ ସ୍କୁଲ୍ ପିଲାଙ୍କୁ ପାଠ ପଢ଼ିବା ପାଇଁ ସଠିକ୍ ବହି ମଧ୍ୟ ଯୋଗାଇପାରିଲେ ନାହିଁ। ରୋଜଗାର ନାଁରେ ଓଡ଼ିଶାର ଯୁବବର୍ଗଙ୍କୁ ଏକ ବିରାଟ ବେରୋଜଗାରୀର ଖାଇ ଭିତରକୁ ସରକାର ଠେଲିଦେଇଛନ୍ତି। ବିଗତ ଦୁଇ ବର୍ଷ ଭିତରେ ଗୋଟିଏ ବି ରୋଜଗାର ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ବିଫଳ ମୋହନ ସରକାର ୧୦ ଲକ୍ଷ କୋଟିର ନିବେଶ ଓ ଲକ୍ଷାଧିକ ପିଲାଙ୍କ କର୍ମନିଯୁକ୍ତି ବିଷୟରେ ଭେଳିକି ଦେଖାଉଛନ୍ତି। ଏଭଳି ଠକ ଓ ଗପ ସରକାର ବିରୁଦ୍ଧରେ ଆଜି ଯୁବ ଓଜେସି ରାଜଧାନୀରେ ରଣହୁଙ୍କାର ଦେଇଛି।

## ରଥଯାତ୍ରାରେ କୋଭିଡ୍ ଭୟ

ଭୁବନେଶ୍ୱର,୧୩।୭: ଓଡ଼ିଶାର ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶରେ କରୋନା ସଂକ୍ରମଣ ବ୍ୟାପୁଥିବା ପରିପ୍ରେକ୍ଷୀରେ ରଥଯାତ୍ରା ପାଇଁ ଆମ ରାଜ୍ୟରେ ଚିନ୍ତା ବଢ଼ିଛି। ଇତିମଧ୍ୟରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଭିନ୍ନ ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀମାନଙ୍କୁ ପୂର୍ବ କୋଭିଡ୍ ମାର୍ଗ ନିର୍ଦ୍ଦେଶିକା ଆଧାରରେ ଚିକିତ୍ସା, ପରୀକ୍ଷା ଓ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ କହିଛନ୍ତି। ଏ ବର୍ଷ ଶ୍ରୀକ୍ଷେତ୍ର ପୁରୀରେ ରଥଯାତ୍ରା ଅବସରରେ ୧୫ ଲକ୍ଷରୁ ଅଧିକ ଜନସମାଗମ ହେବା ଆଶଙ୍କା କରାଯାଉଛି। ଏଥିପାଇଁ ବହୁ ସଂଖ୍ୟକ ସ୍ୱତନ୍ତ୍ର ରେଳ ଓ ବସ୍ ଚାଲିବାର ମଧ୍ୟ ବ୍ୟବସ୍ଥା ହୋଇଛି। ଏହି ପରିପ୍ରେକ୍ଷୀରେ ପୁରୀ ପାଇଁ ପ୍ରଶାସନକୁ କୋଭିଡ୍ ଭୟ ଘାରୁଛି। ଇତିମଧ୍ୟରେ ଆନ୍ଧ୍ର ପ୍ରଦେଶରେ କୋଭିଡ୍ ସଂକ୍ରମିତ ରୋଗୀଙ୍କ ମୃତ୍ୟୁ ଘଟିବା ସହିତ ଆଉ କେତେକ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଓଡ଼ିଶାର ପଡ଼ୋଶୀ ରାଜ୍ୟରେ କୋଭିଡ୍ ଆବିର୍ଭୁତ ହୋଇଥିବାବେଳେ ତାହାକୁ କିଭଳି ଓଡ଼ିଶା ସୀମା ଭିତରକୁ ପୂରାଇ ଦିଆଯିବ ନାହିଁ ତାହା ଏବେ ଚିନ୍ତାର ବିଷୟ। କେବଳ ପୁରୀରେ ନୁହେଁ, ସୀମାନ୍ତବର୍ତ୍ତୀ ଅବିଭକ୍ତ କୋରାପୁଟ ଓ ଗଞ୍ଜାମ ସମେତ ରାଜ୍ୟର ସବୁ ଜିଲ୍ଲାରେ ହଜାର ହଜାର ସଂଖ୍ୟକ ଛୋଟବଡ଼ ରଥଯାତ୍ରା ବି ଅନୁଷ୍ଠିତ ହେବାକୁ ଯାଉଛି। ଏଗୁଡ଼ିକରେ ବି ବିପୁଳ ଜନସମାଗମ ହେବାର ଅଛି।

ଆନ୍ଧ୍ର-ଓଡ଼ିଶା ସୀମା ମୁକୁଳା ପଡ଼ିଛି ଏବଂ ପ୍ରତିଦିନ ହଜାର ହଜାର ଲୋକ ଆନ୍ଧ୍ରରୁ ଓଡ଼ିଶା ଆସୁଛନ୍ତି ଏବଂ ଓଡ଼ିଶାରୁ ବି ଆନ୍ଧ୍ର ଯାଉଛନ୍ତି। ଏ ପରିପ୍ରେକ୍ଷୀରେ କୋଭିଡ୍ ସଂକ୍ରମଣ ବ୍ୟାପିବା ସମ୍ଭାବନାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏଡ଼ାଇ ଦେଇପାରୁ ନାହାନ୍ତି। ସରକାରୀ ସ୍ତରରେ ଜନସଚେତନତା ସୃଷ୍ଟି ଲାଗି ଯେଉଁ ବାର୍ତ୍ତା ଦିଆଯାଉଛି ସେଥିରେ ଜନଗହଳି ଏଡ଼ାଇବା, ମାସ୍କ ଓ ସାନିଟାଇଜର୍ ବ୍ୟବହାର କରିବା, କୋଭିଡ୍‌ର ସାମାନ୍ୟ ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଲାଗି କୁହାଯାଉଛି।

ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଘଟଣା ଉପରେ ସତର୍କ ଦୃଷ୍ଟି ରଖିଛି। ଡାକ୍ତରମାନେ କହୁଛନ୍ତି ଯେ ଭିଡ଼ ନିୟନ୍ତ୍ରଣ କରିବା ସେମାନଙ୍କ କାମ ନୁହେଁ। କିନ୍ତୁ ଲୋକେ ଭିଡ଼ ଭିତରକୁ ନଯିବା ପାଇଁ ପରାମର୍ଶ ଦେବା ହେଉଛି ସେମାନଙ୍କ କାମ। ଯଦି ରଥଯାତ୍ରା ପରିପ୍ରେକ୍ଷୀରେ ପୁରୀ ସମେତ ଅନ୍ୟାନ୍ୟ ସ୍ଥାନରେ କୋଭିଡ୍ ବ୍ୟାପେ ତା'ହେଲେ ସ୍ଥିତି ଅସମ୍ଭାଳ ହୋଇପଡ଼ିବ। ଏହାକୁ ଆଖି ଆଗରେ ରଖି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ ଲାଗି ବ୍ୟାପକ ବ୍ୟବସ୍ଥା ହେଉଛି ଏବଂ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ୍ୟ ଏ ଦିଗରେ ସଜାଗ ଦୃଷ୍ଟି ରଖିଥିବା କୁହାଯାଉଛି।(ତଥ୍ୟ)

**ପ୍ରଭାତଙ୍କୁ ଜବାବ ଦେଲେ ପ୍ରଫୁଲ୍ଲ**

# ନବୀନ ନିବାସରେ କଟକ-ଚୌଦ୍ୱାର ବିଜେଡିର ରଣନୀତି



ଭୁବନେଶ୍ୱର,୧୩।୭ (ସଂଚାର ବ୍ୟୁରୋ) : ଗତକାଲି ବିଜେପିରେ ଯୋଗଦେବା ପରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବିଜେଡି ଉପରେ କରିଥିବା ଶାଣିତ ଆକ୍ରମଣର ଜବାବ ଦେଇଛନ୍ତି କଟକ ବିଜେଡି ସଭାପତି ଓ ବରିଷ୍ଠ କର୍ପୋରେଟରମାନେ। ଆଜି କଟକ-ଚୌଦ୍ୱାର ଟିମର ନେତାମାନେ ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କୁ ଭେଟି ଦଳର ରଣନୀତି ଚୁଡାନ୍ତ କରିଛନ୍ତି। ଏଥିସହିତ ପ୍ରଭାତ ବିଶ୍ୱାଳଙ୍କ ବିଶ୍ୱାସଘାତକତା ପାଇଁ ତାଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି।

କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ଅଭିଯୋଗ କରିଛନ୍ତି ଯେ, ପୁଅକୁ ଟିକେଟ ଦେବା ପାଇଁ ପ୍ରଭାତ ବିଶ୍ୱାଳ ନବୀନଙ୍କ ଗୋଡ ଧରିଥିଲେ। ହେଲେ ଏବେ ନିଜ ସ୍ୱାର୍ଥ ପାଇଁ ନବୀନଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। କଟକର ସବୁ କର୍ପୋରେଟ ଓ କାଉନସିଲ ବିଜେଡି ସହ ଅଛନ୍ତି ବୋଲି ସେମାନେ ଦାବି କରିଛନ୍ତି। ଏଥିସହ ଆଜି କଟକ ଚୌଦ୍ୱାର ନିର୍ବାଚନ ମଣ୍ଡଳୀର ଦୁଇଜଣ ପୂର୍ବତନ କର୍ପୋରେଟର କବିତା ଖଣ୍ଡୋଇ ଓ ଦେବାଶିଷ ସାହି ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କୁ ଜାଣିଶୁଣି ୨୦୨୨ରେ ଟିକେଟ ଦେଇନଥିଲେ ପ୍ରଭାତ ବିଶ୍ୱାଳ। ନବୀନ ପଟ୍ଟନାୟକ ପ୍ରଭାତ ବିଶ୍ୱାଳଙ୍କୁ ଦୁଇଥର ବିଧାୟକ ପାଇଁ ଟିକେଟ ଦେଇଛନ୍ତି। ତାଙ୍କ ପୁଅକୁ ବି ଦୁଇଥର ବିଧାୟକ ପାଇଁ ଟିକେଟ ଦେଇଛନ୍ତି। ଖାଲି ସେତିକି ନୁହେଁ, ପ୍ରଭାତ ବିଶ୍ୱାଳଙ୍କ ପତ୍ନୀଙ୍କୁ ବ୍ଲକ ଅଧ୍ୟକ୍ଷା କରିଥିଲେ। ଏହାସତ୍ତ୍ୱେ ତାଙ୍କ ପୁଅ କ୍ରସ ଭୋଟିଂ କରିଛନ୍ତି। ଯେଉଁଥିପାଇଁ ତାଙ୍କୁ କଟକ-ଚୌଦ୍ୱାର ଅଞ୍ଚଳର ନେତା ଓ କର୍ମୀ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି କର୍ପୋରେଟରମାନେ ଦାବି କରିଛନ୍ତି।

# ତିନି ରଥରେ ଶୋଭା ପାଇବ ସୋଲ ଫୁଲ



ପୁରୀ,୧୩।୭(ସଂଚାର ବ୍ୟୁରୋ): ଆଉ ମାତ୍ର ୩ ଦିନ ପରେ ବିଶ୍ୱନିୟନ୍ତାଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ଯାହା ପାଇଁ ଏବେଠୁ ଭକ୍ତମାନେ ବ୍ୟାକୁଳ। ଏପଟେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାଇଁ ରଥ ପଥ ସମସ୍ତେ ପ୍ରସ୍ତୁତ। ମହାପ୍ରଭୁଙ୍କ ଦିବ୍ୟ ରଥଯାତ୍ରାର ଅନ୍ୟତମ ଆକର୍ଷଣ ହେଉଛି ସୋଲ ଫୁଲ। ରଥ ଗଢ଼ିବା ବେଳେ ସୋଲ ଫୁଲର ଝଲକ ମହାପ୍ରଭୁଙ୍କ ରଥଯାତ୍ରାର ଶୋଭାକୁ ଆହୁରି ବଢ଼ାଇଦିଏ। ତିନି ରଥରେ ଲାଗି ହେବାକୁ ଥିବା ସେହି ସୋଲ ଫୁଲକୁ ଅତି ଶ୍ରଦ୍ଧାର ସହ ତିଆରି କରୁଛନ୍ତି ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହିର ରାଜକିଶୋର ଓ ତାଙ୍କ ପରିବାର।

**ଶ୍ରଦ୍ଧାର ସହ ତିଆରି କରୁଛନ୍ତି ଭୋଇ ପରିବାର**

ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ପାଇବା ପାଇଁ ଅନେକ ଭକ୍ତ ଅପେକ୍ଷା କରିଥାନ୍ତି। ସେହିପରି ରାଜ କିଶୋର ଓ ତାଙ୍କ ଭାଇ ବୀର କିଶୋରଙ୍କ ସହ ପରିବାରର ଅନ୍ୟମାନେ ନିଷ୍ଠାର ସହ ସୋଲ ଫୁଲ ତିଆରି କରିବାରେ ଲାଗିପଡ଼ିଛନ୍ତି। ଗତ ୨୦୦୪ରୁ ତିନି ରଥରେ ସୋଲ ଫୁଲ ଲାଗି କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନରୁ ଅନୁମତି ପାଇଛନ୍ତି। ସବୁଠାରୁ ବଡ଼ କଥା, ଏହି କାମ କରିବାକୁ ମନ୍ଦିର ପ୍ରଶାସନଠାରୁ କୌଣସି ପ୍ରକାର ପାଉଣା ନିଅନ୍ତି ନାହିଁ।

ସୂଚନା ଥାଉକି, ରାଜ କିଶୋର ଓ ତାଙ୍କ ଭାଇ ବୀର କିଶୋରଙ୍କ ପରିବାର କାର୍ତ୍ତିକ ମାସରୁ ସୋଲ ସଂଗ୍ରହରେ ଲାଗିପଡ଼ନ୍ତି। ନିମାପଡ଼ା, ଅସ୍ତରଙ୍ଗ, କାକଟପୁର, ପିପିଲି, କୋଣାର୍କ ଓ ଡେଲାଙ୍ଗ ଆଦି ଅଞ୍ଚଳରେ ଥିବା ସନ୍ତସନ୍ତିଆ ସ୍ଥାନଗୁଡ଼ିକରୁ ସଂଗ୍ରହ କରିଥାନ୍ତି ସୋଲ। ତାକୁ ଖରା କାକରରେ ଶୁଖାଇ ଛୋଟ ଛୋଟ ଖଣ୍ଡ କରି ସାଇତି ରଖାଯାଏ। ଅକ୍ଷୟ ତୃତୀୟାରେ ପୁରୀ ବଡ଼ଦାଣ୍ଡରେ ରଥକାମ ଆରମ୍ଭ ହେବା ଦିନଠାରୁ ରାଜକିଶୋରଙ୍କ ପରିବାର ଛୁରୀ ଓ ଅନ୍ୟାନ୍ୟ ସରଞ୍ଜାମ ସବୁ ପୂଜା କରି ସୋଲରୁ କଦମ୍ବ ଏବଂ ସେବତୀ ଫୁଲ ଗଢ଼ିବା ଅନୁକୂଳ କରିଥାଆନ୍ତି। ନେତ୍ର ଉତ୍ସବ ଦିନ ରାଜ କିଶୋର ଓ ତାଙ୍କ ଭାଇ ବୀର କିଶୋର ନିଜେ ଫୁଲ ନେଇ ମନ୍ଦିର କାର୍ଯ୍ୟାଳୟରେ ସମର୍ପି ଦେବା ପରେ ରଥରେ ନିଶୁଣି ଲଗାଇ ଫୁଲଗୁଡ଼ିକ ସୁନ୍ଦର ଭାବେ ଲଗାଇଥାନ୍ତି। ଏହି କାର୍ଯ୍ୟ ପାଇଁ ସେମାନେ ପ୍ରାୟ ୩୦ରୁ ୪୦ ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି। ସୋଲରୁ ଫୁଲ ତିଆରି କରିବା ଏକ ସୂକ୍ଷ୍ମ କଳା। ପ୍ରକୃତରେ ଏହା କେବଳ ଏକ କଳା ନୁହେଁ, ଏହା ହେଉଛି ଭକ୍ତିର ଏକ ଅନନ୍ୟ ନିଦର୍ଶନ।



ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ମଙ୍ଗଳବାର ୧୪ ଜୁଲାଇ ୨୦୨୬, ଭୁବନେଶ୍ୱର
Tuesday 14 July 2026, Bhubaneswar



# ବିକଶିତ ଦେଶ ପାଇଁ ଚ୍ୟାଲେଞ୍ଜ

ଆଧୁନିକ ବିଶ୍ୱରେ ଭାରତ କେବଳ ଏକ ଅର୍ଥନୈତିକ ଶକ୍ତି ନୁହେଁ, ବରଂ ଏକ ସାମରିକ ଶକ୍ତି ରୂପେ ଉଭା ହୋଇଛି। ଗ୍ଲୋବାଲ୍ ଫାୟାରପାୱାର୍ ଇଣ୍ଡେକ୍ସ ୨୦୨୬ ଅନୁଯାୟୀ ଭାରତ ବିଶ୍ୱର ଚତୁର୍ଥ ସର୍ବାଧିକ ଶକ୍ତିଶାଳୀ ସୈନ୍ୟବଳର ଅଧିକାରୀ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ ଏବଂ ଚୀନ୍ ପରେ ଚତୁର୍ଥ ସ୍ଥାନରେ ରହିଛି ଭାରତ। ସାମରିକ ଶକ୍ତିରେ ଏହି ଉନ୍ନତି ବିକଶିତ ଦେଶଗୁଡ଼ିକୁ ସିଧାସଳଖ ଚ୍ୟାଲେଞ୍ଜ କରୁଛି। ଯେଉଁମାନେ ପୂର୍ବରୁ ବିଶ୍ୱ ସୈନ୍ୟ ବଜାରରେ ଆଧିପତ୍ୟ ବଜାୟ ରଖିଥିଲେ ସେମାନଙ୍କ ପାଇଁ ଭାରତ ଏବେ ଆଉ ଦୁର୍ବଳ ଦେଶ ହୋଇ ରହିନି। ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ନୀତି ମାଧ୍ୟମରେ ଭାରତ ଆମଦାନୀ ନିର୍ଭରତାରୁ ରପ୍ତାନି ଦିଗକୁ ଗତି କରିଛି, ଯାହା ବିକଶିତ ରାଷ୍ଟ୍ରଗୁଡ଼ିକର ପାରମ୍ପରିକ ଆଧିପତ୍ୟକୁ ଟକ୍କର ଦେଉଛି।

ଭାରତୀୟ ସୈନ୍ୟ ବ୍ୟବସ୍ଥାର ଏହି ଉତଥାନର ମୂଳ ହେଉଛି ସ୍ୱାଧୀନ ଉନ୍ନୟନ। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ପ୍ରତିରକ୍ଷା ଉତ୍ପାଦନ ରେକର୍ଡ ୧.୭୮ ଲକ୍ଷ କୋଟି ଟଙ୍କା ଛୁଇଁଛି, ଯାହା ୨୦୨୦-୨୧ର ୮୪,୬୪୩ କୋଟି ତୁଳନାରେ ଦୁଇ ଗୁଣରୁ ଅଧିକ। ଏବଂ ୨୦୧୩-୧୪ର ପ୍ରତିରକ୍ଷା ବଜେଟ ୪୩,୭୪୬ କୋଟି ଟଙ୍କା ତୁଳନାରେ ପ୍ରାୟ ଚାରି ଗୁଣ ଅଧିକ। ବେସରକାରୀ କ୍ଷେତ୍ରର ଯୋଗଦାନ ୪୨,୦୦୦ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷ ଠାରୁ ଢେର ଅଧିକ। ତେଜାସ୍ ଯୁଦ୍ଧ ବିମାନ, ବ୍ରହ୍ମୋସ୍ କ୍ରୁଜ୍ ମିସାଇଲ୍, ଆକାଶ୍ ଏୟାର୍ ଡିଫେନ୍ସ ସିଷ୍ଟମ୍, ପିନାକା ରୋକେଟ୍ ଲଞ୍ଚର୍ ଏବଂ ଅଗ୍ନି-୫ ମିସାଇଲ୍ ପରି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉତ୍ପାଦଗୁଡ଼ିକ ଭାରତକୁ ଆତ୍ମନିର୍ଭର କରାଇଛି। ଭାରତୀୟ ନୌସେନାର ପ୍ରଥମ ସ୍ୱାଧୀନ ବିମାନବାହୀ ଜାହାଜ ଆଇଏନ୍ଏସ୍ ବିକ୍ରାନ୍ତ ଏବଂ ଆରିହନ୍ତ ପରମାଣୁ ସବମେରିନ୍ ଭାରତର ପରମାଣୁ ଦକ୍ଷତାକୁ ପୂର୍ଣ୍ଣତା ପ୍ରଦାନ କରିଛି।





ପ୍ରତିରକ୍ଷା ରପ୍ତାନି କ୍ଷେତ୍ରରେ ଭାରତର ଉନ୍ନତି ଆହୁରି ଆଶ୍ଚର୍ଯ୍ୟଜନକ। ୨୦୧୩-୧୪ର ୬୮୬ କୋଟି ଟଙ୍କାରୁ ୨୦୨୫-୨୬ ରେ ଏହା ୩୮,୪୨୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ପ୍ରାୟ ୫୬ ଗୁଣ ବୃଦ୍ଧି। ସରକାର ୨୦୨୯ ସୁଦ୍ଧା ୫୦,୦୦୦ କୋଟି ଟଙ୍କାର ଯୁଦ୍ଧାସ୍ତ୍ର ରପ୍ତାନି ଲକ୍ଷ୍ୟ ରଖିଛନ୍ତି। ଏହି ଉପକରଣଗୁଡ଼ିକ ଏବେ ଫ୍ରାନ୍ସ, ଯୁକ୍ତରାଷ୍ଟ୍ର ଏବଂ ଆର୍ମେନିଆ ପରି ବିକଶିତ ଏବଂ ଉନ୍ନୟନଶୀଳ ଦେଶଗୁଡ଼ିକୁ ରପ୍ତାନୀ ହେଉଛି। ଏହା ପୂର୍ବରୁ ଭାରତ ଏକ ଆମଦାନୀକାରୀ ରାଷ୍ଟ୍ର ଥିଲା। ଏବେ ଭାରତ ଏକ ରପ୍ତାନିକାରୀ ରାଷ୍ଟ୍ର ଭାବେ ନିଜକୁ ବିଶ୍ୱ ବଜାରରେ ପ୍ରତିଷ୍ଠିତ କରିଛି। ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଏହି ରୂପାନ୍ତର ବିକଶିତ ଦେଶଗୁଡ଼ିକର ଅର୍ଥନୈତିକ ସ୍ୱାର୍ଥକୁ ପ୍ରଭାବିତ କରୁଛି। ଡ୍ରୋନ୍, ଏଆଇ ଏବଂ ହାଇପରସୋନିକ୍ ପ୍ରଯୁକ୍ତି କ୍ଷେତ୍ରରେ ଭାରତର ଅଗ୍ରଗତି ଯୁଦ୍ଧର ପ୍ରକୃତିକୁ ପରିବର୍ତ୍ତନ କରୁଛି।

ଏହି ଚ୍ୟାଲେଞ୍ଜ କେବଳ ପ୍ରଯୁକ୍ତିଗତ ନୁହେଁ, ରଣନୈତିକ ମଧ୍ୟ। ଭାରତର ସୈନ୍ୟ ବଜେଟ ପ୍ରାୟ ୭୮ ବିଲିୟନ ଡଲାର ହୋଇଛି, ଯାହା ବିଶ୍ୱର ପଞ୍ଚମ ସର୍ବାଧିକ। ଚୀନ ଏବଂ ପାକିସ୍ତାନ ସହିତ ଦୁଇ-ତିନି ଫ୍ରଣ୍ଟ ଯୁଦ୍ଧର ସମ୍ଭାବନା ମଧ୍ୟରେ ଭାରତ ଆଧୁନିକୀକରଣ କରୁଛି। ୧୧୪ ରାଫେଲ୍ ଯୁଦ୍ଧ ବିମାନ, ସବମେରିନ୍ ଏବଂ ଆର୍ଟିଲାରୀ ସିଷ୍ଟମ୍ ସହ ଭାରତ ନିଜର ସାମରିକ ଶକ୍ତିକୁ ସଶକ୍ତ କରିପାରିଛି। ଏହା ବିକଶିତ ଦେଶଗୁଡ଼ିକୁ ବଳପୂର୍ବକ ଭାରତ ସହ ସହଯୋଗ ରକ୍ଷା କରିବାକୁ ବାଧ୍ୟ କରୁଛି, ଯେପରି ଯୁକ୍ତରାଷ୍ଟ୍ର ଏବଂ ଫ୍ରାନ୍ସ ସହ ଯୌଥ ଉନ୍ନୟନ। ଭାରତର ଡ୍ରୋନ୍ ଏବଂ ସାଇବର କ୍ଷମତା ପାରମ୍ପରିକ ସୈନ୍ୟ ଶକ୍ତିଗୁଡ଼ିକୁ ପଛରେ ପକାଉଛି।

ତଥାପି, ଭାରତ ପାଇଁ ଚ୍ୟାଲେଞ୍ଜ ରହିଛି। ଚୀନ୍ ସହ ସଂଖ୍ୟାତ୍ମକ ଏବଂ ପ୍ରଯୁକ୍ତିଗତ ଅନ୍ତର ଏବଂ ସମ୍ପୂର୍ଣ୍ଣ ଆତ୍ମନିର୍ଭରତା ଏବେ ମଧ୍ୟ ଦୂର ହୋଇନି କିନ୍ତୁ ଗତି ସ୍ପଷ୍ଟ। ଭାରତର ସୈନ୍ୟ ବ୍ୟବସ୍ଥା କେବଳ ଆତ୍ମରକ୍ଷା ନୁହେଁ, ବରଂ ବିଶ୍ୱ ଶାନ୍ତି ଏବଂ ସନ୍ତୁଳନ ରକ୍ଷା ପାଇଁ ଏକ ଶକ୍ତି ହୋଇଉଠିଛି। ଏହା ବିକଶିତ ଦେଶଗୁଡ଼ିକୁ ସ୍ମରଣ କରାଉଛି ଯେ ପ୍ରଯୁକ୍ତି ଏବଂ ଆତ୍ମନିର୍ଭରତା ସହିତ କୌଣସି ଦେଶ ବିଶ୍ୱ ମଞ୍ଚରେ ପ୍ରତିଯୋଗିତା କରିପାରେ। ଭାରତର ଏହି ଯାତ୍ରା କେବଳ ଜାତୀୟ ଗର୍ବର ନୁହେଁ, ବରଂ ଏକ ନୂତନ ବିଶ୍ୱ କ୍ରମର ପ୍ରତୀକ।

# ବିସ୍ତାରିତ ଶିଳ୍ପ ଏବଂ ବର୍ଦ୍ଧିତ ପ୍ରଦୂଷଣ



ଅରିଜିତ ମିଶ୍ର

ଶିଳ୍ପାୟନ ହେଉଛି ବର୍ତ୍ତମାନ ସମୟର ଏକ ଉନ୍ନତିର ମାର୍ଗ। ଯେଉଁ ଦେଶର ଶିଳ୍ପ କ୍ଷେତ୍ର ଯେତେ ଅଧିକ ଉନ୍ନତ ସେହି ଦେଶ ସେତିକି ବିକଶିତ ଭାବରେ ପୃଥିବୀରେ ଉଭା ହୋଇଥାଏ। ଶିଳ୍ପ କ୍ଷେତ୍ର ଗୁଡ଼ିକ ସୃଷ୍ଟି ହେବା ଫଳରେ ମଣିଷ ସମାଜରେ ବର୍ତ୍ତମାନ ଅହେତୁକ ସୁବିଧା ହୋଇଛି। ଯେପରିକି ଅର୍ଥିକ ଅଭିବୃଦ୍ଧି, ରୋଜଗାର ସୃଷ୍ଟି, ଜୀବନ ଅତିବାହିତ କରିବାର ସହଜ ମାଧ୍ୟମ ଆଦି। ସାଧାରଣତଃ ଶିଳ୍ପାୟନ ଦ୍ୱାରା ଗୋଟିଏ ଛୋଟ ଛୁଞ୍ଚି ଠାରୁ ଆରମ୍ଭ କରି ସାଟେଲାଇଟ୍ ପର୍ଯ୍ୟନ୍ତ ମଣିଷ ଆଜି ତିଆରି କରିବାରେ ଯଥେଷ୍ଟ କ୍ଷମତା ହାସଲ କରିପାରିଛି। ବର୍ତ୍ତମାନ ଭାରତରେ ପଞ୍ଜୀକୃତ କାରଖାନା ଦୁଇ ଲକ୍ଷରୁ ଅଧିକ ଥିବା ବେଳେ ୬ କୋଟି ରୁ ୭ କୋଟି ସଂଖ୍ୟାରେ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ କେନ୍ଦ୍ର ଗୁଡ଼ିକ ରହିଛି। ସେହିପରି ଆମ ଓଡ଼ିଶାରେ ବର୍ତ୍ତମାନ ୬୫୦୦ ସଂଖ୍ୟକ କାରଖାନା ରହିଅଛି। କାରଖାନା ମଣିଷ ନିଜର ସ୍ୱାର୍ଥ ହାସଲ ନିମନ୍ତେ ଉକ୍ତ ଶିଳ୍ପାୟନ ଦ୍ୱାରା ଦୃତ ଗତିରେ ଅଧିକରୁ ଅଧିକ ଦ୍ରବ୍ୟ ପ୍ରସ୍ତୁତି କରୁଛି ସତ୍ୟ କିନ୍ତୁ ଧିରେ ଧିରେ ନିଜର ପରିବେଶ ଏବଂ ଜଳବାୟୁକୁ କ୍ଷୀପ୍ର ଗତିରେ ନଷ୍ଟ କରିବାରେ ଉଦ୍ୟତ ! ଯାହାର ପ୍ରଭାବ ଆମେ ଭୋଗ କରୁଛେ ଆଜିର ଦିନରେ। ପ୍ରଦୂଷଣ କହିଲେ ସାଧାରଣ ଭାବରେ ପରିବେଶରେ କ୍ଷତିକାରକ ପଦାର୍ଥର ମିଶ୍ରଣ ଏବଂ ଯାହା ଆମର ପ୍ରକୃତି ଏବଂ ଜୀବଜଗତ ପାଇଁ ହାନିକାରକ, ତାହାକୁ ଆମେ ପ୍ରଦୂଷଣ କହିଥାଉ। ଶିଳ୍ପ କ୍ଷେତ୍ର ଗୁଡ଼ିକରୁ ନିର୍ଗତ ବିଷାକ୍ତ ବାଷ୍ପ, ବର୍ଜ୍ୟ ପଦାର୍ଥ ଓ ରାସାୟନିକ ପଦାର୍ଥ ଆଦି ପରିବେଶକୁ ପ୍ରଦୂଷିତ କରନ୍ତି।

ଭାରତରେ ଆମର ବାୟୁ ପ୍ରଦୂଷଣର ମାତ୍ରା କେବଳ ଶିଳ୍ପାୟନ ଦ୍ୱାରା ୩୦% ବୃଦ୍ଧି ପାଉଛି। ୧୯୮୪ ମସିହାରେ ଭୋପାଲ ରେ ହୋଇଥିବା ଗ୍ୟାସ ଦୁର୍ଘଟଣାରେ ୨୫୦୦ ରୁ ଅଧିକ ମାତ୍ରାରେ ମଣିଷ ମୃତ୍ୟୁ ବରଣ କରିଥିଲେ। ଦିଲ୍ଲୀ ସହରରେ ପ୍ରଦୂଷଣର ମାତ୍ରା ବୃଦ୍ଧି ପ୍ରତିବର୍ଷ ଆମେ ଦେଖିବାକୁ ପାଇଥାଉ। କାରଣ ଦିଲ୍ଲୀ ସହରର ଚତୁଃପାଶ୍ୱର୍ରେ ହରିୟାଣା, ଉତ୍ତର ପ୍ରଦେଶ, ରାଜସ୍ଥାନର ଚାଷ ଜମି ଗୁଡ଼ିକରେ ନଡ଼ା ପୋଡ଼ିବା ଦ୍ୱାରା ସେଥିରୁ ଧୂଆଁ ବାହାରି ଦିଲ୍ଲୀ ସହରକୁ ପ୍ରଦୂଷିତ କରୁଚି। ତା ସହିତ ଦିଲ୍ଲୀ ସହର ନିକଟସ୍ଥ ନୋଏଡ଼ା ଅଞ୍ଚଳଟି ସମ୍ପୂର୍ଣ୍ଣ ଭାବରେ ଶିଳ୍ପାଞ୍ଚଳ ଅଟେ। ତେଣୁ ସେଠାରୁ ମଧ୍ୟ ଅନେକ ପ୍ରଦୂଷିତ ଧୂଆଁ ଆଜି ଦିଲ୍ଲୀ ସହରରେ ବାୟୁ ପ୍ରଦୂଷଣ ସୃଷ୍ଟି କରିବାର ଦୃଶ୍ୟ ଦେଖାଯାଏ। ନିକଟରେ ବାୟୁ ଗୁଣବତ୍ତା ସୁଚକାଙ୍କ ଦିଲ୍ଲୀ ସହରରେ ଆମେ ୪୦୦ ଉପରେ ଥିବାର ଦେଖିଥିଲେ। ଉପରୋକ୍ତ କାରଣ ପାଇଁ ଦିଲ୍ଲୀ ସହର ଆଜି ଏହିପରି ଭୟଙ୍କର ବାୟୁ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଚି। ବାୟୁ ପ୍ରଦୂଷଣ ସୃଷ୍ଟି ହୋଇ ତାପମାତ୍ରା ବୃଦ୍ଧି ସହିତ ଜଳବାୟୁ ପରିବର୍ତ୍ତନ ହେଉଚି। ଯେପରିକି କେଉଁଠି ଅଧିକ ମାତ୍ରାରେ ବର୍ଷା ହେଉଚି ତ କେଉଁଠି ବର୍ଷାର ସମ୍ପୂର୍ଣ୍ଣ ଅଭାବ ସୃଷ୍ଟି ହେଉଛି।

ଠିକ୍ ସେହିପରି ଦୃତ ଶିଳ୍ପାୟନ ପାଇଁ ଜଳ ପ୍ରଦୂଷଣ ମଧ୍ୟ ସୃଷ୍ଟି ହୋଇଥାଏ। କାରଖାନା ଗୁଡ଼ିକ ସାଧାରଣ ଭାବରେ ନଦୀ କୂଳ ମାନଙ୍କରେ ଅବସ୍ଥିତ। ତେଣୁ ଉକ୍ତ କାରଖାନା ମାନଙ୍କର ବର୍ଜ୍ୟ ଜଳ ନିକଟତସ୍ଥ ନଦୀ ବା ବିଭିନ୍ନ ଜଳାଶୟ ମାନଙ୍କୁ ଛାଡିଦିଅନ୍ତି। ଯାହା ଫଳରେ ଜଳାଶୟ ଉପରେ ନିର୍ଭର କରୁଥିବା ମଣିଷ ମାନେ ନାନାଦି ରୋଗର ଶିକାର ହେବା ସହ ଜଳାଶୟ ଭିତରେ ଥିବା ଜଳଜ ଉଦ୍ଭିଦ ଏବଂ ପ୍ରାଣୀ ମାନେ ମୃତ୍ୟୁ ବରଣ କରନ୍ତି। ଭାରତରେ ମୁଖ୍ୟତଃ ଜଳ ପ୍ରଦୂଷଣ ୩୦% ରୁ ୪୦% କେବଳ ଶିଳ୍ପାୟନ ଦ୍ୱାରା ଜନ୍ମ ନେଉଛି। କାଗଜ କାରଖାନା ଦ୍ୱାରା ପ୍ରାୟ ୯୦% ପ୍ରଦୂଷଣ ଗଙ୍ଗା ନଦୀରେ ସୃଷ୍ଟି ହୋଇଥାଏ। କ୍ରୋମୀୟମ ଏବଂ ଜୈବ ପ୍ରଦୂଷକ ଗୁଡ଼ିକ ଚମଡ଼ା ଶିଳ୍ପ ଦ୍ୱାରା ସୃଷ୍ଟି ହୋଇ କାନପୁରରେ ଥିବା ଗଙ୍ଗାନଦୀ ଏବଂ ଦିଲ୍ଲୀ ନିକଟରେ ଥିବା ଯମୁନା ନଦୀରେ ମିଶିଥାଏ। ମୃତ୍ତିକା ବା ମାଟିର ଭୂମିକା ସମଗ୍ର ଜୀବଜଗତ ତିଷ୍ଠି ରହିବା ପାଇଁ ଅତ୍ୟନ୍ତ ଆବଶ୍ୟକ। ବିନା ମାଟିରେ କୌଣସି ଫସଲ ହୋଇ ପାରିବ ନାହିଁ। ଦୃତ ଶିଳ୍ପାୟନ ଦ୍ୱାରା ଦିନକୁ ଦିନ ଚାଷ ଜମି ଗୁଡ଼ିକ ନଷ୍ଟ ହେବା ସହିତ ଜମି ଗୁଡ଼ିକ ବର୍ତ୍ତମାନ କଂକ୍ରିଟରେ ପରିଣତ ହେଲାଣି। ଉକ୍ତ ପ୍ରଦୂଷଣ ବର୍ତ୍ତମାନ ଏକ ଗମ୍ଭିର ସମସ୍ୟା ସୃଷ୍ଟି କରିଛି। ମୁଖ୍ୟତଃ ଶିଳ୍ପାୟନ ବୃଦ୍ଧି ହେବା ଫଳରେ ମାଟିର ଉର୍ବରତା ହ୍ରାସ ପାଇବାକୁ ବସିଲାଣି। ଚାଷ ଜମି ମାନଙ୍କରେ ଅତିରିକ୍ତ ସାର ଏବଂ କୀଟ ନାଶକ ବ୍ଯବହାର ହୋଇ ଚାଷ ଜମି ବର୍ତ୍ତମାନ ଅନୁର୍ବର ପ୍ରାୟ। ବହୁଳ କାରଖାନା ମାନଙ୍କରୁ ନିର୍ଗତ ବର୍ଜ୍ୟ ପଦାର୍ଥ ଯେପରିକି ସୀସା, ପାରଦ, କାଡମିଅମ ଆଦି ପଡ଼ିବା ଦ୍ୱାରା ମୃତ୍ତିକାର ଉତ୍ତମ ଗୁଣ ନଷ୍ଟ ହୁଏ। ରାସାୟନିକ କାରଖାନା, ତୈଳ ବିଶୋଧନାଗାର ଏବଂ ଔଷଧ ଶିଳ୍ପ କେନ୍ଦ୍ର ଗୁଡ଼ିକରୁ ନିର୍ଗତ ବିଷାକ୍ତ ଦ୍ରବ୍ୟ ମାଟିରେ ମିଶି ହାଇଡ୍ରୋଜେନର ସମ୍ଭାବ୍ୟତା ମାତ୍ରା କମ୍ କରେ।

ଶିଳ୍ପାନୁଷ୍ଠାନ ମାନଙ୍କରୁ ନିର୍ଗତ ଧୂଆଁର ଦିଗରେ ଧ୍ୟାନ ଦେବା ଉଚିତ, ଯେପରି ବିଷାକ୍ତ ଧୂଆଁ ଜନବସତି ଅଞ୍ଚଳକୁ ନଯାଏ। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସ୍ଥାନରେ ଶିଳ୍ପାନୁଷ୍ଠାନଗୁଡ଼ିକ ରହିବା ମଙ୍ଗଳପ୍ରଦ। କାରଖାନା ମାନଙ୍କରୁ ବାହାରୁଥିବା ଆବର୍ଜନା ସଠିକ୍ ରୂପେ ପରିଚାଳନା ହେବା ଫଳରେ ପରିବେଶ ସୁରକ୍ଷା ପାଇପାରିବ। ପ୍ଲାଷ୍ଟିକ ପ୍ରଦୂଷଣ ଗୁଡ଼ିକୁ ପୁନଃ ପ୍ରକ୍ରିୟାକରଣ କଲେ ଜୀବଜଗତ ପାଇଁ ଭଲ। ସବୁଠାରୁ ମୁଖ୍ୟ କର୍ମ ହେଉଚି ବର୍ତ୍ତମାନ ସମୟରେ ବୃକ୍ଷ ରୋପଣ କରିବା। ଯାହା ଦ୍ୱାରା ଆମେ ଏବଂ ଆମର ପରିବେଶ ସୁରକ୍ଷା ପାଇବା ସହିତ ସୁସ୍ଥ ଜଳବାୟୁ ପାଇପାରିବା। ମଣିଷ ଯଦି ଶିଳ୍ପାୟନ ଦ୍ୱାରା କେବଳ ନିଜର ସ୍ୱାର୍ଥକୁ ଉନ୍ନତି ପାଇଁ ଲକ୍ଷ କରିବ ତେବେ ଆମର ଭବିଷ୍ୟତ ଏବଂ ଆମ ଆଗାମୀ ପଢ଼ି ବଞ୍ଚିବାରେ କଷ୍ଟକର ପରିସ୍ଥିତି ସୃଷ୍ଟି ହେବ। ତେଣୁ ବର୍ତ୍ତମାନ ମଧ୍ୟ ସମୟ ରହିଛି ଆମେ ଆମ ପରିବେଶକୁ ନିଶ୍ଚିତ ଭାବରେ ବଞ୍ଚାଇ ପାରିବା ଆମର ଉପଯୁକ୍ତ ପ୍ରଚେଷ୍ଟା ଏବଂ ଜ୍ଞାନ ବଳରେ, ଏହା ନିଃସନ୍ଦେହ।

ବୀରନରସିଂହପୁର, ପୁରୀ
ମୋବାଇଲ:୯୦୪୦୩୫୦୦୮୯

# ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ



ଆଶୁତୋଷ ନାୟକ

ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଅଖିଳବ୍ରହ୍ମାଣ୍ଡ ସ୍ୱାମୀ ସାରା ବିଶ୍ୱବାସୀ ତଥା ଅସଂଖ୍ୟ କୀଟପତଙ୍ଗ, ପଶୁପକ୍ଷୀଙ୍କ ହର୍ତ୍ତାକର୍ତ୍ତା, ଦଇବ ବିଧାତା ମହାପ୍ରଭୁ ଅନାଥର ନାଥ, ଦୀନବନ୍ଧୁ, ଜଗତର ନାଥ ଜଗନ୍ନାଥଙ୍କ ମହିମା ବର୍ଣନା କରିବା ଆମ ପରି ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବଙ୍କୁ ମହାପ୍ରଭୁ କାଳିଆ ସାଆନ୍ତ ଲୀଳା ଅବର୍ଣ୍ଣନୀୟ।ସେ ନିଜେ ହିଁ ନିଜର ସ୍ରଷ୍ଟା ନା ତାଙ୍କର ଆଦି ଅଛି ନା ତାଙ୍କର ଅନ୍ତ ଅଛି। ମହାପ୍ରଭୁ କେତେବେଳେ କାହା ମାଧ୍ୟମରେ କେଉଁ ରୂପରେ କାହାକୁ ସାହାଯ୍ୟ କରିବେ ଏହା କେବଳ ତାଙ୍କୁ ହିଁ ଜଣା।ତାଙ୍କର ବିନା ଇଙ୍ଗିତରେ ଗଛର ପତ୍ରବି ହଲିନଥାଏଙ୍କୁ।ସେଥିପାଇଁ ମହାଭାରତ ଯୋଦ୍ଧରେ ଅର୍ଜୁନଙ୍କ ରଥର ସାରଥୀ ସାଜି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମୋହଗସ୍ତ ଅର୍ଜୁନ ବୁଝାଇ କହିଛନ୍ତି 'କରି କରାଉ ଥାଏ ମୋହି ମୋ ବିନୁ ଅନ୍ୟ ଗତିନାହିଁ 'ଙ୍କୁ।ଏହାର ଅର୍ଥ ଏ ବିଶ୍ୱବ୍ରହ୍ମାଣ୍ଡରେ ଆମେ ଯାହାବି କର୍ମ କରିଥାଉ ସେଥିରେ ଭଗବାନଙ୍କ କିଛି ମହତ ଉଦେଶ୍ୟ ରହିଥାଏ। ମନୁଷ୍ୟ ନିଜର କର୍ମ ଅନୁସାରେ ଫଳ ଭୋଗିଥାଏ। ମନୁଷ୍ୟ ନିଜର ଇଛା ଅନୁସାରେ କିଛି ବି କର୍ମ କରିବା ଅସମ୍ଭବ। ମହାପ୍ରଭୁ ଚକାଡୋଳାଙ୍କ କୃପା ବିନା କୌଣସି କାଯ୍ୟ ସଫଳ ହୋଇନଥାଏ।କିନ୍ତୁ ଏକବିଂଶ ଶତାବ୍ଦୀର କିଛି ମନୁଷ୍ୟ ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତି, ମାନ, ପ୍ରତିଷ୍ଠା ଅର୍ଜନ କରି ଅହଂକାରରେ ବଶବର୍ତ୍ତୀ ହୋଇ ଅନ୍ୟାୟ, ଅନୀତି, ଦୁର୍ନୀତିରେ ଲିପ୍ତ ରହେ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବାରମ୍ବାର ପ୍ରଶ୍ନ ଚିହ୍ନ ଲଗାଇଥାଏ।

ନିଜର ଅହମିକା ତଥା ଅହଂକାର ବଶବର୍ତ୍ତୀ ହୋଇ ମନୁଷ୍ୟ ନିଜକୁ ସର୍ବଶକ୍ତିମାନ, ମହାଜ୍ଞାନୀ ମନେକରୁଛି। ଅର୍ଥକୁ ନିଜର ପ୍ରଧାନ ଅସ୍ତ୍ର ଭାବିନେଇଛି ଏବଂ ଅର୍ଥ ବଳରେ ବଳିୟାନ ହୋଇ ଜୀବନରେ ସବୁକିଛି ପାଇଯିବ ଏହା ମନୁଷ୍ୟ ଭାବି ନେଇଛିଙ୍କୁ ବସ୍ତୁବାଦୀ କଳିଯୁଗର ମନୁଷ୍ୟ ପକ୍ଷେ ସ୍ନେହ, ପ୍ରେମ, ମମତା, ଆବିଳତା, ନମ୍ରତା, ଉଦାରତା, ସରଳତା ପରି ମହନୀୟ ଗୁଣ ଆଶା କରିବା ଶଇତାନର ବେଦ ପାଠ ସଦୃଶ। ସାମାନ୍ୟ ସମ୍ପତ୍ତି ଆଉ କିଛି ଟଙ୍କା ପାଇଁ ନିଜର ଜନ୍ମଦାତା ତଥା ଜନ୍ମଦାତ୍ରୀ ଙ୍କୁ ହତ୍ୟା କରିବାକୁ ମଧ୍ୟ ପଛାଏ ନାହିଁ ଆଜିର ସ୍ୱାର୍ଥପର ମନୁଷ୍ୟ। ବସ୍ତୁବାଦୀ ମନୁଷ୍ୟ ରଙ୍ଗୀନ ଦୁନିଆର ମାୟାଜାଲରେ ଛନ୍ଦି ହୋଇ ନିଜର ତଥା ନିଜ ପରିବାର, ପତ୍ନୀ, ସନ୍ତାନ, ବନ୍ଧୁ, ପରିଜନକୁ ନିଜର ମନେକରୁଛି ଏବଂ ଈଶ୍ୱରଙ୍କ ଠାରୁ ଦୁରେଇଯାଉଛି। ଈଶ୍ୱରଙ୍କ ଆରାଧନା କରିବା, ପ୍ରାର୍ଥନା କରିବା, ଆଜିର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ପାଖରେ ସମୟ ନାହିଁକିନ୍ତୁ ମାଦକଦ୍ରବ୍ୟ, ନିଶା ସେବନ କରିବା ପାଇଁ ତା ପାଖରେ ଯଥେଷ୍ଟ ସମୟ ଅଛି। ଆଜିର ସ୍ୱାର୍ଥପର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ନିଜର ବନ୍ଧୁ, ପରିଜନ, ପତ୍ନୀ, ସନ୍ତାନ, ଆତ୍ମୟସ୍ୱଜନକୁ ନିଜର ପ୍ରାଣଠାରୁ ଅଧିକ ଭଲପାଏ ଏବଂ ସେମାନଙ୍କୁ ଅତି ନିଜର ମନେକରେଙ୍କୁ ସେଇମାନେ ବିପଦ ସମୟରେ ହାତଛାଡି ଦିଅନ୍ତି ଯେତେବେଳେ ସେମାନଙ୍କ ସ୍ୱାର୍ଥରେ ବାଧା ଆସେ।ସେମାନେ ହତ୍ୟା କରିବାକୁ ମଧ୍ୟ ପଛାନ୍ତି ନାହିଁଙ୍କୁ ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି 'ସମ୍ପଦ ବେଳେ ସର୍ବେ ଶାଖୀ ବିପଦେ ନଦିଅନ୍ତି ଦେଖା'. 'ମିଛ ମାୟା ସଂସାର ଏଠି କେହି ନୁହେଁ କାହାର ଏକା ଚକାଆଖି ନିଜର।

ଦ୍ୱାପର ଯୁଗ ସମୟରେ ପାଣ୍ଡବମାନେ କୌରବଙ୍କ ଠାରୁ ଜୁଆ ଖେଳରେ ହାରିବା ପରେ କୁରୁସଭା ସ୍ଥଳରେ କୌରବମାନେ ଯେପରି ଦ୍ରୌପଦୀଙ୍କ ବସ୍ତ୍ରହରଣ କଲେ ସେତେବେଳେ ଦ୍ରୌପଦୀ ସମସ୍ତଙ୍କୁ ସହାୟତା ପାଇଁ ଆକୁଳ ନିବେଦନ କଲେ ହେଲେ ଗଙ୍ଗା ପୁତ୍ର ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି ଗୁରୁ ଦ୍ରୋଣାଚାର୍ଯ୍ୟ, ପଞ୍ଚପାଣ୍ଡବ, ଧୃତରାଷ୍ଟ୍ର ପ୍ରଯ୍ୟନ୍ତ ସମସ୍ତେ ନିରବ ରହିଲେ କେହି ଜଣେ ହେଲେ ବି ଏ ଅନ୍ୟାୟର ପ୍ରତିବାଦ କଲେନାହିଁ।ସେତେବେଳେ ନିରୁପାୟ ହୋଇ ଦ୍ରୌପଦୀ ସମ୍ପୂର୍ଣ୍ଣ ସମର୍ପିତ ଭାବରେ 'ବାସୁଦେବ ଶ୍ରୀକୃଷ୍ଣ ମୋର ଲଜ୍ୟା ନିବାରଣ କରନ୍ତୁ ବୋଲି ଆକୁଳ ନିବେଦନ କଲେ ସେତେବେଳେ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଦ୍ରୌପଦୀ ଙ୍କ ଲଜ୍ୟା ନିବାରଣ କଲେ। ଚାରିଯୁଗରେ ମହାପ୍ରଭୁ କାଳିଆ ସାଆନ୍ତ ମାନବ ସମାଜକୁ ଈଶ୍ୱରୀୟ ବାର୍ତ୍ତା ପ୍ରଦାନ କରିଛନ୍ତି।ଭକ୍ତର ମାନକୁ ସର୍ବାଗ୍ରେ ରଖିବା ପାଇଁ କେତେ ନିନ୍ଦା, ଅପମାନ, ତିରସ୍କାର, ମାଡ଼ ଭି ସହିଛନ୍ତି ପୁଣି କେତେବେଳେ ଅର୍ଜୁନଙ୍କ ରଥରେ ସାରଥୀ ସାଜିଛନ୍ତି, ଶୂଦ୍ର ଜାତିରେ ଜନ୍ମ ହେଇଥିବା ଶବରୀର ଅଇଠା ଖାଇବାରେ କୌଣସି ସଂକୋଚ ପ୍ରକାଶ କରିନାହାନ୍ତି ଏବଂ ବାଲ୍ୟସଖା ସୁଦାମାକୁ ଭେଟ କରିବା ପାଇଁ ରାଜସିଂହାସନ ଛାଡି ନିଜେ ରାଜା ହୋଇ ଖାଲି ପାଦରେ ବିନା ସୈନ୍ୟସାମନ୍ତରେ ଦିନହୀନ ସୁଦାମାଙ୍କ କାଳବିଳମ୍ବ ନକରି ପହଞ୍ଚିଯାଇଥିଲେ ଏବଂ ସେ ଆଣିଥିବା ଖୁଦଭଜା ଅତି ଆନନ୍ଦରେ ସେବନ କରିଥିଲେ।ସେଥିପାଇଁ ଭଗବାନ ସଦାସର୍ବଦା ନିଜର ଭକ୍ତକୁ ଖୁସି କରେଇବା ପାଇଁ ସବୁକିଛି କରନ୍ତି ସେଥିପାଇଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ଅନ୍ୟନାମ କୃପାସିନ୍ଧୁ।

ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ତିରସ୍କାର, ନିନ୍ଦା, ଅପମାନ ସହ୍ୟ କରନ୍ତି କିନ୍ତୁ କାହାରି ଅହମିକା, ଅହଂକାର ସହ୍ୟ କରିପାରନ୍ତି ନାହିଁ।ସେଥିପାଇଁ କୁହାଯାଏ 'ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାରେ ଅନେକ ସାଧାରଣ ମନୁଷ୍ୟକୁ ଆଚମ୍ବିତ କଲା ପରି ଘଟଣାମାନ ଘଟିବାରେ ଅନେକ ପ୍ରମାଣ ମିଳେ।ଭକ୍ତର ମାନ ରକ୍ଷା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିଛନ୍ତି ତ ଆଉ କେତେବେଳେ ଭକ୍ତର ଭୋକ ଦୂରପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ପ୍ରଦାନ କରିଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କ ହାତରୁ ଦୂରରେ ଥାଇ ଏବଂ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଶ୍ରଦ୍ଧା ପୂର୍ବକ ଗ୍ରହଣ କରିଛନ୍ତି ବଡ଼ଠାକୁର କାଳିଆ ସାଆନ୍ତ ନିଜର ମହାବାହୁ ବଢ଼ାଇ। ଗୀତଗୋବିନ୍ଦ ଶୁଣିବା ପାଇଁ ସୁଦୂର ପଲ୍ଲୀରେ ବାଇଗଣ ତୋଳୁଥିବା ଅବସ୍ଥାରେ ଗୀତଗୋବିନ୍ଦ ବୋଲୁଥିବା ବୁଢ଼ୀର ବାଇଗଣ କିଆରୀରେ ହାଜର ହୋଇଛନ୍ତି।ଇନ୍ଦ୍ରଙ୍କ ପରି ଦେବତାଙ୍କ ଠାରୁ ଆରମ୍ଭ କରି ମହାମୁନି ନାରଦ ପ୍ରଯ୍ୟନ୍ତ ଅନେକଙ୍କ ଅହଂକାରକୁ ଭଙ୍ଗ କରିଛନ୍ତି ମହାପ୍ରଭୁ କାଳିଆ ଠାକୁର।ଗର୍ବୀର ଗର୍ବ ଚୂର୍ଣ୍ଣ ପାଇଁ କେତେବେଳେ ଅଟକି ରହନ୍ତି ସେ ମହାପ୍ରଭୁ ରଥ ଉପରେ।କେତେବେଳେ ଭକ୍ତ ହାତରେ ସ୍ୱର୍ଶ ପାଇଁ ମାନ ଭାଙ୍ଗନ୍ତି 'ମାନଗୋବିନ୍ଦ '।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଲୀଳା ବୁଝିବା ଆମ ପରି ସାଧାରଣ ଆଜ୍ଞାନୀ ମନୁଷ୍ୟ ପାଖେ ଅସମ୍ଭବ। ସେ ଭାବର ନିକଟ, ଅଭାବକୁ ଦୂରାଇଏ ତାଙ୍କୁ ଯେପରି ଭାବରେ ଆରାଧନା, , ଶ୍ରଦ୍ଧା କରିଛି ସେପରି ତାଙ୍କୁ ପାଇଛି। ଯିଏ ତାଙ୍କୁ ଯେଉଁ ରୂପରେ (ନିଜର ଇଷ୍ଟ ଭାବରେ ଦେଖିବାକୁ ଚାହିଁଛି ସେ ସେହି ରୂପରେ ଦେଖିବାକୁ ପାଇଛି।ସିଏ ପରା ଭାବଗ୍ରାହୀ, କରୁଣାସିନ୍ଧୁ, ଅନାଥ ର ନାଥ ଦୀନବନ୍ଧୁ କାଳିଆ ଠାକୁର ଜଗତ ର ନାଥ ଜଗନ୍ନାଥ।

ସାଲବେଗ ଯୁବକ ଅବସ୍ଥାରେ ଏକଦା ଭୀଷଣ ଭାବରେ କ୍ଷତାକ୍ତ ଓ ପୀଡିତ ହୋଇଥିଲେ।ଯେତେ ମେଡ଼ିସିନ ଲଗାଇଲେ ମଧ୍ୟ କ୍ଷତର ଉପଶମ ହେଲାନାହିଁ।ନିଜ ମାଙ୍କ ପରାମର୍ଶ କ୍ରମେ ବୃନ୍ଦାବନ ବିହାରୀ ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରି ବ୍ୟାଧିମୁକ୍ତ ହୋଇଥିଲେ। ଶ୍ରୀକୃଷ୍ଣଙ୍କ କରୁଣାରୁ ମୃତ୍ୟୁମୁଖରୁ ରକ୍ଷା ପାଇଥିବାରୁ ନିଜର ସମଗ୍ର ଜୀବନ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସମର୍ପଣ ପୂର୍ବକ ସନ୍ୟାସୀ ଜୀବନଯାପନ କରିବାକୁ ପ୍ରତିଜ୍ଞା କରିଥିଲେ।ତେଣୁ ସେ ଗାଇ ଉଠିଥିଲେ 'ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ ଦର୍ଶନ କରିବି ଯାଇ ଶ୍ରୀ ମଧୁସୂଦନ '। ଏ କଳିଯୁଗରେ ବିଶ୍ୱର ସର୍ବଶ୍ରେଷ୍ଠ ଜୀବନ୍ତ ଦେବତା ଦାରୁବ୍ରହ୍ମ ଜଗତର ନାଥ ପରମବ୍ରହ୍ମ ବଡ଼ ଠାକୁର ଜଗନ୍ନାଥ। ତାଙ୍କ ଲୀଳା ଅତ୍ୟନ୍ତ ଚମତ୍କାର ଏବଂ ରହସ୍ୟମୟ।ଆମ ପରି ସାଧାରଣ ମନୁଷ୍ୟ ତାଙ୍କ ଲୀଳା କୁ ବୁଝିବା ଅସମ୍ଭବ। ସେ ସୃଷ୍ଟିକର୍ତ୍ତା, ପ୍ରାଣଦାତା, ଏ ଅଖିଳବ୍ରହ୍ମାଣ୍ଡର ରକ୍ଷାକର୍ତ୍ତା, ହର୍ତ୍ତାକର୍ତ୍ତା, ଜଗତର ଜମିଦାର ଆମେ ତାଙ୍କର ପ୍ରଜା। ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା।ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର। ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ ସେ ଅନାଦି ସେ ଅଶେଷ।ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ। ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ। ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ। ସେ ଅରୂପ ପୁଣି ସ୍ୱରୂପ। ସେ ନିର୍ଗୁଣ ପୁଣି ସଗୁଣ।

ବହୁ ରୂପରେ ତାଙ୍କର ପରିକଳ୍ପନା। ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ।ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ। ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ। ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେଙ୍କୁ ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ। ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ। ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି। ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ। ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର, ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ, ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି ), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ। ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ।

ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର, ଶିବ ବା ଶୁଭର ସୂଚନା।ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ।କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି। ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ। ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ। ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ। ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ। ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ।ସମସ୍ତଙ୍କ ଦୁଃଖ ବୁଝନ୍ତି ସେ। ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ, ନିରାଶୟ, ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ। ଜାତିବର୍ଣ୍ଣ, ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ। ସେହ୍ନ, ପ୍ରେମ, ଭାତୃତ୍ୱ, ବଳିଦାନ, ଭଲପାଇବା, ମାନବିକତା, ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ। ଯେଉଁଠି ସ୍ୱାର୍ଥପର ଅହଂକାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା, ଜନ୍ମଦାତ୍ରୀ ମାତା, ବନ୍ଧୁ, ପରିଜନକୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ। ନିଜର ମାନ, ଅଭିମାନ, ରାଗ, ହିଂସା, କ୍ରୋଧ, ଘୃଣା ଭାବକୁ ପରିତ୍ୟାଗ କରି 'ମଣିଷପଣିଆ 'ହିଁ ସର୍ବଶ୍ରେଷ୍ଠ ଏହାକୁ ସମଗ୍ର ମାନବଜାତି ଅନୁଭବ କରିବାର ସମୟ ଆସିଛି।ଏହାକୁ ବୁଝିବାକୁ ହେବ ଯେ ନିୟତିର ନିଷ୍ଠୁରି ନିକଟରେ ସମଗ୍ର ମାନବଜାତି ଦୁର୍ବଳ ଏବଂ ଅସହାୟ। ଆମକୁ ନିଜର ଅହଂକାର ପରିତ୍ୟାଗ କରିବାକୁ ପଡ଼ିବ। ମହାପ୍ରଭୁ କାଳିଆ ସାଆନ୍ତଙ୍କ ଚରଣାଶ୍ରିତ ଏବଂ ଏବଂ ନତମସ୍ତକ ହେବାକୁ ପଡ଼ିବ। ମହାପ୍ରଭୁ ଅନାଥର ନାଥ କାଳିଆ ସାଆନ୍ତଙ୍କ ବିନା ସମଗ୍ର ମାନବଜାତିର ପରିକଳ୍ପନା କରିବା ଅସମ୍ଭବ ଏହାକୁ ବିଶ୍ୱବ୍ରହ୍ମାଣ୍ଡରେ କେହି ଭି ଅସ୍ୱୀକାର କରିପାରିବେ ନାହିଁ।

ଗୋପାଳପୁର, ବାଲେଶ୍ୱର
ମୋବାଇଲ:୭୦୨୦୬୧୧୩୦୦

# ଶ୍ରୀକ୍ଷେତ୍ର ପୁରୀର ଶରଧାବାଲି



ସନ୍ତୋଷ କୁମାର ଦାଶ

ଶରଧାବାଲି ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡ ର ଅଂଶ ବିଶେଷ। ପୁରାତନ କାଳରେ ଶ୍ରୀକ୍ଷେତ୍ର ପୁରୀ ରେ ପ୍ରବାହିତ ହେଉଥିବା ମାଳିନୀ ନଦୀକୁ ପୋତି ଗୁଣ୍ଡିଚା ମନ୍ଦିର ଏବଂ ଜଗନ୍ନାଥ ମନ୍ଦିର କୁ ଏକ ସିଧା ରାସ୍ତା ସଂଯୋଗ ସକାଶେ ବାଲି ପକାଇ ପୂର୍ଣ୍ଣ କରାଯାଇଥିଲା। ସେହି ସ୍ଥାନକୁ ଶରଧାବାଲି କୁହାଯାଉଥିଲା। ତ୍ରୟୋଦଶ ଶତାବ୍ଦୀ ରେ ପୁରୀ ର ଗଜପତି ଥିଲେ ଭାନୁଦେବ ଏବଂ ମହାରାଣୀ ଙ୍କ ନାମ ଥିଲା ଶ୍ରଦ୍ଧା ଦେବୀ। କିମ୍ବଦନ୍ତୀ କୁହେ ଇନ୍ଦ୍ରଦ୍ୟୁମ୍ନ ରାଜା ସ୍ୱପ୍ନାଦେଶ ପାଇ ସମୁଦ୍ରରୁ ମହା ଦାରୁ ସଂଗ୍ରହ କରି ଆଣି ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପ୍ରତିମା ନିର୍ମାଣ କରିଥିଲେ।ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିର ନିର୍ମାଣ କରାଇ ତିନିଠାକୁରଙ୍କୁ ସିଂହାସନ ରେ ବସାଇ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ସେତେବେଳେ ପୁରୀ ସହରକୁ ତିନୋଟି ଛୋଟ ଛୋଟ ନଦୀ ଘେରି ରହିଥିଲେ। ସେଥିରୁ ମାଳିନୀ ନାମକ ନଦୀଟି ବାଙ୍କି ମୁହାଣ ଠାରେ ସମୁଦ୍ରରେ ମିଶିଥିଲା। ତେଣୁ ମାଳିନୀ ନଦୀ ଦ୍ୱାରା ବଡ଼ଦାଣ୍ଡ ଦୁଇଭାଗରେ ବିଭକ୍ତ ହୋଇଥିଲା। ଫଳରେ ଗୁଣ୍ଡିଚା ମନ୍ଦିରକୁ ଶ୍ରୀମନ୍ଦିର ସହିତ ସିଧା ସଂଯୋଗ ହୋଇ ପାରୁନଥିଲା। ଇନ୍ଦ୍ରଦ୍ୟୁମ୍ନ ରାଜା ପ୍ରଥମେ ତିନୋଟି ରଥ ନିର୍ମାଣ କରି ଠାକୁରମାନଙ୍କୁ ନେଇ ମାଳିନୀ ନଦୀକୂଳକୁ ନେଲେ। ନଦୀରେ ତିନୋଟି ବଡ଼ ଡଙ୍ଗାରେ ପ୍ରତିମାମାନଙ୍କୁ ପାରିକରି ଶ୍ରୀମନ୍ଦିର ପାର୍ଶ୍ୱକୁ ନେଲେ। ଏପଟେ ନଦୀ କୂଳ ରୁ ଆଉ ତିନୋଟି ରଥ ନିର୍ମାଣ କରି ଶ୍ରୀମନ୍ଦିରକୁ ନେଇ ପ୍ରତିଷ୍ଠା କରିଥିଲେ। ସେହି ସମୟ ଠାରୁ ରଥଯାତ୍ରାର ସୃଷ୍ଟି ହୋଇଛି ବୋଲି ଅନେକ ମତ ଦିଅନ୍ତି। ଏହା ଥିଲା ଠାକୁରଙ୍କ ଜନ୍ମବେଦୀରୁ ଶ୍ରୀମନ୍ଦିର କୁ ପ୍ରଥମ ରଥଯାତ୍ରା। ଏହା ପରେ ପ୍ରଭୁ ନିଜେ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କୁ କହିଲେ, ସବୁବର୍ଷ ତାଙ୍କର ଜନ୍ମସ୍ଥାନ ବା ଆଡ଼ପ ମଣ୍ଡପକୁ ଯିବାକୁ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟାରେ ତାଙ୍କର ରଥଯାତ୍ରା କରିବାକୁ। ଇନ୍ଦ୍ରଦ୍ୟୁମ୍ନଙ୍କ ଶାସନ କାଳରୁ ଆଜିଯାଏ ସେହିପରି ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଅଛି। ସେତେବେଳେ ଆଜି ଭଳି ରାସ୍ତାଘାଟର ସୁବିଧା ନଥିଲା। ତେଣୁ ବାଲି ମାଟିରେ ରଥ ଟାଣିବା ବହୁତ କଷ୍ଟ ହେଉଥିଲା। ରାଜା ଅଶ୍ୱ, ଗଜ ଓ କଳା ବେଠିଆ ମାନଙ୍କୁ ଲଗାଇ ରଥ ଟାଣୁଥିଲେ। ଛଅଟି ରଥ ତିଆରି କରି ରଥଯାତ୍ରା କରିବା ବହୁତ କଷ୍ଟସାଧ୍ୟ ହେଉଥିଲା। ଏଥିପାଇଁ ନବଦିନାତ୍ମକ ଯାତ୍ରା ଅନୁଷ୍ଠିତ ହେବାକୁ ମାସରୁ ଉର୍ଦ୍ଧ୍ୱ ସମୟ ଲାଗୁଥିଲା।ଏହିପରି ଅସୁବିଧାକୁ ଦେଖି ମହାରାଣୀ ଶ୍ରଦ୍ଧାଦେବୀଙ୍କ ଏକ ଚିନ୍ତା ଆସିଲା। ସେ ଗଜପତି ମହାରାଜାଙ୍କୁ କହିଲେ ଆମର ରଥଯାତ୍ରା କରିବାକୁ ଏତେ ଅସୁବିଧା ହେଉଛି। ତେଣୁ ତୁମେ ଯଦି ମାଳିନୀ ନଦୀକୁ ପୋତି ଦିଅନ୍ତ ତେବେ ତିନୋଟି ରଥ ସିଧା ଗୁଣ୍ଡିଚା ମନ୍ଦିରକୁ ଯାଇ ପାରନ୍ତା। ଭାନୁଦେବ ଏକଥା ଶୁଣି ହସିକରି କହିଲେ, ତୁମର ମୁଣ୍ଡ ଖରାପ ହେଲାଣି ନା କ'ଣ ? ନଦୀ ପୋତିବା କ'ଣ ଏତେ ସହଜ ? ରାଣୀ କହିଲେ ଭଣ୍ଡାରରୁ ମୋତେ କିଛି ଅର୍ଥ ଦିଅନ୍ତୁ ମୁଁ ଯାଇ ବାଲି ପକାଇ ନଦୀ ପୋତା କାର୍ଯ୍ୟ ଆରମ୍ଭ କରିବି। ତଥାପି ରାଜା ମହାରାଣୀ ଙ୍କ କଥାକୁ ବିଶ୍ୱାସ କରିପାରିଲେ ନାହିଁ। ଶେଷରେ ରାଣୀ କହିଲେ ଆମେ ପୋତିବା କାର୍ଯ୍ୟ ଆରମ୍ଭ କରିଦେଲେ ଆମର ପରପିଢ଼ି କେହି କେବେ ତ ଏ କାର୍ଯ୍ୟ ସଂପାଦନ କରିପାରିବେ। ତେଣୁ ଏହି କାର୍ଯ୍ୟଟି କରିବା ଦାୟିତ୍ୱ ମୋତେ ଦିଅନ୍ତୁ। ଶେଷରେ ରାଣୀଙ୍କ କଥାରେ ଗଜପତି ସମ୍ମତ ହୋଇ ବାଲି ପକାଇ ନଦୀ ପୋତା କାର୍ଯ୍ୟ ଆରମ୍ଭ କରିଦେଲେ। ଭଗବାନଙ୍କର ଏ ଥିଲା ଏକ ବିଚିତ୍ର ଲୀଳା। ଚାହୁଁ ଚାହୁଁ ସେହି ବର୍ଷ ରଥଯାତ୍ରା ପୂର୍ବରୁ ମାଳିନୀ ନଦୀଟି ବାଲିରେ ପୋତି ହୋଇଗଲା। ଗଜପତି ଆଶ୍ଚର୍ଯ୍ୟ ହୋଇଗଲେ।ଫଳରେ ଶ୍ରୀମନ୍ଦିର ରୁ ଶ୍ରୀଗୁଣ୍ଡିଚା ମନ୍ଦିର ଯାଏ ଗୋଟିଏ ବଡ଼ଦାଣ୍ଡ ହୋଇପାରିଲା। ଛଅଟି ରଥ ପରିବର୍ତ୍ତେ ତିନୋଟି ରଥରେ ଠାକୁରଙ୍କର ଘୋଷଯାତ୍ରା ଅନୁଷ୍ଠିତ ହୋଇପାରିଲା। ଗଜପତି ବହୁତ ଖୁସି ହୋଇଗଲେ। ମହାରାଣୀ ଶ୍ରଦ୍ଧାଦେବୀଙ୍କଦ୍ୱାରା ବାଲି ପୋତାଯାଇ ଏଭଳି ଏକ ଅସମ୍ଭବ କାର୍ଯ୍ୟ ହୋଇ ପାରିଥିବାରୁ, ଗଜପତି ଖୁସିହୋଇ ମହାରାଣୀଙ୍କ ନାମ ଶ୍ରଦ୍ଧା ସହିତ ବାଲିକୁ ଯୋଡ଼ି ଦେଇ ସେହି ସ୍ଥାନଟିର ନାମ ରଖିଲେ 'ଶ୍ରଦ୍ଧାବାଲି'। କାଳକ୍ରମେ ଶ୍ରଦ୍ଧା ଶବ୍ଦର ଉଚ୍ଚାରଣ ଶରଧା ହୋଇ ନାମ ହୋଇଗଲା 'ଶରଧାବାଲି'। ଏହି ରାସ୍ତା ଦେଇ ଠାକୁର ମାନଙ୍କ ରଥ ଟଣା ହୋଇ ଯାଉଥିବାରୁ ବଡ଼ଦାଣ୍ଡ ର ଶରଧାବାଲି କୁ ଭକ୍ତ ମାନେ ମୁଣ୍ଡିଆ ମାରିବାକୁ ଆଉ ଏହି ଶରଧାବାଲି କୁ ଭକ୍ତି ରେ ଦେହ ସାରା ବୋଳି ଶ୍ରୀ ଜଗନ୍ନାଥ ଙ୍କ ପ୍ରତ୍ୟେକ୍ଷ ସ୍ପର୍ଶ ର ଅନୁଭବ କଲେ। ଶରଧାବାଲି ଶ୍ରୀକ୍ଷେତ୍ର ପୁରୀ ର ଏକ ପବିତ୍ର ସ୍ଥାନ ପାଲଟିଗଲା। ସମୟ ର ପରିବର୍ତ୍ତନ ହେଲା। ବାଲି ରାସ୍ତା ଆଜି ପିଚୁ ହୋଇଛି। ସେହି ପିଚୁ ସଡ଼କ ଉପରେ ଠାକୁର ମାନଙ୍କ ରଥ ଟଣା ହେଉଛି। ତେବେ ବି ଶରଧାବାଲି ର ପବିତ୍ରତା କୁ ଭକ୍ତ ମାନେ ଭୂଲି ପାରି ନାହାଁନ୍ତି। ବର୍ଷ ସାରା ଶ୍ରୀ କ୍ଷେତ୍ର ପୁରୀ କୁ ଆସୁଥିବା ଭକ୍ତ ମାନେ ସେହି ପିଚୁ ସଡ଼କ ବଡ଼ଦାଣ୍ଡ ର କୋଣ ଅନୁକୋଣରେ ପଡ଼ିଥିବା ସ୍ୱଳ୍ପ ପରିମାଣ ର ବାଲି କୁ ଭକ୍ତ ମାନେ ମୁଣ୍ଡରେ ବୋଳି ଶରଧାବାଲି ର ସ୍ମୃତି କୁ ମନେ ପକାଉଛନ୍ତି।ଆଉ ମନେ ମନେ ଶ୍ରୀ ଜଗନ୍ନାଥ ଙ୍କ ପ୍ରତ୍ୟେକ୍ଷ ସ୍ପର୍ଶକୁ ଅନୁଭବ କରୁଛନ୍ତି।



ତୁଳସୀପୁର, ପୁରୀ, ମୋବାଇଲ୍:୯୪୩୯୩୬୧୮୮୮

# ଇରାନ୍‌ର ୧୪୦ ସାମରିକ ଘାଟି ବିଧ୍ୱସ୍ତ



ତେହରାନ, ୧୩।୭: ସୋମବାର ସକାଳେ ଇରାନ ଉପରେ ସବୁଠାରୁ ବଡ଼ଧରଣର ସାମରିକ ଆକ୍ରମଣ କରିଛି ଆମେରିକା। ଇରାନର ପ୍ରାୟ ୧୪୦ଟି ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ୍ କରି ଭୀଷଣ ଏୟାରଷ୍ଟ୍ରାଇକ୍ କରାଯିବା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ହର୍ମୁଜ ପ୍ରଣାଳୀରେ ସାଇପ୍ରସ୍‌ର ଏକ ପତାକାଧାରୀ ବାଣିଜ୍ୟିକ ଜାହାଜ ଉପରେ ଇରାନ ଆକ୍ରମଣ କରିବା ପରେ ଆମେରିକା ଏହି

## ଭୁଲ ନିଷ୍ପତ୍ତିର ପରିଣାମ ଭୋଗୁଛି ଇରାନ୍: ଆମେରିକା

## ଆମେରିକାର ଗଲ୍ଫ ଘାଟି ଉପରେ କ୍ଷେପଣାସ୍ତ୍ର ମାଡ଼

ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆମେରିକାର ଆକ୍ରମଣ ପରେ ଇରାନ ମଧ୍ୟ ପାଲଟା ଜବାବ ଦେଇ ଉପସାଗରୀୟ ଆରବ ଦେଶଗୁଡ଼ିକ ଉପରେ ଘନଘନ ମିସାଇଲ୍ ଓ ଡ୍ରୋନ୍ ମାଡ଼ କରିବାରୁ ସମଗ୍ର ଅଞ୍ଚଳରେ ଯୁଦ୍ଧ ସ୍ଥିତି ଗମ୍ଭୀର ହୋଇପଡ଼ିଛି।

ଆମେରିକା ସାମରିକ ବାହିନୀର ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଏହି ଅଭିଯାନରେ ଇରାନର ୧୪୦ଟି ସାମରିକ ଘାଟିକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରାଯାଇଛି। ଏଥିମଧ୍ୟରେ ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଲଞ୍ଚ ସାଇଟ୍, ଗୋଳାବାରୁଦ ଗୋଦାମ, ଯୋଗାଯୋଗ କେନ୍ଦ୍ର ଏବଂ ଅନ୍ୟାନ୍ୟ ସାମରିକ ପ୍ରତିଷ୍ଠାନ ରହିଛି। ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ସୋସିଆଲ୍ ମିଡିଆରେ ଇରାନକୁ ଚେତାବନୀ ଦେଇ ଲେଖିଛନ୍ତି, 'ଇରାନ ଏକ ଭୁଲ ନିଷ୍ପତ୍ତି ନେଇଥିଲା, ଏବେ ଏହାର ପରିଣାମ ଭୋଗୁଛି'। ବିଶେଷ କରି ଇରାନର ଉପକୂଳବର୍ତ୍ତୀ ବନ୍ଦର ସହର ଅବାସ, ସିରିକ ସମେତ ହର୍ମୁଜ ପ୍ରଣାଳୀ ଆଖପାଖ ଅଞ୍ଚଳକୁ ଆମେରିକା ଟାର୍ଗେଟ୍ କରିଛି। ଆମେରିକାର ଏହି ବଡ଼ଧରଣର ଆକ୍ରମଣ ପରେ ଇରାନ ପକ୍ଷରୁ ମଧ୍ୟ ଭୟଙ୍କର ପ୍ରତିଆକ୍ରମଣ କରାଯାଇଛି। ଇରାନ ସେନା ପକ୍ଷରୁ ବାହାରିନ, କତର, କୁଏତ, ଜୋର୍ଡାନ ଓ ଓମାନକୁ ଟାର୍ଗେଟ୍ କରି ବହୁ କ୍ଷେପଣାସ୍ତ୍ର ଓ ଡ୍ରୋନ ମାଡ଼ କରାଯାଇଛି। ଆକ୍ରମଣ ପରେ କତର ଓ ଓମାନରେ ଜରୁରିକାଳୀନ ସାଇରନ୍ ବାଜି ଉଠିଥିଲା। କତର ସାମରିକ ବାହିନୀ ପକ୍ଷରୁ କୁହାଯାଇଛି, ସେମାନେ ନିଜର ଏୟାର ଡିଫେନ୍ସ ଜରିଆରେ ଇରାନର ମିସାଇଲ୍‌କୁ ଆକାଶରେ ହିଁ ଅଟକାଇବାରେ ସକ୍ଷମ ହୋଇଛନ୍ତି। ସେହିପରି ଆମେରିକା ନୌସେନାର ପଞ୍ଚମ ବାହିନୀର ମୁଖ୍ୟାଳୟ ଥିବା ବାହାରିନରେ ମଧ୍ୟ ହାଇ ଆଲର୍ଟ ଜାରି କରାଯାଇଛି। ଇରାନର ଆକ୍ରମଣରେ ଆମେରିକୀୟ ସାମରିକ ପ୍ରତିଷ୍ଠାନଗୁଡ଼ିକର ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। ଇରାନର ନୂତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତବା ଖେମିନି ମଧ୍ୟ ନିଜ ପିତାଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ସର୍ବସାଧାରଣରେ ଶପଥ ନେଇଛନ୍ତି। ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ତୈଳ ଓ ଗ୍ୟାସ୍ ପରିବହନ ହେଉଥିବାରୁ ଏହି ଯୁଦ୍ଧ ଯୋଗୁଁ ଆଗାମୀ ଦିନରେ ବିଶ୍ୱସ୍ତରୀୟ ଶକ୍ତି ସଙ୍କଟ ଏବଂ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି।

### ହର୍ମୁଜ ଦେଇ ଜାହାଜ ଚଳାଚଳ ବନ୍ଦ

ରବିବାର ସନ୍ଧ୍ୟାଠାରୁ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ଗୋଟିଏ ବି ତୈଳ ଟ୍ୟାଙ୍କର ଅତିକ୍ରମ କରିନାହିଁ। ସମସ୍ତ ଜାହାଜ ସେମାନଙ୍କର ଲୋକେସନ୍ ବ୍ରୋଡକାଷ୍ଟିଂକୁ ବନ୍ଦ ରଖିଛନ୍ତି ବୋଲି ଜାହାଜର ଗତିକୁ ଟ୍ରାକ୍ କରୁଥିବା ସିପ୍ ଟ୍ରାକିଂ ୱେବସାଇଟ୍ ମେରାଇନ୍-ଟ୍ରାଫିକ୍ ପକ୍ଷରୁ ସୂଚନା ଦିଆଯାଇଛି। ଯଦିବା କୌଣସି ତୈଳ ଟ୍ୟାଙ୍କର ହର୍ମୁଜ ଅତିକ୍ରମ କରିଛନ୍ତି ତା'ହେଲେ ସେମାନେ ସେମାନଙ୍କର ଟ୍ରାକିଂ ଜିପିଏସ୍ ବନ୍ଦ ରଖିଥିବାରୁ ସେମାନଙ୍କ ଗତିବିଧି ଜାଣିବା ସମ୍ଭବ ହୋଇନାହିଁ ବୋଲି ମେରାଇନ୍-ଟ୍ରାଫିକ୍ କହିଛି। ଇରାନ୍ ଓ ଆମେରିକା ପରସ୍ପର ଉପରେ ଭୟଙ୍କର ଆକ୍ରମଣ କରିବା ପରେ ରବିବାର ଇରାନ ସରକାରଙ୍କ ପାରସ୍ୟ ଉପସାଗର ଷ୍ଟ୍ରେଟ୍ ଅଥରିଟି (ପିଜିଏସଏ) କହିଥିଲେ ଯେ, ବର୍ତ୍ତମାନ ପରିପ୍ରେକ୍ଷୀରେ ହର୍ମୁଜ୍ ଜାହାଜ ଚଳାଚଳ ସମ୍ଭବ ନୁହେଁ।

### ଇରାନ ଯୁଦ୍ଧରେ ଏଣ୍ଟ୍ରି ମାରିଲା ରୁଷ୍!



ମଧ୍ୟପ୍ରାଚ୍ୟରେ ତିକ୍ତତା ଜାରି ରହିଥିବା ବେଳେ ଇରାନ ଯୁଦ୍ଧରେ ଏଣ୍ଟ୍ରି ମାରିଛି ରୁଷ। ଇରାନ- ଆମେରିକା ମଧ୍ୟରେ ବଢ଼ୁଥିବା ତିକ୍ତତା ମଧ୍ୟରେ ରୁଷ ଏହାର ପ୍ରଳୟଙ୍କରୀ ବିମାନ ତେହରାନ ପଠାଇଛି। ରୁଷ ଇରାନକୁ ନିଜର ସବୁଠୁ ସୁରକ୍ଷିତ ଏୟାରବର୍ନ କମାଣ୍ଡ ଏୟାରକ୍ରାଫ୍ଟ ପଠାଇଛି। ଫ୍ଲାଇଟ୍ ଟ୍ରାକିଂ ତଥ୍ୟ ଅନୁସାରେ, ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ନିର୍ଦ୍ଦେଶରେ ଏଲିଟ୍ ବିମାନ ତେହରାନ ପହଞ୍ଚିଛି। ରିପୋର୍ଟ ଅନୁସାରେ, ଟୁପୋଲେଭ ଡିଜାଇନ ବ୍ୟୁରୋର ଏହି ଖାସ୍ ଭାରିଆଣ୍ଟ ସାଧାରଣ ଯାତ୍ରୀବାହୀ ବିମାନର ଅପଗ୍ରେଡ ଭର୍ସନ। ଏହା ରୁଷ ପାଇଁ ଉଡ଼ନ୍ତା କମାଣ୍ଡ ପୋଷ୍ଟ ଭଳି କାମ କରେ। ଯୁଦ୍ଧ ମଧ୍ୟରେ ଏହି ବିମାନ ସାମିଲ ହେବା ମସ୍କୋ- ତେହେରାନ ମଧ୍ୟକୁ କ୍ରେମଲିନ ଦ୍ୱାରା ଇରାନକୁ ମଜଭୁତ ସମର୍ଥନର ସଙ୍କେତ ଭାବରେ ଦେଖାଯାଉଛି।

## ଇଣ୍ଡିଆରେ ଯୋଗଦେବନି ଡିଏମ୍‌କେ



ଚେନ୍ନାଇ, ୧୩।୭: ପାର୍ଲାମେଣ୍ଟର ଆଗାମୀ ମୌସୁମୀ ଅଧିବେଶନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ଦୃଢ଼ ବିରୋଧ କରିବା ପାଇଁ ଇଣ୍ଡିଆ ବ୍ଲକ୍‌ରେ ଏମ୍.କେ. ଷ୍ଟାଲିନ୍‌ଙ୍କ ଡିଏମ୍‌କେ ଏବଂ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଟିଭିକେ ଯୋଗଦେବା ନିମନ୍ତେ ପୂର୍ବତନ ସହଯୋଗୀ ଭିସିକେ ଦେଇଥିବା ପ୍ରସ୍ତାବକୁ ଷ୍ଟାଲିନ୍ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଫଳରେ ତାମିଲନାଡୁରେ ଇଣ୍ଡିଆ ବ୍ଲକ୍‌ରେ ଫାଟ ବଢ଼ିଛି। କେରଳ ଏବଂ ପଶ୍ଚିମବଙ୍ଗ ଢାଞ୍ଚାରେ ତାମିଲନାଡୁରେ ୨ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଜାତୀୟ ସ୍ତରରେ ଇଣ୍ଡିଆ ବ୍ଲକ୍‌ରେ ଅଂଶୀଦାର ରହିବାକୁ ଭିସିକେ ମୁଖ୍ୟ ଥୋଲ୍ ଥିରୁମାଭାଲାଭାନ ପ୍ରସ୍ତାବ ଦେଇଥିଲେ। କଂଗ୍ରେସ ତୁରନ୍ତ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲା। ରାଜ୍ୟସ୍ତରରେ ରାଜନୈତିକ ମତପାର୍ଥକ୍ୟ ଥିଲେ ମଧ୍ୟ କେନ୍ଦ୍ରରେ ଭାଜପା ବିରୋଧରେ ବିପକ୍ଷ ଦଳଗୁଡ଼ିକ ଏକାଠି ହେବା ପାଇଁ କଂଗ୍ରେସ ଆହ୍ୱାନ ଦେଇଥିଲା। ତେବେ ଡିଏମ୍‌କେ ଉକ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରିଛି। ତାମିଲନାଡୁ ବିଧାନସଭା ନିର୍ବାଚନ ପରେ କଂଗ୍ରେସ ମେଣ୍ଟକୁ ଧୋକା ଦେଇଥିବା ଡିଏମ୍‌କେ କହିଛି। ରାଜ୍ୟର ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟ୍ଟରେ ଏଭଳି ମଡେଲ କାମ କରିବ ନାହିଁ ବୋଲି ଡିଏମ୍‌କେ ଅଧ୍ୟକ୍ଷ ଷ୍ଟାଲିନ୍ ସ୍ପଷ୍ଟ କରିଦେଇଛନ୍ତି। କେବଳ ମନ୍ତ୍ରୀ ପଦ ପାଇବା ପାଇଁ ଟିଭିକେ ସହ ହାତ ମିଳାଇ କଂଗ୍ରେସ ଡିଏମ୍‌କେକୁ ପଛରୁ ଛୁରିକାଘାତ କରିଥିବା ଡିଏମ୍‌କେ ଏମ୍‌ପି ଗଣପଥି ପି. ରାଜକୁମାର ଏକ ଗଣମାଧ୍ୟମକୁ କହିଛନ୍ତି।

## ରୋଲର ଚଢ଼ାଇ ଡ୍ରଗ୍ସ ନଷ୍ଟକଲେ ମୁଖ୍ୟମନ୍ତ୍ରୀ



ଗୁଆହାଟୀ, ୧୩।୭: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ନାଲବାରୀ ଜିଲାର ଦୌଲାସାଲସ୍ଥିତ ୧୪ତମ ଆସାମ ପୋଲିସ ବାଟାଲିୟନରେ ଏକ ରାଜ୍ୟସ୍ତରୀୟ ନିଶା ନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏଠାରେ ଜବତ ହୋଇଥିବା ଔଷଧଗୁଡ଼ିକୁ ନଷ୍ଟ କରାଯାଉଛି। ଜବତ ହୋଇଥିବା ଔଷଧ ଉପରେ ନିଜେ ରୋଡ ରୋଲର ଚଲାଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବ୍ୟକ୍ତିଗତ ଭାବରେ ନଷ୍ଟ ପ୍ରକ୍ରିୟା ଆରମ୍ଭ କରଛନ୍ତି।

କାର୍ଯ୍ୟକ୍ରମରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ବିଶ୍ୱ ଶର୍ମା କହିଛନ୍ତି, ଆମେ ଆଜି ଏଠାରେ ୪୭୨.୫୧ କୋଟି ଟଙ୍କାର ଔଷଧ ନଷ୍ଟ କରିବା ପାଇଁ ଏକାଠି ହୋଇଛୁ। ସେଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ, ଆମକୁ ଆଗାମୀ ୧୦ ଦିନ ମଧ୍ୟରେ ସେଗୁଡ଼ିକୁ ପୋଡ଼ି ଦେବାକୁ ପଡିବ। ରାଜ୍ୟ ସରକାରଙ୍କ ଅନୁଯାୟୀ, ଆଗାମୀ ଦିନରେ ନଷ୍ଟ ପ୍ରକ୍ରିୟାରେ ୬୦ କିଲୋ ହେରୋଇନ, ୩୯ କିଲୋ ମର୍ଫିନ, ୪.୯୭ ଲକ୍ଷ ଟାବଲେଟ ଏବଂ ୩.୨ କିଲୋ ଅଫିମ ନଷ୍ଟ କରାଯିବ। ଗତ ପାଞ୍ଚ ବର୍ଷ ମଧ୍ୟରେ, ଆମେ ଏନଡିପିଏସ ଆଇନ ଅଧୀନରେ ୩,୩୦୦ ମାମଲା ପଞ୍ଜିକୃତ କରିଛୁ ଏବଂ ୩,୨୨୭ କୋଟି ଟଙ୍କାର ଔଷଧ ଜବତ କରିଛୁ। ଆଜି ଆମେ ଏହି ରାଜ୍ୟସ୍ତରୀୟ ନିଶା ନିବାରଣ କାର୍ଯ୍ୟକ୍ରମ ଆରମ୍ଭ କରିଛୁ।

## ୧୯ରେ ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୧୩।୭: ସଂସଦର ମୌସୁମୀ ଅଧିବେଶନର ଦିନକ ପୂର୍ବରୁ ଅର୍ଥାତ ଜୁଲାଇ ୧୯ରେ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିଛନ୍ତି। ସୂଚନା ଅନୁସାରେ, ଏହି ବୈଠକ ପୂର୍ବାହ୍ନ ୧୧ଟାରେ ବସିବ। ଏଥିରେ ସରକାର ନିଜ ବିଧାୟୀ ଏଜେଣ୍ଡା ବାବଦରେ ସଭିଙ୍କୁ ଅବଗତ କରାଇବେ। ବିରୋଧୀ ଦଳ ସଂସଦରେ ଉଠାଇବାକୁ ଚାହୁଁଥିବା ପ୍ରସଙ୍ଗ ସାମ୍ନାରେ ରଖିବେ। ଏହି ଅଧିବେଶନରେ ସରକାରଙ୍କ ଏଜେଣ୍ଡା ବ୍ୟାପକ ରହିପାରେ ଏବଂ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଚର୍ଚ୍ଚା ହୋଇପାରେ। ସେହିପରି ବିରୋଧୀ ମଧ୍ୟ ସରକାରଙ୍କୁ ଘେରିବା ପାଇଁ ବ୍ୟାପକ ରଣନୀତି ବନାଇଛନ୍ତି। ନିକଟରେ କିଛି ବିରୋଧୀ ଦଳରେ ଥିବା ମତଭେଦ ଏବଂ ବିଭାଜନ କାରଣରୁ ସଂସଦରେ ଜୋରଦାର ହଙ୍ଗାମା ହେବାର ସମ୍ଭାବନା ରହିଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ (ଟିଏମସି)ର ପରାଜୟ ପରେ ଦଳରେ ବିଦ୍ରୋହ ଦେଖାଦେଇଛି। ଦଳର ୨୦ ସାଂସଦ ନ୍ୟାସନାଲ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆରେ ବିଲୟ କରିଥିବାରୁ ଏହି ସାଂସଦମାନେ ଲୋକସଭାରେ ଅଲଗା ବସିବା ଲାଗି ଦାବି କରିଛନ୍ତି। ଏଥିସହ ଦଳର ୩ ରାଜ୍ୟସଭା ସାଂସଦ ଇସ୍ତଫା ଦେଇ ବିଜେପିରେ ମିଶିଛନ୍ତି। ତେଣୁ ଅଧିବେଶନରେ ଟିଏମ୍‌ସି ସାଂସଦଙ୍କ ଉପରେ ନଜର ରହିବ।

## ବାଂଲାଦେଶରେ ପ୍ରଳୟଙ୍କରୀ ବନ୍ୟା, ୪୪ ମୃତ



ଢାକା, ୧୩।୭: ବାଂଲାଦେଶରେ ମୌସୁମୀଜନିତ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଗତ ଏକ ସପ୍ତାହ ମଧ୍ୟରେ ବନ୍ୟା ଓ ଭୂସ୍ଖଳନଜନିତ ବିଭିନ୍ନ ଦୁର୍ଘଟଣାରେ ଅତିକମରେ ୪୪ଜଣ ପ୍ରାଣ ହରାଇଥିବାବେଳେ ପ୍ରାୟ ୨.୬ଲକ୍ଷରୁ ଅଧିକ ପରିବାର ପ୍ରଭାବିତ ହୋଇଛନ୍ତି। ବାଂଲାଦେଶ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରଣାଳୟର ସୂଚନା ଅନଯାୟୀ, ଗତ ଜୁଲାଇ ୫ରୁ ଏପର୍ଯ୍ୟନ୍ତ ସରକାରୀ ଭାବେ ୪୪ଜଣଙ୍କ ମୃତ୍ୟୁ ରେକର୍ଡ କରାଯାଇଛି, ଯେଉଁଥିରେ ଜୁଲାଇ ୮ରେ କକ୍ସ ବଜାର ଶରଣାର୍ଥୀ ଶିବିରରେ ଭୂସ୍ଖଳନ ଯୋଗୁ ୭ଜଣ ରୋହିଙ୍ଗ୍ୟା ଶିଶୁ ଓ ଜଣେ ଶିକ୍ଷକ ପ୍ରାଣ ହରାଇଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨,୬୭,୯୧୮ ପରିବାର ଜଳବନ୍ଦୀ ଅବସ୍ଥାରେ ଥିବାବେଳେ, ୪୪,୪୫୭ରୁ ଅଧିକ ବନ୍ୟାବିପନ୍ନ ୧୧୦୦ରୁ ଊର୍ଦ୍ଧ୍ୱ ଆଶ୍ରୟସ୍ଥଳୀରେ ଶରଣ ନେଇଛନ୍ତି। ବନ୍ୟାଞ୍ଚଳରେ ଲୋକେ ଘରର ଛାତ ଉପରେ କିମ୍ବା ପ୍ଲାଷ୍ଟିକ ଜରି ଟାଣି ରାସ୍ତାକଡ଼ରେ ରହିବାକୁ ବାଧ୍ୟ ହେଉଛନ୍ତି।

## ରାମ ମନ୍ଦିର ସିଇଓ ପଦ ପାଇଁ ଆବେଦନ

ନୂଆଦିଲ୍ଲୀ, ୧୩।୭: ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲା ପ୍ରସଙ୍ଗ ଚର୍ଚ୍ଚାରେ ରହିଥିବା ବେଳେ ମନ୍ଦିରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦବୀ ପାଇଁ ଆବେଦନ କରାଯାଇଛି। ଭୂମିକା ଏବଂ ଆବଶ୍ୟକୀୟ ଯୋଗ୍ୟତା ସମ୍ପର୍କରେ ବିବରଣୀ ପ୍ରକାଶ କରାଯାଇଛି। ଆବେଦନ ଦାଖଲର ଶେଷ ତାରିଖ ଜୁଲାଇ ୧୮ ରହିଛି। ସୂଚନା ଅନୁଯାୟୀ, ୫୦ ରୁ ୭୦ ବର୍ଷ ବୟସର ପ୍ରାର୍ଥୀମାନେ ସିଇଓ ପଦବୀ ପାଇଁ ଯୋଗ୍ୟ। ମନୋନୀତ ପ୍ରାର୍ଥୀ ତିନି ବର୍ଷ ପାଇଁ ଏହି ପଦବୀରେ ରହିବେ। ଯୋଗ୍ୟତା ସମ୍ପର୍କରେ, ସ୍ନାତକ ଡିଗ୍ରୀ ବାଧ୍ୟତାମୂଳକ। ପ୍ରାର୍ଥୀଙ୍କ ଧର୍ମ ହିନ୍ଦୁ ହେବା ଉଚିତ। ହିନ୍ଦୀ ଓ ଇଂରାଜୀ ଉଭୟ ଭାଷାରେ ଭଲ ଜ୍ଞାନ ଥିବା ଆବଶ୍ୟକ। ଏହା ସହିତ, ଏକ ବଡ଼ କମ୍ପାନୀରେ ପରିଚାଳନାଗତ ଭୂମିକାରେ ସର୍ବନିମ୍ନ ୨୦ ବର୍ଷର ଅଭିଜ୍ଞତା ଆବଶ୍ୟକ।

## ବ୍ୟାଙ୍କକ୍ ପବ୍‌ରେ ଅଗ୍ନିକାଣ୍ଡ; ୨୭ ମୃତ



ବ୍ୟାଙ୍କକ୍, ୧୩।୭: ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ଏକ ପବ୍‌ରେ ସୋମବାର ଭୋର ସକାଳୁ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅତି କମରେ ୨୭ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୬୦ରୁ ଅଧିକ ଆହତ ହୋଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ୨୨ ଜଣଙ୍କ ଅବସ୍ଥା ଗୁରୁତର ଅଛି। ଘଟଣାସ୍ଥଳର ପ୍ରତ୍ୟକ୍ଷଦର୍ଶୀମାନେ ଅନଲାଇନରେ ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ପବ୍‌ର ଦ୍ୱାରରୁ ନିଆଁ ଏବଂ ଧୂଆଁ ବାହାରୁଥିବାର ଦେଖାଯାଉଛି ଏବଂ ଲୋକମାନେ ଖସି ପଳାଇବାକୁ ଚେଷ୍ଟା କରୁଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ସେମାନେ ମଧ୍ୟରାତ୍ରିରେ ଉତ୍ତର ବ୍ୟାଙ୍କକ୍‌ର ନା ଲାମ୍ଭାଓ ପବ୍‌ରେ ଅଗ୍ନିକାଣ୍ଡ ଘଟିଥିବା ରିପୋର୍ଟ ପାଇଛନ୍ତି। ପରେ ଘଟଣାସ୍ଥଳରେ ପହଞ୍ଚିଥିବା ଥାଇ ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ଣ୍ଣଭିରାକୁଲ୍ କହିଛନ୍ତି ଯେ ୨୭ ଜଣଙ୍କର ମୃତ୍ୟୁ ହୋଇଛି। ଅଗ୍ନିକାଣ୍ଡର କାରଣ ତଦନ୍ତ କରାଯାଉଛି।

### ସାବରୀମାଳା ମାମଲା

## ବିଳମ୍ବିତ ଚାର୍ଜସିଟ୍‌ରେ ଅଭିଯୁକ୍ତଙ୍କୁ ଫାଇଦା ହେବ



ତିରୁବନନ୍ତପୁରମ, ୧୩।୭: ସାବରୀମାଳା ସୁନା ଚୋରି ମାମଲା ସମ୍ପର୍କରେ କେରଳମ୍ ଦେବସ୍ୱମ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ କେ. ମୁରଲୀଧରନ କହିଛନ୍ତି ଯେ, କେରଳମ୍ ହାଇକୋର୍ଟ ତଦନ୍ତକୁ ଏସଆଇଟିକୁ ହସ୍ତାନ୍ତର କରିଥିବାରୁ ଚାର୍ଜସିଟ୍ ଦାଖଲ ନହୋଇଥିଲେ ବି ରାଜ୍ୟ ସରକାର ଆଉ କୌଣସି ପଦକ୍ଷେପ ନେଇପାରିବେ ନାହିଁ। ଚାର୍ଜସିଟ୍ ଦାଖଲ କରିବାରେ ଦୀର୍ଘ ବିଳମ୍ବ ଅଭିଯୁକ୍ତଙ୍କୁ ସାହାଯ୍ୟ କରିବାର ଆଶଙ୍କା ରହିଛି। କୋର୍ଟ ଏନେଇ ଏସଆଇଟିକୁ ଏକ ନିର୍ଦ୍ଦିଷ୍ଟ ସମୟ ଦେବା ଆବଶ୍ୟକ। ଚାର୍ଜସିଟ୍ ଦାଖଲ ହେବା ବେଳକୁ ଅଭିଯୁକ୍ତମାନେ ଖସିଯିବାର ସମ୍ଭାବନା ବହୁତ ଅଧିକ ରହିଛି। କାରଣ ଯେଉଁମାନେ ସୁନା ଚୋରି କରିବାରେ ବିଶେଷଜ୍ଞ, ସେମାନେ ପ୍ରମାଣ ନଷ୍ଟ କରିବାରେ ମଧ୍ୟ ବିଶେଷଜ୍ଞ ହୋଇଥିବେ। ଫଳରେ ସରକାର ଅସହାୟ ପରିସ୍ଥିତିରେ ଠିଆ ହୋଇଛନ୍ତି। ରାଜ୍ୟ ସରକାର ନ୍ୟାୟପାଳିକା ସହିତ ମୁକାବିଲା ଚାହୁଁନାହାନ୍ତି, କିନ୍ତୁ ମନ୍ଦିର ପ୍ରଶାସନ ସହିତ ଜଡିତ ମାମଲାରେ କାର୍ଯ୍ୟ କରିବା ପାଇଁ ଅଧିକ ସ୍ୱାଧୀନତା ଚାହୁଁଛନ୍ତି। ମନ୍ଦିର ବ୍ୟାପାରରେ ଏତେ ବ୍ୟାପକ ନ୍ୟାୟିକ ହସ୍ତକ୍ଷେପ ଯଥାର୍ଥ କି ନାହିଁ ତାହା ପରୀକ୍ଷା କରିବାର ଆବଶ୍ୟକତା ଅଛି ବୋଲି ତାଙ୍କର ପୂର୍ବ ମନ୍ତବ୍ୟ ଉପରେ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି।

### ଜ୍ଞାନବାପି, କୃଷ୍ଣ ଜନ୍ମଭୂମି ଓ ସମ୍ଭଲ ମସଜିଦ ମାମଲା

## ସୁପ୍ରିମକୋର୍ଟଙ୍କ ପ୍ରସ୍ତାବକୁ ଉଭୟ ପକ୍ଷର ପ୍ରତ୍ୟାଖ୍ୟାନ





ନୂଆଦିଲ୍ଲୀ, ୧୩।୭: ବାରାଣସୀର ଜ୍ଞାନବାପି ମସଜିଦ ବିବାଦ, ମଥୁରାର ଶ୍ରୀକୃଷ୍ଣ ଜନ୍ମଭୂମି-ଶାହି ଈଦ୍‌ଗା ଜମି ବିବାଦ ଓ ଉତ୍ତର ପ୍ରଦେଶର ସମ୍ଭଲ ଜାମା ମସଜିଦ ବିବାଦରେ ଉଭୟ ହିନ୍ଦୁ ଓ ମୁସଲିମ ପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରସ୍ତାବିତ ଆପୋଷ ବୁଝାମଣାରେ ବିବାଦ ସମାଧାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ମନା କରିଛନ୍ତି। ଉଭୟ ପକ୍ଷ କହିଛନ୍ତି ଯେ, ଏହି ମାମଲାଗୁଡ଼ିକୁ ଆଇନଗତ ଆଧାରରେ କୋର୍ଟରେ ସମାଧାନ କରାଯିବା ଉଚିତ। ସେମାନଙ୍କର ଯୁକ୍ତି ହେଉଛି, ଏହି ପ୍ରସଙ୍ଗଗୁଡ଼ିକ କେବଳ ଗୋଟିଏ ସ୍ଥାନରେ ସୀମିତ ନାହିଁ। ଏହାର ପ୍ରଭାବ ସମଗ୍ର ସମ୍ପ୍ରଦାୟ ଉପରେ ଅନୁଭୂତ ହେବ। ସୁପ୍ରିମକୋର୍ଟ ତିନୋଟି ମାମଲାର ସମସ୍ତ ପକ୍ଷଙ୍କୁ ଏକ ଚିଠି ପଠାଇଥିଲେ, ଯେଉଁଥିରେ ସୁପ୍ରିମ କୋର୍ଟ ଆକ୍ସନ ଫର ମେଡିଏଟେଡ୍ ଆଡଜୁଡିକେସନ୍ ଆଣ୍ଡ ଡିସ୍ପ୍ୟୁଟ୍ସ ହାର୍ମନାଇଜେସନ୍ ଆକ୍ରୋସ ନେସନ୍ସ (ସମାଧାନ ସମାରୋହ-୨୦୨୬) ଅନ୍ତର୍ଗତ ପାରସ୍ପରିକ ସହମତି ମାଧ୍ୟମରେ ସମାଧାନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ପଦକ୍ଷେପ ଅଗଷ୍ଟ ୨୧ ରୁ ୨୩ ମଧ୍ୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଲୋକ ଅଦାଲତରେ ହେବାର ଥିଲା। ତେବେ ହିନ୍ଦୁ ଆବେଦନକାରୀ ଓ ତିନୋଟି ମସଜିଦର ପରିଚାଳନା କମିଟି ସୁପ୍ରିମକୋର୍ଟ ଏବଂ ସମ୍ପୃକ୍ତ ରାଜ୍ୟ ତଥା ଜିଲ୍ଲା ଆଇନ ସେବା କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି ଯେ, ସେମାନେ ମଧ୍ୟସ୍ଥତା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ନୁହନ୍ତି।



## ଟ୍ରେନ୍‌ରେ ରୁଦ୍ରାଭିଷେକ

ନୂଆଦିଲ୍ଲୀ, ୧୩।୭: ନିକଟରେ ନନ୍ଦିଗ୍ରାମ ଏକ୍ସପ୍ରେସର ଫାର୍ଷ୍ଟ ଏସି କୋଚ୍‌ରେ ଚତୁର୍ଥୀ ଭଳି ଫୁଲ ସଜାଇବା ଘଟଣା ସାମ୍ନାକୁ ଆସିଥିଲା। ଅବଶ୍ୟ ରେଲୱେ ଏହି ଘଟଣାରେ ଆକ୍ସନ ନେଇ ଟିଟିଇଙ୍କୁ ସସପେଣ୍ଡ୍ କରିଥିଲା। ହେଲେ ଏବେ ପୁଣି ସୋସିଆଲ ମିଡିଆରେ ରେଲୱେ ସହ ଜଡ଼ିତ ଏକ ଭିଡିଓ ଖୁବ୍ ଭାଇରାଲ ହେଉଛି। ଭାଇରାଲ ଭିଡିଓରେ ଜଣେ ପୂଜକ ଚଳନ୍ତା ଟ୍ରେନରେ ପୂଜାର୍ଚ୍ଚନା ଏବଂ ଅଭିଷେକ କରୁଛନ୍ତି। ତାଙ୍କ ପାଖରେ ଆଉ କିଛି ଶ୍ରଦ୍ଧାଳୁ ମଧ୍ୟ ଅନୁଷ୍ଠାନରେ ସାମିଲ ଥିବାର ନଜର ଆସିଛନ୍ତି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ଟ୍ରେନ ବଗିରେ ଏଭଳି ଧାର୍ମିକ ଅନୁଷ୍ଠାନ କରିବା ପାଇଁ ଅନୁମତି ଅଛି କି ବୋଲି ସୋସିଆଲ ମିଡିଆରେ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଆଉ ଏହାର ଉତ୍ତରରେ ରେଲଓ୍ୱେ ପକ୍ଷରୁ ସଫେଇ ରଖାଯାଇଛି। ଉତ୍ତର ରେଳବାଇ ଏହି ପ୍ରଶ୍ନର ଉତ୍ତର ରଖି କହିଛି ଯେ, ପୂଜା କୌଣସି ସାମାନ୍ୟ କୋଚରେ ହେଉନଥିଲା ବରଂ ବ୍ୟକ୍ତିଗତ ଭାବରେ ବୁକ୍ କରାଯାଇଥିବା ସାଲୁନ୍ କୋଚରେ ହୋଇଥିଲା।

## ଆମେରିକା ସହ ତରବରିଆ ରାଜିନାମା କରିବନି ଭାରତ



ନୂଆଦିଲ୍ଲୀ, ୧୩।୭: ଆମେରିକା ସହ ତରବରରେ କୌଣସି ରାଜିନାମା ସ୍ୱାକ୍ଷର କରିବାକୁ ଭାରତ ଚାହୁନାହିଁ। ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ରାଜିନାମାକୁ ନେଇ ବହୁ ମାସ ଧରି ବ୍ୟାପକ ଆଲୋଚନା କରିବା ସତ୍ତ୍ୱେ ଦୁଇ ପକ୍ଷ ମଧ୍ୟରେ ସହମତି ହୋଇପାରିନାହିଁ। ଗତ ମାସରେ ଆମେରିକା ବାଣିଜ୍ୟ ପ୍ରତିନିଧି ଜାମିସନ ଗ୍ରିରଙ୍କ ଭାରତ ଗସ୍ତ ସମୟରେ ଅନ୍ତରୀଣ ବୁଝାମଣା ହେବା ଆଶା କରାଯାଉଥିଲା। କିନ୍ତୁ ତାହା ସମ୍ଭବ ହୋଇନଥିଲା। ଚୀନ ଓ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଶୁଳ୍କରେ ଅଧିକ ଲାଭ ଦେବାକୁ ଭାରତ କରିଥିବା ଦାବି ଉପରେ କୌଣସି ପ୍ରତିଶ୍ରୁତି ଦେବାକୁ ଆମେରିକା ମନା କରିଦେଇଛି।

ଭାରତ ସମେତ ବିଭିନ୍ନ ଦେଶ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆ କଟକଣା ଲଗାଇବାକୁ ପ୍ରସ୍ତୁତ ହେଉଛନ୍ତି। ତାହା ହେଲେ ଭାରତର ରପ୍ତାନି ପ୍ରଭାବିତ ଓ ବ୍ୟବସାୟକୁ ନେଇ ଅନିଶ୍ଚିତତା ଦେଖାଦେବ। ଏହା ସତ୍ତ୍ୱେ ଆମେରିକା ସହ ରାଜିନାମା କରିବାକୁ ଭାରତ ମନ ସ୍ଥିର କରିନାହିଁ। ଗତ ମାସରେ ହୋଇଥିବା ଆଲୋଚନା ପରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଥିଲେ ଯେ କୌଣସି ପ୍ରକାର ଲାଭ ନ ମିଳିଲେ ଆମେରିକା ସହ ରାଜିନାମା ହେବ ନାହିଁ। ଚଢ଼ା ଶୁଳ୍କ ବିପଦ ରହିଥିବା ସତ୍ତ୍ୱେ ଭାରତ ନିଜ ଆଭିମୁଖ୍ୟକୁ କଠୋର କରିଛି। ବିଶ୍ୱର ଅନେକ ଦେଶ ଭଳି ଏବେ ଭାରତ ଉପରେ ମଧ୍ୟ ଆମେରିକାର ୧୦ ପ୍ରତିଶତ ଶୁଳ୍କ ରହିଛି। ଭାରତ ସମେତ ବିଭିନ୍ନ ଦେଶ ଉପରେ ନୂଆ ୧୨.୫ ପ୍ରତିଶତ ଶୁଳ୍କ ଲଗାଇବା ଯୋଜନା ବିଷୟରେ ଆମେରିକା ବହୁ ପୂର୍ବରୁ ଘୋଷଣା କରିସାରିଛି।

## ଇରାନର ହିଟ୍ ଲିଷ୍ଟ୍‌ରେ ୧୩ ବିଶ୍ୱନେତା

ତେହରାନ, ୧୩।୭: ଏକ ଇରାନୀ ଖବରକାଗଜ ମୌଳବାଦୀ ଆଭିମୁଖ୍ୟ ଗ୍ରହଣ କରି ଅନେକ ବିଦେଶୀ ନେତାଙ୍କ ନାମ ଓ ଫଟୋ ପ୍ରକାଶ କରି କହିଛି ଯେ, ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନୀଙ୍କ ହତ୍ୟାର ପ୍ରତିଶୋଧ ସ୍ୱରୂପ ଲିଷ୍ଟରେ ଥିବା ବିଶ୍ୱନେତାଙ୍କୁ ଟାର୍ଗେଟ କରାଯିବା ଉଚିତ। ରିପୋର୍ଟ ଅନୁଯାୟୀ, ମୋଜତାବା ଖାମେନୀ କହିଥିଲେ, ପ୍ରତିଶୋଧ ନେବା ଜରୁରୀ। ଏହି ମନ୍ତବ୍ୟ ପରେ ଇରାନର ରାଜଧାନୀରୁ ପ୍ରକାଶିତ ହମସାହରି ଖବରକାଗଜ ୧୩ ଜଣ ବିଶ୍ୱନେତାଙ୍କ ଚିତ୍ର ସମ୍ବଳିତ ଏକ ଅନଲାଇନ୍ ଗ୍ରାଫିକ୍ ସେୟାର କରିଛି । ଖବରକାଗଜ ଏହା ମଧ୍ୟ ଦର୍ଶାଇଛି ଯେ, ପ୍ରକାଶିତ ତାଲିକାକୁ ଇରାନ ସରକାରଙ୍କଠାରୁ ଅଫିସିଆଲ୍ ଅନୁମୋଦନ ମିଳିଛି।

### ଦୁଇ ଝିଅଙ୍କ ନିଯୁକ୍ତି ପ୍ରସଙ୍ଗ

## ଲୋକସେବା ଆୟୋଗ ଅଧ୍ୟକ୍ଷ ନିଲମ୍ବିତ



ବେଙ୍ଗାଲୁରୁ, ୧୩।୭: ରାଜ୍ୟ ସାରା ଯୁବବର୍ଗଙ୍କୁ ଚାକିରି ଯୋଗାଇବା ପାଇଁ ଲୋକସେବା ଆୟୋଗ ଦାୟୀ। ଏହାର ଅଧ୍ୟକ୍ଷ ନିରପେକ୍ଷ ଭାବରେ ନିଯୁକ୍ତି ପରୀକ୍ଷା ପରିଚାଳନା କରିବା ପାଇଁ ଉତ୍ତରଦାୟୀ। କିନ୍ତୁ କର୍ଣ୍ଣାଟକରେ ଲୋକସେବା ଆୟୋଗର ଅଧ୍ୟକ୍ଷ ଅସତ୍ ଉପାୟରେ ତାଙ୍କ ଦୁଇ ଝିଅଙ୍କୁ ଚାକିରି ଦେଇଥିଲେ। କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କର୍ଣ୍ଣାଟକ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ୍ କର୍ଣ୍ଣାଟକ ଲୋକସେବା ଆୟୋଗ (କେପିଏସସି)ର ଅଧ୍ୟକ୍ଷ ଶିବଶଙ୍କରପ୍ପା ଏସ. ସାହୁକାରଙ୍କୁ ନିଲମ୍ବିତ କରିଛନ୍ତି। ଅଭିଯୋଗ ହୋଇଛି ଯେ, ସେ ତାଙ୍କ ଦୁଇ ଝିଅଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ଦେବା ପାଇଁ ତାଙ୍କ ପଦବୀର ଅପବ୍ୟବହାର କରିଥିଲେ। ଅଭିଯୋଗ ହୋଇଛି ଯେ ଅଧ୍ୟକ୍ଷ ତାଙ୍କ ଦୁଇ ଝିଅଙ୍କୁ 'ଔଦ୍ୟୋଗିକ ସମ୍ପ୍ରସାରଣ ଅଧିକାରୀ' ପଦବୀ ପାଇଁ ବେଆଇନ ଭାବରେ ଚୟନ କରିଥିଲେ। ନିୟମ ଅନୁଯାୟୀ ଯଦି କୌଣସି ଅଧିକାରୀଙ୍କର କୌଣସି ସମ୍ପର୍କୀୟ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି, ତେବେ ସେ ନିଜକୁ ପଦରୁ ହଟାଇବା ଉଚିତ୍। ତେବେ ସାହୁକାର ନିଜକୁ ପଦରୁ ହଟାଇ ନଥିଲେ କିମ୍ବା ତାଙ୍କ ଝିଅମାନେ ମଧ୍ୟ ପରୀକ୍ଷା ଦେଉଛନ୍ତି ବୋଲି କାହାକୁ ଜଣାଇ ନଥିଲେ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୯ ମୃତ

ମେକ୍ସିକୋ ସିଟି, ୧୩।୭: ପଶ୍ଚିମ ମେକ୍ସିକୋ ରାଜ୍ୟ ଜାଲିସ୍କୋରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ନିୟନ୍ତ୍ରଣ ହରାଇଥିବା ଏକ ଟ୍ରକ୍ ରାଜପଥରେ ଠିଆ ହୋଇଥିବା ଅନେକ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ଦୁଇ ଶିଶୁଙ୍କ ସମେତ ନଅ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ୧୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଚାରି ଜଣ ଆମେରିକୀୟ ନାଗରିକ ଅଛନ୍ତି। ଚିକିତ୍ସା ଲାଗି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜାଲିସ୍କୋର ସିଭିଲ୍ ପ୍ରୋଟେକ୍ସନ୍ ଅନୁଯାୟୀ, ଗୁଆଡାଲାଜାରା ଏବଂ ଟେପିକ୍‌କୁ ସଂଯୋଗ କରୁଥିବା ରାଜପଥର ହୋଷ୍ଟୋଟିପାକିଲୋ ସହର ନିକଟରେ ଏହି ଦୁର୍ଘଟଣା ଘଟିଛି। ଧକ୍କା ଏତେ ଜୋରଦାର ଥିଲା ଯେ, ଦୁଇଟି ମାଲବାହୀ ଟ୍ରକ୍ ଏବଂ ଅନ୍ୟ ତିନୋଟି ଗାଡ଼ିରେ ନିଆଁ ଲାଗିଯାଇଥିଲା।

## ଗ୍ରୀକ୍ ସୈନିକ ବଂଶଧରଙ୍କ ଗାଁରେ ଲୋକଙ୍କୁ ଛୁଇଁବା ମନା



ଧର୍ମଶାଳା, ୧୩।୭: ହିମାଚଳ ପ୍ରଦେଶର ଏକ ଗାଁ ହେଉଛି ମଲାନା। କୁଲୁ ଜିଲ୍ଲାରେ ଅବସ୍ଥିତ ଏହି ଗାଁକୁ ଭାରତର ସବୁଠାରୁ ଅନନ୍ୟ ଓ ରହସ୍ୟମୟ ଗାଁ ବୋଲି କୁହାଯାଏ। ଏଠାକାର ନିୟମ ହେଉଛି ଏ ଗାଁର ଲୋକଙ୍କୁ ଛୁଇଁବା ମନା। ଗାଁର ଅନେକ ସ୍ଥାନରେ ନୋଟିସ୍ ଲାଗିଛି, ଯେଉଁଥିରେ କୁହାଯାଇଛି ଯେ ଯଦି କୌଣସି ବାହାର ଲୋକ ଏଠାରେ କୌଣସି ଜିନିଷ ଛୁଇଁବେ ତେବେ ତାଙ୍କୁ ୧୦୦୦ ରୁ ୨୫୦୦ ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଏହି କାରଣରୁ ପର୍ଯ୍ୟଟକମାନେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରନ୍ତି। ଯଦି ଜଣେ ପର୍ଯ୍ୟଟକ କୌଣସି ଦୋକାନରୁ କିଛି କିଣିବାକୁ ଚାହାଁନ୍ତି, ତେବେ ସେମାନେ ଦୋକାନ ବାହାରେ ଟଙ୍କାକୁ ଥୋଇଦିଅନ୍ତି ଏବଂ ଦୋକାନୀ ଜିନିଷଟିକୁ ଭୂମିରେ ରଖନ୍ତି ଯାହାକୁ ପର୍ଯ୍ୟଟକ ଉଠାଇ ନିଅନ୍ତି।

ମଲାନା ଗାଁର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଏହାର ପ୍ରଶାସନିକ ବ୍ୟବସ୍ଥା। କୁହାଯାଏ ଯେ ଏହି ଗାଁର ନିଜସ୍ୱ ସମ୍ବିଧାନ ଅଛି। ଏଠାକାର ଲୋକମାନେ ଶହ ଶହ ବର୍ଷ ପୁରୁଣା ପରମ୍ପରା ଅନୁସାରେ ଗାଁକୁ ପରିଚାଳନା କରନ୍ତି। ଗାଁର ନିଜସ୍ୱ ସଂସଦ ମଧ୍ୟ ଅଛି ଯେଉଁଥିରେ ଦୁଇଟି ଗୃହ ଅଛି। ଗୋଟିଏ ବଡ଼ ଓ ଗୋଟିଏ ଛୋଟ। ବଡ଼ ଗୃହରେ ମୋଟ ୧୧ ଜଣ ସଦସ୍ୟ ଅଛନ୍ତି। ଏହି ସଦସ୍ୟଙ୍କ ମଧ୍ୟରୁ ଆଠ ଜଣ ଗ୍ରାମବାସୀଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି। ଯେତେବେଳେ ତିନି ଜଣ ସ୍ଥାୟୀ, ଯେଉଁଥିରେ କରଦାର, ଗୁର ଏବଂ ପୁରୋହିତ ସାମିଲ ଅଛନ୍ତି। ଛୋଟ ଗୃହରେ ଗାଁର ପ୍ରତ୍ୟେକ ପରିବାରର ସବୁଠାରୁ ବୟସ୍କ ସଦସ୍ୟ ଥାଆନ୍ତି। ଯଦି ବଡ଼ ଗୃହର ଜଣେ ସଦସ୍ୟଙ୍କ ମୃତ୍ୟୁ ହୁଏ, ତେବେ ସମଗ୍ର ଗୃହ ପୁନର୍ଗଠିତ ହୁଏ। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଗାଁର ନିଜସ୍ୱ ଅଧିକାରୀ ଓ ସ୍ଥାନୀୟ ବ୍ୟବସ୍ଥା ମଧ୍ୟ ଅଛି। ଏହି ଗ୍ରାମର ଯେକୌଣସି ବିବାଦ କିମ୍ବା ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରଥମେ ସଂସଦରେ ଆଲୋଚନା କରାଯାଏ। ଯଦି ସଂସଦ କୌଣସି ନିଷ୍କର୍ଷରେ ପହଞ୍ଚିବାରେ ବିଫଳ ହୁଏ, ତେବେ ଜମଲୁ ଦେବତାଙ୍କ ନାମରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଏ। ଗାଁ ଲୋକମାନେ ଜମଲୁ ଋଷିଙ୍କୁ ସେମାନଙ୍କର ଦେବତା ବୋଲି ମାନିଥାନ୍ତି।

ମଲାନା ଗାଁକୁ ନେଇ ଆଉ ଏକ ରୋଚକ ବିଶ୍ୱାସ ରହିଛି। କେତେକ ଗବେଷକଙ୍କ ମତରେ, ଖ୍ରୀଷ୍ଟପୂର୍ବ ୩୨୬ ମସିହାରେ ଆଲେକଜାଣ୍ଡରଙ୍କ ଭାରତ ଆକ୍ରମଣ ସମୟରେ ତାଙ୍କର କିଛି ସୈନିକ ଏଠାରେ ବସତି ସ୍ଥାପନ କରିଥିଲେ। ଏହି କାରଣରୁ କେତେକ ସ୍ଥାନୀୟ ଲୋକ ନିଜକୁ ଆଲେକଜାଣ୍ଡରଙ୍କ ସୈନିକଙ୍କ ବଂଶଧର ବୋଲି ମାନନ୍ତି। ଯଦିଓ ଏହାର କୌଣସି ଠୋସ୍ ଐତିହାସିକ ପ୍ରମାଣ ନାହିଁ, ତଥାପି ଗାଁର ଭାଷା ଓ ପରମ୍ପରାକୁ ନେଇ ଅନେକ ଗବେଷଣା ହୋଇଛି।

# ନିଶାମୁକ୍ତ କ୍ୟାମ୍ପସ ଅଭିଯାନ କରିବ ରେଡକ୍ରସ୍

ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ): ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ସ୍ଥାନୀୟ ରେଡକ୍ରସ ଭବନଠାରେ ଯୁବ ରେଡକ୍ରସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜିର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ରହିଥିବା ଯୁବ ରେଡକ୍ରସ ୟୁନିଟ୍ର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସହ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ରେଡକ୍ରସ ୟୁନିଟ୍ଗୁଡ଼ିକର କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହେବା ସହ ସ୍ୱେଚ୍ଛାସେବୀମାନଙ୍କର ଦକ୍ଷତା ବିକାଶ ଯେପରି କରାଯାଇପାରିବ, ସେ ଦିଗରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ଗୁରୁତ୍ୱାରୋପ କରିଥିଲେ।




ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ରେଡକ୍ରସ ୟୁନିଟ୍ ଗଠନ ଓ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ, ରକ୍ତଦାନ ଶିବିରର ବ୍ୟାପକ ଆୟୋଜନ, ରେଡକ୍ରସ ୟୁନିଟ୍ ମାଧ୍ୟମରେ କ୍ୟାମ୍ପସରେ ନିଶାମୁକ୍ତି ଅଭିଯାନର ଆୟୋଜନ, କ୍ୟାମ୍ପସ ସ୍ୱଚ୍ଛତା, ସଡ଼କ ସୁରକ୍ଷା, ଅଗ୍ନି ନିରାପତ୍ତା, ପରିବେଶ ସୁରକ୍ଷା ଆଦି ଉପରେ ଯେପରି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇପାରିବ, ସେ ଦିଗରେ କାର୍ଯ୍ୟ କରିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ରାଜ୍ୟ ରେଡକ୍ରସ ପୁରସ୍କାର ସମେତ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ରେଡକ୍ରସ ସ୍ୱେଚ୍ଛାସେବୀଙ୍କୁ ଚୟନ କରାଯାଇ ସେମାନଙ୍କୁ ଜିଲ୍ଲା ସ୍ତରରେ ପୁରସ୍କୃତ କରିବା ପାଇଁ ଆଜିର ବୈଠକରେ ପ୍ରସ୍ତାବ ରଖାଯାଇଥିଲା। ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଓ ଯୁବ ରେଡକ୍ରସ ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସମସ୍ତ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ।

## ଓଡ଼ିଆ ସିନେ କଳାକାର ବସନ୍ତ ଚମ୍ପତିଙ୍କ ପରଲୋକ



ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ): ଆଜି କଟକ ଖାନନଗର ଅରୁଣୋଦୟ ନଗର ବାସିନ୍ଦା ତଥା ଜଣେ ଧର୍ମପ୍ରାଣା ମହିଳା ରୂପେ ପରିଚିତ ବସନ୍ତ ମଞ୍ଜରୀ ଚମ୍ପତିଙ୍କର ୭୩ ବର୍ଷ ବୟସରେ ପରଲୋକ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଶ୍ରୀମତୀ ଚମ୍ପତି ଜଣେ ଧର୍ମପ୍ରାଣା ମହିଳା ସହ ଓଡ଼ିଆ ସିନେମା ଜଗତ ଓ ଟେଲି କଳାକାର ରୂପେ ମଧ୍ୟ ସେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ଶ୍ରୀମତୀ ଚମ୍ପତି 'ଆକାଶେ କି ରଙ୍ଗ ଲାଗିଲା', ଦିୱାନା ଦିୱାନି, ବ୍ୟାଡ୍ ଗାର୍ଲ, ନମସ୍ତେ କମଳା ମା' ଗୋ' ପରି ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏଥିସହ ଟେଲିକଳାକାର ରୂପେ ସେ ଆମ ଘର ଲକ୍ଷ୍ମୀ, ଜୀବନ ସାଥୀ, ଶଙ୍ଖା ସିନ୍ଦୂର, ସିଂହଦ୍ୱାର ପରି ଅନେକ ଓଡ଼ିଆ ଧାରାବାହିକରେ ମଧ୍ୟ ତାଙ୍କର ନିଖୁଣ ଅଭିନୟ ପ୍ରତିପାଦନ କରିପାରିଛନ୍ତି। ଚମ୍ପତି ଶାଶ୍ୱତ ପ୍ରତିଭା ସମ୍ମାନ, ୱାଲେଟ ଫିଲ୍ମସ ଫେଷ୍ଟିଭାଲ ପୁରସ୍କାର, ଉତ୍କଳ ଯୁବା ସାଂସ୍କୃତିକ ସମ୍ମାନ ପରି ଅନେକ ପ୍ରତିଭାବାନ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, କନ୍ୟା, ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ବିଶ୍ୱରଞ୍ଜନ ମୁଖାଗ୍ନି ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲର୍ଡ୍ସରେ କମାଲ କଲେ...

୧୮୬ରେ ପହଞ୍ଚାଇଥିଲେ। ତେବେ ଚତୁର୍ଥ ଦିନର ଲଞ୍ଚକୁ ଆଉ ମାତ୍ର କେଇ ମିନିଟ୍ ବାକି ଥିବା ସମୟରେ ଏକ୍ଲେଷ୍ଟୋନ୍ ଭାରତୀୟ ଅଫ୍ସ୍ପିନର୍ ସ୍ନେହ ରାଣାଙ୍କ ବଲ୍ରେ ବୋଲ୍ଡ ଆଉଟ୍ ହେବା ଫଳରେ ତାଙ୍କର ଲଢୁଆ ଅର୍ଦ୍ଧଶତକୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ସେତେବେଳକୁ ସେ ୬ ଚୌକା ସହାୟତାରେ ୫୦ ରନ୍ କରିସାରିଥିଲେ। ଅନ୍ୟପଟରେ ଫିଲର୍ ୪ ରନ୍ରେ ଅପରାଜିତ ଥିଲେ। ଭାରତ ପକ୍ଷରୁ ସ୍ନେହ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ସୟାଲି ସତ୍ଘରେ, କ୍ରାନ୍ତି ଓ ଦୀପ୍ତି ଶର୍ମା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଇଂଲଣ୍ଡ ଏହି ମ୍ୟାଚ୍ରେ ପରାସ୍ତ ହେବା ଫଳରେ ଦଳର ଦୁଇ ଅଭିଜ୍ଞ ଖେଳାଳି ହିଦର୍ ନାଇଟ୍ ଓ ଟାମି ବିଉମଣ୍ଟଙ୍କ ଅବସର ସ୍ମରଣୀୟ ହୋଇପାରିନଥିଲା।

### କେନ୍ଦୁପତ୍ର ତୋଳାଳି...

ଜିଲ୍ଲାରେ ବହୁ ସଂଖ୍ୟାରେ ଲୋକ ବିଶେଷକରି ମହିଳାଙ୍କ ରୋଜଗାର ମୁଖ୍ୟତଃ କେନ୍ଦୁପତ୍ର ଉପରେ ନିର୍ଭର କରିଥାଏ। ଏହାଦ୍ୱାରା କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳୀମାନେ ଆର୍ଥିକ ସଶକ୍ତ ହୋଇପାରିବେ।

### ତଦନ୍ତ ଭାର ନେଲା...

ଅନ୍ୟାନ୍ୟ ସାକ୍ଷ୍ୟ ସଂଗ୍ରହ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରାଯିବ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ମାମଲାର ନିରପେକ୍ଷ ତଦନ୍ତ କରାଯାଇ ପ୍ରମାଣ ଆଧାରରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ହସ୍ତାନ୍ତର ହେବା ପରେ କ୍ରାଇମବ୍ରାଞ୍ଚ ଏହି ଷଡ଼ଯନ୍ତ୍ର ପଛରେ ଥିବା ବ୍ୟକ୍ତିମାନଙ୍କର ତାଲିକା ପ୍ରସ୍ତୁତ କରୁଛି। ସେପଟେ ଗଣଶିକ୍ଷା ବିଭାଗରେ ହୋଇଛି ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଛି। ମିଳିଥିବା ସୂଚନାନୁଯାୟୀ, ପାଠ୍ୟପୁସ୍ତକ ପ୍ରକାଶନ ପାଇଁ ଥିବା ରାଜ୍ୟ ଷ୍ଟିୟରିଂ କମିଟି, କୋର କମିଟି, ସମ୍ପାଦନା ଓ ସମୀକ୍ଷକ ମଣ୍ଡଳୀ ଜେରାର ସମ୍ମୁଖୀନ ହେବେ। ଏନସିଇଆର୍ଟି ବହିର ଛବି କିଭଳି ଓଡ଼ିଆ ପୁସ୍ତକରେ ରହିଗଲା, ତାହାର ମଧ୍ୟ ଅନୁଧ୍ୟାନ କରାଯିବ ବୋଲି ଜଣଶପଡ଼ିଛି।

### ଆଜି ନବଯୌବନ...

ହୋଇଥାଏ। ଅଣସର ଗୃହରେ ସମ୍ପୂର୍ଣ୍ଣ ଗୋପନୀୟ ଭାବେ ଶ୍ରୀଜୀଉମାନଙ୍କୁ ଘଣାଲାଗି ପରେ ଖଳି ଲାଗି ଓ ତତ୍ପରେ ଖଡ଼ି ଲାଗି ହୋଇଥାଏ। ଘଣ୍ଟ, ଛତ୍ରୀ, କାହାଳୀ ସହ ଖଳି ପ୍ରସାଦ ଶୁଦ୍ଧ ସୁଆରଙ୍କ ଘର ଠାରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୂପା ପିଙ୍ଗଣରେ ରଖି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଥିଲେ। ସେହିପରି ଆସନ୍ତାକାଲି ନବଯୌବନ ରୂପରେ ଦର୍ଶନ ଦେବେ ମହାପ୍ରଭୁ। ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରାକ୍ରାନ୍ତ ମହାପ୍ରଭୁ ଦୀର୍ଘ ୧୫ ଦିନ ଧରି ଅଣସରରେ ଥିବାବେଳେ ଇତିମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସୂଚନାନୁସାରେ ଦିନ ୨ଟା ପରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନର ସୁଯୋଗ ପାଇବେ। ଅନେକ ନୀତିକାନ୍ତି ଥିବାରୁ ସୀମିତ ସମୟ ପାଇଁ ଦର୍ଶନ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ପାଇଁ ପାରିମାଣିକ ଟିକେଟ ବ୍ୟବସ୍ଥା କରାଯାଇଥିବା ବେଳେ ଏହାର ମୂଲ୍ୟ ୧୫୦ ଟଙ୍କା ରଖାଯାଇଛି। ଦକ୍ଷିଣ ଦ୍ୱାର ଦେଇ ପାରିମାଣିକ ଟିକେଟଧାରୀ ଶ୍ରୀମନ୍ଦିରକୁ ଯାଇ ଦର୍ଶନ କରିପାରିବେ। ସେପଟେ ରଥଯାତ୍ରା ପୂର୍ବରୁ ପୁଲିସ ପକ୍ଷରୁ ଆରମ୍ଭ ହେଲା 'ସାଇବର ସାଥୀ' ଅଭିଯାନ। ପ୍ରଥମ ପର୍ଯ୍ୟାୟରେ ୯ଟି ଫେକ୍ ହୋଟେଲ ୱେବପେଜ୍ ବନ୍ଦ କରାଯାଇଛି। ଠକେଇ ରୋକିବାକୁ ୭୭ଟି ଅଧିକୃତ ହୋଟେଲର ତାଲିକା ଜାରି କରିଛି ପୋଲିସ। 'ସାଇବର ସାଥୀ' ଅଭିଯାନ ମାଧ୍ୟମରେ ୧୬ଟି ଠକେଇ ୟୁଆରଏଲ୍କୁ ବ୍ଲକ୍ କରାଯାଇଛି। ପୁରୀ ପୁଲିସ ମଧ୍ୟ ୮୦ରୁ ଅଧିକ ନକଲି ୱେବ୍ସାଇଟ୍ ଓ ଇମେଲ୍ ବନ୍ଦ କରିସାରିଛି। ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ ଓ ଅଘଟଣଶୂନ୍ୟ କରିବାକୁ ସମସ୍ତ ବ୍ୟବସ୍ଥା ହୋଇଛି। ବିପର୍ଯ୍ୟୟ ପରିଚାଳନା ଓ ଜରୁରୀକାଳୀନ ସହାୟତା ଯୋଗାଇବା ପାଇଁ ମୁତୟନ ହୋଇଛନ୍ତି ଏନଡିଆରଏଫ୍ର ସ୍ୱତନ୍ତ୍ର ଟିମ୍। ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ସୁରକ୍ଷିତ ସ୍ନାନ ଲାଗି ସମୁଦ୍ର କୂଳରେ ନିୟୋଜିତ ହେବେ ୩ ଶହରୁ ଅଧିକ ଲାଇଫ ଗାର୍ଡ। ସମୁଦ୍ର ତଟରେ କୋଷ୍ଟଗାର୍ଡଙ୍କ ସମେତ ଭାରତୀୟ ନୌସେନାର ରହିବ କଡ଼ା ପହରା। କୌଣସି ଅପ୍ରତ୍ୟାଶିତ ଦୁର୍ଯୋଗ କିମ୍ବା ଜରୁରୀ ପରିସ୍ଥିତି ଉପୁଜିଲେ ମୁକାବିଲା ପାଇଁ ଏହି ଦଳଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ଅନ୍ୟ ଏକ ଦଳକୁ ସିବିଆରଏନ ଅର୍ଥାତ୍ ରାସାୟନିକ, ଜୀବାଣୁ, ବିକିରଣ ଓ ପରମାଣବିକ ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ୱତନ୍ତ୍ର ଭାବେ ମୁତୟନ କରାଯାଇଛି।

### ତଥାପି ସୁଧୁରୁନି...

ବୁହା ହେବା ସମୟରେ ହିଁ ମହିଳା ଜଣଙ୍କ କନ୍ୟାସନ୍ତାନ ପ୍ରସବ କରିଛନ୍ତି।
ସେହିଭଳି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବିକ୍ରମଗୁଡ଼ା ଗ୍ରାମର ତୁଳାରାମ ମାଝୀ ଦୀର୍ଘ ଦିନରୁ କିଡ୍ନୀ ରୋଗରେ ପୀଡ଼ିତ। କିଛିଦିନ ତଳେ ବାଇକ୍ ଷ୍ଟାର୍ଟ କରିବା ବେଳେ ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ଗୋଡ଼ ନ ହଲାଇବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଗତକାଲି ସନ୍ଧ୍ୟାରେ ଡାଇଲିସିସ ପାଇଁ ତାଙ୍କୁ ଜରୁରୀକାଳୀନ ଭାବେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ଯିବାର ଥିଲା। ମାତ୍ର ସଠିକ୍ ସମୟରେ ଆମ୍ବୁଲାନ୍ସ ବ୍ୟବସ୍ଥା ନ ହେବାରୁ ପରିବାର ଲୋକେ ବାଧ୍ୟ ହୋଇ ତାଙ୍କୁ ଶୋଇଥିବା ଖଟିଆ ସହ ଏକ ମାଲବାହୀ ଗାଡ଼ିରେ ମେଡିକାଲ୍ ଆଣିଥିଲେ। ଏହି ଦୁଇଟି ଘଟଣା ୧୦୮ ଆମ୍ବୁଲାନ୍ସ ପରିଚାଳନା ଉପରେ ପୁଣି ଥରେ ପ୍ରଶ୍ନଚିହ୍ନ ଲଗାଇଛି। ଜୀବନ ବଞ୍ଚାଇବାକୁ ଦୌଡ଼ୁଥିବା ୧୦୮ ଆମ୍ବୁଲାନ୍ସ ନିଜେ ସୁରକ୍ଷିତ ନୁହେଁ। ରାଜ୍ୟରେ ୮୬୦ଟି ୧୦୮ ଆମ୍ବୁଲାନ୍ସ ଗଡୁଛି। ସେଥିରୁ କିଛି ଦିନ ତଳେ ଆସିଥିବା ୪୨୦ଟି ନୂଆ ଆମ୍ବୁଲାନ୍ସ ରହିଛି। ୧୧୨ଟି ଖୁବ୍ଶୀଘ୍ର ବଦଳିବ ବୋଲି ସୂଚନା ଦେଇଛି ଠିକା ସଂସ୍ଥା। ଏବେବି ଅନେକ ଅଚଳ ହୋଇ ପଡ଼ିରହିଛି। ସେହିପରି ଅବଶିଷ୍ଟ ଗଡୁଥିବା ଗାଡ଼ି ୩ ବର୍ଷ ଟପିଲାଣି । ଆମ୍ବୁଲାନ୍ସ ବାବଦକୁ ୨୦ ଅକ୍ଟୋବର ୨୦୨୪ରୁ ଗତ ମେ' ୩ ତାରିଖ ମଧ୍ୟରେ ୧୦୮ ଆମ୍ବୁଲାନ୍ସ ଓ ରୋଗୀ ପରିବହନ ସେବା ପାଇଁ ମୋଟ ୩୮୮ କୋଟି ୬୧ ଲକ୍ଷ ୬୫ ହଜାର ୭୧୯ ଟଙ୍କା ଖର୍ଚ୍ଚ ହୋଇଥିବା ଆରଟିଆଇ ତଥ୍ୟରୁ ଜଣାପଡ଼ିଛି। ଗୋଟିଏ ପଟେ ସରକାର ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅନ୍ୟପଟରେ ବାରମ୍ବାର ଆମ୍ବୁଲାନ୍ସ ଦୁର୍ଘଟଣା, ସେବାରେ ଅବହେଳା ଓ ରୋଗୀ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି।

### ଚିଠାଦାର ଆନ୍ଦୋଳନକାରୀଙ୍କ...

ମାରିଥିଲେ ସେମାନେ ବି ଏହି ଚିଠାଦାରମାନଙ୍କୁ ବଦଳ ଦେଉଛନ୍ତି। ହେଉଥିବା ଆଲୋଚନା ଅନୁଯାୟୀ, ଏହି ଚିଠାଦାରମାନଙ୍କ ଜରିଆରେ ନିଜ ସରକାର ଥିବା ବେଳେ ଏହି ବିଜେଡି ନେତାମାନେ ବେଶ୍ ଭଲ ରୋଜଗାର କରିଛନ୍ତି। କେତେକ ସ୍ଥାନରେ ବିନା କାମରେ ବି ମାଲ୍ ଉଠାଇଛନ୍ତି, ଭାଗ ବାଣ୍ଟି ନେଇଛନ୍ତି। ତେଣୁ ପୁରୁଣା ସମ୍ପର୍କକୁ ଭୁଲି ପାରି ନ ଥିବା ନେତାମାନେ ଏବେ ଚିଠାଦାରମାନଙ୍କ ପଛରେ ପଥର ଭଳି ଛିଡ଼ା ହୋଇ ଗୋଟି ଚଳାଉଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନର ବିଜେପି ସରକାର ପୂର୍ବ ସରକାର ଅମଳର ଏହି ଚିଠାଦାରଙ୍କ ଉପରେ ଅଙ୍କୁଶ ଲଗାଇବା ଆରମ୍ଭ କରିଦେଇଛନ୍ତି। ଯାହାର ଫଳସ୍ୱରୂପ, ଚିଠାଦାରମାନେ ରାତାରାତି ସଂଘ ତିଆରି କରି ରାଜରାସ୍ତାରେ ଘଣ୍ଟ ପିଟିବା ଆରମ୍ଭ କରିଦେଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ସଚିବାଳୟ ପାଚେରି କଡ଼ରେ ଏଭଳି ଘଣ୍ଟପିଟାକୁ ପୁଲିସ୍ ସବୁ ଦେଖି ନ ଦେଖିଲା ଭଳି ହେଉଛି। ଇତି ମଧରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ଚିଠାଦାରମାନଙ୍କ ତାଲିକା ମଗାଯାଇଥିବା ଜଣାଯାଇଛି। ସବୁତକ ତାଲିକା ମିଳିଲା ପରେ ଏମାନଙ୍କର ଅତୀତର ଖୋଳତାଡ଼ ସହ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ବୋଲି କୁହାଗଲାଣି।

## ମା' ମୃତ୍ୟୁ ଖବର ପାଇ ଚାଲିଗଲା ପୁଅର ଜୀବନ



ନନ୍ଦାହାଣ୍ଡି, ୧୩।୭ (ସଂଚାର ବ୍ୟୁରୋ): ମାଆଙ୍କ ମୃତ୍ୟୁ ଖବର ପାଇ ଘରକୁ ଫେରୁଥିବା ବେଳେ ରାସ୍ତାରେ ଚାଲିଗଲା ପୁଅଙ୍କ ଜୀବନ। ସେ ହେଲେ ସଦର ବ୍ଲକ ପଡ଼ାଲଗୁଡ଼ା ପଞ୍ଚାୟତ ଚାରିଛକର ଗଣେଶ ବିଷୋୟୀ(୩୭)। ସୁଦୂର ବେଙ୍ଗାଲୁରରୁ ବସ୍ରେ ଆସୁଥିବା ବେଳେ ତାମିଲନାଡୁର ସାଲେମ୍ ବସଷ୍ଟାଣ୍ଡରେ ଗଣେଶଙ୍କ ମୃତ୍ୟୁ ହୋଇଛି। ସେଠାକାର ପୁଲିସ ଶବ ଜବତ କରିଛି। ମାଆ ପରେ ପୁଅର ଜୀବନ ଚାଲିଯିବାରୁ ପରିବାରରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୫ ବର୍ଷ ହେଲା ବେଙ୍ଗାଲୁରୁରେ ଶ୍ରମିକ ଭାବେ କାମ କରୁଥିଲେ ଗଣେଶ। ଗତ ୧୦ ତାରିଖରେ ତାଙ୍କ ମାଆ ସାବିତ୍ରୀ ବିଷୋୟୀ(୫୫)ଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଗାଁକୁ ବସ୍ରେ ଫେରୁଥିଲେ ସେ। ସାଲେମ୍ ବସ୍ଷ୍ଟାଣ୍ଡରେ ଗାଡ଼ିରୁ ଓହ୍ଲାଇଥିଲେ। ହଠାତ ତାଙ୍କ ମୃତ୍ୟୁ ହୋଇଥିଲା। ତାମିଲନାଡୁ ପୁଲିସ ଶବ ଜବତ ପରେ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଘରେ ଗଣେଶଙ୍କ ସ୍ତ୍ରୀ ଓ ୩ ପିଲା ଅଛନ୍ତି। ୨ ଦିନରେ ଆଗପଛ ହୋଇ ପରିବାରର ୨ ଜଣଙ୍କ ମୃତ୍ୟୁ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ବଡ଼ମ୍ବାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



କଟକ, ୧୩।୭ (ସଂଚାର ବ୍ୟୁରୋ): ବଡ଼ମ୍ବା ବ୍ଲକ ସଭାଗୃହଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୁଣାଣିରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଆରକ୍ଷୀ ଅଧୀକ୍ଷକ, ବଡ଼ମ୍ବା ମଣ୍ଡଳ ଉନ୍ନୟନ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ତଥା ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୨୨ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ସେଥିମଧ୍ୟରୁ ୧୧୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିଲା। ଶୁଣାଣି ସ୍ଥଳରେ ୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ଭିନ୍ନକ୍ଷମ ଭତ୍ତା ସମ୍ବନ୍ଧୀୟ ୧୨ଟି ଏବଂ ଅନ୍ୟାନ୍ୟ ଭତ୍ତା ସମ୍ବନ୍ଧୀୟ ୧୫ଟି ଅଭିଯୋଗ ସମେତ ରାଜସ୍ୱ, ଜମିଜମା, ପାନୀୟ ଜଳ, ରାସ୍ତାଘାଟ, ସାମାଜିକ ସୁରକ୍ଷା, ଗ୍ରାମୀଣ ଉନ୍ନୟନ, କୃଷି ଏବଂ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ଉପସ୍ଥାପିତ ହୋଇଥିଲା। ଶୁଣାଣି କାଳରେ ଜିଲ୍ଲାପାଳ ଶ୍ରୀ ସିନ୍ଦେ ପ୍ରତ୍ୟେକ ଅଭିଯୋଗର ଗୁରୁତ୍ୱକୁ ବିଚାରକୁ ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ସ୍ଥଳେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଉତ୍ତର ଦମ୍ଦମ୍ରେ ଶୁଟ୍ଆଉଟ୍, ରାଜା ଦତ୍ତ ନିହତ

କୋଲକାତା, ୧୩।୭ (ସଂଚାର ବ୍ୟୁରୋ): ସୋମବାର ସକାଳେ ଉତ୍ତର ଦମ୍ଦମ୍ରେ ହୋଇଥିବା ସୁଟ୍ଆଉଟ୍ରେ କୁଖ୍ୟାତ ଅପରାଧୀ ରାଜା ଦତ୍ତଙ୍କ ମୃତ୍ୟୁ ଘଟିଛି। ତାଙ୍କର ଦୁଇ ସହଯୋଗୀ ଆହତ ହୋଇଛନ୍ତି। ବେଲଘରିଆ ଏକ୍ସପ୍ରେସୱେ ନିକଟସ୍ଥ ଖାଲିସାକୋଟା ଅଞ୍ଚଳରେ ଏହି ଘଟଣା ଘଟିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲା। ହସ୍ପିଟାଲରେ ରାଜାଙ୍କୁ ମୃତ ଘୋଷଣା କରାଯାଇଥିଲା। ଆହତ ଦ୍ୱୟ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ପୁଲିସ ସୂତ୍ରରୁ ଜଣାପଡିଛି ଯେ, ରାଜା ଏକ ମୋଟର ସାଇକେଲରେ ସେହି ସ୍ଥାନରେ ପହଞ୍ଚିଥିଲେ। ସୁମନ ନାମକ ଜଣେ ବ୍ୟକ୍ତି ତାଙ୍କଠାରୁ ବନ୍ଧୁକ ଛଡ଼ାଇ ନେଇ ତାଙ୍କୁ ଗୁଳି କରିଥିଲା।




## କଳିଙ୍ଗ ଟାଏକ୍ୱୋଣ୍ଡୋ ଆସୋସିଏସନକୁ ୧୮ ପଦକ

କଟକ, ୧୨।୭ (ସଂଚାର ବ୍ୟୁରୋ): ଗୋଆ ମାପୁଷାର ପେଡମ ଇଣ୍ଡୋର ଷ୍ଟାଡିଅମ୍ରେ ଜୁନ୍ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ନବମ ଟାଏକ୍ୱୋଣ୍ଡୋ ଏସିଆ କପ୍- ୨୦୨୬ରେ କଳିଙ୍ଗ ଟାଏକ୍ୱୋଣ୍ଡୋ ଆସୋସିଏସନର ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। କୋଚ୍ ଓମ୍କାର ନାୟକ, ଅଂଶୁମାନ ମହାନ୍ତି ଓ ଗାୟତ୍ରୀ ସିଂହଙ୍କ ତତ୍ତ୍ୱାବଧାନରେ ଗୋଆରେ ଉନ୍ନତମାନର ପ୍ରଶିକ୍ଷଣ ପାଇଥିବା ୧୮ ଜଣ ପୁରୁଷ ଓ ମହିଳା ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣ ସ୍ୱର୍ଣ୍ଣ, ୬ ଜଣ ରୌପ୍ୟ ଓ ୫ ଜଣ ବ୍ରୋଞ୍ଜ୍ ଜିତି ମୋଟ ୧୮ଟି ପଦକ ହାସଲ କରିଥିଲେ। କଟକ ଗାନ୍ଧି ଭବନଠାରେ କଳିଙ୍ଗ ଟାଏକ୍ୱୋଣ୍ଡୋ ଆସୋସିଏସନ ପକ୍ଷରୁ

## ୯୦୦ କେଜି ଗଞ୍ଜେଇ, ୧୦ ଲକ୍ଷ ଟଙ୍କା ଜବତ: ୭ ଗିରଫ




ମନମୁଣ୍ଡା, ୧୩।୭ (ସଂଚାର ବ୍ୟୁରୋ): ମନୋହରପୁର ଗ୍ରାମ ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମନମୁଣ୍ଡା ପୁଲିସ ଚଢ଼ାଉ କରି ୯୦୦ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ୨ଟି କାର, ପିସ୍ତଲ ଓ ୧୦ ଲକ୍ଷ ଟଙ୍କା ପୁଲିସ ଜବତ କରିଛି। ଏହି ଘଟଣାରେ ପୁଲିସ ୭ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଥାନା ରୁଣ୍ଡିମହୁଲ ଗ୍ରାମର ଭବାନୀଶଙ୍କର ବାରିକ (୨୮), ମିଥୁନ ଖଟୁଆ (୨୮), ଟୁରିଦେଉଳର ପ୍ରହ୍ଲାଦ ମେହେର (୩୫), ସେଲାମାଳର ବିଜୟ ପ୍ରସାଦ ଗାଇଗୌରିଆ (୨୫), ଘଣ୍ଟାପଡ଼ା ଥାନା ଅଶୋକ ରଣା (୨୮), ମନମୁଣ୍ଡା ଥାନା ଲୁଣପଙ୍ଗାର ପ୍ରମୋଦ ମିଶ୍ର (୩୦), ନରସିଂହପୁରର ଶରତ ପ୍ରଧାନ (୨୬)।

ଚୋରା ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଆଇଆଇସି ଚିରଞ୍ଜିବୀ ବେହେରାଙ୍କ ନେତୃତ୍ୱରେ ମନୋହରପୁର ଗ୍ରାମ ଅଞ୍ଚଳରେ ମନମୁଣ୍ଡା ପୁଲିସ ଅଚାନକ ଚଢ଼ାଉ କରିଥିଲା। ପୁଲିସକୁ ଦେଖି ସେଠାରେ ଥିବା କିଛି ବ୍ୟକ୍ତି ଗଞ୍ଜେଇ ଭର୍ତ୍ତି ବସ୍ତା ଛାଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ପୁଲିସ ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ଗିରଫ କରିଥିବା ବେଳେ ୪-୫ ଜଣ ଖସି ଯିବାରେ ସଫଳ ହୋଇଛନ୍ତି। ଭବାନୀ ଶଙ୍କର ବାରିକ ଏହି ଚୋରା କାରବାରର ମୁଖ୍ୟ ଅଭିଯୁକ୍ତ ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି।

## ଗୁରୁଜୀଙ୍କ ନେତୃତ୍ୱରେ ହେବ ଗୁରୁଗ୍ରାମ ରଥଯାତ୍ରା

● ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ବିରୋଧୀଦଳ ନେତାଙ୍କ ଶୁଭେଚ୍ଛା



ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ): ନୂଆଦିଲ୍ଲୀ ଉପକଣ୍ଠ ଗୁରୁଗ୍ରାମସ୍ଥିତ 'ସାଇ କା ଆଙ୍ଗନ୍'ରେ ରଥଯାତ୍ରା ଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବିଶିଷ୍ଟ ଆଧ୍ୟାତ୍ମିକ ଚିନ୍ତକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ ଏଠାରେ ଆରମ୍ଭ ହୋଇଥିବା ରଥଯାତ୍ରା ସ୍ଥାନୀୟ ଅଧିବାସୀ ତଥା ଦେଶ ବିଦେଶର ଅଗଣିତ ଅନୁଗାମୀଙ୍କ ପାଇଁ ଏବେ ଆକର୍ଷଣର କେନ୍ଦ୍ର ପାଲଟିଛି। ରଥଯାତ୍ରା ଉତ୍ସବ ଅବସରରେ ଓଡ଼ିଶାର ସଂସ୍କୃତି, କଳା ଓ ପରମ୍ପରାର ଉତ୍କୃଷ୍ଟତା ପ୍ରଦର୍ଶନ ପୂର୍ବକ ପ୍ରକାର ପ୍ରକାର ଷ୍ଟଲ୍ ସହ ବିବିଧ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ନୂଆଦିଲ୍ଲୀ ତଥା ଜାତୀୟ ରାଜଧାନୀ ପରିସର ଅଞ୍ଚଳ (ଏନସିଆର) ମଧ୍ୟରେ ଏଠାରେ ସର୍ବାଧିକ ଉଚ୍ଚତା ବିଶିଷ୍ଟ ରଥ ନିର୍ମିତ ହେଉଥିବା ଜଣାପଡ଼ିଛି। କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ଚଳିତବର୍ଷ ଏହି ଉତ୍ସବରେ ଯୋଗଦେଉଥିବା ବେଳେ ବହୁ ବିଶିଷ୍ଟ ଓ ଗଣ୍ୟମାନ୍ୟ ବ୍ୟକ୍ତି ଏହି ପବିତ୍ର ଅବକାଶରେ ସାମିଲ ହେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁଜୀ ଡ. ଶତପଥୀଙ୍କ ପ୍ରେରଣାରେ ଗୁରୁଗ୍ରାମରେ ରଥଯାତ୍ରା ଉତ୍ସବ ଆୟୋଜିତ ହେବା ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି ଉଲ୍ଲେଖ କରିଛନ୍ତି। ସେ ଏକ ବାର୍ତ୍ତା ପଠାଇ କହିଛନ୍ତି ଯେ ଓଡ଼ିଶା ବାହାରେ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଭକ୍ତି, ଶାନ୍ତି ଓ ସଦ୍ଭାବର ସ୍ରୋତ ପ୍ରବାହିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ ଗୁରୁଗ୍ରାମର ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ସେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ରଥଯାତ୍ରା ଉତ୍ସବ ସମସ୍ତଙ୍କ ଜୀବନରେ ଶାନ୍ତି, ସୁଖ ଓ ସମୃଦ୍ଧି ଆଣିଦେଉ ବୋଲି କାମନା କରିଛନ୍ତି। ଏହାଛଡ଼ା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ତାଙ୍କର ଶୁଭେଚ୍ଛା ଜଣାଇ ଏକ ବାର୍ତ୍ତା ପଠାଇଛନ୍ତି।

● ୨୦୨୧ ନିର୍ବାଚନ ପରବର୍ତ୍ତୀ ହିଂସା

## ବୀରଭୂମ ତୃଣମୂଳ ନେତା ଗିରଫ

କୋଲକାତା, ୧୩।୭ (ସଂଚାର ବ୍ୟୁରୋ): ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ କଙ୍କାଳିତାଲା ଗ୍ରାମପଞ୍ଚାୟତର ଉପପ୍ରଧାନ ତଥା ତୃଣମୂଳ ନେତା ମହମ୍ମଦ ଓହିଦୁଦ୍ଦିନ୍ ଓରଫ ମାମୁନ୍ ଶେଖ୍ଙ୍କୁ ଗିରଫ କରାଯାଇଛି। ଶାନ୍ତିନିକେତନ ଥାନା ପୁଲିସ ତାଙ୍କୁ ରବିବାର ରାତିରେ ଲାଭପୁର ଅଞ୍ଚଳରୁ ଗିରଫ କରିଛି। ପୁଲିସ ସୂତ୍ର ଅନୁଯାୟୀ, ୨୦୨୧ ମସିହା ବିଧାନସଭା ନିର୍ବାଚନ ପରେ ହୋଇଥିବା ନିର୍ବାଚନ ପରବର୍ତ୍ତୀ ହିଂସା ସମ୍ପର୍କରେ ଜଣେ ବିଜେପି କର୍ମୀଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିଲା। ପୁଲିସ ଦାବି କରିଛି ଯେ ସେବେଠାରୁ ସେ ଲୁଚି ରହିଥିଲେ। ସୂଚନା ପାଇ ପୁଲିସ ରବିବାର ରାତିରେ ଲାଭପୁରରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି।

## ପୂର୍ବତନ ବିଧାୟକଙ୍କ ପୁଅ ଗିରଫ

କୋଲକାତା, ୧୩।୭ (ସଂଚାର ବ୍ୟୁରୋ): ଠକେଇ ଓ ଛିନ୍ତାଇ ଅଭିଯୋଗରେ ପୂର୍ବତନ ପାଣିହାଟି ବିଧାୟକ ନିର୍ମଳ ଘୋଷଙ୍କ ପୁଅ ତୀର୍ଥଙ୍କର ଘୋଷଙ୍କୁ ପୁଲିସ ଗିରଫ କରିଛି। ଲଟେରୀ ଜାଲିଆତି ଅଭିଯୋଗ ବ୍ୟତୀତ ସେ ୨୦୨୧ ମସିହା ନିର୍ବାଚନ ପରେ ନିର୍ବାଚନ ପରବର୍ତ୍ତୀ ହିଂସା ସହିତ ଜଡ଼ିତ ଥିବା ଅଭିଯୋଗ ରହିଛି। ଖଡଦହ ଥାନା ପୁଲିସ ସୋମବାର ସକାଳେ ଦକ୍ଷିଣେଶ୍ୱରରୁ ତୀର୍ଥଙ୍କରଙ୍କୁ ଗିରଫ କରିଛି। ସେ ତୃଣମୂଳ କଂଗ୍ରେସ ଟିକେଟରେ ପାଣିହାଟିରୁ ନିର୍ବାଚନ ଲଢ଼ିଥିଲେ।

## 'ଦିଲ୍ଲୀ ଚାଲ' ମହାସମାବେଶକୁ ସଫଳ କରିବାକୁ ଆହ୍ୱାନ




ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ): ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଭୁବନେଶ୍ୱର ଜୋନର ସାଧାରଣ ପରିଷଦ ବୈଠକ ଭଗବତୀ ଭବନ ସମ୍ମିଳନୀ କକ୍ଷରେ ବରିଷ୍ଠ ମହିଳା ନେତ୍ରୀ ସାଗରିକା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଜୋନ ସମ୍ପାଦକ କୈଳାସ ଚନ୍ଦ୍ର ପୁହାଣ କାର୍ଯ୍ୟକ୍ରମର ବିବରଣୀ ଓ ରାଜ୍ୟ ପରିଷଦର ନିଷ୍ପତ୍ତି ଉପସ୍ଥାପନ କରି ଭୁବନେଶ୍ୱରରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଅଫିସ ଦପ୍ତରରେ ଦୁର୍ନୀତି, ଭ୍ରଷ୍ଟାଚାର, ଅରାଜକତା, କଳକାରଖାନା ବନ୍ଦ, ବେଆଇନ ଭାବେ ବଳପୂର୍ବକ ବସ୍ତି ଉଚ୍ଛେଦ ନେଇ ଗଭୀର ଉଦ୍ବେଗ ପ୍ରକାଶ କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଏହି ବୈଠକରେ ବକ୍ତବ୍ୟ ରଖି ଜୀବନ ରକ୍ଷାକାରୀ ଔଷଧ, ରନ୍ଧନ ଗ୍ୟାସ୍, ପେଟ୍ରୋଲିୟମ ସାମଗ୍ରୀ ସମେତ ଅତ୍ୟାବଶ୍ୟକୀୟ ଜିନିଷର ଆକାଶଛୁଆଁ ଦରବୃଦ୍ଧି, ଉତ୍କଟ ବେକାରୀ, ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ଶ୍ରମ କୋଡ୍ ନାମରେ ଶ୍ରମିକ ଶୋଷଣ, ଏମ୍ଏସ୍ପିର ଆଇନଗତ ଗ୍ୟାରେଣ୍ଟି ନ ଦେଇ କୃଷକଙ୍କୁ ଲୁଣ୍ଠନ କରିବା, ଲାଭଜନକ ଉଦ୍ୟୋଗଗୁଡ଼ିକୁ ରାହୁ ପୁଞ୍ଜିପତିଙ୍କୁ ସମର୍ପଣ କରି ଦେଶର ଅର୍ଥନୀତିକୁ ଦେବାଳିଆ କରିବା ପ୍ରଭୃତି କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ଏହା ବିରୁଦ୍ଧରେ ସଙ୍ଗଠିତ ହେଉଥିବା ଜନଗଣଙ୍କ ପ୍ରତିବାଦକୁ ବିଭାଜିତ କରିବା ପାଇଁ ବିଜେପି ଓ ସଂଘ ପରିବାର ସାମ୍ପ୍ରଦାୟିକ, ଜାତିଆଣ ବିଦ୍ୱେଷ, ଘୃଣା, ହିଂସା, ଭିଡ଼ ହତ୍ୟାର ଆତଙ୍କ ଖେଳାଉଛନ୍ତି। ଦେଶରେ ଦଳିତ, ଆଦିବାସୀ, ସଂଖ୍ୟାଲଘୁଙ୍କୁ ଭିଟାମାଟିରୁ ବିସ୍ଥାପିତ କରାଯାଉଛି। ଏ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ସିପିଆଇ ପକ୍ଷରୁ ଆସନ୍ତା ଅଗଷ୍ଟ ୬ରୁ ୧୫ ପର୍ଯ୍ୟନ୍ତ ପ୍ରତି ଗାଁ, ସାହି, ୱାର୍ଡ ଓ ପଡ଼ାରେ ଜନସମ୍ପର୍କ ପଦଯାତ୍ରା ଓ ସେପ୍ଟେମ୍ବର ୧ରେ ଦିଲ୍ଲୀରେ 'ପରିବର୍ତ୍ତନ ଜରୁରୀ' ମହାସମାବେଶ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ଏହାକୁ ସଫଳ କରିବା ପାଇଁ ଡ. ମିଶ୍ର ଆହ୍ୱାନ ଦେଇଛନ୍ତି। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ରମଣୀରଞ୍ଜନ ରାଉତରାୟ, କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା, ଜିଲ୍ଲା ସମ୍ପାଦକ ଅମିୟ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସାଥୀ ରାକେଶ ପାତ୍ର, ଶଙ୍କର ବାରିକ, ପରମାନନ୍ଦ ବେହେରା, ଶରତ ସ୍ୱାଇଁ, ଲିଙ୍ଗରାଜ ସାହୁ, ବାସ୍ତି ସାହୁ, ନୀଳମଣି ସାହୁ, ଭୁବନଚାନ୍ଦ ହାତୀ, ପ୍ରତିମା କାଣ୍ଡି ପ୍ରମୁଖ ଆଲୋଚନା କରିଥିଲେ।

## ଭେକ୍ଟ ଛାତ୍ର ପାଠାଗାର ଉଦ୍ଘାଟିତ

ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ): ଗାଡ଼କଣସ୍ଥିତ ଆଦିମାତା କଲୋନୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିକାଶ ଏଜୁକେସନାଲ ଚ୍ୟାରିଟେବୁଲ ଟ୍ରଷ୍ଟ (ଭେକ୍ଟ) ପକ୍ଷରୁ ଛାତ୍ର ପାଠାଗାର ଉଦ୍ଘାଟିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଟ୍ରଷ୍ଟର ନିର୍ଦ୍ଦେଶକ ମାନସ ରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ପାଠାଗାର ପ୍ରତିଷ୍ଠାର ମୂଳ ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଡିଜିଟାଲ ଯୁଗରେ ପୁସ୍ତକର ମହତ୍ତ୍ୱକୁ ବଜାୟ ରଖିବା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢ଼ାର ଅଭ୍ୟାସ ସୃଷ୍ଟି କରିବା, ଭିତ୍ତିଭୂମି ସ୍ତରର ସାକ୍ଷରତା ଅଭାବ ଦୂର କରିବା ଏବଂ ରଙ୍ଗିନ ଓ ଆକର୍ଷଣୀୟ ପୁସ୍ତକ ମାଧ୍ୟମରେ ଶିଶୁମାନଙ୍କର କଳ୍ପନା ଶକ୍ତି, ସୃଜନଶୀଳତା, ଭାଷା ଦକ୍ଷତାର ବିକାଶ କରିବା ଟ୍ରଷ୍ଟ ମୂଳ ଉଦ୍ଦେଶ୍ୟ ରହିଛି ଓ ପଢ଼-ଶିଖ-ନେତୃତ୍ୱ ନିଅ ବାର୍ତ୍ତା ରହିଛି। ପୂର୍ବତନ ଆୟକର ମୁଖ୍ୟ ଆୟୁକ୍ତ ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଟ୍ରଷ୍ଟର ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ଚୌଧୁରୀ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଦାସ ବେନହୁର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ତଥା ଗାଳ୍ପିକ ପରେଶ କୁମାର ପଟ୍ଟନାୟକ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟର ବିକାଶ ଓ ଚିନ୍ତାଶୀଳ ପଠନ ଉପରେ ଗୁରୁତ୍ୱ ଦେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌତୁହଳ ଓ କଳ୍ପନା ଶକ୍ତି ବୃଦ୍ଧି କରିବାରେ ପୁସ୍ତକର ଭୂମିକା ଉପରେ ଆଲୋକପାତ କରିଥିଲେ। ନେଲସନ ମଣ୍ଡେଲାଙ୍କ ବାଣୀ ଶିକ୍ଷା ହେଉଛି ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଓ ସନାତନ ଉକ୍ତି ବିଦ୍ୟା ଦଦାତି ବିନୟଂର ଅବତାରଣା କରି ପୁସ୍ତକକୁ ଜୀବନର ସର୍ବୋତ୍ତମ ବନ୍ଧୁ ବୋଲି ଅଭିହିତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଟ୍ରଷ୍ଟର ଅନ୍ୟତମ ନିର୍ଦ୍ଦେଶକ ବିକାଶ ବିହାରୀ ବିଶ୍ୱାଳ, ଦୀନବନ୍ଧୁ ନନ୍ଦ, ଶିକ୍ଷାବିତ୍ ନନ୍ଦ କିଶୋର ସାହୁ, ଶାନ୍ତିସୁଧା କାନୁନଗୋ, ପ୍ରଫୁଲ୍ଲ କୁମାର ଦାସ, ସୁମନ୍ତ ନନ୍ଦୀ, ବସନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଦୀପ୍ତିମୟ ରଥ ଏହି ପାଠାଗାର ଦ୍ୱାରା ଶିଶୁମାନଙ୍କର ମାନସିକ ବିକାଶ ଘଟିବ ବୋଲି କହିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାମୀଙ୍କ ମୃତ୍ୟୁ ପରେ ଅସହାୟ ମହିଳା

# ୩ ସନ୍ତାନଙ୍କ ସହ ଦୁର୍ଦ୍ଦିନରେ ସମ୍ବାରି



ଆନନ୍ଦପୁର,୧୩।୭(ସଂଚାର ବ୍ୟୁରୋ): ସ୍ୱାମୀଙ୍କ ମୃତ୍ୟୁ ପରେ ଭାଙ୍ଗି ପଡ଼ିନାହାନ୍ତି, ବରଂ ତିନି ଛୋଟ ଛୋଟ ସନ୍ତାନଙ୍କ ଜୀବନ ବଞ୍ଚାଇବାକୁ ପ୍ରତିଦିନ ସଂଘର୍ଷ କରୁଛନ୍ତି ଜଣେ ଅସହାୟ ମା'। କିନ୍ତୁ ନାହିଁ ମୁଣ୍ଡ ଗୁଞ୍ଜିବାକୁ ଘର, ନାହିଁ ଦୁଇ ଓଳି ଖାଇବାକୁ ଖାଦ୍ୟ। ସରକାରୀ ଯୋଜନାର ସୁବିଧା ମଧ୍ୟ ତାଙ୍କ ପାଇଁ ଏଯାଏଁ ଅପହଞ୍ଚ। ଏଭଳି ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଶାଳବଣି ଗାଁରୁ।

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣି ପଞ୍ଚାୟତର ଶାଳବଣି ଗାଁର ସମ୍ବାରି ମୁଣ୍ଡା। ପାଞ୍ଚ ବର୍ଷ ପୂର୍ବେ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ଉପରେ ଭାଙ୍ଗି ପଡ଼ିଛି ଦୁଃଖର ପାହାଡ଼। ସ୍ୱାମୀଙ୍କୁ ହରାଇବା ପରେ ତିନି ସନ୍ତାନଙ୍କ ଲାଳନପାଳନର ସମସ୍ତ ଦାୟିତ୍ୱ ତାଙ୍କ କାନ୍ଧରେ ଆସି ପଡ଼ିଛି। ଅଭିଯୋଗ ଅନୁଯାୟୀ, ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ଭିଟାମାଟିକୁ ଅନ୍ୟମାନେ ଦଖଲ କରିଦେଇଥିବାରୁ ସେ ଘର ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏବେ କାହାର ପିଣ୍ଡାରେ, ତ କେବେ କ୍ଲବ୍ ଘର ବାରଣ୍ଡାରେ ଏବଂ କୌଣସି ଦୋକାନ ଆଗରେ ତିନି ସନ୍ତାନଙ୍କୁ ଧରି ଦିନ କାଟୁଛନ୍ତି। ଓଳିଏ ଖାଇଲେ ଓଳିଏ ଉପାସ ରହିବାକୁ ପଡୁଛି। ଭୋକରେ ଛଟପଟ ହେଉଛନ୍ତି ଏହି ତିନି କୋମଳମତି ଶିଶୁ।

ସମ୍ବାରି ମୁଣ୍ଡାଙ୍କର ଆଧାର କାର୍ଡ ଥିଲେ ମଧ୍ୟ ତାଙ୍କ ତିନି ସନ୍ତାନଙ୍କର ଏପର୍ଯ୍ୟନ୍ତ ଆଧାର କାର୍ଡ ହୋଇନାହିଁ। ଫଳରେ ସରକାରୀ ଯୋଜନାର ଅନେକ ସୁବିଧାରୁ ସେମାନେ ବଞ୍ଚିତ ରହିଛନ୍ତି। ଘର ନାହିଁ, ଖାଦ୍ୟର ସୁରକ୍ଷା ନାହିଁ, ଆଉ ସରକାରୀ ସହାୟତା ମଧ୍ୟ ପହଞ୍ଚିନାହିଁ। ଜଣେ ଅସହାୟ ବିଧବା ମା' ନିଜ ଜୀବନଠାରୁ ଅଧିକ ତିନି ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ। ମୁଣ୍ଡ ଉପରେ ଛାତ ନାହିଁ, ପେଟକୁ ଦାନା ନାହିଁ, ତଥାପି ବଞ୍ଚିବାର ଆଶା ଛାଡ଼ିନାହାନ୍ତି ସମ୍ବାରି।

ଏବେ ତାଙ୍କ ଆଖିରେ କେବଳ ଗୋଟିଏ ଆଶା ପ୍ରଶାସନ ଓ ସରକାରଙ୍କ ସହାୟତା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ, ପୀଡ଼ିତ ପରିବାରକୁ ଆବାସ, ଖାଦ୍ୟ ସୁରକ୍ଷା ଏବଂ ସରକାରୀ ଯୋଜନାର ସୁବିଧା ତୁରନ୍ତ ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

## ଟେକ୍ ମହିନ୍ଦ୍ରା ସହ ସୋଆର ବୁଝାମଣାପତ୍ର ସ୍ୱାକ୍ଷର

### ଆଇଟିଇଆର୍ ପରିସରରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା



ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ): ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀଙ୍କୁ ଶିଳ୍ପାନୁକୂଳ ଦକ୍ଷତା ପ୍ରଦାନ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଓ ବିଶ୍ୱସ୍ତରୀୟ ଆଇଟି କମ୍ପାନୀ ଟେକ୍ ମହିନ୍ଦ୍ରା ଲିମିଟେଡ୍ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଯାଇଛି।

ଏହି ଚୁକ୍ତି ଅନୁଯାୟୀ ସୋଆର ଇଞ୍ଜିନିୟରିଂ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଇନ୍‌ଷ୍ଟିଚ୍ୟୁଟ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଏକ ଅତ୍ୟାଧୁନିକ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ) ଲ୍ୟାବ୍ ପ୍ରତିଷ୍ଠା କରାଯିବ। ଏହି ସହଯୋଗ ମାଧ୍ୟମରେ ଶିକ୍ଷାଗତ ଜ୍ଞାନ ଓ କର୍ପୋରେଟ୍ କ୍ଷେତ୍ରରେ ବ୍ୟବହାରିକ ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରାଯିବ। ଏହାଦ୍ୱାରା ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଶିଳ୍ପାନୁକୂଳ ପ୍ରଶିକ୍ଷଣ, ଇଣ୍ଟର୍ନସିପ୍, ଗବେଷଣା ସହଯୋଗ ପ୍ରଫେସନାଲ ସାର୍ଟିଫିକେସନ୍ ଓ ଉନ୍ନତ କୌଶଳ ବିକାଶ କାର୍ଯ୍ୟକ୍ରମର ସୁଯୋଗ ପାଇବେ।

ଏମ୍ଓୟୁ ସ୍ୱାକ୍ଷର ଓ ସିଓଇ ଲ୍ୟାବ୍ ଉଦ୍‌ଘାଟନ ଉତ୍ସବରେ ଟେକ୍ ମହିନ୍ଦ୍ରା ପକ୍ଷରୁ ଗ୍ଲୋବାଲ୍ ଲିଡରସିପ୍ ହାୟାରିଂର ମୁଖ୍ୟ ଶ୍ରୀ ଧର୍ମରାଜ ନାୟକ ଏବଂ ସର୍ଭିସ୍ ନାଓ ପ୍ରାକ୍ଟିସେସ୍‌ର ପ୍ରୋଜେକ୍ଟ ଡେଲିଭରି ମ୍ୟାନେଜର ଶ୍ରୀ ମାଇକେଲ୍ ସୁଧୀର ୟେନ୍ନମ୍ ଉପସ୍ଥିତ ଥିଲେ।

### ହିଞ୍ଜିଳିରେ ପୁଣି ମାତିଲେ ଚୋର

## ଦୁଇ ଚା ଦୋକାନର ଚାବି ଭାଙ୍ଗି ଲୁଟିଲେ



ହିଞ୍ଜିଳିକାଟୁ,୧୩।୭ (ସଂଚାର ବ୍ୟୁରୋ): କିଛି ଦିନର ବ୍ୟବଧାନ ପରେ ପୁଣି ମାତିଲେ ହିଞ୍ଜିଳିକାଟୁ ସହରରେ ଚୋର। ପୌରାଞ୍ଚଳସ୍ଥିତ ଆରଏମସି ଛକ ଠାରୁ ୧୦୦ ମିଟର ଦୂର ଅର୍ଥାତ ପେଟ୍ରୋଲ ପମ୍ପ ନିକଟସ୍ଥ ସିଲୁ ସାହୁ ଚା ଦୋକାନ ଓ ସୋମପୁର ଛକ ସ୍ଥିତ ଅଜିତ ପାଣିଗ୍ରାହୀଙ୍କ ଚା ଦୋକାନରୁ ରବିବାର ବିଳମ୍ବିତ ରାତିରେ ଦୋକାନ ଚାବି ଭାଙ୍ଗି ଦୋକାନ ଭିତରେ ପଶି ସିସିଟିଭି ଭାଙ୍ଗି କଳାକନା ବୁଲେଇଛନ୍ତି ଦୁର୍ବୃତ୍ତ। ପ୍ରକାଶ ଯେ , ଅଜିତ ପାଣିଗ୍ରାହୀ ସବୁ ଦିନ ଭଳି ଗତକାଲି ବି ନିଜର ବ୍ୟବସାୟ ବନ୍ଦ କରି ରାତି ୧୦ଟାରେ ଘରକୁ ଯାଇଥିଲେ | ଆଜି ସକାଳ ୪ଘଣ୍ଟ ସମୟରେ ଦୋକାନରେ ପହଞ୍ଚି ତାଲା ଭଙ୍ଗା ଯାଇଛି ନେଇ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ କବାଟ ଖୋଲି ଭିତରକୁ ପ୍ରବେଶ କରି ଦେଖିବା ମାତ୍ରେ ଜାଣିବାକୁ ପାଇଥିଲେ ଦୁର୍ବୃତ୍ତ ମାନେ ଦୋକାନ ଭିତରେ ପଶି ଡ୍ର ରୁ ୩୦୦୦ ଟଙ୍କା ଚୋରି କରିଥିବା ବେଳେ ସିସିଟିଭି କ୍ୟାମେରା ଭାଙ୍ଗି ନାମିଦାମୀ ବ୍ରାଣ୍ଡର ସିଗାରେଟ ଚୋରି କରିଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ନେଇ ଅଜିତ କହିଛନ୍ତି। ଏନେଇ ଅଜିତ ଆଜି ସକାଳେ ହିଞ୍ଜିଳି ଥାନାରେ ଏକ ଲିଖିତ ଭାବେ ଅଭିଯୋଗ କରିଥିବା ବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସେହିପରି ପେଟ୍ରୋଲ ପମ୍ପ ନିକଟସ୍ଥ ସିଲୁ ଚା ଗତ କିଛି ଦିନ ବନ୍ଦ ରହିଥିବା ବେଳେ ସମାନ ଭାବେ ଚାବି ଭାଙ୍ଗି ଭିତରକୁ ପଶି ନାମିଦାମୀ ବ୍ରାଣ୍ଡର ସିଗାରେଟ ଚୋରି କରିଛନ୍ତି ଦୁର୍ବୃତ୍ତ। ଖବର ପାଇଁ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛି |

## କୁମ୍ଭାରୀ-ଫରଙ୍ଗ ରାସ୍ତା ଅବସ୍ଥା ଶୋଚନୀୟ

### ତୁରନ୍ତ ମରାମତି ଦାବି



ଭବାନୀପାଟଣା,୧୩।୭ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଟେମରି ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରୀରୁ ଫରଙ୍ଗକୁ ସଂଯୋଗ କରୁଥିବା ଆର୍ ଡି ରାସ୍ତା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପହଞ୍ଚିଛି। ରାସ୍ତା ଉପରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତ ବ୍ୟାହତ ହେଉଛି। ପ୍ରତିଦିନ ଏହି ରାସ୍ତା ଦେଇ ସ୍କୁଲ ଛାତ୍ର ଛାତ୍ରୀ, ରୋଗୀ, କୃଷକ ଓ ଶତାଧିକ ଯାତ୍ରୀ ଯାତାୟାତ କରୁଛନ୍ତି। ବର୍ଷା ପାଣିରେ ଖାଲଖମା ଭରି ରହୁଥିବାରୁ ଦୁଇ ଚକିଆ ଯାନ ଚାଳକମାନେ ସବୁଠାରୁ ଅଧିକ ଅସୁବିଧାରେ ପଡୁଛନ୍ତି ଏବଂ ଦୁର୍ଘଟଣାର ଆଶଙ୍କା ବଢ଼ୁଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ, ନିମ୍ନମାନର ନିର୍ମାଣ କାର୍ଯ୍ୟ ସହ ପ୍ରତିଦିନ ବାଲି ବୋଝେଇ ହାଇୱା ଯାନ ଚଳାଚଳ କରୁଥିବାରୁ ରାସ୍ତା ନଷ୍ଟ ହୋଇପଡ଼ିଛି। ଫଳରେ ସାଧାରଣ ଲୋକଙ୍କ ଜୀବନଯାତ୍ରା ପ୍ରଭାବିତ ହେଉଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ରାସ୍ତାର ଦୁରବସ୍ଥା ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନାହିଁ। ଶୀଘ୍ର ରାସ୍ତା ମରାମତି କରିବାକୁ ସେମାନେ ଦାବି କରିଛନ୍ତି।

ରାସ୍ତାର ସ୍ଥାୟୀ ମରାମତି, ଗୁଣାତ୍ମକ ନିର୍ମାଣ ଏବଂ ଓଭରଲୋଡ୍ ବାଲି ବୋଝେଇ ଭାରୀ ଯାନ ଚଳାଚଳ ଉପରେ କଡ଼ା ନିୟନ୍ତ୍ରଣ ଲାଗୁ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି। ବିଭିନ୍ନ ସ୍ଥାନରେ ନିମ୍ନମାନର କାର୍ଯ୍ୟ କରି ଆର୍‌ଡ଼ି ବିଭାଗ ବଦନାମ ହେଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

## କୁକୁଡ଼ା ଭାଡ଼ିରୁ ନାଗ ସାପ ଉଦ୍ଧାର



ନୀଳଗିରିର, ୧୩।୭ (ସଂଚାର ବ୍ୟୁରୋ): କୁକୁଡ଼ା ଭାଡ଼ିରୁ ନାଗ ସାପକୁ ଉଦ୍ଧାର କରାଯାଇଥିବା ବେଳେ ଗ୍ରାମବାସୀଙ୍କ ସହଯୋଗ ରେ ସ୍ଥାନୀୟ ଜଙ୍ଗଲ ରେ ଛଡା ଯାଇଥିବା ଜଣା ପଡ଼ିଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ୍ ଜଡିଦା ପଞ୍ଚାୟତ ବାଉଁଶନାଳ ଗ୍ରାମ ର ଜୟନ୍ତ ନାୟକଙ୍କ କୁକୁଡ଼ା ଭାଡ଼ିରେ ଏକ ବଡ ହଳଦିଆ ରଙ୍ଗର ନାଗ ସାପ ପଶି ଯାଇଥିଲା। ସାପକୁ ଦେଖି ସପରିବାର ଭୟଭୀତ ହୋଇପଡ଼ିଥିଲେ।

ତେବେ ସାପଟି କୁକୁଡ଼ା ଭାଡ଼ିରେ ଥିବା ନେଇ ନୀଳଗିରି ବନବିଭାଗକୁ ସୂଚନା ଦେଇଥିଲେ ମାତ୍ର ବନବିଭାଗ କର୍ମଚାରୀ ପହଞ୍ଚିବା ବିଳମ୍ବ ହେବାରୁ ଜୟନ୍ତ ନାୟକଙ୍କ ପୁଅ ଅବିନାଶ ନାୟକ ଓ ଗାଁର ସୋମନାଥ ନାୟକ, ଭବତୋଶ ନାୟକ ସତର୍କତାର ସହିତ ସାପକୁ ଉଦ୍ଧାର କରି ନିକଟସ୍ଥ ଭାଲୁକାଶୁଣି ଜଙ୍ଗଲକୁ ନେଇ ଛାଡ଼ିବାକୁ ଯାଇଥିବା ବେଳେ ବନବିଭାଗର କର୍ମଚାରୀ ମଧ୍ୟ ଉକ୍ତ ଜଙ୍ଗଲରେ ପହଞ୍ଚି ସାପଟିକୁ ସୁରକ୍ଷିତ ଛାଡ଼ିଥିବା ଦେଖିବାକୁ ମିଳିଛି। ତେବେ ବର୍ଷା ଋତୁ ସମୟ ହୋଇଥିବାରୁ ଖାଦ୍ୟ ଅନ୍ୱେଷଣରେ ସାପଟି ଗାଁ ମୁହାଁ ହୋଇ କୁକୁଡ଼ା ଭାଡ଼ି ଭିତରକୁ ପଶି ଆସିଥିବା ଅନୁମାନ କରାଯାଉଛି।

## ଟାଙ୍ଗୀ ବ୍ଲକ ପରିସରରେ ମିଳିତ ଜନଶୁଣାଣି ଶିବିର




ଖୋର୍ଦ୍ଧା,୧୩।୭ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ଟାଙ୍ଗୀ ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁଶୋତ୍ତମ୍ ଦାସଙ୍କ ଅଧ୍ୟକ୍ଷତାରେ ଟାଙ୍ଗୀ ବ୍ଲକ୍ ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଲ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ।

ଆଜିର ଅଭିଯୋଗ ଶିବିରକୁ ମୋଟ ୬୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୫୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା। ଜିଲ୍ଲାପାଳ ଅଭିଯୋଗ ଶିବିରରେ ୦୬ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। କର୍କଟ ରୋଗାକ୍ରାନ୍ତ ଉର୍ମିଳା ଶ୍ରୀଚନ୍ଦନ ଗ୍ରାମ ଓରଡଙ୍କୁ କର୍କଟ ଚିକିତ୍ସା ନିମନ୍ତେ ୧୦ ହଜାର ଆର୍ଥିକ ସହାୟତା ଜିଲ୍ଲା ରେଡକ୍ରସ ପାଣ୍ଠିରୁ, ମୀନା କାଡମ ସିଂହ, ବଡପୁର, ଟାଙ୍ଗୀ ଙ୍କୁ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ୧୫ ହଜାର ଏବଂ ମାଣିକ ବେହେରା ଓ ଅନ୍ୟ ତିନିଜଣ,ଗ୍ରାମ: ଭୂଷଣ୍ଡ ପୁର, ଟାଙ୍ଗୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬୦ ହଜାର ଆର୍ଥିକ ସହାୟତା ରାଶି ନେଇ ମୋଟ ୮୫ ହଜାର ଆର୍ଥିକ ସହାୟତା ରାଶି ଜିଲ୍ଲାପାଳ ପ୍ରଦାନ କରିଥିଲେ।

## ଶିକ୍ଷକଙ୍କୁ ଧମକ ଦେବା ଅଭିଯୋଗରେ ଅଭିଯୁକ୍ତ ଥାନାରେ ଅଟକ



ସତ୍ୟବାଦୀ, ୧୩।୭ (ସଂଚାର ବ୍ୟୁରୋ): ବିଦ୍ୟାଳୟ ପରିସରରେ ଜଣେ କାର୍ଯ୍ୟରତ ଶିକ୍ଷକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ଘଟଣାରେ ସତ୍ୟବାଦୀ ପୁଲିସ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଥାନାରେ ହୋଇଥିବା ଏକ ସଙ୍ଗୀନ ଅଭିଯୋଗକୁ ଭିତ୍ତି କରି ପୁଲିସ ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୁଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ବାଲିଘାଟର ସୁରେଶ ସ୍ୱାଇଁ (୪୨) ସତ୍ୟବାଦୀ ଥାନା ଅଧୀନସ୍ଥ ଶୁକଳ ଗ୍ରାମ ପଞ୍ଚାୟତର 'ତୃତୀୟା ଦେବ ନୋଡାଲ୍ ଉଚ୍ଚ ବିଦ୍ୟାଳୟ'ରେ ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ଗତ ମାର୍ଚ୍ଚ ୯ ତାରିଖ ପୂର୍ବାହ୍ନ ପ୍ରାୟ ୧୦: ୨୦ ସମୟରେ ସେ ସ୍କୁଲ୍ ଅଫିସ୍‌ରେ ନିଜର ଦୈନନ୍ଦିନ କାର୍ଯ୍ୟ କରୁଥିଲେ। ଏହି ସମୟରେ ବାସୁଦେବପୁର (ଶୁକଳ) ଗ୍ରାମର ଅଂଶୁମାନ ବିଶ୍ୱାଳ ନାମକ ଜଣେ ବ୍ୟକ୍ତି ହଠାତ୍ ସ୍କୁଲ୍ ଅଫିସ୍ ଭିତରକୁ ଜୋରଜବରଦସ୍ତ ପଶି ସେଠାରେ ଅନ୍ୟ ଶିକ୍ଷକମାନଙ୍କ ଉପସ୍ଥିତିରେ ଶ୍ରୀ ସ୍ୱାଇଁଙ୍କୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଚମକ ଦେଇଥିଲେ।

ଏହି ଘଟଣାକୁ ନେଇ ଆଜି ସନ୍ଧ୍ୟା ସମୟରେ ଶ୍ରୀ ସ୍ୱାଇଁ ସତ୍ୟବାଦୀ ଥାନାରେ ଏକ ଲିଖିତ ଏତଲା ଦାୟର କରିଥିଲେ। ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ ତୁରନ୍ତ କେସ୍ ନଂ-୩୦୦/୨୦୨୬ରେ ଏକ ଅପରାଧିକ ମାମଲା ରୁଜୁ କରିଛି।

## ତଳସରାରେ ବଢୁଛି ଅପରାଧ

ତଳସରା, ୧୩।୭ (ସଂଚାର ବ୍ୟୁରୋ): ତଳସରା ଏକ ଶାନ୍ତ, ସରଳ ଓ ପରିଶ୍ରମୀ ଲୋକଙ୍କ ଅଞ୍ଚଳ ଭାବେ ପରିଚିତ। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ଚିନ୍ତାର ବିଷୟ ଯେ, ବିଗତ ଏକ ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ଚୋରି, ଡକାୟତି, ଲୁଟ୍, ହତ୍ୟା, ଅପହରଣ ଓ ଦୁଷ୍କର୍ମ ଭଳି ଗୁରୁତର ଅପରାଧର ଖବର ବାରମ୍ବାର ସାମ୍ନାକୁ ଆସୁଛି। ପ୍ରତ୍ୟେକ ଘଟଣା ସହିତ ସାଧାରଣ ଲୋକଙ୍କ ମନରେ ଅସୁରକ୍ଷାର ଭାବନା ଆହୁରି ଗଭୀର ହେଉଛି।

ଆଜି ପରିସ୍ଥିତି ଏମିତି ଯେ, ସନ୍ଧ୍ୟା ପରେ ଅନେକ ପରିବାର ନିଜ ପିଲାମାନଙ୍କୁ ବାହାରକୁ ପଠାଇବାକୁ ଭୟ କରୁଛନ୍ତି। ବ୍ୟବସାୟୀ ମାନେ ନିଜ ଦୋକାନ ବନ୍ଦ କରି ଘରକୁ ଫେରିବା ବେଳେ ଚିନ୍ତାରେ ରହୁଛନ୍ତି।

ଅପରାଧ ଘଟିବା ପରେ ତଦନ୍ତ କରିବା ଆବଶ୍ୟକ, କିନ୍ତୁ ତାଠାରୁ ଆହୁରି ଆବଶ୍ୟକ ହେଉଛି ଅପରାଧକୁ ରୋକିବା। ନିୟମିତ ରାତ୍ରିକାଳୀନ ପାଟ୍ରୋଲିଂ, ସମ୍ବେଦନଶୀଳ ଅଞ୍ଚଳରେ କଡ଼ା ନଜରଦାରି, ଦ୍ରୁତ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦ୍ୱାରା ହିଁ ଲୋକଙ୍କ ବିଶ୍ୱାସ ଫେରି ଆସିପାରିବ।

ସମାଜସେବୀ ଚନ୍ଦ୍ରଭାନୁ ଜୁରା ପୋଲିସ ପ୍ରଶାସନଙ୍କ ନିକଟରେ ସାମାଜିକ ଗଣମାଧ୍ୟମ ଜରିଆରେ ଦୃଢ଼ ଦାବି କରିଛନ୍ତି

## ଅବସରପ୍ରାପ୍ତ ସେନାଧିକାରୀଙ୍କୁ ଗାଁରେ ରାଜକୀୟ ସମ୍ମାନ



ବୋରିଗୁମ୍ମା/କୋଟପାଡ଼, ୧୩।୭ (ସଂଚାର ବ୍ୟୁରୋ): ଜଣେ ଅବସର ପ୍ରାପ୍ତ ଭାରତୀୟ ସେନା ଅଧିକାରୀ ଦୀର୍ଘ ୩୦ ବର୍ଷ ଭାରତ ମାତାର ସେବାରେ ନିୟୋଜିତ ଥିବା ସୁବେଦାର ଦିଲିପ ବିଷୋୟୀ ଆଜି ନିଜ ଜନ୍ମମାଟି କୋଟପାଡ଼ ବ୍ଲକ ଧାମଣାହାଣ୍ଡି ଗାଁକୁ ଫେରିବାପରେ ସାରା ଧାମଣାହାଣ୍ଡି ଗାଁରେ ବିଶାଳ ଶୋଭାଯାତ୍ରାରେ ଲୋକ ରାଜକୀୟ ଢଙ୍ଗରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

୧୯୯୬ ମସିହାରେ ଭାରତୀୟ ସେନାବାହିନୀରେ ଯୋଗଦେଇ ଦେଶ ମା'ର ସୁରକ୍ଷା ପାଇଁ ଲଢ଼ି ଆସିଥିବା ସୁଯୋଗ୍ୟ ସନ୍ତାନ ଦିଲିପ ବିଷୋୟୀ ଆଜି ତାଙ୍କ ଜନ୍ମ ମାଟିକୁ ଫେରିବାପରେ ଧାମଣାହାଣ୍ଡି ଗାଁରେ ବାଜାବାଜଣା ସହ ବାଣଫୁଟାଇ ନାଚ ଗୀତର ଓ ଦେଶ ଭକ୍ତି ସଂଗୀତର ତାଳେ ତଳେ ରାଜକୀୟ ସମ୍ମାନ ସହ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଶ୍ରୀ ବିଷୋୟୀ ଭାରତୀୟ ସେନା ରୁ ଅବସର ନେବା ପରେ ସେ ସ୍ଥାନୀୟ ଅଂଚଳର ଯୁବ ଗୋଷ୍ଠିଙ୍କୁ ସେନାବାହିନୀରେ ଚୟନ ହେବା ପାଇଁ ତାଲିମ ଦେଇ ବାକି ଜୀବନ ଅତିବାହିତ କରିବି ବୋଲି କହିଥିଲେ।

ସୁବେଦାର ଦିଲ୍ଲୀପ ଜାମ୍ମୁକାଶ୍ମୀର, ଗୁଜରାଟ, ପଞ୍ଜାବ, ତାମିଲନାଡୁ, ରାଜସ୍ଥାନ, ଅଗରତାଲା, ମିଜାରାମ, ଆଇଜଲ ଓ ମଣିପୁର ଏବଂ ଶେଷରେ ଜାମ୍ମୁକାଶ୍ମୀର ଥିବା ସେନା କାର୍ଯ୍ୟାଳୟରେ ଶେଷ ୩ ବର୍ଷ କାର୍ଯ୍ୟକରୀ ଅବସର ଗ୍ରହଣ କରିଥିଲେ।

### ମନ୍ଦିର ନିକଟରେ ବିଦେଶୀ ଦୋକାନ ବିବାଦ

## ଏନ୍ଏସି ଓ ତହସିଲରୁ ରିପୋର୍ଟ ମାଗିଲା ଅବକାରୀ ବିଭାଗ



ଛତ୍ରପୁର, ୧୩।୭ (ସଂଚାର ବ୍ୟୁରୋ): ଗଞ୍ଜାମ ସହରରେ ମନ୍ଦିର ନିକଟରେ ପ୍ରସ୍ତାବିତ ଏଫ୍ଏଲ୍-ଅଫ୍ ମଦ ଦୋକାନ ନିର୍ମାଣକୁ ନେଇ ବିବାଦ ନୂଆ ମୋଡ଼ ନେଇଛି। ଘଟଣାକୁ ଗୁରୁତ୍ୱର ସହ ନେଇ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜାମ ଏନ୍ଏସି ଓ ଗଞ୍ଜାମ ତହସିଲ କାର୍ଯ୍ୟାଳୟରୁ ସବିଶେଷ ରିପୋର୍ଟ ତଲବ କରାଯାଇଛି।

ଅବକାରୀ ବିଭାଗ ଗଞ୍ଜାମ ଏନ୍ଏସିକୁ ପଠାଇଥିବା ପତ୍ରରେ ପ୍ରସ୍ତାବିତ ମଦ ଦୋକାନ କେଉଁ ୱାର୍ଡରେ ଅବସ୍ଥିତ, ନିକଟସ୍ଥ ମନ୍ଦିରର ପ୍ରକୃତ ସ୍ଥିତି ଏବଂ ପ୍ରଚଳିତ ନିୟମାବଳୀ ଅନୁଯାୟୀ ଏହାର ସ୍ଥିତି ସମ୍ପର୍କରେ ରିପୋର୍ଟ ମାଗିଛି। ସେହିପରି ଗଞ୍ଜାମ ତହସିଲ କାର୍ଯ୍ୟାଳୟକୁ ଜମିର ପ୍ରକୃତ ସ୍ଥିତି, ପରିମାଣ, ଖାତା-ପ୍ଲଟ ବିବରଣୀ ଏବଂ ଜମି ମାଲିକଙ୍କ ନାମ ସମ୍ପର୍କରେ ସୂଚନା ଦେବାକୁ ପତ୍ର ଲେଖାଯାଇଛି। ଉଭୟ ବିଭାଗର ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପ୍ରଶାସନିକ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ ଯେ, ମନ୍ଦିର ନିକଟରେ ମଦ ଦୋକାନ ସ୍ଥାପନକୁ ବିରୋଧ କରି ସ୍ଥାନୀୟ ବାସିନ୍ଦା, ମନ୍ଦିର କମିଟି ଓ ବୁଦ୍ଧିଜୀବି ପକ୍ଷରୁ ଆପତ୍ତି ଉଠାଯାଇଥିଲା। ଏହା ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ସ୍ଥାନୀୟ ବାସିନ୍ଦାମାନେ ଖୁବ୍‌ଶୀଘ୍ର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି।

## ଶାଳ କାଠଗଣ୍ଡି ସହ ୫ ଗାଡ଼ି ଜବତ, ୪ ଗିରଫ



ଫୁଲବାଣୀ, ୧୩।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡା ବନଖଣ୍ଡ ବିଭାଗକୁ ଏକ ବଡ଼ ସଫଳତା ମିଳିଛି। ଦାରିଙ୍ଗବାଡି ରେଞ୍ଜର ବୁଡାଗୁଡା ସେକ୍ସନ ଅନ୍ତର୍ଗତ କୁର୍ତ୍ତମଗଡ ସଂରକ୍ଷିତ ଜଙ୍ଗଲ ଭିତରେ ରାତ୍ରି ପାଟ୍ରୋଲିଂ ସମୟରେ ବାଲିଗୁଡ଼ା, କ.ନୂଆଗାଁ, ତୁମୁଡିବନ୍ଧ ଏବଂ ଦାରିଙ୍ଗବାଡି ରେଞ୍ଜର ବନ ବିଭାଗ କର୍ମଚାରୀମାନେ ମିଳିତ ଭାବରେ ୧୩ଟି ବଡ ବଡ଼ ଶାଳ କାଠ ଗଣ୍ଡି ଲୋଡ୍ ହୋଇଥିବା ଓଡି-୦୨-ଏସ-୪୭୩୭ ନଂ. ବିଶିଷ୍ଟ ଏକ ଆଇଚର ଟ୍ରକ୍ ଏବଂ ୦୫ ଟି ବଡ଼ ବଡ଼ ଶାଳ କାଠ ଗଣ୍ଡି ଲୋଡ୍ ହୋଇଥିବା ଗୋଟିଏ ମହିନ୍ଦ୍ରା ବୋଲେରୋ ନଂ.ଓଆର-୦୨-ଏଭି-୮୮୪୭ ଥିବା ଗୋଟିଏ ଆଇଚର ଟ୍ରକ୍ ଜବତ କରାଯାଇଥିଲା। ଟ୍ରକ୍‌ରେ ଶାଳ କାଠ ଗଣ୍ଡି ଲୋଡ୍ କରିବା ପାଇଁ ବ୍ୟବହୃତ ଓଡି-୧୨-ଡି-୦୦୨୪ ନଂ. ବିଶିଷ୍ଟ ଏକ ଜେସିବି ଲୋଡର ଗାଡ଼ି ସହ ଦୁଇଟି ମଟର ସାଇକେଲ ନଂ. ଓଡି-୧୨-ସି -୫୬୬୧ ଏବଂ ଓଡି -୧୨-ସି ୩୩୨୪କୁ ମଧ୍ୟ ଘଟଣା ସ୍ଥଳରୁ ଜବତ କରାଯାଇଥିଲା।

ଏହି ସମୟରେ ଘଟଣା ସ୍ଥଳରୁ ୪ଟି ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ଅଭିଯୁକ୍ତ ନୟାଗଡ ଜିଲ୍ଲା କରଡା ଶାସନ ର ଅରକ୍ଷିତ ପରିଡା, ନୟାଗଡ ଜିଲ୍ଲା ହରିହରପୁର ଗ୍ରାମର ରଞ୍ଜିତ କୁମାର ସ୍ୱାଇଁ, କନ୍ଧମାଳ ଜିଲ୍ଲା କୋଟଗଡ ଥାନା ପାରିଗଡ଼ ନିକଟସ୍ଥ ଗୁଟୁମିଲା ଗ୍ରାମର ଅଶୋକ କୁମାର ବଡ଼ସେଟ, କନ୍ଧମାଳ ଜିଲ୍ଲା କୋଟଗଡ ଥାନା ଅନ୍ତର୍ଗତ ସାରକିଙ୍ଗିଆ ଗ୍ରାମର କବି ଚନ୍ଦ୍ର ବଡମାଝୀଙ୍କୁ ଘଟଣା ସ୍ଥଳରୁ ଗିରଫ କରାଯାଇଥିବା ଜଣାପଡିଛି।

### କାକଟପୁରରେ ଫିକା ପଡ଼ିଲା ମିଳିତ ଜନଶୁଣାଣି

## ଜନଶୁଣାଣି ନାଁରେ ଜନତାଙ୍କ ସହ ଠକେଇ!



କାକଟପୁର/ଅସ୍ତରଙ୍ଗ, ୧୩।୭ (ସଂଚାର ବ୍ୟୁରୋ): ଲୋକଙ୍କ ସମସ୍ୟାର ସ୍ଥାନରେ ସମାଧାନ ପାଇଁ ସରକାର ଆରମ୍ଭ କରିଛନ୍ତି ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି। କିନ୍ତୁ ପୁରୀ ଜିଲ୍ଲାରେ ଏହି ଶିବିର ପାଲଟିଛି ହଜାର ହଜାର ଟଙ୍କାର ନାଟକ।

ଅସ୍ତରଙ୍ଗ ପରେ ସୋମବାର କାକଟପୁର ପଂଚାୟତ ସମିତି ସଭାଗୃହରେ ବସିଥିଲା ଜନଶୁଣାଣୀ। କିନ୍ତୁ ଶିବିରର ମୁଖ୍ୟ ଆକର୍ଷଣ ଜିଲ୍ଲାପାଳ ହିଁ ନଥିଲେ। ତାଙ୍କ ସହ ଅନେକ ଜିଲ୍ଲାସ୍ତରୀୟ ବିଭାଗ ମୁଖ୍ୟ ମଧ୍ୟ ଅନୁପସ୍ଥିତ ଥିଲେ। ଫଳରେ ଶିବିର ପାଲଟିଗଲା କେବଳ "ଦରଖାସ୍ତ ସଂଗ୍ରହ କେନ୍ଦ୍ର"।

ଖବର ଅନୁସାରେ ସୋମବାର ପୂର୍ବାହ୍ନରେ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକଙ୍କ ଅଧକ୍ଷତାରେ ଚାଲିଥିବା ଶିବିରରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ବିବେକାନନ୍ଦ ସାହୁ, ବିଡିଓ ନାରାୟଣ ଦୀକ୍ଷିତି ଓ ନିମାପଡା ଉପଖଣ୍ଡ ଅଧିକାରୀ ଉପସ୍ଥିତ ଥିଲେ। କିନ୍ତୁ ମହିଳା ଓ ଶିଶୁ ବିକାଶ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟ ନଥିଲେ। ଶିବିରରେ ମୋଟ ୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ମାତ୍ର ୧୧ଟିର ସମାଧାନ ହୋଇଛି। ବାକି ୬୦ଟି ଅଭିଯୋଗ ପୁଣି ଫାଇଲରେ ବନ୍ଦ। ସବୁଠୁ ବଡ କଥା ହେଲା ପୂର୍ବରୁ ପଡିଥିବା ଶହେରୁ ଅଧିକ ଅଭିଯୋଗର କୌଣସି ସୁଫଳ ମିଳିନି।

ଲୋକେ ପ୍ରମୁଖ ଭାବେ ଛତୁଆ ଦୁର୍ନୀତି, ପିଏମ ଆବାସ ଯୋଜନାରେ ଅନିୟମିତତା, କୁଣ୍ଢେଇ ପଂଚାୟତର ସିସି ରୋଡ଼ ନିର୍ମାଣ ଟଙ୍କା ଆତ୍ମସାତ ଓ ବାଙ୍ଗୁରିଗାଁ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ଦ୍ୱାରା ସରକାରୀ ଜାଗା ଅକ୍ତିଆର ଅଭିଯୋଗ ଆଣିଥିଲେ। କିନ୍ତୁ ସମ୍ପୃକ୍ତ ବିଭାଗ ମୁଖ୍ୟ ନଥିବାରୁ କାହାକୁ ପ୍ରଶ୍ନ କରିବେ?

ଏତେ ଖର୍ଚ୍ଚ କାହିଁକି? ଶିବିର ପାଇଁ ମଞ୍ଚ, ଜଳପାନ, ଟିଫିନ ଓ ଅଧିକାରୀଙ୍କ ଗାଡି ଭଡା ବାବଦକୁ ସରକାରୀ ପାଣ୍ଠିରୁ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ସମାଧାନ କ୍ଷମତା ଥିବା ଲୋକେ ଆସୁନଥିବାରୁ ସବୁ ଟଙ୍କା ପାଣିରେ ଯାଉଛି।

ଶିବିର ଶେଷରେ ଜନତା ପ୍ରଶ୍ନ କଲେ, "ଯେତେବେଳେ ଜିଲ୍ଲାପାଳ ଓ ବିଭାଗୀୟ ମୁଖ୍ୟ ଆସିବେ ନାହିଁ, ତେବେ ଏତେ ଟଙ୍କା ଖର୍ଚ୍ଚ କରି ଏ ନାଟକର ଆବଶ୍ୟକତା କ'ଣ?"

ବୁଦ୍ଧିଜୀବୀମାନେ କହିଛନ୍ତି, ସରକାର ଯଦି ସତରେ ଲୋକଙ୍କୁ ନ୍ୟାୟ ଦେବାକୁ ଚାହୁଁଛନ୍ତି ତେବେ ପ୍ରଥମେ ଜିଲ୍ଲାପାଳ ଓ ସମସ୍ତ ବିଭାଗ ମୁଖ୍ୟଙ୍କ ଉପସ୍ଥିତି ବାଧ୍ୟତାମୂଳକ କରନ୍ତୁ। ପୁରୁଣା ଅଭିଯୋଗ ସମାଧାନ ପାଇଁ ସମୟ ସୀମା ଧାର୍ଯ୍ୟ କରନ୍ତୁ। ନଚେତ ଜନଶୁଣାଣୀ ନାଁରେ ଏହି ଠକେଇ ବନ୍ଦ କରନ୍ତୁ।

## କାର୍ ଧକ୍କାରେ ହରିଣ ମୃତ



ବାଲିଅନ୍ତା, ୧୩।୭ (ସଂଚାର ବ୍ୟୁରୋ): ବାଲକାଟି ଫାଣ୍ଡି ଅଧୀନ ସାତକାଣିଆ ଗଡାଣି ନିକଟରେ ଆଜି ମଧ୍ୟାହ୍ନ ୧୨ଟା ସମୟରେ ଏକ କାର ଧକ୍କାରେ ଗୋଟିଏ ହରିଣର ମୃତ୍ୟୁ ଘଟିଛି। ହରିଣର ମୁଣ୍ଡ ଏବଂ ଶରୀରରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ହିଁ ହରିଣ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବାଲକାଟି ଫାଣ୍ଡି ପୁଲିସ ଏବଂ ବାଲିପାଟଣା ବନ ବିଭାଗ କର୍ମଚାରୀ ପହଞ୍ଚି ମୃତ ହରିଣକୁ ବାଲକାଟି ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଇଥିଲେ। ପ୍ରାଣୀ ଚିକିତ୍ସକ ଜନ୍ତୁଟିକୁ ମୃତ ଘୋଷଣା କରିଥିଲେ। ହରିଣ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟରୁ ପଳାଇ ଆସିଥିବା ସୂଚନା ମିଳିଛି। ଆଜି ପୂର୍ବାହ୍ନ ସମୟରେ ଉକ୍ତ ରାସ୍ତା ଦେଇ ପୁରୀ କେନାଲ ଆଡ଼କୁ ଯାଉଥିବା ବେଳେ ସାଇଫନ ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ କାର ହରିଣକୁ ଧକ୍କା ଦେଇଥିଲା। ଫଳରେ ତାର ମୃତ୍ୟୁ ଘଟିଥିଲା। ହେଲେ ପୁଲିସ କାର ଜବତ କରିପାରିନି। ବ୍ୟବଛେଦ ପରେ ବାଲକାଟି ସ୍ଥିତ ନର୍ସରୀ ଭିତରେ ସବ ପୋତି ଦିଆଯାଇଥିବା ଜଣାପଡିଛି।

# ପୁରାତନ ଐତିହ୍ୟ ଓଡ଼ିଆ ଅସ୍ମିତାର ପ୍ରତୀକ:ଅପରାଜିତା

## ଚମକିବେ କପିଳେଶ୍ୱର; ଧଉଳି ପାଇଁ ହାତ ଖୋଲିଲେ ସରକାର

ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ): ଶକ୍ତିଶାଳୀ ସୂର୍ଯ୍ୟବଂଶୀ ଗଜପତି ରାଜା କପିଳେନ୍ଦ୍ର ଦେବଙ୍କ ଦ୍ୱାରା ୧୪ଶ ଶତାବ୍ଦୀରେ ନିର୍ମିତ ହୋଇଥିବା ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଏକାମ୍ର ଅଞ୍ଚଳସ୍ଥିତ କପିଳେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଶିବ ମନ୍ଦିର ଉନ୍ନତିକରଣ ପାଇଁ ଅଣ୍ଟା ଭିଡିଛି ପୁରାତତ୍ତ୍ୱ ବିଭାଗ। ଦୀର୍ଘ ବର୍ଷ ବିଳମ୍ବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦୃଢ଼ ପ୍ରୟାସ ପରେ ଗତ ୨୦୨୩ରେ କପିଳେଶ୍ୱର ମନ୍ଦିରକୁ ପୁରାତତ୍ତ୍ୱ ବିଭାଗ ନିଜ ଅଧୀନକୁ ନେବା ପରେ ଏବେ ଆରମ୍ଭ ହୋଇଛି ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ କାର୍ଯ୍ୟ। ପ୍ରାଥମିକ ପର୍ଯ୍ୟାୟରେ ମନ୍ଦିର ଉନ୍ନତିକରଣ ପାଇଁ ୯୪ ଲକ୍ଷ ୪୫ ହଜାର ଟଙ୍କା ଓ ମନ୍ଦିରର ସୁରକ୍ଷା ପାଇଁ ୨୬ ଲକ୍ଷ ୭୯ ହଜାର ଟଙ୍କା ମଞ୍ଜୁର ହୋଇଛି। ସେଥି ମଧ୍ୟରେ ମନ୍ଦିର ରୋଷଘର ରାସ୍ତା ଉନ୍ନତିକରଣ, ମନ୍ଦିର ବେଢ଼ା ମଧ୍ୟରେ ପ୍ରସ୍ତର ବିଛା କାର୍ଯ୍ୟ, ରଙ୍ଗ କାର୍ଯ୍ୟ, ସାଂସ୍କୃତିକ ଐତିହ୍ୟ ବହନ କରୁଥିବା ନୋଟିସ ବୋର୍ଡ, ପାନୀୟ ଜଳର ବ୍ୟବସ୍ଥା, ମନ୍ଦିରକୁ ପାଣି ମାଡରୁ ରକ୍ଷା କରିବା ପାଇଁ ବ୍ୟବସ୍ଥା ଇତ୍ୟାଦି ରହିଛି।



ଅନୁରୂପ ଭାବେ ଓଡ଼ିଶାର ଅନ୍ୟତମ ଐତିହ୍ୟ ତଥା ପର୍ଯ୍ୟଟକଙ୍କ ଆକର୍ଷଣ ଧଉଳିର ଉନ୍ନତିକରଣ ପାଇଁ ପୁଣି ହାତ ଖୋଲିଛନ୍ତି ସରକାର। ଧଉଳି ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ବିକାଶ ଓ ପୁରୁଣା ସ୍ମୃତିରାଜିର ରକ୍ଷଣାବେକ୍ଷଣ ପାଇଁ ୧ କୋଟି ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ଆରମ୍ଭ ହୋଇଛି ବିଭିନ୍ନ କାର୍ଯ୍ୟ। ସେଥି ମଧ୍ୟରେ ରହିଛି ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ଉନ୍ନତିକରଣ, ପ୍ରସ୍ତର ନିର୍ମିତ ରାସ୍ତା କାର୍ଯ୍ୟ, ଷ୍ଟିଲ ରେଲିଂ ସହ ରାମ୍ପ କାର୍ଯ୍ୟ, ଧଉଳି ଅଞ୍ଚଳର ଥିବା ବିଭିନ୍ନ ପୁରାତନ ସ୍ମୃତିରାଜି, ଶିଳାଲିପି, ପ୍ରସ୍ତର ନିର୍ମିତ ମୂର୍ତ୍ତି ଆଦି ପାଇଁ ସୁରକ୍ଷା ଗ୍ରୀଲ ଇତ୍ୟାଦି। ଏଥିସହ ୮୨୯ ଖ୍ରୀଷ୍ଟାବ୍ଦରେ ନିର୍ମିତ ଐତିହାସିକ ଗୁମ୍ଫାର ପୁନରୁଦ୍ଧାର, ସଂଲଗ୍ନ ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ ଆଦି ପାଇଁ ମଧ୍ୟ କାମ ଆରମ୍ଭ ହୋଇଛି। ଏହି କୀର୍ତ୍ତିରାଜି ଆମ ଓଡ଼ିଆ ଅସ୍ମିତାର ପ୍ରତୀକ ଓ ଆଗାମୀ ୬ ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ। ଏହି ଅବସରରେ ଏକାମ୍ର ବିଧାୟକ ବାବୁ ସିଂ, ସରପଞ୍ଚ ଚନ୍ଦନ ମଲ୍ଲିକ, ପୁରାତତ୍ତ୍ୱ ବିଭାଗ ଅଧିକାରୀ ଏନ୍‌କେ ସ୍ୱାଇଁ, ଭାଗିରଥୀ ଗଡ଼ତିଆ, ବିଜେପି ନେତ୍ରୀ ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ତିନି ଜିଲ୍ଲାର କୋର୍ଟକୁ ବୋମା ଧମକ

ସମ୍ବଲପୁର,୧୩।୭(ସଂଚାର ବ୍ୟୁରୋ): ପୁଣିଥରେ କୋର୍ଟକୁ ମିଳିଲା ବୋମା ଧମକ। ଏଥର ସମ୍ବଲପୁର କୋର୍ଟ ସମେତ ମୋଟ ୩ଟି ଜିଲ୍ଲା କୋର୍ଟକୁ ବୋମା ଧମକ ଦିଆଯାଇଛି। ସମ୍ବଲପୁର କୋର୍ଟ ସହ ଅନୁଗୋଳ ଓ ବାଲେଶ୍ୱର କୋର୍ଟକୁ ମଧ୍ୟ ବୋମାରେ ଉଡ଼ାଇ ଦେବାକୁ ଇ-ମେଲ ଯୋଗେ ଆସିଛି ଧମକ। ଏହି ଧମକ ଆସିବା ପରେ କୋର୍ଟ ପରିସରରେ ହଇଚଇ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ବୋମା ନିଷ୍କ୍ରିୟକାରୀ ଟିମ୍, ସନ୍ଧାନୀ କୁକୁର ଓ ବହୁ ସଂଖ୍ୟାରେ ପୁଲିସ ଫୋର୍ସ ପହଞ୍ଚି ତଲାସୀ ଅଭିଯାନ ଜାରି ରଖିଛନ୍ତି। ପୂର୍ବରୁ ମଧ୍ୟ ସମ୍ବଲପୁର କୋର୍ଟକୁ ବୋମା ଧମକ ମିଳିଥିଲା। କୋର୍ଟ ପରିସରକୁ ତୁରନ୍ତ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୋମା ନିଷ୍କ୍ରିୟକାରୀ ଟିମ୍ ମଧ୍ୟ କୋର୍ଟ ପରିସରରେ ଛାନ୍‌ଭିନ୍ କରିଛନ୍ତି। ବାରମ୍ବାର ଏଭଳି ଧମକ ଆସୁଥିବାରୁ ସ୍ଥାନୀୟ ପୁଲିସ୍‌ର ଚିନ୍ତା ବଢ଼ିଛି। ଧମକପୂର୍ଣ୍ଣ ଇ-ମେଲ୍‌ର ଉତ୍ସ ଖୋଜିବା ପାଇଁ ସାଇବର ଟିମ୍ ସହାୟତାରେ ତଦନ୍ତ ଚାଲିଛି। ଘଟଣାର ପ୍ରକୃତ କାରଣ ଓ ଧମକ ଦେଇଥିବା ବ୍ୟକ୍ତିଙ୍କ ପରିଚୟ ତଦନ୍ତ ପରେ ସ୍ପଷ୍ଟ ହେବ। କୋର୍ଟର କାର୍ଯ୍ୟକଳାପ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ନଜରରେ ରଖି ପୁଲିସ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି।



ଏହାଛଡ଼ା ବାଲେଶ୍ୱର ଓ ଅନୁଗୋଳ ଜିଲ୍ଲା କୋର୍ଟକୁ ମଧ୍ୟ ବୋମା ଧମକ ମିଳିଛି। ବାଲେଶ୍ୱର ଜିଲ୍ଲା ଦୌରାଜଜ କୋର୍ଟକୁ ଆସିଛି ବୋମା ଧମକ। କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ବିଚାରପତିଙ୍କ ନିକଟକୁ ଆସିଛି ଇମେଲ୍। ଏହି ଧମକ ଆସିବା ପରେ କୋର୍ଟ ପରିସରରେ ଲୋକେ ଭୟଭୀତ ହୋଇପଡ଼ିଥିଲେ। ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ, ବୋମା ଚିହ୍ନଟ ଓ ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କୋର୍ଟର କୋଣ ଅନୁକୋଣ ଯାଞ୍ଚ କରୁଛନ୍ତି।

## ରାଜଧାନୀ କଲେଜରେ ଦୁଇ ଛାତ୍ର ଗୋଷ୍ଠୀ ମାରପିଟ୍: ଜଣେ ଆହତ

ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ) : ରାଜଧାନୀ କଲେଜରେ ଦେଖିବାକୁ ମିଳିଛି ଛାତ୍ର ଅଶାନ୍ତି। କଲେଜ କ୍ୟାମ୍ପସରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ହୋଇଛି। କଲେଜ କ୍ୟାମ୍ପସରେ ଚୌକିରେ ପିଟାପିଟି ହୋଇଛନ୍ତି ଦୁଇ ଛାତ୍ର ଗୋଷ୍ଠୀ। ଏହି ଗଣ୍ଡଗୋଳ ଯୋଗୁ ଜଣେ ଛାତ୍ର ଆହତ ହୋଇଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏହି ମାମଲାରେ ଗଣ୍ଡଗୋଳରେ ସମ୍ପୃକ୍ତ ଜଣେ ଛାତ୍ରଙ୍କୁ ପୁଲିସ କଲେଜ କ୍ୟାମ୍ପସରୁ ଉଠାଇ ନେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଆଜି ସକାଳେ ରାଜଧାନୀ କଲେଜକୁ ଅଣଛାତ୍ରମୁକ୍ତ କ୍ୟାମ୍ପସ, ନିଶାମୁକ୍ତ କ୍ୟାମ୍ପସ, ସିସିଟିଭି ଲଗାଇବା, ଛାତ୍ରୀ ସୁରକ୍ଷା ଆଦି ଦାବି ନେଇ ଏବିଭିପି ଛାତ୍ରମାନଙ୍କ ପକ୍ଷରୁ କଲେଜ ସମ୍ମୁଖରେ ପ୍ରତିବାଦ ଜାରି ରହିଥିଲା। ବିକ୍ଷୋଭ ପରେ ଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କୁ ଭେଟି ଆଲୋଚନା କରିବା ସମୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ସମୟରେ ବିରୋଧୀ ଛାତ୍ର ଗୋଷ୍ଠୀ ଅତର୍କିତ ଆକ୍ରମଣ କରିଥିଲେ। ଏଥିସହ ସେମାନେ ଚୌକି ପିଙ୍ଗିଥିଲେ। ଏହି ଗଣ୍ଡଗୋଳ ପରେ କଲେଜ କ୍ୟାମ୍ପସରେ ପୁଲିସ ମୁତୟନ କରାଯାଇଥିବା ଜଣାପଡ଼ିଛି।



## ମହିଳା ବ୍ୟବସାୟୀଙ୍କଠାରୁ ୩୬ ଲକ୍ଷ ଲୁଟ୍

କଟକ,୧୩।୭(ସଂଚାର ବ୍ୟୁରୋ): ମହିଳା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ୩୬ ଲକ୍ଷ ଟଙ୍କା ନଗଦ ଲୁଟିନେଇଛନ୍ତି ୬ ଲୁଟେରା। ଗତକାଲି ରାତି ପ୍ରାୟ ୧୦ରୁ ୧୦.୩୦ ମଧ୍ୟରେ ପିଙ୍କି ସାହା ନାମକ ଜଣେ ମହିଳା ଓ ଏମ୍‌ପି ଛକସ୍ଥିତ କଲିକତା ବସ୍ ଷ୍ଟପ୍‌କୁ ନିଜର କର୍ମଚାରୀଙ୍କ ସହ ସ୍କୁଟିରେ ଯିବା ସମୟରେ ଜାତୀୟ ରାଜପଥ ୧୬ ତାଳଦଣ୍ଡା କେନାଲ ବ୍ରିଜ୍ ଉପରେ ୬ ଜଣ ଲୁଟେରା ହଠାତ୍ ଗାଡ଼ି ଅଟକାଇବା ସହ ଅତର୍କିତ ଆକ୍ରମଣ କରିଥିଲେ। ପିଙ୍କି ପ୍ରତିବାଦ କରିବାରୁ ତାଙ୍କୁ ମାରଣାସ୍ତ୍ର ଦେଖାଇବା ସହ ଲୁହା ରଡ୍‌ରେ ଆକ୍ରମଣ କରି ଟଙ୍କା ବୋଝେଇ ବ୍ୟାଗ୍ ଧରି ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ ସମସ୍ତ ଦୁର୍ବୃତ୍ତ। ଆହତାବସ୍ଥାରେ ରାସ୍ତାରେ ପଡ଼ିଥିବା ପିଙ୍କିଙ୍କୁ ପୁଲିସ ଉଦ୍ଧାର କରି ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲା। ପିଙ୍କି ଜଣେ ସୁନା ବ୍ୟବସାୟୀ ହୋଇଥିବା ବେଳେ ସୁନା ଅଳଙ୍କାର କିଣିବା ପାଇଁ ତାଙ୍କର ବସ୍ ଯୋଗେ କୋଲ୍‌କାତା ଯିବା ସକାଶେ ଓଏମ୍‌ପିରୁ ରାତି ସାଢ଼େ ୧୦ଟା ସମୟରେ ବାହାରିବାର ଥିଲା। ତେବେ ଏହାର କିଛି ମିନିଟ୍ ପୂର୍ବରୁ ରାଜରାସ୍ତାରେ ଲୁଟ୍ କରି ଚମ୍ପଟ୍ ମାରିଛନ୍ତି ଲୁଟେରା। ଏନେଇ ପିଙ୍କିଙ୍କ ସମ୍ପର୍କୀୟମାନେ ମଧୁପାଟଣା ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଟିମ୍ ମେଡିକାଲରେ ପହଞ୍ଚି ପିଙ୍କିଙ୍କ ବୟାନ ରେକର୍ଡ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାଇକ ସହ ୫୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ



ଫୁଲବାଣୀ,୧୩।୭(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଗୋଛାପଡ଼ା ପୁଲିସ ବାଇକ ସହ ୫୦ କିଲୋ ଓଜନର ଗଞ୍ଜେଇ ଜବତ କରିଥିବା ବେଳେ ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ଗୋଛାପଡ଼ା ଥାନା କୁଇରମାଣ୍ଡୁ ପଞ୍ଚାୟତ ଅଧୀନସ୍ଥ ଗ୍ଲାଟ ଗାଁର ନନ୍ଦରାଜ କହଁରଙ୍କ ପୁଅ ଉଦ୍ଧବ ବୋଲି ଜଣାପଡ଼ିଛି। ପୋଲିସଠାରୁ ମିଳିଥିବା ସୂଚନାନୁସାରେ, ଉକ୍ତ ବାଇକରେ ଗୋଛାପଡ଼ା ଅଞ୍ଚଳରୁ ବୌଦ୍ଧ ଅଞ୍ଚଳକୁ ଜଣେ ବ୍ୟକ୍ତି ଗଞ୍ଜେଇ ଚାଲାଣ କରୁଥିବା କୌଣସି ସୂତ୍ରରୁ ଖବର ମିଳିଥିଲା। ସୂଚନା ପାଇବା ପରେ ଥାନାଧିକାରୀ ଶୁଭ୍ରଜିତ ସାମନ୍ତରାୟଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଅଶୋକ କୁମାର ପରିଡ଼ା, ଏସ୍‌ଆଇ ଅନନ୍ତ କୁମାର ପ୍ରଧାନଙ୍କ ସହ ଏକ ଟିମ ବାଲନ୍ଦାପଡ଼ାଠାରୁ ଗୋଛାପଡ଼ାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବନ୍ଧୁଲି ଛକ ନିକଟରେ ଗଞ୍ଜେଇ ବୋଝେଇ ବସ୍ତା ବାଇକଟିକୁ ଧରିବାରେ ସଫଳ ହୋଇଥିଲେ। ପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଫିରିଙ୍ଗିଆ ତହସିଲଦାର ଜ୍ୟୋତିପ୍ରକାଶ ସେଠୀଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇଥିଲା। ପରେ ଏହି ଘଟଣାକୁ ନେଇ ଗୋଛାପଡ଼ା ଥାନାରେ ୧୦୪/୨୬ରେ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଗୋଛାପଡ଼ା ଥାନାଧିକାରୀ ଶୁଭ୍ରଜିତ ସାମନ୍ତରାୟ ସୂଚନା ଦେଇଛନ୍ତି।

● ଏକ୍ସପାଏରୀ ମେଡିସିନର ହେଉଥିଲା କଳାବଜାରୀ

## ଗିରଫ ହେଲେ ବାପ-ପୁଅ



ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଖାଦ୍ୟ ଓ ପ୍ରସାଧନ ସାମଗ୍ରୀ ନାଁରେ ଚାଲିଥିବା ଏକ ବଡ଼ ଧରଣର ଜାଲିଆତି ଓ କଳାବଜାରୀର ପର୍ଦ୍ଦାଫାସ ହୋଇଛି। ମିଆଦପୂର୍ଣ୍ଣ ହୋଇଯାଇଥିବା (ଏକ୍ସପାଏରୀ ହୋଇଯାଇଥିବା) ସାମଗ୍ରୀରେ ନୂଆ ଲେବଲ ଲଗାଇ ବଜାରରେ ବିକ୍ରି କରୁଥିବା ଅଭିଯୋଗରେ ପୁଲିସ ବାପ ଓ ପୁଅ ଯୋଡ଼ିକୁ ଗିରଫ କରିଛି। ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଏହି ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ମିଳିଥିବା ସୂଚନାନୁଯାୟୀ, ଗିରଫ ହୋଇଥିବା ବାପା ଓ ପୁଅ ଦୀର୍ଘଦିନ ଧରି ଭୁବନେଶ୍ୱରର ବିଭିନ୍ନ ଛୋଟ ବଡ଼ ଦୋକାନକୁ ଏହି ବିଷାକ୍ତ ସାମଗ୍ରୀ ଯୋଗାଉଥିଲେ। ସେମାନେ ମୁଖ୍ୟତଃ କମ୍ ଦାମରେ ଏକ୍ସପାୟାର୍ଡ ଖାଦ୍ୟ ସାମଗ୍ରୀ, ପ୍ୟାକେଟ ଫୁଡ ଓ ବିଭିନ୍ନ ବ୍ରାଣ୍ଡର ମିଆଦପୂର୍ଣ୍ଣ କସମେଟିକ୍ସ କିଣୁଥିଲେ। ଏହାପରେ ଅତି ଚତୁରତାର ସହ ସେହି ପୁରୁଣା ପ୍ୟାକେଟ୍ ଉପରେ ଏକ୍ସପାଏରୀ ଡେଟ୍ ପରିବର୍ତ୍ତନ କରି ନୂଆ ତାରିଖର ଷ୍ଟିକର୍ ଲଗାଉଥିଲେ। ଏହି ଜାଲିଆତି ପରେ ସେହି ସାମଗ୍ରୀକୁ ନୂଆ ପ୍ରଡକ୍ଟ ଭାବେ ଖୁଚୁରା ଦୋକାନୀମାନଙ୍କୁ ବିକ୍ରି କରାଯାଉଥିଲା। ଏହି ବେଆଇନ କାରବାର ନେଇ ଏକ ନିର୍ଦ୍ଦିଷ୍ଟ ଅଭିଯୋଗ ପାଇବା ପରେ ସମ୍ପୃକ୍ତ ଟିମ୍ ଅଭିଯୁକ୍ତଙ୍କ ଠିକଣା ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ବିପୁଳ ପରିମାଣର ଏକ୍ସପାୟାର୍ଡ ଓ ନକଲି ସାମଗ୍ରୀ ସମେତ ତାରିଖ ପରିବର୍ତ୍ତନ କରିବା ପାଇଁ ବ୍ୟବହୃତ ମେସିନ୍ ଓ ନକଲି ଲେବଲ୍ ଜବତ କରାଯାଇଛି।

# ଦିଲ୍ଲୀ ଦରବାରରେ ଗର୍ଜିବ ଶଙ୍ଖ

● ସାଂସଦଙ୍କ ହାତରେ ନବୀନ ଧରାଇଲେ ପ୍ରସଙ୍ଗ

● ମା'ଙ୍କ ଅସୁସ୍ଥତା ପାଇଁ ଆସିନ ଥିଲେ ସଂତୃପ୍ତ



ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ): ସଂସଦର ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ଓଡ଼ିଶା ରାଜନୀତିରେ ବଡ଼ ହଲଚଲ। ଦିଲ୍ଲୀରେ ବିରୋଧୀ ଦଳ ଭୂମିକାରେ ଥିବା ବିଜେଡି ଏଥର ସରକାରଙ୍କୁ ସହଜରେ ଛାଡ଼ିବା ମୁଡ୍‌ରେ ନାହିଁ। ରାଜ୍ୟ ସ୍ୱାର୍ଥ ସହ ଜଡ଼ିତ ଏକାଧିକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ସଂସଦରେ ଶାସକ ଦଳକୁ କୋଣଠେସା କରିବା ପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ନବୀନ ନିବାସରେ ଆଜି ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଦଳର ୪ ସାଂସଦଙ୍କୁ 'ଗୁରୁମନ୍ତ୍ର' ଦେଇଛନ୍ତି ନବୀନ।

ଆଜି ବିଜେଡି ସଂସଦୀୟ ଦଳର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ସାଂସଦମାନେ ଯୋଗ ଦେଇଥିଲେ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଦେଖାଦେଇଥିବା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟାକୁ ଦିଲ୍ଲୀରେ ଜୋରଦାର ଢଙ୍ଗରେ ଉଠାଇବା ପାଇଁ ଏହି ବୈଠକରେ ରୋଡମ୍ୟାପ୍ ପ୍ରସ୍ତୁତ ହୋଇଛି। ବିଶେଷକରି ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଜେଡି ସଂସଦ ଭିତରେ କଠୋର ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଜଣାପଡ଼ିଛି। ସଂସଦରେ ସରକାରଙ୍କୁ ଘେରିବା ପାଇଁ ବିଜେଡି ମୋଟ ୧୧ଟି ପ୍ରସଙ୍ଗକୁ ଚିହ୍ନଟ କରିଛି। ସେଗୁଡ଼ିକ ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧିକୁ ମୁଖ୍ୟ ଆୟୁଧ କରାଯିବ। ଏଥିସହ ଓଡ଼ିଶାର ଚାଷୀକୁଳ ସମ୍ମୁଖୀନ ହେଉଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ, ବିହନ ସମସ୍ୟା, ସାର ସଙ୍କଟ ଓ ମଣ୍ଡିରେ କଟନୀଛଟନୀ ଭଳି ଜ୍ୱଳନ୍ତ ସମସ୍ୟା ଉପରେ ଦଳ ସରକାରଙ୍କୁ ଜବାବ ମାଗିବ। ସେହିପରି ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ଦୀର୍ଘ ଦିନରୁ ଚାଲିଆସିଥିବା ମହାନଦୀ ଓ ପୋଲାଭରମ ଜଳବିବାଦ ଏବଂ କୋଇଲା ରୟାଲଟି ସଂଶୋଧନ ପ୍ରସଙ୍ଗରେ ମଧ୍ୟ ବିଜେଡି ସାଂସଦମାନେ ଗୃହରେ ସ୍ୱର ଉତ୍ତୋଳନ କରିବେ। ଏହା ବ୍ୟତୀତ ପାଠ୍ୟପୁସ୍ତକ ପ୍ରିଣ୍ଟିଂରେ ହୋଇଥିବା ବଡ଼ ଧରଣର ତ୍ରୁଟି, ବିଳମ୍ବିତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି, ବିଗତ ଦୁଇ ବର୍ଷ ମଧ୍ୟରେ ବଢ଼ି ଚାଲିଥିବା ଭିଡ଼ ହିଂସା ଓ ଦୁର୍ଗମ ଅଞ୍ଚଳରେ ଯାତାୟାତ ସମସ୍ୟାକୁ ନେଇ ବିଜେଡି ସ୍ୱର ଉଠାଇବ। ତେବେ ଆଜି ସଂସଦୀୟ ଦଳ ବୈଠକରେ ସାଂସଦ ସଂତୃପ୍ତ ମିଶ୍ର ଯୋଗ ଦେଇ ନ ଥିଲେ। ମିଳିଥିବା ସୂଚନାନୁଯାୟୀ ତାଙ୍କ ମା'ଙ୍କ ଅସୁସ୍ଥତା ପାଇଁ ସେ ନବୀନଙ୍କ ଅନୁମତି ନେଇ ଆଜିର ବୈଠକକୁ ଆସି ନ ଥିଲେ ବୋଲି ଜଣାପଡ଼ିଛି।

# ଶ୍ରୀଜଗନ୍ନାଥଙ୍କ ଜମିଜମାରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା

■ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷା ଆମର ନୈତିକ ଦାୟିତ୍ୱ:ରାଜସ୍ୱ ସଚିବ

■ ମହାପ୍ରଭୁଙ୍କ ସମ୍ପତ୍ତି ସମ୍ପର୍କିତ ରାଜସ୍ୱ ମାମଲାର ଶୀଘ୍ର ଫଇସଲା ହେବ

ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ): ଶ୍ରୀଜଗନ୍ନାଥ ମହାପ୍ରଭୁ, ବିଜେ ପୁରୀଙ୍କ ଭୂସମ୍ପତ୍ତିର ସୁରକ୍ଷା, ସଠିକ୍ ରେକର୍ଡ ସଂରକ୍ଷଣ ଓ ସଫଳ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ରାଜସ୍ୱ ଅଧିକାରୀଙ୍କୁ ବିସ୍ତୃତ ନିର୍ଦ୍ଦେଶ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜସ୍ୱ ପର୍ଷଦ, ସମସ୍ତ ରାଜସ୍ୱ ଡିଭିଜନାଲ କମିଶନର (ଆରଡିସି), ଜିଲ୍ଲାପାଳ ଓ ଭୂ-ଅଭିଲେଖ ଏବଂ ସର୍ଭେ ନିର୍ଦ୍ଦେଶକ (ଡିଏଲଆରଏସ)ଙ୍କୁ ଏହି ପ୍ରସଙ୍ଗରେ ଚିଠି ଲେଖି ତୁରନ୍ତ ଓ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜସ୍ୱ ସଚିବ ଡ. ପାଢ଼ୀ କହିଛନ୍ତି ଯେ ମହାପ୍ରଭୁଙ୍କ ନାମରେ ହିଁ ଏ ଜାତିର ପରିଚୟ। ତାଙ୍କ ନାମରେ ଥିବା ସମସ୍ତ ସମ୍ପଦର ସୁରକ୍ଷା ଆମର ନୈତିକ ଦାୟିତ୍ୱ। ସୁତରାଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମାର ରେକର୍ଡ, ସୁରକ୍ଷା ଓ ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ କରୁଛି। ଏହି ପରିପ୍ରେକ୍ଷୀରେ ଆଇନ ଓ ସରକାରଙ୍କ ନିର୍ଦ୍ଦେଶାବଳୀ ସହ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ) ଦ୍ୱାରା ବିଭିନ୍ନ ସମୟରେ ପ୍ରଚାରିତ ନ୍ୟାୟାଳୟଙ୍କ ଆଦେଶକୁ ଅନୁସରଣ କରି ଅଧିକାରୀଙ୍କୁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି।



ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଗଞ୍ଜାମ, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ତହସିଲରେ ଏସ୍ଜେଟିଏ ପକ୍ଷରୁ ଦାଖଲ ହୋଇଥିବା ୧୧,୬୭୫ଟି ବିବିଧ ରାଜସ୍ୱ ମାମଲାର ଶୀଘ୍ର ଫଇସଲା ସୁନିଶ୍ଚିତ କରିବା ସହ ଓଡ଼ିଶା ଇଷ୍ଟେଟ୍ସ ଆବୋଲିସନ୍ ଆଇନର ଧାରା ୭(ଏ) ଅନୁଯାୟୀ ଏସଜେଟିଏ ଦ୍ୱାରା ଦାଖଲ ୨୫୭ଟି ମାମଲାରେ ବୋର୍ଡ ଅଫ୍ ରେଭିନ୍ୟୁ ସଦସ୍ୟଙ୍କ ଆଦେଶର କାର୍ଯ୍ୟକାରିତା ତୁରନ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି। ବିଭାଗ ସ୍ପଷ୍ଟ କରିଛି ଯେ ଏହି ସମସ୍ତ ପ୍ରସଙ୍ଗକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଜିଲ୍ଲା, ଉପଖଣ୍ଡ ଓ ତହସିଲ ସ୍ତରର ମାସିକ ରାଜସ୍ୱ ବୈଠକରେ ନିୟମିତ ସମୀକ୍ଷା କରାଯିବ ଓ ପ୍ରତି ମାସ ଅଗ୍ରଗତି ରିପୋର୍ଟ ବିଭାଗକୁ ପଠାଯିବ।

## ନିର୍ବାହୀ ଯନ୍ତ୍ରୀଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି

# ୨୩ କୋଠରୀ ବିଶିଷ୍ଟ ୪ ମହଲା ଲଜ୍, ୯ ପ୍ଲଟ୍ ଠାବ

କୋରାପୁଟ,୧୩।୭(ସଂଚାର ବ୍ୟୁରୋ): ଓଡ଼ିଶା କନଷ୍ଟ୍ରକ୍ସନ୍ କର୍ପୋରେସନ୍ (ଓସିସିଏଲ୍)ର ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର କିସପଟ୍ଟାଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠାବ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିବା ବେଳେ ସେ କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମାଲିକ ବୋଲି ସ୍ପଷ୍ଟ ହୋଇଛି।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ପ୍ରାଥମିକ ସୂଚନାନୁଯାୟୀ, ଭିଜିଲାନ୍ସର ମୋଟ ୭ଟି ଟିମ୍ ଏକକାଳୀନ ଭୁବନେଶ୍ୱର କାର୍ଯ୍ୟାଳୟ, ରାଉରକେଲାସ୍ଥିତ ତାଙ୍କ ପୈତୃକ ଘର ସମେତ କୋରାପୁଟର ଭଡ଼ା ଘର ଓ ଏକ ହୋଟେଲରେ ଚଢ଼ାଉ କରି ପଚରାଉଚରା ଜାରି ରଖିଛନ୍ତି। କୋରାପୁଟ ସହରରେ ଶ୍ରୀ କିସପଟ୍ଟାଙ୍କର ୨୩ କୋଠରୀବିଶିଷ୍ଟ ଏକ ୪ ମହଲା ଲଜ୍ ରହିଛି, ଯାହାକି ପାଖାପାଖି ୮୦୦୦ ବର୍ଗଫୁଟ ଅଞ୍ଚଳବିଶିଷ୍ଟ। ଏହାଛଡ଼ା ସୁନ୍ଦରଗଡ଼ର ଲହୁଣିପଡ଼ାରେ ତାଙ୍କର ୭୭୧୫ ବର୍ଗଫୁଟ ପରିମିତ ଏକ ନିର୍ମାଣାଧୀନ କୋଠା ସହ କୋରାପୁଟରେ ୬ଟି ଦାମୀ ପ୍ଲଟ୍ ମଧ୍ୟ ରହିଥିବା ଚଢ଼ାଉ ସମୟରେ ଜଣାପଡ଼ିଛି। ଆହୁରି ରାଉରକେଲାରେ ୨ଟି ଓ ଭୁବନେଶ୍ୱରରେ ଗୋଟିଏ ପ୍ଲଟ୍ ମଧ୍ୟ ତାଙ୍କ ନାମରେ ରହିଛି। ଏହିପରି ମୋଟ ୯ଟି ପ୍ଲଟ୍ ତାଙ୍କ ନାମରେ ଥିବା ଜଣାପଡ଼ିଛି। ତାଙ୍କ ଘରୁ ନଗଦ ୧ ଲକ୍ଷ ୧୬ ହଜାର ଟଙ୍କା ଉଦ୍ଧାର କରାଯାଇଛି। ଆହୁରି ତାଙ୍କ ଘରୁ ୩୨୫ ଗ୍ରାମ ଓଜନର ସୁନା ଅଳଙ୍କାର ଓ ୧ କିଲୋରୁ ଊର୍ଦ୍ଧ୍ୱ ଓଜନର ରୁପା ଅଳଙ୍କାର ମଧ୍ୟ ଜବତ କରାଯାଇଛି। ଏହାଛଡ଼ା ବିଭିନ୍ନ ବ୍ୟାଙ୍କ୍ ଓ ପୋଷ୍ଟ ଅଫିସ୍‌ରେ ଶ୍ରୀ କିସପଟ୍ଟା ଓ ତାଙ୍କ ପରିବାର ଲୋକଙ୍କ ନାମରେ ୪୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜମା ମଧ୍ୟ ରହିଛି। ସେହିପରି ତାଙ୍କ ଘରେ ୩୬.୫୨ ଲକ୍ଷ ଟଙ୍କାର ଆସବାବପତ୍ର ମଧ୍ୟ ରହିଥିବା ଚଢ଼ାଉ ସମୟରେ ଜଣାପଡ଼ିଛି।



**୩୨୫ ଗ୍ରାମ୍ ସୁନା ଓ ଏକ କିଲୋରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ଜବତ**

## ଆସୁଛି ଆଉ ଏକ ଲଘୁଚାପ, ଭିଜିବ ରଥଯାତ୍ରା



ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ): ବର୍ଷାରେ ଭିଜିବ ରଥଯାତ୍ରା। କାରଣ ବଙ୍ଗୋପ ସାଗରରେ ଆସୁଛି ଆଉ ଏକ ଲଘୁଚାପ। ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ବା ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ। ଉତ୍ତର ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷା ହେବାର ସମ୍ଭାବନା ପ୍ରକଟ କରାଯାଇଛି। ଏହାର ପ୍ରଭାବରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ାରେ ପ୍ରବଳ ବର୍ଷା ହେବା ନେଇ ସ୍ଥାନୀୟ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଉପକୂଳ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ମଧ୍ୟ ବର୍ଷା ସମ୍ଭାବନା ଅଛି। ବର୍ଷା ପାଗ ସତ୍ତ୍ୱେ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇପାରେ।

## ଏଣିକି ଚାଷ ହେବ ଉଚ୍ଚ ଅମଳକ୍ଷମ ଆଖୁ

# ଓୟୁଏଟି ବିକଶିତ କରିବ ଉନ୍ନତମାନର ଚାରା

ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ): ରାଜ୍ୟରେ ଚିନି ଉତ୍ପାଦନ ବୃଦ୍ଧି କରାଯିବ। ବଡ଼ମ୍ବା ଚିନିକଳର ପୁନରୁଦ୍ଧାର ହେବ। ତେଣୁ ରାଜ୍ୟରେ ଉଚ୍ଚ ଅମଳକ୍ଷମ ଆଖୁ ଚାଷ କରାଯିବ। ଆଖୁ ଚାଷର ଉନ୍ନତି ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସ୍ୱତନ୍ତ୍ର ରଣକୌଶଳ ଆପଣାଇଛି। ଆଖୁ ଉପରେ ଅଧିକ ଗବେଷଣା ପାଇଁ ଖୋଲିବ ଓୟୁଏଟିର ସ୍ୱତନ୍ତ୍ର କ୍ୟାମ୍ପସ୍। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି।



ଓୟୁଏଟି କୁଳପତି ପ୍ରଫେସର ପିକେ ରାଉଳଙ୍କ ସୂଚନା ମୁତାବକ, ଉଚ୍ଚ ଅମଳକ୍ଷମ ଆଖୁ ଚାଷ ଦ୍ୱାରା ରୋଗ ପ୍ରତିରୋଧ ଶକ୍ତି ବଢ଼ିବ। ଏଥିସହ ମରୁଡ଼ି ସହନଶୀଳତା କିସମଗୁଡ଼ିକୁ ଓୟୁଏଟିର ସ୍ୱତନ୍ତ୍ର କ୍ୟାମ୍ପସରେ ବିକାଶ କରାଯିବ। ଚାରା ରୋପଣ ବେଳେ ବଡ୍ ଚିପ୍ ଟେକ୍ନୋଲୋଜି, ପୂର୍ବ ଅଙ୍କୁରିତ ଚାରା, ଟିସୁ କଲଚର, ମାଇକ୍ରୋ-ପ୍ରୋପାଗେସନ୍ ପ୍ରମୁଖ ଜ୍ଞାନ କୌଶଳ ଆପଣାଇବାକୁ ଚେଷ୍ଟା କରାଯିବ। ସେହିପରି ଲାଭଦାୟକ ଆଖୁଭିତ୍ତିକ ଆନ୍ତଃଫସଲ ପ୍ରଣାଳୀର ମାନକୀକରଣ ନିର୍ଦ୍ଧାରଣ କରାଯିବ। ଚାଷୀଟିଏ ବହୁବିଧ ଚାଷ କରି ଯେପରି ଲାଭବାନ ହୋଇପାରିବ, ସେନେଇ ଓୟୁଏଟି ତାଲିମ ଦେବ। ଆଖୁ ଚାଷରେ ଉନ୍ନତ ମାନର ନାନୋ-ସାର ଓ ଜଳରେ ଦ୍ରବଣୀୟ ସାର ପ୍ରୟୋଗ, ଉପଯୁକ୍ତ କୃଷି ଯାନ୍ତ୍ରିକୀକରଣ ବାବଦରେ ତାଲିମ ଦିଆଯିବ।

ଆହୁରି ମଧ୍ୟ କେଉଁ ଅଞ୍ଚଳରେ କେଉଁ ଜଳବାୟୁରେ ଉନ୍ନତ ମାନର ଆଖୁ ଚାଷ ହୋଇପାରିବ, ସେନେଇ ଅନୁସନ୍ଧାନ କରାଯିବ। ଆଖୁର ପ୍ରକ୍ରିୟାକରଣ, ମୂଲ୍ୟ ବୃଦ୍ଧି, ଉତ୍ପାଦ ବିବିଧତା ଓ ଜୈବ ଅର୍ଥନୀତି ପଦକ୍ଷେପରେ ନବସୃଜନ ଅଣାଯିବ। ଗ୍ରାମାଞ୍ଚଳରେ କୃଷି-ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଜୈବ ଗୁଡ଼ ଉତ୍ପାଦନ ପାଇଁ ପ୍ରଯୁକ୍ତିବିଦ୍ୟା ତାଲିମ ଦିଆଯିବ। ଆବଶ୍ୟକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା(ଏଆଇ)ର ସାହାଯ୍ୟ ନିଆଯିବ ବୋଲି ପ୍ରଫେସର ରାଉଳ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ରାଜ୍ୟରେ ୧୯.୨ ହଜାର ହେକ୍ଟରରେ ଆଖୁ ଚାଷ ହେଉଛି। ପାଖାପାଖି ୧୪୫୩ ହଜାର ଟନ୍ ମୋଟ ଆଖୁ ଉତ୍ପାଦନ ହେଉଛି।

## ରଥଯାତ୍ରା ପୂର୍ବରୁ ମାତିଲେ ବନଜାରା ଗ୍ୟାଙ୍ଗ

**ଗହଳି ସ୍ଥାନ ଦେଖି ଲୁଟୁଛନ୍ତି**

ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ): ରଥଯାତ୍ରା ପୂର୍ବରୁ ମାତିଲେ ବନଜାରା ଗ୍ୟାଙ୍ଗ। ଜନଗହଳି ଥିବା ସ୍ଥାନ ଦେଖି ସେମାନେ ବୁଲାଉଛନ୍ତି କଳାକନା। 'ଆମ ବସ'ରେ ପଶି ଲୁଟୁଛନ୍ତି। ଭିଡ଼ ମାର୍କେଟ ଏରିଆରେ ପଶି ଗହଣାଗାଣ୍ଠି ଲୁଟ୍ କରୁଛନ୍ତି। ଏନେଇ କମିଶନରେଟ ପୁଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ଜାରି ରହିଛି। ସ୍ପେଶାଲ ସ୍କ୍ୱାଡ୍ ଜରିଆରେ ନୟାପଲ୍ଲୀ ଅଞ୍ଚଳରେ ଚାଲିଛି ଜୋରଦାର ଅପରେସନ୍। ରଥଯାତ୍ରା ଭିଡ଼ରେ ଯେପରି ଲୁଟପାଟ୍ ନ ହୁଏ, ସେନେଇ ଚାଲିଛି ତନାଘନା। ରଥଯାତ୍ରା ଭିଡ଼ରେ ସକ୍ରିୟ ହେବାକୁ ରାଜ୍ୟ ବାହାରୁ ଆସିଥିବା ଏହି ବନ୍‌ଜାରା ଗ୍ୟାଙ୍ଗର କେତେକ ସଦସ୍ୟଙ୍କୁ ଭୁବନେଶ୍ୱରରେ ଗିରଫ କରାଯାଇଛି। ସେମାନଙ୍କୁ ନୟାପଲ୍ଲୀ ଥାନା ପୁଲିସ ଗିରଫ କରିଛି। ଭିଡ଼ର ସୁଯୋଗ ନେଇ ପକେଟମାର ଓ ମୋବାଇଲ ଲୁଟ୍ କରୁଥିବା ୪ ଜଣିଆ ଗ୍ୟାଙ୍ଗକୁ କାବୁ କରିଛି ନୟାପଲ୍ଲୀ ଥାନା ପୁଲିସ। ଏଥିରେ ୩ ଜଣ ମହିଳା ଓ ଜଣେ ନାବାଳକ ଅଛନ୍ତି। ଏଥିସହ ସେମାନଙ୍କ ନିକଟରୁ ଏକାଧିକ ଚୋରି ମୋବାଇଲ ଜବତ କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଯୁଦ୍ଧ ବନ୍ଦ ନହେଲେ ମିଳିବନି ପେଟ୍ରୋଲ-ଡିଜେଲ




ନୂଆଦିଲ୍ଲୀ,୧୩।୦୭: ଆମେରିକା ଏବଂ ଇରାନ ମଧ୍ୟରେ ଅଶାନ୍ତି ବଢ଼ିବାରେ ଲାଗିଛି। ଇରାନ ପ୍ରମୁଖ ଜଳପଥ 'ହୋର୍ମୁଜ'କୁ ପୁଣି ଥରେ ବନ୍ଦ କରିଦେଇଛି, ଯେଉଁଠାରୁ ବିଶ୍ୱବ୍ୟାପୀ ତୈଳ ଏବଂ ଗ୍ୟାସ୍ ଯୋଗାଣ ହୋଇଥାଏ। ଏହି ନିଷ୍ପତ୍ତି ଦ୍ୱାରା ପୁଣି ଘନେଇପାରେ ତୈଳ ସଂକଟ। ମହଙ୍ଗା ହେବ ଅଶୋଧିତ ତୈଳ। ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍ ଦର ମଧ୍ୟ ବଢ଼ିପାରେ। ବିଶ୍ୱବ୍ୟାପୀ ଦରଦାମ ସ୍ଥିତି ହେବ ଉତ୍କଟ। ଦୁର୍ବଳ ହେବ ଟଙ୍କା। ଭାରତୀୟ ସେୟାର ବଜାରରେ ବଡ଼ ଧରଣର ଅସ୍ଥିରତା ଦେଖିବାକୁ ମିଳିପାରେ। ଇରାନ ଉପରେ ଏୟାରଷ୍ଟ୍ରାଇକ୍ କରିଛି ଆମେରିକା। ଏହାର ଜବାବରେ ଇରାନ ତୈଳ ଯୋଗାଣର ସାମୁଦ୍ରିକ ରାସ୍ତା 'ହୋର୍ମୁଜ'କୁ ବନ୍ଦ କରିଦେଇଛି। ଭାରତ ଏହାର ଆବଶ୍ୟକତାର ବୃହତ୍ ଭାଗ ତେଲ ବିଦେଶରୁ ଆମଦାନି କରିଥାଏ। ସିଂହଭାଗ ଏହି ମାର୍ଗ ଦେଇ ଆସିଥାଏ। ହୋର୍ମୁଜ ବନ୍ଦ ହେବା ଦ୍ୱାରା ଯୋଗାଣ ପ୍ରଭାବିତ ହେଲେ ଦେଶରେ ଦରଦାମ ସ୍ଥିତି ଉତ୍କଟ ହୋଇପାରେ। କମ୍ପାନିଗୁଡ଼ିକର ଲାଭ କମିବ। ବିଶେଷଜ୍ଞଙ୍କ ଅନୁସାରେ, ଯଦି ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ୮୦ ଡଲାର ଉପରକୁ ଯାଏ ତେବେ ସେୟାର ବଜାରରେ ବଡ଼ ହ୍ରାସ ଦେଖିବାକୁ ମିଳିପାରେ। ଗତ ସପ୍ତାହରେ ବି ବଜାର ମାନ୍ଦା ରହିଥିଲା। ଜିଓଜିତ ଇନଭେଷ୍ଟମେଣ୍ଟସର ଗବେଷଣା ମୁଖ୍ୟ ବିନୋଦ ନାୟର କହିଛନ୍ତି ଯେ, ଗତ ସପ୍ତାହରେ ଭାରତୀୟ ସେୟାର ବଜାରରେ ଅନିଶ୍ଚିତତା ଦେଖିବାକୁ ମିଳିଥିଲା। ଆରମ୍ଭରେ ବଜାରରେ ସକାରାତ୍ମକ ମାହୋଲ ଥିଲା କିନ୍ତୁ ମଧ୍ୟପ୍ରାଚ୍ୟରେ ବର୍ଦ୍ଧିତ ଅସ୍ଥିରତା ଯୋଗୁ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି, ଯାହାଦ୍ୱାରା ନିବେଶକ ଆଶଙ୍କିତ ଅବସ୍ଥାରେ ଅଛନ୍ତି।

ତେଲ ମହଙ୍ଗା ହେବା ଦ୍ୱାରା ପେଟ୍ରୋଲ ଏବଂ ଡିଜେଲ ବିକ୍ରି କରୁଥିବା କମ୍ପାନି, ବିମାନ କମ୍ପାନି, ପେଣ୍ଟ୍, କେମିକାଲ ଏବଂ ଟାୟାର ପ୍ରସ୍ତୁତକାରୀ କମ୍ପାନିଗୁଡ଼ିକର ସେୟାର ମୂଲ୍ୟରେ ହ୍ରାସ ଘଟିପାରେ। ତେବେ ବ୍ୟାଙ୍କିଙ୍ଗ୍, ଆଇଟି, ଫାର୍ମା ଏବଂ ପ୍ରତିରକ୍ଷା ସହ ଜଡ଼ିତ କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ବଢ଼ିପାରେ। ଚଳିତ ମାସ ବିଦେଶୀ ନିବେଶକ ଭାରତୀୟ ବଜାରରେ ବୃହତ୍ ମାତ୍ରାରେ ଟଙ୍କା ଲଗାଇଛନ୍ତି। କିନ୍ତୁ ବିଶେଷଜ୍ଞଙ୍କ ଆଶଙ୍କା ହେଉଛି, ଯଦି ଯୁଦ୍ଧ ଜାରି ରୁହେ ତେବେ ଏହି ବିଦେଶୀ ନିବେଶକ ବଜାରରୁ ନିଜ ଟଙ୍କା କାଢ଼ି ନେଇଯିବେ, ଯାହାଦ୍ୱାରା ବଜାର କ୍ରାସ୍ ହେବା ଥୟ। ଆଗାମୀ ଦିନରେ ବଜାରର ଗତି ତେଲ ଦର ଏବଂ ମୁଦ୍ରାସ୍ଫିତି ଅଙ୍କ ଉପରେ ନିର୍ଭର କରିବ। ହୋର୍ମୁଜ ଖୋଲିବା ପରେ ସ୍ଥିତି ସ୍ୱାଭାବିକ ହୋଇ ଆସୁଥିଲା। କିନ୍ତୁ ଏବେ ପୁଣି ବନ୍ଦ ହେବା ଫଳରେ ସ୍ଥିତି ପୁନଃ ବିଗିଡ଼ିପାରେ। ତୈଳ ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର ଖସିବା ସମ୍ଭାବନା କ୍ଷୀଣ ହୋଇଯାଇଛି।ବରଂ ଦର ବଢ଼ିବା ସମ୍ଭାବନା ଉପୁଜିଛି।

## ଜୁଲାଇରେ ନିବେଶ କଲେଣି ୧୫,୧୫୭ କୋଟି

ମୁମ୍ବାଇ,୧୩।୭:ଭାରତର ପୁଞ୍ଜି ବଜାର ଉପରେ ବିଦେଶୀ ନିବେଶକମାନଙ୍କ ଭରସା ଫେରିଛି। ଜୁଲାଇ ମାସରେ ବର୍ତ୍ତମାନ ସୁଦ୍ଧା ବିଦେଶୀ ନିବେଶକମାନେ ଆମ ଦେଶର ପୁଞ୍ଜି ବଜାରରେ ୧୫,୧୫୭ କୋଟି ଟଙ୍କା ନିବେଶ କରିସାରିଲେଣି ବୋଲି ସେଣ୍ଟ୍ରାଲ ଡିପୋଜିଟୋରି ସର୍ଭିସେସ୍ (ଇଣ୍ଡିଆ) ଲିମିଟେଡ ତଥ୍ୟରୁ ଜଣାଯାଇଛି। ଲଗାତାର ୪ ମାସ ଧରି ଭାରତ ବଜାରରୁ ବିଦେଶୀ ନିବେଶକମାନେ ମୁହଁ ଫେରାଇ ନେଇଥିଲେ। ଜୁନ୍ ମାସରେ




୪୯,୩୪୦ କୋଟି, ମେ ମାସରେ ୩୨,୯୬୩ କୋଟି, ଏପ୍ରିଲରେ ୬୦,୮୪୭ କୋଟି ଏବଂ ମାର୍ଚ୍ଚ ମାସରେ ୧.୧୭ ଲକ୍ଷ କୋଟି ଟଙ୍କା ଭାରତୀୟ ବଜାରରୁ ଉଠାଇ ନେଇଥିଲେ। ପୂର୍ବରୁ ଫେବୃଆରି ମାସରେ ସେମାନେ କିନ୍ତୁ ଭାରତୀୟ ଇକ୍ୱିଟି ବଜାରରେ ୨୨,୬୧୫ କୋଟି ନିବେଶ କରିଥିଲେ। ଚଳିତବର୍ଷ ଆରମ୍ଭରୁ ବର୍ତ୍ତମାନ ମଧ୍ୟରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ୨.୬ ଲକ୍ଷ କୋଟି ଟଙ୍କା ଉଠାଇ ନେଲେଣି। ଗତବର୍ଷ ସମାନ ସମୟରେ ସେମାନେ ୧.୬୬ ଲକ୍ଷ କୋଟି ଟଙ୍କାର ନିବେଶ ରାଶି ଫେରାଇ ନେଇଥିଲେ। ଜୁଲାଇରେ ବର୍ତ୍ତମାନ ସୁଦ୍ଧା ସ୍ଥିତି ଯଦିଓ ଭଲ ଅଛି ତଥାପି ଆଗାମୀ ଦିନରେ ଭାରତ ବଜାର ପ୍ରତି ବିଦେଶୀ ନିବେଶକମାନଙ୍କର ମନୋଭାବ କିଭଳି ରହିବ ତାହା ବିଶ୍ୱର ଭୂରାଜନୈତିକ ସ୍ଥିତି ଓ ଅନ୍ୟାନ୍ୟ କାରଣ ଉପରେ ନିର୍ଭର କରିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ଭାରତରେ ଧମାକା କରିବ କିଆ ସାଇରସ୍ ଇଭି

ନୂଆଦିଲ୍ଲୀ, ୧୩।୭:ଭାରତରେ ଇଲେକ୍ଟ୍ରିକ୍ କାରର ଡିମାଣ୍ଡ ଦ୍ରୁତ ଗତିରେ ବଢ଼ୁଛି। ପ୍ରାୟ ସମସ୍ତ ବଡ଼ କାର କମ୍ପାନୀ ନିଜର ନୂଆ ଇଭି ମଡେଲ୍ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ସମୟରେ 'କିଆ'ର ଆସନ୍ତା ସାଇରସ୍ ଇଭି ସମ୍ପର୍କରେ ବଡ଼ ସୂଚନା ସାମ୍ନାକୁ ଆସିଛି। ଲଞ୍ଚ ପୂର୍ବରୁ ଏହି ଇଲେକ୍ଟ୍ରିକ୍ SUVର ଅନେକ ଗୁରୁତ୍ୱପୂର୍ଣ୍ଣ ଡାଟା ଲିକ୍ ହୋଇଛି। ରିପୋର୍ଟ ଅନୁଯାୟୀ, ଏହି କାରରେ ଲଙ୍ଗ ଡ୍ରାଇଭିଂ ରେଞ୍ଜ, ପାୱାରଫୁଲ୍ ବ୍ୟାଟେରି ଏବଂ ଅନେକ ପ୍ରିମିୟମ୍ ଫିଚର୍ସ ମିଳିପାରେ। ତେବେ କମ୍ପାନୀ ଏନେଇ ଏପର୍ଯ୍ୟନ୍ତ କୌଣସି ଅଫିସିଆଲ ଘୋଷଣା କରିନାହିଁ।

କିଆ ସାଇରସ୍ ଇଭିରେ ଦୁଇଟି ବ୍ୟାଟେରି ଅପ୍ସନ ମିଳିବାର ସମ୍ଭାବନା ରହିଛି। ପ୍ରଥମଟି ୪୨କିଲୋୱାଟ୍ ବ୍ୟାଟେରି, ଯାହାକୁ ଥରେ ପୂରା ଚାର୍ଜ କଲେ ପ୍ରାୟ ୪୪୩ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ। ଦ୍ୱିତୀୟଟି ୫୧.୪କିଲୋୱାଟ୍ ବ୍ୟାଟେରି, ଯାହା ପ୍ରାୟ ୫୨୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଦେଇପାରେ। ଏହି ବ୍ୟାଟେରି କିଆ କାରେନ୍ସ କ୍ଲାଭିସ୍ ଇଭି ଏବଂ ହୁଣ୍ଡାଇ କ୍ରେଟା ଇଭିରେ ମଧ୍ୟ ବ୍ୟବହାର ହୋଇଥିବା କୁହାଯାଉଛି। ତେବେ ସାଇରସ୍ ଇଭିର ଓଜନ କମ୍ ଥିବାରୁ ଏହା ଅଧିକ ରେଞ୍ଜ ଦେଇପାରେ।

ଏହି ଏସୟୁଭିର ସବୁଠାରୁ ବଡ଼ ବିଶେଷତା ହେଉଛି ଏହାର ବ୍ୟାଟେରି ୱାରେଣ୍ଟି। ଲିକ୍ ସୂଚନା ଅନୁସାରେ, କିଆ ଏହି କାର ସହ ୧୫ ବର୍ଷର ବ୍ୟାଟେରି ୱାରେଣ୍ଟି ଦେବ। ଯଦି ଏହା ସତ ହୁଏ, ତେବେ ଭାରତୀୟ ଇଭି ବଜାରରେ ଏହା ଗ୍ରାହକଙ୍କ ପାଇଁ ବହୁତ ଖାସ୍ ହେବ। ଏଥିରେ ବ୍ୟାଟେରି ବଦଳାଇବା ନେଇ ଚିନ୍ତା ମଧ୍ୟ ବହୁତ କମିଯିବ। ଫିଚର୍ସ କଥା କହିଲେ, କିଆ ସାଇରସ୍ ଇଭିରେ ଅନେକ ଆଧୁନିକ ସୁବିଧା ମିଳିପାରେ। ଏଥିରେ ଏଲ୍‌ଇଭିଇଏଲ୍-୨ଏଡିଏଏସ୍, ୩୬୦ ଡିଗ୍ରୀ କ୍ୟାମେରା, ବଡ଼ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ୍, ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ପାନୋରାମିକ୍ ସନରୁଫ୍, ଭେଣ୍ଟିଲେଟେଡ୍ ସିଟ୍, ୱାୟାରଲେସ୍ ଫୋନ୍ ଚାର୍ଜିଂ ଭଳି ସୁବିଧା ରହିପାରେ। ଏହାଛଡ଼ା ଇଭି ମଡେଲରେ ନୂଆ ଆଲୟ ହ୍ୱିଲ୍ ଏବଂ



କିଛି ନୂଆ ଡିଜାଇନ୍ ପରିବର୍ତ୍ତନ ଦେଖିବାକୁ ମିଳିପାରେ, ଯାହା ଏହାର ଲୁକ୍‌କୁ ଆହୁରି ଆଟ୍ରାକ୍ଟିଭ୍ କରିବ।

ଦାମ କଥା କହିଲେ, କିଆ ସାଇରସ୍ ଇଭିର ଆରମ୍ଭିକ ଏକ୍ସ-ଶୋରୁମ୍ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହୋଇପାରେ। ସେହିପରି ଏହାର ଟପ୍ ଭାରିଏଣ୍ଟର ଦାମ ପ୍ରାୟ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଇପାରେ। ଲଞ୍ଚ ପରେ ଏହାର ମୁକାବିଲା ଟାଟା ନେକ୍ସନ୍ ଇଭି, ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସଓ ଇଭି, ଏମ୍‌ଜି ୱିଣ୍ଡସର୍ ଇଭି ଏବଂ ଅନ୍ୟ କମ୍ପାକ୍ଟ ଇଲେକ୍ଟ୍ରିକ୍ ଏସୟୁଭି ସହ ହେବ। ଯଦି କିଆ ଏହି ଲିକ୍ ହୋଇଥିବା ସମସ୍ତ ଫିଚର୍ସ ସହିତ ଏହି ଏସୟୁଭିକୁ ବଜାରକୁ ଆଣେ, ତେବେ ଏହା ନିଜ ଶ୍ରେଣୀର ଏକ ପାୱାରଫୁଲ ଅପ୍ସନ ହୋଇପାରେ।

## ତଡ଼ିଦେଇଥିଲେ ମସ୍କ, ଏବେ ଏଆଇ କମ୍ପାନୀର ମାଲିକ



ନୂଆଦିଲ୍ଲୀ,୧୩।୭:ଆଇଆଇଟି ବମ୍ବେରେ ପାଠପଢ଼ି ଅତି କମ୍ ସମୟରେ ଟ୍ୱିଟର୍ ଭଳି ବିଶ୍ୱସ୍ତରୀୟ କମ୍ପାନିର ସିଇଓ ପଦ ପାଇଥିଲେ। କିନ୍ତୁ ତାଙ୍କର ସେହି ଖୁସି ବେଶି ଦିନ ରହିନଥିଲା। ଟ୍ୱିଟର୍‌କୁ ବିଶ୍ୱର ଏକ ନମ୍ବର ଧନୀ ଏଲନ ମସ୍କ ଅଧିଗ୍ରହଣ କରିବା ପରେ ତାଙ୍କୁ ସିଇଓ ପଦରୁ ତଡ଼ିଦେଇଥିଲେ। ଜୀବନରେ ଏଭଳି ଏକ ବିଶାଳ ଝଟକାକୁ ସାମନା କରିବା ପରେ ତାଙ୍କ ଭବିଷ୍ୟତକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କିନ୍ତୁ ସେହି ଘଟଣାରେ ସେ ଭାଙ୍ଗି ପଡ଼ିନଥିଲେ। ଲୋକଲୋଚନରୁ ଦୂରେଇ ଯାଇ ସେ ଗଢ଼ିଥିଲେ ନୂଆ କମ୍ପାନି। ବର୍ତ୍ତମାନ ସେହି କମ୍ପାନି ଏକ ଦୁଇ ବିଲିଅନ ଡଲାର ସଂସ୍ଥାରେ ପରିଣତ ହୋଇଛି। ସେହି ଚମତ୍କାର କରି ଦେଖାଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ପରାଗ ଅଗ୍ରୱାଲ। ନିଜ ଜୀବନ କାହାଣୀ ସମ୍ପର୍କରେ ଆଲୋଚନା କରି ପରାଗ କହିଛନ୍ତି ଯେ ଟ୍ୱିଟରରୁ ବିଦା ହେବା ପରେ ଜଣେ ଉଦ୍ୟୋଗୀ ହେବା ପାଇଁ ତାଙ୍କୁ ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା ପ୍ରେରଣା ଦେଇଥିଲେ। ସିଲିକନ ଭ୍ୟାଲିରେ ରହି ସେ ପାରାଲାଲ ୱେବ୍ ସିଷ୍ଟମ୍ସ ନାମକ କମ୍ପାନି ଗଠନ କରିଥିଲେ ଯାହା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ କାର୍ଯ୍ୟ କରୁଛି। ଟ୍ୱିଟର୍‌ରେ ଜଣେ ସାଧାରଣ କର୍ମଚାରୀ ଭାବେ ଯୋଗ ଦେଇଥିବା ପରାଗ ନିଜ ବୁଦ୍ଧିମତ୍ତା ବଳରେ ସିଇଓ ପଦ ପର୍ଯ୍ୟନ୍ତ ପହଞ୍ଚିପାରିଥିଲେ। ସେହିପରି ସେ ନିଜର ବିଫଳତାରେ ଭାଙ୍ଗି ନ ପଡ଼ି କିଛି ନୂଆ କରିବାକୁ ସଂକଳ୍ପ ନେଇଥିଲେ ଓ ଏହି କମ୍ପାନି ଗଠନ କରି ନିଜ ବୁଦ୍ଧିମତ୍ତାର ପ୍ରମାଣ ଦେଇଛନ୍ତି। ଜୀବନରେ ଛୋଟ ଛୋଟ ଧକ୍କାରେ ଭାଙ୍ଗି ପଡୁଥିବା ଶହ ଶହ ଲୋକଙ୍କ ପାଇଁ ଆଜି ସେ ପ୍ରେରଣା ପାଲଟିଛନ୍ତି।

## ବଜାର ଖୋଲିବା ମାତ୍ରେ ଉଡ଼ିଗଲା ୩ ଲକ୍ଷ କୋଟି

**ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଶେୟାର ମାର୍କେଟ୍‌ରେ ଝଡ଼**

ନୂଆଦିଲ୍ଲୀ, ୧୩।୭: ମଧ୍ୟପ୍ରାଚ୍ୟ ଟେନସନ୍ ଯୋଗୁଁ ସୋମବାର ସେୟାର ମାର୍କେଟ୍ କ୍ରାସ୍। ବଜାର ଖୋଲିବା ମାତ୍ରେ ଉଡ଼ିଗଲା ୩ ଲକ୍ଷ କୋଟି। ଇରାନ ହୋର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ କରିଥିବା ଦାବି କରିବା ପରେ ଅଶୋଧିତ ତୈଳ ଦର ୫ ପ୍ରତିଶତ ବୃଦ୍ଧି ପାଇଛି। କ୍ରୁଡ୍ ଅଏଲ୍ ଦର ବ୍ୟାରେଲ୍ ପିଛା ୭୯ ଡଲାର ଛୁଇଁଛି। ସେପଟେ ଟଙ୍କା ମଧ୍ୟ ଖସିଛି। ମୋଟାମୋଟି ଭାବେ ଆମେରିକା-ଇରାନ ଯୁଦ୍ଧ ଯୋଗୁଁ ଏଶୀୟ ବଜାର ପୁଣି ଥରେ ପ୍ରଭାବିତ ହୋଇଛି। ସୋମବାର ବଜାର ଖୋଲିବା ମାତ୍ରେ ସେନସେକ୍ସ ୭୦୦ ପଏଣ୍ଟ ହ୍ରାସ ପାଇଥିଲା। ସେହିପରି ନିଫ୍ଟି ୨୧୦ ଅଙ୍କ ଖସିଥିଲା। ଫଳରେ ବଜାର ଖୋଲିବା ମାତ୍ରେ ନିବେଶକଙ୍କ ୩ ଲକ୍ଷ କୋଟି ଉଡ଼ିଯାଇଛି। ଟିସିଏସ୍, ଏଚସିଏଲ୍, ଏନଟିପିସି, ଏବଂ ପାୱାରଗ୍ରୀଡ ଭଳି କମ୍ପାନୀଙ୍କୁ ଛାଡ଼ି ବାକି ସେୟାରରେ ବଡ଼ ହ୍ରାସ ଘଟିଛି। ତେବେ ସେୟାର ବଜାର ହ୍ରାସ ହେବାର ପ୍ରମୁଖ କାରଣ ହେଉଛି ଅଶୋଧିତ ତୈଳ। ବ୍ରେଣ୍ଟ କ୍ରୁଡ୍ ଅଏଲ୍ ବ୍ୟାରେଲ୍ ପିଛା ୭୯ ଡଲାର ଛୁଇଁଛି। ଯାହାକି ଭାରତ ପାଇଁ ଚିନ୍ତାଜନକ ବିଷୟ। କାରଣ ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ଅଶୋଧିତ ତୈଳ ଆମଦାନୀକାରୀ ଦେଶ। ତୈଳ ଦର ବଢ଼ିବା ଦ୍ୱାରା ଦରଦାମ୍ ବୃଦ୍ଧି ହେବ। ଅର୍ଥନୈତିକ ଅଭିବୃଦ୍ଧି ଏବଂ କର୍ପୋରେଟ୍ ରୋଜଗାର ଉପରେ ଚାପ ପକାଇବ। ସେୟାର ବଜାରରେ ହ୍ରାସ ଯୋଗୁଁ ନିବେଶକଙ୍କ ବଡ଼ କ୍ଷତି ହୋଇଛି। ଶୁକ୍ରବାର ବିଏସଇ ମାର୍କେଟ୍ କ୍ୟାପ୍ ପ୍ରାୟ ୪୮୨ ଲକ୍ଷ କୋଟି ଟଙ୍କା ଥିଲା। ହେଲେ ସୋମବାର ଏହା ୪୭୯ ଲକ୍ଷ କୋଟିରେ ପହଞ୍ଚିଯାଇଛି। ଯାହାକି ନିବେଶକଙ୍କ ବଡ଼ କ୍ଷତି।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୪,୮୨୦ଟଙ୍କା ରହିଛି ।ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୨,୭୫୦ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୪,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୨,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୮୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୪,୯୫୦ ଟଙ୍କା ଓ ୨୨ କ୍ୟାରଟେ ୧,୩୨,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୪,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପାଇଁ ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୭୮ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୪୬ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

### ମଦନପୁର ପଞ୍ଚାୟତରେ ସୌର ଆଲୋକୀକରଣରେ ବ୍ୟାପକ ଅନିୟମିତତା ଅଭିଯୋଗ

# ଭିଜିଲାନ୍ସ ତଦନ୍ତ ଦାବି କଲେ ସ୍ଥାନୀୟ ବାସିନ୍ଦା



ଆନନ୍ଦପୁର,୧୩।୭ (ସଂଚାର ବ୍ୟୁରୋ): ମଦନପୁରରେ ସୌର ଏଲ୍‌ଇଡି ଆଲୋକୀକରଣରେ ଅନିୟମିତତା ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଦାବି। ସାରା ରାଜ୍ୟରେ ସରକାରଙ୍କ ଦ୍ୱାରା ସ୍ଥାପିତ ଏଲ୍‌ଇଡି ଆଲୋକ ବ୍ୟବସ୍ଥାକୁ ନେଇ ବିଭିନ୍ନ ସ୍ତରରେ ତଦନ୍ତ ଚାଲିଥିବା ବେଳେ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁର ଗ୍ରାମପଞ୍ଚାୟତରେ ସୌର ଆଲୋକୀକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଲୋକେ ଗୁରୁତର ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏକ ନିର୍ଦ୍ଦିଷ୍ଟ ସରକାରୀ ଯୋଜନାରେ ଦଳିତ ବସ୍ତି ଓ ଗ୍ରାମର ରାସ୍ତାପାର୍ଶ୍ୱରେ ସୌର ଏଲ୍‌ଇଡି ଲାଇଟ୍ ସ୍ଥାପନ କରାଯାଇଥିଲା। ତେବେ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେବା ସହ ନିୟମ ଉଲ୍ଲଂଘନ କରି ବିଲ୍ ଉଠାଯାଇଥିବା ଅଭିଯୋଗ ଉଠିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଲାଗିଥିବା ଅଧିକାଂଶ ସୌର ବତୀ ଅଳ୍ପ ଦିନ ମଧ୍ୟରେ ଅଚଳ ହୋଇପଡ଼ିଥିବାରୁ ଅଞ୍ଚଳ ପୁଣି ଅନ୍ଧକାରରେ ବୁଡ଼ି ରହିଛି।

ସ୍ଥାନୀୟ ଲୋକଙ୍କ ଦାବି ଅନୁସାରେ, ଏହି ଯୋଜନା କେବଳ ଦଳିତ ବସ୍ତିରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଥିଲେ ମଧ୍ୟ ତାହାର ସଠିକ୍ ପାଳନ ହୋଇନଥିଲା। ଠିକାଦାର ଓ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ମିଳିଭଗତ ହୋଇ ନିୟମ ବିରୋଧୀ ଭାବେ କାର୍ଯ୍ୟ ସମ୍ପନ୍ନ କରାଯାଇଥିବା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ପ୍ରକୃତ କାର୍ଯ୍ୟ ସମ୍ପୂର୍ଣ୍ଣ ନହୋଇଥିଲେ ମଧ୍ୟ ଫଟୋ ଆଧାରରେ ବିଲ୍ ପାସ୍ କରାଯାଇଥିବା ସନ୍ଦେହ ରହିଛି। ଏହାକୁ ନେଇ ବ୍ଲକ୍ ପ୍ରଶାସନର ନୀରବତା ମଧ୍ୟ ବିଭିନ୍ନ ପ୍ରଶ୍ନ ସୃଷ୍ଟି କରିଛି ବୋଲି ସେମାନେ କହିଛନ୍ତି।

ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଏହି ପ୍ରସଙ୍ଗରେ ଖୁବଶୀଘ୍ର ଭିଜିଲାନ୍ସର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି।

## ଶରତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

### ୧୦୩ ୟୁନିଟ ରକ୍ତ ସଂଗୃହୀତ



ହିଞ୍ଜିଳିକାଟୁ,୧୩।୭ (ସଂଚାର ବ୍ୟୁରୋ): ବିଜେପିର ବରିଷ୍ଠ ନେତା ତଥା ଯୁବମୋର୍ଚ୍ଚାର ପୂର୍ବତନ ସଭାପତି ସ୍ୱର୍ଗତ ଶରତ ମିଶ୍ରଙ୍କ ୨୧ତମ ବିଂଶତମ ଶ୍ରଦ୍ଧାଞ୍ଜଳି ସଭା ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଥିଲା । ମିନି ଷ୍ଟାଡିୟମ ପରିସରରେ ଥିବା ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ରରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ରକ୍ତ ଦାନ ଶିବିରରେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲା ବେଳେ ବ୍ରହ୍ମପୁର ବ୍ଲଡ ବ୍ୟାଙ୍କର କର୍ମଚାରୀ ମାନଙ୍କ ଦ୍ୱାରା ୧୦୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ,ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ,ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ଶରତ ମିଶ୍ରଙ୍କ ସାଙ୍ଗଠନିକ ଦକ୍ଷତା ଥିଲା ବୋଲି ମତ ରଖିଥିବା ବେଳେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ସ୍ୱର୍ଗତ ଶରତ ମିଶ୍ର ଲୋକଙ୍କ ସହ ସୁସମ୍ପର୍କ ରଖି ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ପାଇଁ ସଦାବେଳେ ଚେଷ୍ଟା କରୁଥିଲେ ବୋଲି ମତ ରଖିଥିଲେ । ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଆସିକା ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ ସ୍ୱାଇଁ ,ଭଞ୍ଜନଗର ଜିଲ୍ଲା ସଭାପତି ନୀଳମାଧବ ପାତ୍ର ,ରାଜ୍ୟ ମୁଖପାତ୍ର ଶ୍ରୀ ସୁଦୀପ୍ତ ରାୟ ସ୍ୱର୍ଗତ ମିଶ୍ରଙ୍କ ଦଳ ପାଇଁ କର୍ତ୍ତବ୍ୟ ନିଷ୍ଠା ଉପରେ ମତ ରଖିଥିଲେ ।

### ଭାଲୁ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଲେ ଗ୍ରାମବାସୀ



ନୀଳଗିରି, ୧୩।୭ (ସଂଚାର ବ୍ୟୁରୋ): ସକାଳୁ ସକାଳୁ ଏକ ଭାଲୁ ଜନବସତିରେ ପଶିଆସିଥିବା ବେଳେ ସ୍ଥାନୀୟବାସିନ୍ଦା ଏବଂ ଭାଲୁମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣର ଦୃଶ୍ୟ ସୋସିଆଲ ମିଡିଆରେ ଘୁରିବୁଲୁଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଓଡ଼ିଶା ବ୍ଲକ କାଞ୍ଚଗଡି ପଞ୍ଚାୟତ ବରଗଡିଆ ନିକଟସ୍ଥ ଶାଳପଡା ଗ୍ରାମରେ ସୋମବାର ସକାଳ ପ୍ରାୟ ୬ଟା ସମୟରେ ଏକ ଭାଲୁ ପଶିଆସିଥିବା ବେଳେ ପାଖରୁ ଜଙ୍ଗଲକୁ ଫେରିପାରି ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲା। ସ୍ଥାନୀୟ ଯୁବକମାନେ ଭାଲୁକୁ ଠେଙ୍ଗାବାଡି ସାହାଯ୍ୟରେ ମାଡିବାକୁ ଉଦ୍ୟମ କରୁଥିବା ବେଳେ ଭାଲୁ ମଧ୍ୟ ଲୋକଙ୍କୁ ପାଲଟା ଆକ୍ରମଣ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ତେବେ ଏଥିରେ କାହାର କୌଣସି କ୍ଷତିହୋଇନଥିବା ଶୁଣିବାକୁ ମିଳିଛି।

## ବସ୍ତା ବ୍ଲକରେ ବିଜେଡି ତୃଣମୂଳ ସ୍ତରରୁ ଗୋଟାଉଛି ବଳ




ବାଲିଆପାଳ, ୧୩।୭ (ସଂଚାର ବ୍ୟୁରୋ): ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳ (ବିଜେଡି) ବସ୍ତା ବ୍ଲକରେ ସଙ୍ଗଠନକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ଼ କରିବା ପାଇଁ ଅଭିଯାନ ଆରମ୍ଭ କରିଛି। ଏହାର ଅଂଶ ସ୍ୱରୂପ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ ସଭାପତିମାନଙ୍କୁ ନେଇ ବୈଠକ ଆୟୋଜନ କରାଯିବା ସହ ପଞ୍ଚାୟତ ସ୍ତରୀୟ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ରବିବାର ପୂର୍ବାହ୍ନ ୧୧ଟାରେ ବସ୍ତା ବ୍ଲକ ମଥାନୀ କଟିପୋଲସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି ବୈଠକରେ ବସ୍ତା ବ୍ଲକ ସଭାପତି ଓ ନିର୍ବାଚନ ମଣ୍ଡଳୀ ସଂଯୋଜକ ମହାଦେବ ଦାସ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରାଜ୍ୟ ଉପସଭାପତି ରଘୁନାଥ ମହାନ୍ତି ଏବଂ ୧୪ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି ପ୍ରମୁଖ ଉପସ୍ଥିତ ରହିଥିଲେ। ସେମାନେ ତୃଣମୂଳ ସ୍ତରରେ ସଂଗଠନକୁ ଆହୁରି ସକ୍ରିୟ ଓ ସୁଦୃଢ଼ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ସଫଳତା ଦେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ବୈଠକରେ ବସ୍ତା ବ୍ଲକର ୩୧ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ,ପଞ୍ଚାୟତ ସଭାପତି ଓ ବହୁ ବିଜେଡି କର୍ମୀ ଯୋଗଦେଇ ସଂଗଠନକୁ ଅଧିକ ମଜବୁତ କରିବା ଏବଂ ଘରେ ଘରେ ଦଳର ବାର୍ତ୍ତା ପହଞ୍ଚାଇବାକୁ ସଂକଳ୍ପ ନେଇଥିଲେ।

## ବିଜୁଳି ଆଲୁଅରେ ଆଲୋକିତ ହେଲା ଛାତ୍ରାବାସ

### ମାର୍ଚ୍ଚରୁ ଲାଗିରହିଥିଲା ବିଦ୍ୟୁତ୍ ସମସ୍ୟା




ମାଲକାନଗିରି,୧୩।୭ (ସଂଚାର ବ୍ୟୁରୋ): ଦୀର୍ଘ ଦିନ ଧରି ଲାଗିରହିଥିବା ବିଦ୍ୟୁତ୍ ସମସ୍ୟାର ଅବସାନ ଘଟିବା ପରେ ବିଦ୍ୟାଳୟ ପରିସର, ଛାତ୍ରାବାସ ଓ ଡାଇନିଂ ହଲ୍ ପୁଣିଥରେ ବିଜୁଳି ଆଲୁଅରେ ଆଲୋକିତ ହୋଇଛି। ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ୩-ଫେଜ୍ ବିଦ୍ୟୁତ୍ ସଂଯୋଗ ମିଳିବା ଫଳରେ ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ପାଠପଢ଼ା, ପାନୀୟ ଜଳ ଯୋଗାଣ ଏବଂ ଛାତ୍ରାବାସର ଅନ୍ୟାନ୍ୟ ବ୍ୟବସ୍ଥା ସ୍ୱାଭାବିକ ହୋଇଛି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ବିଦ୍ୟାଳୟକୁ ଆସୁଥିବା ଏକମାତ୍ର ବିଦ୍ୟୁତ୍ ସଂଯୋଗରୁ ଛାତ୍ରାବାସ ଓ କର୍ମଚାରୀଙ୍କ ବାସଗୃହକୁ ମଧ୍ୟ ବିଦ୍ୟୁତ୍ ଯୋଗାଣ କରାଯାଉଥିଲା। ଅତ୍ୟଧିକ ଲୋଡ୍ କାରଣରୁ ଗତ ଦୁଇ ବର୍ଷ ମଧ୍ୟରେ ତିନିଥର ଟ୍ରାନ୍ସଫର୍ମର ପୋଡ଼ିଯାଇ ପରିବର୍ତ୍ତନ କରିବାକୁ ପଡ଼ିଥିଲା।

ଚଳିତ ବର୍ଷ ମାର୍ଚ୍ଚ ମାସରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ସମୟରୁ ବିଦ୍ୟୁତ୍ ବିଭ୍ରାଟ ଗୁରୁତର ରୂପ ନେଇଥିଲା। ପୁନର୍ବାର ଜୁଲାଇ ୭ ତାରିଖରେ ଟ୍ରାନ୍ସଫର୍ମର ପୋଡ଼ିଯିବା ପରେ ପରିସ୍ଥିତି ଆହୁରି ସଙ୍କଟଜନକ ହୋଇପଡ଼ିଥିଲା। ବିଦ୍ୟାଳୟର ଜେନେରେଟର ମଧ୍ୟ ଅଚଳ ଥିବାରୁ ସମଗ୍ର କ୍ୟାମ୍ପସ୍ ଅନ୍ଧକାରରେ ବୁଡ଼ି ରହିଥିଲା। ବିଦ୍ୟୁତ୍ ନଥିବାରୁ ଛାତ୍ରୀମାନଙ୍କ ପାଠପଢ଼ା, ରାତ୍ରିକାଳୀନ ଅଧ୍ୟୟନ, ପାନୀୟ ଜଳ ଯୋଗାଣ ଓ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା।

ଏହି ସମସ୍ୟା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଅବଗତ ହେବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଜୁଲାଇ ୯ ତାରିଖ ସୁଦ୍ଧା ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଡାଇନିଂ ହଲକୁ ବିକଳ୍ପ ବିଦ୍ୟୁତ୍ ସରବରାହ ବ୍ୟବସ୍ଥା କରିଥିଲେ। ପରେ ଆଜି ଅନ୍ୟ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସକୁ ମଧ୍ୟ ନୂତନ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଫଳରେ ବିଦ୍ୟାଳୟର ମୁଖ୍ୟ ପାଣି ମୋଟର ପୁନର୍ବାର ଚାଲୁ ହୋଇ ପାନୀୟ ଜଳ ସମସ୍ୟାର ମଧ୍ୟ ସମାଧାନ ହୋଇଛି।

## ଶିଶୁ ମୃତ୍ୟୁକୁ ନେଇ ଥାନାର ଦ୍ୱାରସ୍ଥ ହେଲା ଯାଦବ ସମାଜ



ଭବାନୀପାଟଣା, ୧୩।୭ (ସଂଚାର ବ୍ୟୁରୋ): ସୋମବାର ବ୍ଲକ ଯାଦବ ସମିତି ଓ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ତତ୍ତ୍ୱାବଧାନରେ ଯାଦବ ମହାସଭାର କର୍ମକର୍ତ୍ତାମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଆମ୍ବୁଲାନ୍ସ ସେବାର ଦାୟିତ୍ୱହୀନତା ଯୋଗୁଁ ୧୧ ବର୍ଷୀୟା ରିୟାଙ୍କ ମୃତ୍ୟୁ ହୋଇଥିବାରୁ ଦୋଷୀ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନର୍ଲା ବ୍ଲକ ଯାଦବ ସମିତି ପକ୍ଷରୁ ଏକ ଏତଲା ଥାନାଧିକାରୀ ବିଜୟରାଜ ମାଝୀଙ୍କୁ ପ୍ରଦାନ କରାଯାଇଛି। ଏହାସହ ମୃତ ଶିଶୁ କନ୍ୟାଙ୍କ ପିତା ଡିଙ୍ଗର ନାଏକ ମଧ୍ୟ ନର୍ଲା ଥାନାରେ ଲିଖିତ ଏତଲା ଦାଏର କରିଛନ୍ତି। ଏତଲା ପ୍ରଦାନ ସମୟରେ ନର୍ଲା ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ, ଉପସଭାପତି ମାର୍କଣ୍ଡ ଜାଲ, ଉତ୍କଳ ଯାଦବ ମହାସଭାର ରାଜ୍ୟ ମହିଳା ସଭାନେତ୍ରୀ ସଞ୍ଜୁକ୍ତା ବେହେରା, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସଭାପତି ନୃପରାଜ ଯାଦବ, ନର୍ଲା ବ୍ଲକ୍ ଯାଦବ ସମିତି ଯୁବ ସଭାପତି ପ୍ରସୁନ୍ କୁମାର ଜାଲ, ଜୁନାଗଡ ବ୍ଲକ ସଭାପତି ଗୌରହରି ବାଗ, ଭବାନୀପାଟଣା ସହର ସଭାପତି ରବୀନ୍ଦ୍ରଲାଲ ଯାଦବଙ୍କ ସମେତ ଯାଦବ ନେତାମାନେ ଉପସ୍ଥିତ ଥିଲେ।

## ବେଲଗାଁରେ ମିଳିତ ଜନଶୁଣାଣି




ହିଞ୍ଜିଳିକାଟୁ, ୧୩।୭ (ସଂଚାର ବ୍ୟୁରୋ): ହିଞ୍ଜିଳି ବ୍ଲକ ବେଲଗାଁ ଗ୍ରାମ ପଂଚାୟତରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢ଼ୀ, ବେଲଗାଁ ଥାନାଧିକାରୀ ସ୍ମିତାଞ୍ଜଳି ପ୍ରଧାନ, ଏବିଡିଓ ଅରୁଣ କୁମାର ପ୍ରଧାନ, ସରପଞ୍ଚ ମଂଚାସୀନ ଥିଲେ। ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଓ ସରକାରୀ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା ।

ଶିବିରରେ ମୋଟ ୨୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ମୁଖ୍ୟତଃ ଗ୍ରାମୀଣ ଆବାସ ,ରାସନ କାର୍ଡ ,ସୁଭଦ୍ରା , ରାଜସ୍ୱର ସମସ୍ୟା ଉପରେ ଅଭିଯୋଗ ଆସିଥିଲା | ଏହି ଜନଶୁଣାଣୀ ଶିବିରରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆବେଦନକାରୀଙ୍କ ଅଭିଯୋଗର ଶୁଣାଣି କରିବା ସହ ଆବଶ୍ୟକ ପରାମର୍ଶ ଓ ସହାୟତା ପ୍ରଦାନ କରିଥିଲେ ।

### ଜିମ୍ ନୁହେଁ, ଜଳାଶୟ

## ଓପନ୍ ଜିମ୍ ନିର୍ମାଣର ମାନକୁ ନେଇ ପ୍ରଶ୍ନ ?



ବାଲିକୁଦା, ୧୩।୭ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବୋରିକିନା ପଞ୍ଚାୟତରେ ନିର୍ମିତ ହୋଇଥିବା ଓପନ୍ ଜିମ୍ ବର୍ତ୍ତମାନ ଲୋକଙ୍କ ଉପଯୋଗ ପାଇଁ ନୁହେଁ, ବରଂ ଅବହେଳା ଓ ନିମ୍ନମାନର କାର୍ଯ୍ୟର ଏକ ଉଦାହରଣ ପାଲଟିଛି। ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସଚେତନତା ଓ ବ୍ୟାୟାମକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ସରକାରୀ ଅର୍ଥ ବ୍ୟୟ କରି ସ୍ଥାପନ କରାଯାଇଥିବା ଜିମ୍ ସାମଗ୍ରୀ ଆଜି ବର୍ଷା ପାଣିରେ ବୁଡ଼ି ରହିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଜିମ୍ ସାମଗ୍ରୀ ସ୍ଥାପନ ପୂର୍ବରୁ ଜମିକୁ ଉଚ୍ଚ କରାଯାଇନଥିଲା କିମ୍ବା ପାଣି ନିଷ୍କାସନ ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଇନଥିଲା। ଫଳରେ ସାମାନ୍ୟ ବର୍ଷା ହେଲେ ସମଗ୍ର ଜିମ୍ ପରିସର ଜଳମଗ୍ନ ହୋଇଯାଉଛି। ଜିମ୍‌ର ଅନେକ ସାମଗ୍ରୀ ମାଟିରେ ପୋତି ହୋଇଯାଇଥିବା ବେଳେ କେତେକ ସାମଗ୍ରୀର ତଳ ଅଂଶ ସମ୍ପୂର୍ଣ୍ଣ ପାଣିରେ ବୁଡ଼ି ରହୁଛି। ଏପରି ପରିସ୍ଥିତିରେ ଜିମ୍ ବ୍ୟବହାର କରିବା ତ ଦୂରର କଥା, ସେଠାକୁ ଯିବା ମଧ୍ୟ ବିପଦପୂର୍ଣ୍ଣ ହୋଇପଡ଼ିଛି।

ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି, ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ବ୍ୟୟ କରାଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟରେ ଆବଶ୍ୟକୀୟ ମାନଦଣ୍ଡ ପାଳନ କରାଯାଇନାହିଁ। କେବଳ ସାମଗ୍ରୀ ଲଗାଇ ଦାୟିତ୍ୱ ସାରିଦେଇଥିବା ଅଭିଯୋଗ ଉଠିଛି। ଜିମ୍ ପରିସରରେ ପାଣି ଜମି ରହୁଥିବାରୁ ସାମଗ୍ରୀରେ କଳଙ୍କ ଧରିବା ସହ ଦୀର୍ଘଦିନ ମଧ୍ୟରେ ସେଗୁଡ଼ିକ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏହା ସହିତ ପାଣି ଜମି ରହିବା ଯୋଗୁଁ ମଶା ବଂଶବୃଦ୍ଧି ହୋଇ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି ହେଉଛି, ଜିଲ୍ଲା ପ୍ରଶାସନ ଓ ବାଲିକୁଦା ବ୍ଲକ ପ୍ରଶାସନ ତୁରନ୍ତ ଏହି ଓପନ୍ ଜିମ୍‌ର ସ୍ଥିତି ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ତଦନ୍ତ କରନ୍ତୁ। ଆବଶ୍ୟକ ପଡ଼ିଲେ ଦାୟୀ ସଂସ୍ଥା କିମ୍ବା ଠିକାଦାରଙ୍କ ବିରୋଧରେ ଉଚିତ ପଦକ୍ଷେପ ନିଆଯାଉ ଏବଂ ପାଣି ନିଷ୍କାସନ ସହ ଜମିକୁ ଉଚ୍ଚ କରି ଜିମ୍‌କୁ ପୁଣିଥରେ ବ୍ୟବହାର ଉପଯୋଗୀ କରାଯାଉ।

## ଟ୍ରାକ୍ଟରରେ ଜନ୍ମ ନେଲା ଶିଶୁକନ୍ୟା

### ରାସ୍ତା ନଥିବାରୁ ପହଞ୍ଚିପାରିଲାନି ଆମ୍ବୁଲାନ୍ସ



ଭବାନୀପାଟଣା, ୧୩।୭ (ସଂଚାର ବ୍ୟୁରୋ): ଦୁର୍ଗମ ଅଞ୍ଚଳରେ ଆଜି ବି ମୌଳିକ ସୁବିଧାର ଅଭାବ କିପରି ଲୋକଙ୍କ ଜୀବନକୁ ବିପଦରେ ପକାଉଛି, ତାହାର ଆଉ ଏକ ହୃଦୟବିଦାରକ ଚିତ୍ର ସାମ୍ନାକୁ ଆସିଛି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅଁଳାଭଟା ଗ୍ରାମ ପଞ୍ଚାୟତର ଦାବିରୀଘାଟି ଗାଁରୁ। ଗର୍ଭବତୀ ଉମିଳା ମାଝୀଙ୍କର ପ୍ରସବ ବେଦନା ଆରମ୍ଭ ହେବା ପରେ ପରିବାର ପକ୍ଷରୁ ରାତି ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ହେଲେ ଗାଁକୁ ପକ୍କା ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଦାବିରୀଘାଟି ପହଞ୍ଚିପାରି ନଥିଲା ଏବଂ ଚଚରା ଗୁଡ଼ା ଗାଁରେ ଅପେକ୍ଷା କରିଥିଲା। ଏହାପରେ ପରିବାର ଓ ଗ୍ରାମବାସୀମାନେ ପ୍ରାୟ ୧୦ କିଲୋମିଟର ଦୂର ଟ୍ରାକ୍ଟରରେ ପ୍ରସୂତିଙ୍କୁ ନେଉଥିବା ବେଳେ ରାସ୍ତା ମଝିରେ ହିଁ ଉମିଳା ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ପରେ ଚଚରା ଗୁଡ଼ାରୁ ଆମ୍ବୁଲାନ୍ସ ସହାୟତାରେ ମା' ଓ ନବଜାତ ଶିଶୁଙ୍କୁ ମୈଦଲ ପୁର ମେଡିକାଲକୁ ନିଆଯାଇଥିଲା। ତେବେ ପ୍ରସୂତିଙ୍କ ରକ୍ତ ଅଭାବ ଏବଂ ପ୍ରସୂତି ମ୍ୟାଲେରିଆରେ ଆକ୍ରାନ୍ତ ଥିବାରୁ ଉଭୟଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ରଥଯାତ୍ରାର ସୁପରିଚାଳନା ପାଇଁ ପ୍ରସ୍ତୁତି ବୈଠକ



ନାରାୟଣପାଟଣା, ୧୩।୭ (ସଂଚାର ବ୍ୟୁରୋ):- ଆସନ୍ତା ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ନାରାୟଣପାଟଣା ଥାନା ପରିସରରେ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

ଥାନା ଅଧିକାରୀ ମମତା କୁମାରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରଥଯାତ୍ରା ସମୟରେ ଆଇନ-ଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ୍ ନିୟନ୍ତ୍ରଣ, ଭକ୍ତଙ୍କ ସୁରକ୍ଷା, ଜନସମାଗମ ପରିଚାଳନା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବୈଠକରେ ବ୍ଲକ୍ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା, ଅତିରିକ୍ତ ତହସିଲଦାର ଶ୍ରୀ ଧନପତି ସିଶା, ରାଜସ୍ୱ ନିରୀକ୍ଷକ ଜଗନ୍ନାଥ ସାଉନ୍ତା, ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ, ମନ୍ଦିରର ମୁଖ୍ୟ ପୂଜକ, ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜ ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା




ଫୁଲବାଣୀ, ୧୩।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲାର ସଦର ମହକୁମା ଫୁଲବାଣୀ ସ୍ଥିତ ଚିଦାନନ୍ଦ ବିଦ୍ୟାଳୟରେ ଲୋକ ସେବକ ମଣ୍ଡଳ ପକ୍ଷରୁ ଜିଲା ସ୍ତରୀୟ କୁଇଜ୍ ପ୍ରତିଯୋଗୀତା ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ପ୍ରତିଯୋଗୀତାରେ ଖଜୁରିପଡ଼ା ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦୁତିମେଣ୍ଡିର ୧୦ମ ଶ୍ରେଣୀର ଛାତ୍ର ଆଶୁତୋଷ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଫୁଲବାଣୀ ପବ୍ଲିକ୍ ସ୍କୁଲର ୯ମ ଶ୍ରେଣୀର ଛାତ୍ର ସାଇ ସୁଭମ୍ ମହାନ୍ତି ଦ୍ୱିତୀୟ ସ୍ଥାନ ଓ ଜି.ଉଦୟଗିରି ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର ରବିନ୍ଦ୍ରନାଥ ଚୌଧୁରୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଚିତ୍ରାଙ୍କନ ପ୍ରତିଯୋଗିତାରେ ଖଜୁରିପଡ଼ା ବ୍ଲକର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ସାହାଣୀ ପ୍ରଥମ , ବାଲିଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୭ମ ଶ୍ରେଣୀର ଛାତ୍ର ଦେବାଶିଷ୍ ପ୍ରଧାନ ଦ୍ୱିତୀୟ ଏବଂ ରାଇକିଆ ବିଜୟ ହାଇସ୍କୁଲର ସପ୍ତମ ଶ୍ରେଣୀର ଛାତ୍ର ଜ୍ୟୋତି ଚରଣ ମଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

## ଭାରତ ବିକାଶ ପରିଷଦର ଶାଖାସ୍ତରୀୟ କର୍ମଶାଳା



ସତ୍ୟବାଦୀ, ୧୩।୭ (ସଂଚାର ବ୍ୟୁରୋ): ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖାର, ବାର୍ଷିକ କର୍ମଶାଳା, ବୀରଗୋବିନ୍ଦପୁର ସ୍ଥିତ ଏକ ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପରିଷଦର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଦର୍ଶ, ସେବା, ସଂସ୍କାର,ସମ୍ପର୍କ, ପର୍ଯ୍ୟାବରଣ ଓ ମହିଳା ସଶକ୍ତି କାରଣ ଉପରେ ଅତିଥିମାନେ ଅବଗତ କରାଇ ଥିଲେ। ଭାରତ ବର୍ଷର ସମସ୍ତ ଶାଖା ସହର ଅଞ୍ଚଳରେ ହୋଇଥିବା ବେଳେ, ସତ୍ୟବାଦୀ ଶାଖା ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବାରୁ, ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅତିଥି ମାନେ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଭାରତମାତା ଓ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ, ବନ୍ଦେ ମାତରଂ ଗାନ କରା ଯାଇଥିଲା। ପରେ ପରେ ବକ୍ତା ମାନେ ପରିଷଦର ପାଞ୍ଚ ସୁତ୍ରୀ କାର୍ଯ୍ୟକ୍ରମ ସହିତ, ସତ୍ୟବାଦୀ ଶାଖାର କାର୍ଯ୍ୟକ୍ରମ କିପରି ଆହୁରି ବ୍ୟାପ୍ତ ହୋଇପାରିବ, ସେଥିପାଇଁ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ। ମୁଖ୍ୟ ମାର୍ଗଦର୍ଶକ ଥିଲେ କ୍ଷେତ୍ରୀୟ ସଂଗଠନ ସମ୍ପାଦକ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ।

## ବନ ସଚେତନତା କାର୍ଯ୍ୟକ୍ରମ

ନୀଳଗିରି, ୧୩।୭ (ସଂଚାର ବ୍ୟୁରୋ):ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ନୀଳଗିରି ମହାବିଦ୍ୟାଳୟରେ ବନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସବୁଜିମା ହିଁ ସମୃଦ୍ଧିର ପରିଚୟ ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୀଳଗିରି ମହାବିଦ୍ୟାଳୟର ଏନ୍.ଏସ୍.ଏସ୍. କାର୍ଯ୍ୟକ୍ରମ ଅଧିକାରୀ ମହିଳା ୟୁନିଟ ଶ୍ରୀମତୀ କିରଣବାଳା ସେଠୀ ବୃକ୍ଷ ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗ୍ରନ୍ଥାଗାର ସହାୟକ ତଥା ଯୁବ ସମାଜସେବୀ ଶ୍ରୀ ପଣ୍ଡା ସବୁଜ ସ୍ୱପ୍ନ, ସବୁଜ ସଂକଳ୍ପ ର ମହତ୍ତ୍ୱ ଦିଗରେ ଆଲୋକପାତ କରିଥିଲେ। ପରିବେଶକୁ ପ୍ଲାଷ୍ଟିକ ମୁକ୍ତ ରଖିବା, ପରିବେଶ ପ୍ରଦୂଷଣ ରୋକିବା, ଜଳବାୟୁ ପରିବର୍ତ୍ତନ, ବିଶ୍ୱ ତାପମାତ୍ରା ବୃଦ୍ଧି ଜନିତ ସମସ୍ୟାର ସମାଧାନ ପ୍ରଭୃତି ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱାଧୀନ ସାମଲ, ଲକ୍ଷ୍ମୀକାନ୍ତ ପରିଡ଼ା, ଜଗଦୀଶ ଦାସ, ଜ୍ୟୋତିରଞ୍ଜନ କବାଟ, ହରପ୍ରିୟା ଜେନା, ପ୍ରିୟଦର୍ଶିନୀ ପ୍ରଧାନ, ସଞ୍ଜୟ ଦାସ, ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଛାତ୍ର, ଛାତ୍ରୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ।



## ପଞ୍ଚାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଞ୍ଚାମଣ୍ଡାଇ, ୧୩।୭ (ସଂଚାର ବ୍ୟୁରୋ): ପଞ୍ଚାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ନାୟକଙ୍କ ଏକାଦଶାହ ଅବସରରେ ଦକ୍ଷିଣଦିଆ ବୃନ୍ଦାବନ ନିବାସରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ଧ୍ରୁବ -ଅନ୍ନପୂର୍ଣ୍ଣା ସେବା ପରିଷଦ ସଭାପତି ନଳିନୀକାନ୍ତ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି,ପଞ୍ଚାମୁଣ୍ଡାଇ କଲେଜ ଅଧକ୍ଷ କ୍ୟାପଟେନ ମନୋଜ ପରିଡା,ପୂର୍ବତନ ଅଧକ୍ଷ ଉମାକାନ୍ତ ପାତ୍ର, ମହିଳା କଲେଜ ଅଧକ୍ଷ ଶ୍ରୀଧର ବେହେରା, ପ୍ରଧ୍ୟାପକ ରବୀନ୍ଦ୍ର ପଣ୍ଡା ଅଧ୍ୟାପକ ରଞ୍ଜନ କୁମାର ଗାହାଣ,ଅରବିନ୍ଦ ପାଣ୍ଡବ ରଞ୍ଜନ ବେହୁରା ପ୍ରଦ୍ୟୁମ୍ନ ପ୍ରଧାନ, ବିକାଶ ପରିଷଦ ସଂପାଦକ ଗୋପୀନାଥ ତ୍ରିପାଠୀ,ଅଧ୍ୟାପକ ମାନସ ନାୟକ ପ୍ରଧାନ ଶିକ୍ଷୟତ୍ରୀ ଆରତୀ ନାୟକ, ସମାଜସେବୀ ପ୍ରମୋଦ ସାହୁ, କବି ଦେବାଶିଷ ପ୍ରଧାନ, ପ୍ରମୁଖ ଯୋଗ ଦେଇ ଦିବଂଗତ ପ୍ରଫେସର ନାୟକଙ୍କ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



## ଦୁର୍ଘଟଣାରେ ଖବରକାଗଜ ବିତରକ ଗୁରୁତର

ନିଶ୍ଚିନ୍ତକୋଇଲି, ୧୩।୭ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବଜାରର ବିଭିନ୍ନ ଅଞ୍ଚଳରେ ପ୍ରତିଦିନ ଖବରକାଗଜ ବଣ୍ଟନ କରୁଥିବା ରତ୍ନାକର ଦେବତା(ହୁରିଆ ନନା)ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ହେଉଛନ୍ତି। ସେ ପ୍ରତିଦିନ ପରି ଶନିବାର ଦିନ ଖବରକାଗଜ ବାଣ୍ଟୁଥିବା ସମୟରେ ନିଶ୍ଚିନ୍ତକୋଇଲି ବ୍ଲକ ଛକ ଠାରେ କେନ୍ଦ୍ରାପଡ଼ାରୁ ଆସୁଥିବା ଜଣେ ବାଇକ ଆରୋହୀ ତାଙ୍କୁ ଧକ୍କା ଦେବାରୁ ସେ ସେଠାରେ ପଡ଼ି ଯାଇଥିଲେ। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ମେଡ଼ିକାଲ ପଠାଇଥିଲେ। ସେଠାରୁ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

SANCHAR
ସଂଚାର
ମଙ୍ଗଳବାର ୧୪ ଜୁଲାଇ ୨୦୨୬

# ସ୍ୱାସ୍ଥ୍ୟ




## ଖରାଦିନେ ଅଧିକ ଦେଖାଦିଏ ହୃଦଘାତ, ଜଣ୍ଡିସ



ଖୁବଶୀଘ୍ର ଆସିବାକୁ ଯାଉଛି ଗ୍ରୀଷ୍ମଋତୁ। ଏହି ଗରମ ଦିନ ଆସିବା ମାତ୍ରେ ଅଧିକ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଦେଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଖରାଦିନେ ବିଶେଷ କରି, ଆଲର୍ଜି, ଡିହାଇଡ୍ରେସନ୍, ଷ୍ଟ୍ରୋକ, ଭାଇରାଲ୍ ଜ୍ୱର, ଡାଇରିଆ, କିଡନୀ ଷ୍ଟୋନ, ଆଖି ସଂକ୍ରମଣ, ପେଟ ରୋଗ ଭଳି ଦେଖାଦେଇଥାଏ। ଶରୀରରେ ଜଳ ଅଭାବରୁ ଡିହାଇଡ୍ରେସନ୍ ଦେଖାଦେଇଥାଏ। ଯାହା ହାର୍ଟ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଥାଏ। କେବଳ ସେତିକି ନୁହେଁ, ଶରୀରରେ ଜଳର ଅଭାବ ହେଲେ, କିଡନୀ ଷ୍ଟୋନ୍ ଦେଖାଦେଇଥାଏ। କେବଳ ସେତିକି ନୁହେଁ, ଜଳର ଅଭାବରୁ ପରିସ୍ରାରେ ରକ୍ତ ପଡିବା, ବାନ୍ତି ହେବା , ପେଟ ଯନ୍ତ୍ରଣା, ପିଠି ଯନ୍ତ୍ରଣା ଓ ପରିସ୍ରା ପୋଡା ଭଳି ସମସ୍ୟା ଦେଖାଦେଇଥାଏ। ଏହି ସବୁ ସମସ୍ୟା ଆଗକୁ ଦେଖାଦେଇପାରେ। ତେବେ କେଉଁ ସବୁ ସମସ୍ୟା ସୃଷ୍ଟି ହୋଇଥାଏ ଆମେ ଆଜି ସେ ସମ୍ପର୍କରେ ଆସନ୍ତୁ ଜାଣିବା। ତେଣୁ ଖରା ବଢ଼ିବା ପୂର୍ବରୁ ଏଥିପ୍ରତି ସତର୍କ ରୁହନ୍ତୁ।

**ହାର୍ଟ ଷ୍ଟ୍ରୋକ:** ହାର୍ଟ ଷ୍ଟ୍ରୋକ୍ ବର୍ତ୍ତମାନ ସମୟରେ ଖୁବ୍ ସାଧାରଣ ରୋଗ ପାଲଟିଗଲାଣି। ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଠାରେ ଏହି ରୋଗ ଅଧିକ ଦେଖାଦିଏ। ଶରୀରରେ ଫୁଡ ପଏଜନିଙ୍ଗ, ଜ୍ୱର, ପେଟ କାଟିବା ଏବଂ ବାନ୍ତି ଭଳି କିଛି ସମସ୍ୟା ଦେଖିବାକୁ ମିଳିଥାଏ। ଏଥିରୁ ବଞ୍ଚିବା ପାଇଁ ହେଲେ ନିଜ ଖାଦ୍ୟପେୟ ଉପରେ ଧ୍ୟାନ ରଖିବା ସହ ଅଧିକ ମାତ୍ରାରେ ପାଣି ପିଇବା ଆବଶ୍ୟକ। ଖାସ୍ କରି ଖରାଦିନେ ଶରୀରକୁ ହାଇଡ୍ରେଟ୍ ରଖିବା ଜରୁରୀ। ଖରାଦିନେ ଶରୀରରେ ଜଳୀୟ ଅଂଶ ଠିକ ରହିବା ଆବଶ୍ୟକ। ସେଥିପାଇଁ ଅଧିକରୁ ଅଧିକ ପାଣି ପିଇବା ସହ ସବୁଜ ପନିପରିବା, ସାଲାଡ ଏବଂ ଫଳମୂଳ ଖାଇବା ଜରୁରୀ। ଏହି ଭଳି ପଦକ୍ଷେପ ନେଲେ ଶରୀରରେ ଜଳୀୟ ଅଂଶର ଅଭାବ ରହିବ ନାହିଁ। ଯାହାଦ୍ୱାରା ହାର୍ଟଷ୍ଟ୍ରୋକର ଆଶଙ୍କା କମ୍ ହେବ।

**ଏସିଡିଟି:** ଖରାଦିନେ ଏସିଡିଟି ଭଳି ସମସ୍ୟା ଅଧିକ ଦେଖାଦେଇଥାଏ। ଅଧିକ ଏସିଡିଟି ହେଲେ ଜୀବନ ଚାଲିଯିବା ପରି ଅନୁଭବ ହୋଇଥାଏ। ଅଧିକ ଏସିଡିଟି ହେଲେ ଛାତିରେ ଜଳାପୋଡା ଏବଂ ଯନ୍ତ୍ରଣା, ବାନ୍ତି ଭଳି ଅନୁଭବ କରିବା ଭଳି ଅନ୍ୟାନ୍ୟ ସମସ୍ୟା ଦେଖାଯାଏ। ଏହି ସମସ୍ୟାକୁ ରୋକିବା ପାଇଁ ଖାଦ୍ୟ ଉପରେ ନିୟନ୍ତ୍ରଣ ଆବଶ୍ୟକ। ଭଜା ଏବଂ ମସଲାଯୁକ୍ତ ଖାଦ୍ୟ ଏସିଡିଟି ହେବାର ସବୁଠାରୁ ବଡ କାରଣ। ତେଣୁ ଖରାଦିନେ ଏହି ଖାଦ୍ୟଠାରୁ ଦୂରରେ ରୁହନ୍ତୁ।

**ଜଣ୍ଡିସ:** ଖରାଦିନେ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ମାନଙ୍କ ପର୍ଯ୍ୟନ୍ତ ସମସ୍ତ ପାଖରେ ଜଣ୍ଡିସର ଆଶଙ୍କା ବଢ଼ି ଯାଇଥାଏ। ଖରାପ ଖାଦ୍ୟପେୟ ହିଁ ଖରାଦିନେ ଆମ ଜଣ୍ଡିସର ଆଶଙ୍କାକୁ ବଢ଼ାଇ ଦେଇଥାଏ। ଏତିକି ନୁହେଁ ଖରାଦିନେ ହାଡ଼ଫୁଟି ଭଳି ସମସ୍ୟା ମଧ୍ୟ ଅଧିକ ମାତ୍ରାରେ ବଢ଼ିଯାଇଥାଏ। ତେଣୁ ଏହି ସବୁ ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଥିଲେ ଏଥିପ୍ରତି ସଚେତନ ରହିବା ଜରୁରୀ। ପ୍ରଚୁର ପାଣି ପିଇବା, ସୁସ୍ଥକର ଖାଦ୍ୟ ଖାଇବା ସହ ପରିଷ୍କାର ପରିଚ୍ଛନ୍ନତା ରହିବା ଏହି ସବୁ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିବ।

## ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହଠାତ୍ ଭୋକ ଲାଗିବା ବନ୍ଦ ହୋଇଯିବା



କିଛି ଲୋକଙ୍କର ହଠାତ୍ ସ୍ୱାଭାବିକ ଭୋକ କମିଯାଏ। ଏହାକୁ ପ୍ରାୟତଃ ଥକ୍କାପଣ, ପାଗ କିମ୍ବା ଦିନଚର୍ଯ୍ୟାରେ ପରିବର୍ତ୍ତନ ବୋଲି ଖାରଜ କରାଯାଏ। ଭୋକ ଆମ ଶରୀରର ଆବଶ୍ୟକତା ଏବଂ ଆଭ୍ୟନ୍ତରୀଣ ସନ୍ତୁଳନକୁ ସୂଚିତ କରେ। ଯେତେବେଳେ ଶରୀରକୁ ଶକ୍ତିର ଆବଶ୍ୟକତା ଥାଏ ସେତେବେଳେ ଭୋକ ଲାଗିବା ସ୍ୱାଭାବିକ। ଯଦି ଆପଣ କୌଣସି ନିର୍ଦ୍ଦିଷ୍ଟ କାରଣ ବିନା କ୍ରମାଗତ ଭୋକ ଅଭାବ ଅନୁଭବ କରନ୍ତି, ତେବେ ଏହା ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି ଏବଂ ମାନସିକ ସ୍ଥିତିକୁ ପ୍ରଭାବିତ କରିପାରେ। ସମୟ ଅନୁସାରେ ଏବଂ ସଠିକ୍ ପରିମାଣରେ ନ ଖାଇବା ଦ୍ୱାରା ଦୁର୍ବଳତା, ମୁଣ୍ଡ ବୁଲାଇବା, ଚିଡ଼ିଚିଡ଼ା ହେବା ଏବଂ ଏକାଗ୍ରତାର ଅଭାବ ହୋଇପାରେ। ଶରୀର ଧୀରେ ଧୀରେ ଦୁର୍ବଳ ହୋଇଯାଏ। ଦୀର୍ଘ ସମୟ ଧରି ଭୋକ ହ୍ରାସ ହେବା ଦ୍ୱାରା ଓଜନ ହ୍ରାସ ଏବଂ ପୁଷ୍ଟିକର ଅଭାବ ହୋଇପାରେ। ଏହା ଆପଣଙ୍କ ଚର୍ମ, କେଶ ଏବଂ ନିଦ୍ରା ଗୁଣବତ୍ତା ଉପରେ ମଧ୍ୟ ପ୍ରଭାବ ପକାଇପାରେ। କେତେକ ସମୟରେ, ଜଣେ ବ୍ୟକ୍ତି କୌଣସି ସ୍ପଷ୍ଟ କାରଣ ବିନା କ୍ଳାନ୍ତ ଏବଂ ଅଳସୁଆ ଅନୁଭବ କରନ୍ତି। ତେଣୁ, ଭୋକରେ ପରିବର୍ତ୍ତନକୁ ବୁଝିବା ଏବଂ ତୁରନ୍ତ ସେଗୁଡ଼ିକୁ ସମାଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଡାକ୍ତରଙ୍କ କହିବା ଅନୁସାରେ, କ୍ରମାଗତ ଭାବରେ ଭୋକ ନ ଲାଗିବା ପ୍ରାୟତଃ ଏକ ଅନ୍ତର୍ନିହିତ ଚିକିତ୍ସା ଅବସ୍ଥା ସହିତ ଜଡିତ ହୋଇପାରେ। ଗ୍ୟାସ, ଏସିଡିଟି କିମ୍ବା ପେଟ ଫୁଲିବା ଭଳି ପାଚନ ସମସ୍ୟା ଭୋକ କମାଇପାରେ। ଥାଇରଏଡ୍ ରୋଗ ଶରୀରର ମେଟାବୋଲିଜିମ୍ ମଧ୍ୟ ପ୍ରଭାବିତ କରେ, ଯାହା ଫଳରେ ଭୋକ କମିଯାଏ। ଯକୃତ କିମ୍ବା ବୃକକ୍ ସମସ୍ୟା, ଦୀର୍ଘକାଳୀନ ସଂକ୍ରମଣ, କିମ୍ବା ହରମୋନ୍ ଅସନ୍ତୁଳନ ମଧ୍ୟ ଏହାର କାରଣ ହୋଇପାରେ। ଚାପ, ଅବସାଦ ଏବଂ ଚିନ୍ତା ଭଳି ମାନସିକ କାରଣଗୁଡ଼ିକ ମଧ୍ୟ ଭୋକକୁ ଦମନ କରିପାରେ। ଯଦି ଏହି ଅବସ୍ଥା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ଏହାକୁ ଶରୀର ପକ୍ଷରୁ ଏକ ସତର୍କ ସଙ୍କେତ ବୋଲି ବିବେଚନା କରାଯିବା ଉଚିତ।

ସୁସ୍ଥ ଭୋକ ବଜାୟ ରଖିବା ପାଇଁ, ନିୟମିତ ସମୟରେ ଖାଦ୍ୟ ଖାଆନ୍ତୁ ଏବଂ ଦୀର୍ଘ ସମୟ ଧରି ଭୋକ ନଖାଇ ଦିଅନ୍ତୁ। ଫଳ, ପନିପରିବା ଏବଂ ପର୍ଯ୍ୟାପ୍ତ ପ୍ରୋଟିନ୍ ଥିବା ହାଲୁକା, ତାଜା ଏବଂ ପୁଷ୍ଟିକର ଖାଦ୍ୟ ବାଛନ୍ତୁ। ଭଜା ଏବଂ ଜଙ୍କ୍ ଫୁଡ୍ ସୀମିତ କରନ୍ତୁ। ତେବେ ଏଭଳି ଲକ୍ଷଣ ଦେଖାଗଲେ ପ୍ରଚୁର ପାଣି ପିଅନ୍ତୁ ଏବଂ ପର୍ଯ୍ୟାପ୍ତ ନିଦରେ ଶୁଅନ୍ତୁ। ପ୍ରତିଦିନ ଚାଲିବା କିମ୍ବା ବ୍ୟାୟାମ କରନ୍ତୁ। ଚାପ କମାଇବା ପାଇଁ ଯୋଗ, ଧ୍ୟାନ କିମ୍ବା ଆପଣଙ୍କ ପସନ୍ଦର କାର୍ଯ୍ୟକଳାପ ଚେଷ୍ଟା କରନ୍ତୁ।ଯଦି ଦୁଇରୁ ତିନି ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ଭୋକ ନଲାଗେ, ଦ୍ରୁତ ଓଜନ ହ୍ରାସ, ସ୍ଥାୟୀ ଦୁର୍ବଳତା କିମ୍ବା ମୁଣ୍ଡ ବୁଲାଇବା କିମ୍ବା ଖାଇବା ପରେ ବାନ୍ତି ଅନୁଭବ କରନ୍ତି, ତେବେ ଡାକ୍ତରଙ୍କୁ ଦେଖା କରିବା ଗୁରୁତ୍ୱପୂର୍ଣ୍ଣ।

## କିପରି କମାଇବେ ପେଟର ଚର୍ବି



ଆଜିର ଦ୍ରୁତ ଗତି ଜୀବନରେ, କାମର ଚାପ ଏବଂ ପରିବର୍ତ୍ତନଶୀଳ ଅଭ୍ୟାସ ସିଧାସଳଖ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ସମୟ ଅଭାବରୁ ଲୋକମାନେ ସଠିକ ସମୟରେ ଖାଇବା କିମ୍ବା ନିଜ ଶରୀରର ଆବଶ୍ୟକତାକୁ ବୁଝିପାରୁ ନାହାଁନ୍ତି। ଫାଷ୍ଟଫୁଡ ଏବଂ ଖାଇବା ପାଇଁ ପ୍ରସ୍ତୁତ ଜିନିଷଗୁଡ଼ିକ ଦୈନନ୍ଦିନ ଖାଦ୍ୟର ଏକ ଅଂଶ ପାଲଟିଛି, ଯାହାର ପରିଣାମ ଧୀରେ ଧୀରେ ଶରୀରରେ ଦୃଶ୍ୟମାନ ହେବାରେ ଲାଗିଛି। ଓଜନ ବୃଦ୍ଧି, ଥକ୍କାପଣ ଏବଂ ଛୋଟମୋଟ ସ୍ୱାସ୍ଥ୍ୟ ସମସ୍ୟା ସାଧାରଣ ହୋଇଗଲାଣି। ବିଶେଷକରି ମୋଟାପଣ ଏକ ସମସ୍ୟା ପାଲଟିଛି ଯାହା ଅନେକ ଅନ୍ୟାନ୍ୟ ରୋଗକୁ ନିମନ୍ତ୍ରଣ କରେ। ଲୋକମାନେ ଫିଟ ଦେଖାଯିବା ଏବଂ ସକ୍ରିୟ ରହିବା ପାଇଁ ନୂତନ ପଦ୍ଧତି ଚେଷ୍ଟା କରନ୍ତି, କିନ୍ତୁ ପ୍ରାୟତଃ, ଉପଯୁକ୍ତ ସୂଚନା ଅଭାବରୁ, ସେମାନେ ଭୁଲ ପସନ୍ଦ କରନ୍ତି। ଏପରି ପରିସ୍ଥିତିରେ, ଅଧିକ ଅସୁବିଧା ବିନା ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ସନ୍ତୁଳିତ ଚିନ୍ତାଧାରା ଏବଂ ବୁଦ୍ଧିମାନ କାର୍ଯ୍ୟର ଆବଶ୍ୟକତା ରହିଛି। ମେଦବହୁଳତା ପଛରେ ଅନେକ କାରଣ ଥାଇପାରେ, କିନ୍ତୁ ସବୁଠାରୁ ବଡ଼ କାରଣ ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଜୀବନଶୈଳୀ। ଯଦି ଆପଣ ମଧ୍ୟ ଓଜନ ବୃଦ୍ଧି ବିଷୟରେ ଚିନ୍ତିତ, ତେବେ ପ୍ରଥମେ ଆପଣଙ୍କ ଖାଦ୍ୟ ଅଭ୍ୟାସ ପ୍ରତି ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି, ରାତ୍ରୀ ଭୋଜନରେ କରାଯାଇଥିବା ଏକ ଛୋଟ ଭୁଲ ଓଜନ ବୃଦ୍ଧି କରିପାରେ। କ୍ଳାନ୍ତିକର ଦିନ ପରେ, ଶରୀରକୁ ବିଶ୍ରାମ ଏବଂ ଭଲ ନିଦ ଆବଶ୍ୟକ। ରାତିରେ ଭାରୀ ଖାଦ୍ୟ ଖାଇବା କେବଳ ନିଦକୁ ପ୍ରଭାବିତ କରେ ନାହିଁ ବରଂ ଦ୍ରୁତ ଓଜନ ମଧ୍ୟ ବୃଦ୍ଧି କରିପାରେ। ଏକ ସ୍ଲିମ ଫିଗର ହାସଲ କରିବା ପାଇଁ, ରାତିରେ ହାଲୁକା ଏବଂ ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବା ବହୁତ ଗୁରୁତ୍ୱପୂର୍ଣ୍ଣ।

**ସବୁଜ ସାଲାଡ:** ସବୁଜ ସାଲାଡରେ ଭରପୂର ପରିମାଣରେ ଫାଇବର ଥାଏ, ଯାହା ପାଚନ ପ୍ରକ୍ରିୟାକୁ ଉନ୍ନତ କରିଥାଏ। ଏହାକୁ ଖାଇବା ଦ୍ୱାରା ଆପଣଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ପେଟ ପୂରଣ ରହିଥାଏ ଏବଂ ଭୋକ ଲାଗିବା ରୋକିଥାଏ। ଏହାର କ୍ୟାଲୋରୀ ପରିମାଣ କମ୍ ଥିବାରୁ, ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ଆପଣଙ୍କ ରାତ୍ରୀ ଭୋଜନ ସାଲାଡରେ କେବଳ ତାଜା ପନିପରିବା ସାମିଲ କରିବା ଭଲ।

**ସୁପ୍:** ରାତ୍ରୀ ଭୋଜନ ପାଇଁ ସୁପ ଏକ ଉତ୍ତମ ପସନ୍ଦ। ଏହା ହାଲୁକା ଏବଂ ସହଜରେ ହଜମ ହୁଏ। କଖାରୁ, ଟମାଟୋ, ଗାଜର କିମ୍ବା ପାଳଙ୍ଗ ସହିତ ତିଆରି ପନିପରିବା ସୁପରେ କ୍ୟାଲୋରୀ କମ୍ ଥାଏ ଏବଂ ଆପଣଙ୍କୁ ସନ୍ତୁଷ୍ଟ ରଖେ ଏବଂ ଓଜନ ବୃଦ୍ଧି ରୋକିଥାଏ।

**ଓଟ୍ସ ଇଡ୍‌ଲୀ:** ଓଟ୍ସ ଇଡ୍‌ଲୀ ଏକ ସୁସ୍ଥ ରାତ୍ରୀ ଭୋଜନ ବିକଳ୍ପ। ଏଥିରେ ପ୍ରଚୁର ପରିମାଣର ପ୍ରୋଟିନ ଥାଏ, ଯାହା ଶରୀର ପାଇଁ ଲାଭଦାୟକ। ସ୍ୱାଦିଷ୍ଟ ହେବା ସହିତ, ଏହା ଓଜନ ପରିଚାଳନାରେ ମଧ୍ୟ ସାହାଯ୍ୟ କରେ।

**ମଟର ଉପମା:** ମଟର ଉପମା ଏକ ସାଧାରଣ ଖାଦ୍ୟ ନୁହେଁ, କିନ୍ତୁ ଏହା ଏକ ଉତ୍ତମ ରାତ୍ରିଭୋଜନ ଖାଦ୍ୟ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ K ଏବଂ C, ଫୋଲେଟ ଏବଂ ପ୍ରୋଟିନ ଭରପୂର। ଏହା କେବଳ ପୁଷ୍ଟିକର ନୁହେଁ ବରଂ ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ।

**ଦହି:** ଦହିକୁ ପେଟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ହଜମକୁ ଉନ୍ନତ କରେ ଏବଂ ପେଟକୁ ଶାନ୍ତ କରେ। ରାତିରେ ଦହିରେ ଚିନି ମିଶାଇବା ପରିହାର କରନ୍ତୁ। ଉତ୍ତମ ସ୍ୱାଦ ପାଇଁ, ଆପଣ ଟିକେ କଳା ଲୁଣ ଏବଂ ଗୋଲମରିଚ ମିଶାଇ ପାରିବେ।

## କ୍ଷୀର ପିଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ

ନିୟମିତ କ୍ଷୀର ପିଇଲେ ତାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଏହାର ଏକ ଖାସ୍ ଗୁଣ ରହିଛି। ତାହା କ'ଣ ଜାଣନ୍ତି? ପ୍ରତିଦିନ କ୍ଷୀର ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। କ୍ଷୀରର ଅଧିକ ଉପକାରୀ ଗୁଣ ବିଷୟରେ ତର୍ଜମା କରିବା ସମୟରେ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ରୋଗପ୍ରତିରୋଧକ ଶକ୍ତିଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ଏହି ସର୍ଭେର ପରିସରଭୁକ୍ତ କରିଥିଲେ। ସର୍ଭେ ସମୟରେ ସେମାନଙ୍କୁ ଖାଦ୍ୟ ଖାଇବାକୁ ଦିଆଯିବା ସହ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏମାନଙ୍କର ରୋଗପ୍ରତିରୋଧକ ଶକ୍ତିରେ କେତେ ଉନ୍ନତି ଘଟୁଛି ତାହାକୁ ମଧ୍ୟ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡିଥିଲା ଯେ ସବୁଦିନ କ୍ଷୀର ପିଇବା ଫଳରେ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଛି।



## ଅଜୀର୍ଣ୍ଣ ସମସ୍ୟା ଅଛି କି ?



ସାଧାରଣତଃ ଯଦି ଖାଦ୍ୟ ଠିକ୍ ଭାବରେ ହଜମ ନ ହେଲା ତେବେ ଅଜୀର୍ଣ୍ଣ ସମସ୍ୟା ଦେଖାଯାଇଥାଏ। ଏହାପଛରେ ମଧ୍ୟ ଆଉ କେତୋଟି କାରଣ ରହିଛି। ଆବଶ୍ୟକତା ଠାରୁ ଅଧିକ ଖାଇବା, ଖାଇବାକୁ ଇଚ୍ଛା ନ ଥାଇ ଖାଇବା, ଖାଇବାରେ ଅନିୟମିତତା, ଅଧିକ ସମୟ ଉପବାସ ରହିବା କିମ୍ବା ତେଲମସଲାଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ଜଣେ ବ୍ୟକ୍ତି ଅଜୀର୍ଣ୍ଣ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏଭଳି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଅନୁସରଣ କଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ। ଖାଇ ସାରିବା ପରେ ଏକ ଚାମଚ ଅଦା ରସରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ଏହି ମିଶ୍ରଣକୁ ଖାଆନ୍ତୁ। ପ୍ରତିଦିନ କିଛି ପରିମାଣରେ ନିମ୍ବ ରସ ସେବନ କରନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଆହୁରି ଦୃଢ଼ ହୋଇଥାଏ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ। ରାତିରେ ସବୁବେଳେ ହାଲୁକା ଏବଂ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଖାଇବା ପରେ ଅଳ୍ପ ପାନ ମଧୁରୀ ଚୋବାଇ ଖାଆନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ସବୁଠରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଠିକ୍ ସମୟରେ ଖାଆନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଖାଦ୍ୟ ଖାଇବାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ଖାଦ୍ୟ ଖାଉଥିବା ବେଳେ ବାରମ୍ବାର ପାଣି ପିଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।

### ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକଳ ଚିତ୍ର

# ଆମ୍ବୁଲାନ୍ସ ପାଇଁ ହନ୍ତସନ୍ତ ରୋଗୀ



**କଳାହାଣ୍ଡି, ୧୩।୭(ସଂଚାର ବ୍ୟୁରୋ):** ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିକାଶକୁ ନେଇ ବଡ଼ ବଡ଼ ଦାବି କରାଯାଉଥିବା ବେଳେ ଗ୍ରାଉଣ୍ଡ ଜିରୋରୁ ପୁଣି ସାମ୍ନାକୁ ଆସିଛି ଆମ୍ବୁଲାନ୍ସ ଅବ୍ୟବସ୍ଥାର ଚିନ୍ତାଜନକ ତଥ୍ୟ। କେଉଁଠି ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚିପାରୁନି ତ ଆଉ କେଉଁଠି ଭଲ ରାସ୍ତା ଅଭାବରୁ ରୋଗୀଙ୍କ ପାଖରେ ଗାଡ଼ି ପହଞ୍ଚିବା ସ୍ୱପ୍ନ ପାଲଟିଛି। ଫଳରେ ରୋଗୀ ଓ ପ୍ରସୂତିଙ୍କୁ ମାଲବାହୀ ଗାଡ଼ି କିମ୍ବା ଟ୍ରାକ୍ଟରରେ ମେଡିକାଲ୍ ଆଣିବାକୁ ପଡୁଛି । ଏଭଳି ଦୁଇଟି ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲ୍ଲାରୁ। କଳାହାଣ୍ଡି ଧର୍ମଗଡ଼ରେ ଜଣେ କିଡ୍‌ନି ରୋଗୀ ଭଙ୍ଗା ଗୋଡ଼ରେ ଆମ୍ବୁଲାନ୍ସ ନପାଇ ଖଟିଆ ସହ ମାଲବାହୀ ଗାଡ଼ିରେ ଡାକ୍ତରଖାନା ଆସିଥିବା ବେଳେ, ନବରଙ୍ଗପୁର-କଳାହାଣ୍ଡି ସୀମାନ୍ତରେ ରାସ୍ତା ଅଭାବରୁ ପ୍ରସୂତିଙ୍କ ପାଖରେ ଆମ୍ବୁଲାନ୍ସ ପହଞ୍ଚିପାରି ନାହିଁ । ଶେଷରେ ୭ କିଲୋମିଟର ଟ୍ରାକ୍ଟରରେ ବୁହା ହେବା ସମୟରେ ହିଁ ମହିଳା ଜଣକ କନ୍ୟା ସନ୍ତାନ ପ୍ରସବ କରିଛନ୍ତି । ଏହି ଦୁଇଟି ଘଟଣା ସରକାରୀ ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବିକ୍ରମଗୁଡ଼ା ଗ୍ରାମର ତୁଳାରାମ ମାଝୀ ଦୀର୍ଘ ଦିନରୁ କିଡ୍‌ନି ରୋଗରେ ପୀଡ଼ିତ। ଗତ କିଛିଦିନ ତଳେ ବାଇକ୍ ଷ୍ଟାର୍ଟ କରିବା ବେଳେ ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା । ଗୋଡ଼ ନହଲାଇବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ଗତକାଲି ସନ୍ଧ୍ୟାରେ ଡାଇଲେସିସ ପାଇଁ ତାଙ୍କୁ ଜରୁରୀକାଳୀନ ଭାବେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ଯିବାର ଥିଲା । ମାତ୍ର ସଠିକ୍ ସମୟରେ ଆମ୍ବୁଲାନ୍ସ ବ୍ୟବସ୍ଥା ନହେବାରୁ, ପରିବାର ଲୋକେ ବାଧ୍ୟ ହୋଇ ତାଙ୍କୁ ଶୋଇଥିବା ଖଟିଆ ସହ ଏକ ମାଲବାହୀ ଗାଡ଼ିରେ ମେଡିକାଲ୍ ଆଣିଥିଲେ । ସେହିପରି ନବରଙ୍ଗପୁର- କଳାହାଣ୍ଡି ସୀମାନ୍ତ ଜୟପାଟଣା ବ୍ଲକ ଦାବିରିଘାଟି ଗାଁରେ ସାମ୍ନାକୁ ଆସିଛି ଜନନୀ ଯନ୍ତ୍ରଣାର ଚିତ୍ର। ଗାଁକୁ ପହଞ୍ଚିପାରିଲାନି ଆମ୍ବୁଲାନ୍ସ, ୭ କିଲୋମିଟର ଟ୍ରାକ୍ଟରରେ ବୁହାହେଲେ ଗର୍ଭବତୀ। ଆଉ ଟ୍ରାକ୍ଟରରେ ହିଁ ଶିଶୁ କନ୍ୟାକୁ ଜନ୍ମ ଦେଲେ ମହିଳା । ଦାବିରିଘାଟି ଗାଁର ଡୋମୁ ମାଝୀଙ୍କ ସ୍ତ୍ରୀ ଉର୍ମିଳା ମାଝୀଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ଗାଁକୁ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଯାଇ ନପାରି ଚଚରାଗୁଡ଼ା ଗାଁରେ ଅଟକି ଯାଇଥିଲା। ଫଳରେ ପରିବାର ଲୋକେ ଏବଂ ଗ୍ରାମବାସୀ ଗର୍ଭବତୀଙ୍କୁ ଏକ ଟ୍ରାକ୍ଟର ଯୋଗେ ଚଚରାଗୁଡା ଗାଁକୁ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ସାହାଯ୍ୟରେ ମୌଦଲପୁର ମେଡିକାଲକୁ ନିଆଯାଇଥିଲା ।

### ପ୍ରାଣୀ ସମ୍ପଦ ବିକାଶ ବିଭାଗ କେଳେଙ୍କାରୀ

## ବିଲପାସ୍ କରିବା ନାଁରେ ଲାଞ୍ଚ କାରବାର



**ମ. ରାମପୁର, ୧୩।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଗୋଷ୍ଠି ପ୍ରାଣୀ ସମ୍ପଦ ବିଭାଗର ଦୁର୍ନିତୀ ଏବେ ଚରମ ସୀମାରେ। ବିଭାଗରେ ବିଭିନ୍ନ ଯୋଜନା ଗୁଡିକ କାର୍ଯ୍ୟକାରୀ କରିବା ସହ ସବସିଡି ଟଙ୍କା ଯୋଗେଇ ଦେବା ଆଳରେ ଲୋକଙ୍କ ଠାରୁ ଲାଞ୍ଚ ଦାବି କରି ନେଉଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ମ.ରାମପୁର ବ୍ଲକ ମୋହନଗିରୀ ଗ୍ରାମ ର ପ୍ରଦୀପ କୁମାର ଙ୍କ ଠାରୁ ୩୦୦୦ କ୍ଷମତା ବିଶିଷ୍ଟ ବ୍ରଏଲର୍ କୁକୁଡ଼ା ଫାର୍ମ ଅନୁମୋଦନ ସକାଶେ ଉକ୍ତ ବିଭାଗର ଜଣେ ଡାଟା ଏଣ୍ଟ୍ରି ଅପରେଟର ପ୍ରଦ୍ୟୁମ୍ନ କୁମାର ବେହେରା ୩ ଟି ପର୍ଯ୍ୟାୟ ରେ ସମୁଦାୟ ୧୫, ୦୦୦ ଟଙ୍କା ଲାଞ୍ଚ ନେଇଥିବା ଜଣା ଯାଇଛି। ଏହାବାଦ୍ ପୂର୍ବରୁ ଗୋଛାଡେଙ୍ଗେନ୍ ଗ୍ରାମ ଓ ସିକେଲକୁପା ଗ୍ରାମର ୨ ବ୍ୟକ୍ତିଙ୍କ ଠାରୁ ମଧ୍ୟ ଏଭଳି ସୁବିଧା ସୁଯୋଗ ଯୋଗାଇ ଦେବା ନେଇ ଅଗ୍ରୀମ ଅର୍ଥ ଶୋଷଣ କରିଛନ୍ତି। ଯଦିଓ ଏହାରି ସଠିକ୍ ତଦନ୍ତ କରାଯାଏ ତାହେଲେ ଏଭଳି ଅନେକ ହିତାଧୀକାରୀ ଙ୍କ ଠାରୁ ଲାଞ୍ଚ ଦାବି କରିଥିବା ନେଇଥିବା ଘଟଣାର ଗୁମର ଫିଟିବ ବୋଲି ଆଶଙ୍କା କରାଯାଉଛି।ତେବେ ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା ଗୁଡିକର ଲାଭାଂଶ ସିଧା ସଳଖ ଲୋକେ ପାଇବା ନିୟମ ଥିବା ବେଳେ ଏଠି ଅସାଧୁ କର୍ମଚାରୀ ମାନେ ଏହାର ଫାଇଦା ନେଉଛନ୍ତି।ଓଡ଼ିଶା ସରକାରଙ୍କ ପ୍ରାଣୀ ସମ୍ପଦ ବିକାଶ ବିଭାଗରେ ବିଭିନ୍ନ ସମୟରେ ଲାଞ୍ଚ କାରବାର ଏବଂ ଆର୍ଥିକ ଅନିୟମିତତା ଭଳି ଦୁର୍ନୀତି ଅଭିଯୋଗ ସାମ୍ନାକୁ ଆସିଛି। ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ବିଭାଗର ଅସାଧୁ ଅଧିକାରୀ ଓ କର୍ମଚାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।ପ୍ରମୁଖ ଦୁର୍ନୀତିର ସ୍ୱରୂପ ସରକାରୀ ଯୋଜନାର ଅନୁମୋଦନ ଏବଂ ସବସିଡି ଓ ସରକାରୀ ସହାୟତାରେ ଅନିୟମିତତା ନେଇ ଗୋପାଳକ, କୁକୁଡ଼ା ଚାଷୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସବସିଡି ଟଙ୍କା ରିଲିଜ୍ କରିବା ନାଁରେ କିଛି କର୍ମଚାରୀ କମିଶନ ବା ପିସି ମାଗୁଥିବା ଖବର ପୂର୍ବରୁ ମଧ୍ୟ ପ୍ରକାଶ ପାଇଛି।ଦୁର୍ନୀତି ବିରୋଧରେ ସରକାରୀ କାର୍ଯ୍ୟାନୁଷ୍ଠାନଶୂନ୍ୟ ସହନଶୀଳତା ରାଜ୍ୟ ସରକାର ଦୁର୍ନୀତି ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ନେଇ ପ୍ରତିଶ୍ରୁତି ଦେଇଥିବା ମୁତାବକ ଉକ୍ତ ଘଟଣାରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେବେ ତାହା ଦେଖିବାକୁ ରହିଲା।

## ଶିଶୁ ଅନନ୍ତ ମହାବିଦ୍ୟାଳୟରେ ବନ ମହୋତ୍ସବ



**ବାଲିପାଟଣା, ୧୩।୭(ସଂଚାର ବ୍ୟୁରୋ):** ଜୟଦେବ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଶିଶୁଅନନ୍ତ ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇ ପରିବେଶ ସୁରକ୍ଷା ପାଇଁ ବାର୍ତ୍ତା ଦିଆଯାଇଥିଲା।କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ସୁବ୍ରତ କୁମାର ମହାନ୍ତି ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷ ଆଦିତ୍ୟ ମିଶ୍ର ଅତିଥି ଭାବେ ଯୋଗଦେଇ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଦୀନବନ୍ଧୁ ଭୋଇ, ବେଣୁଧର ଭୋଇ, ପ୍ରତାପଶାସନ ଡିଗ୍ରୀ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ଅରବିନ୍ଦ ସାହୁ, ମାଗୁଣି ସେଠି, ପ୍ରତାପ କିଶୋର ନାୟକ, ଅଧ୍ୟାପକ ସତ୍ୟନାରାୟଣ ରଥ, ଏନ୍ଏସ୍ଏସ୍ ମୁଖ୍ୟ ଡ଼ଃ ମାମିନା ସାହୁ, ଡ଼ଃ ନନ୍ଦିତା ଶୁକ୍ଲା, ଶତ୍ରୁଘ୍ନ ଦାଶ, ଯୁବ ରେଡ଼କ୍ରସର ମୁନା ସାହୁ, ରୋଭର ରେଞ୍ଜର ଚାନ୍ଦ ବିବି, ଜୟଶଙ୍କର ଦାଶ, ବସନ୍ତ କୁମାର ଦାଶ ଏବଂ ସୋମନାଥ ବେହେରା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।ଏହି ଅବସରରେ କଲେଜ ପରିସରରେ ବଉଳ, ପିଜୁଳି ଓ ଦେବଦାରୁ ଭଳି ବହୁ ଗୁଣକାରୀ ବୃକ୍ଷ ଚାରା ରୋପଣ କରାଯାଇଥିଲା। ବୃକ୍ଷରୋପଣ ଦ୍ୱାରା ପରିବେଶ ସନ୍ତୁଳନ ରକ୍ଷା ହେବା ସହ ଆଗାମୀ ପିଢ଼ି ପାଇଁ ଏହା ଏକ ଶୁଦ୍ଧ ଓ ସୁସ୍ଥ ବାତାବରଣ ସୃଷ୍ଟି କରିବ ବୋଲି ବକ୍ତାମାନେ ମତ ଦେଇଥିଲେ।

### ସୁପୋଷିତ ଓଡ଼ିଶା ମିଶନ

## ତଥ୍ୟ ସଂଗ୍ରହ କରିବେ ୧୦ହଜାର ଏନଏସଏସ ଛାତ୍ରୀ



**ଭଞ୍ଜନଗର, ୧୩।୭(ସଂଚାର ବ୍ୟୁରୋ):** ପୋଷଣ ଅଭିଯାନ ଅବସରରେ ବର୍ତ୍ତମାନ ଓଜନ ଉତ୍ସବ ରାଜ୍ୟରେ ଚାଲିଛି। ଏହିଭଳି ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡରେ ମଧ୍ୟ ଓଜନ ଉତ୍ସବ ପ୍ରଥମ ପର୍ଯ୍ୟାୟ ଚାଲିଛି। ଏହା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ସମୟରେ ଭଞ୍ଜନଗର ସିଡିପିଓ ମିଲିମା କୁମାରୀ ପଣ୍ଡା ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ସୁପୋଷିତ ଓଡ଼ିଶା ମିଶନ ହେଉଛି ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପୋଷଣ କାର୍ଯ୍ୟକ୍ରମ। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ରାଜ୍ୟର ଶିଶୁମାନଙ୍କ ମଧ୍ୟରେ ଥିବା କୁପୋଷଣକୁ ଦୂର କରିବା ଏବଂ ସେମାନଙ୍କୁ ସୁସ୍ଥ ଓ ଅଳ୍ପ ଓଜନ ସମସ୍ୟା ହ୍ରାସ କରିବା। ଏଥିସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ 'ସୁପୋଷିତ ଅଙ୍ଗନବାଡ଼ି' କେନ୍ଦ୍ରରେ ପରିଣତ କରିବା। ଶିଶୁମାନଙ୍କର ନିୟମିତ ଉଚ୍ଚତା ଓ ଓଜନ ମାପି ସେମାନଙ୍କର ପୋଷଣ ସ୍ଥିତି ନିରୀକ୍ଷଣ କରିବା। ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟର ଉନ୍ନତି କରିବା। ପ୍ରକାଶ ଯେ ରାଜ୍ୟରେ ଥିବା ୭୨୨୨୩ରୁ ଅଧିକ ଅଙ୍ଗନବାଡ଼ି କେନ୍ଦ୍ରକୁ ପର୍ଯ୍ୟାୟକ୍ରମେ ସୁପୋଷିତ ଅଙ୍ଗନବାଡ଼ିରେ ପରିଣତ କରାଯିବ। ତେଣୁ ସରକାର ଅଙ୍ଗନୱାଡି କର୍ମୀ ମାନଙ୍କ ମାଧ୍ୟମରେ ଶିଶୁ ମାନଙ୍କ ପୋଷଣ ତଥ୍ୟ ସଂଗ୍ରହ କରନ୍ତି। ବର୍ତ୍ତମାନ ପୋଷଣ ଟ୍ରାକର ମାଧ୍ୟମରେ ଶିଶୁମାନଙ୍କ ଡିଜିଟାଲ ଭାବେ ନିରୀକ୍ଷଣ କରାଯିବ।

## ବିଡିଓଙ୍କ ବିରୋଧରେ ଅଭିଯୋଗ ଆଣିଲେ ଗ୍ରାମବାସୀ, ଦାବିପତ୍ର ପ୍ରଦାନ

**କର୍ଲାମୁଣ୍ଡା, ୧୩।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ଗ୍ରାମ ପଞ୍ଚାୟତ ସିଲେଟପଡ଼ା ଗ୍ରାମରେ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗାଁର ଜନୈକ ବ୍ୟକ୍ତି ତାଙ୍କ ନିଜ ଚାଷ ଜମିରେ ରାସ୍ତା ନ ଥିବା ଏକ ସ୍ଥାନରେ ତିନି ଲକ୍ଷ ଟଙ୍କା ଅଟକଳରେ କମ୍ୟୁନିଟି ହଲ ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନରୁ ଆରମ୍ଭ କରିଛନ୍ତି।



ଉକ୍ତ ନିର୍ମାଣ କାର୍ଯ୍ୟଟି ଗାଁ ଲୋକଙ୍କ କୌଣସି କାର୍ଯ୍ୟରେ ଆସିବ ନାହିଁ, କାରଣ ନିର୍ମାଣାଧିନ କାର୍ଯ୍ୟ ସ୍ଥଳକୁ ଯିବା ଆସିବା କରିବା ପାଇଁ ରାସ୍ତା ବ୍ୟବସ୍ଥା ନାହିଁ ଓ ନିମ୍ନ ମାନର କାମ ହେଉଥିବା ନେଇ ଗ୍ରାମବାସୀମାନେ ଗତ ମେ' ୧୧ ରେ କର୍ଲାମୁଣ୍ଡା ବ୍ଲକରେ ହୋଇଥିବା ଜିଲାପାଳଙ୍କ ଜନ ଶୁଣାଣୀ ଶିବିରରେ ଓ କର୍ଲାମୁଣ୍ଡା ବିଡ଼ିଓଙ୍କୁ ମେ' ୨୨ରେ ଲିଖିତ ଭାବେ ଅଭିଯୋଗ କରିଥିଲେ ହେଁ କାର୍ଯ୍ୟକୁ ବନ୍ଦ କରିବା ପରିବର୍ତ୍ତେ କାର୍ଯ୍ୟଟି ଚାଲୁ ରହିଛି ବୋଲି ଜଳନ୍ଧର ଭୋଇ, ସତ୍ୟ ନାରାୟଣ ସାହୁ, ଟିକେ ଲାଲ ସାହୁ, ତୁଳସୀ ଲାଲ ଭୋଇ, ହରି ସାହୁ, ହାରାଚନ ବାଗ, ଭାଗିରଥି ବାଗ,ସୁଦର୍ଶନ ସାହୁ, ଶମ୍ଭୁ ସାହୁ, ଦୁର୍ଗା ମାଝି, ପଲସ୍ତି ସାହୁ, ଭୋଳା ସାହୁ ଅଭିଯୋଗ କରିଛନ୍ତି। ସୋମବାର ଏନେଇ ଗ୍ରାମବାସୀମାନେ ଏକ ଶୋଭଯାତ୍ରାରେ ବ୍ଲକ ସଦର ଶିବ ମନ୍ଦିର ଠାରୁ ବାହାରି ତହସିଲ କାର୍ଯ୍ୟାଳୟକୁ ପହଞ୍ଚି ତହସିଲଦାର ଅରୁଣ କୁମାର ବର୍ଗେ ଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

### 'ମାଓମୁକ୍ତ' ଘୋଷଣା ପରେ ଆଇଆର୍‌ବି କାହିଁକି ?

## ଖଣି ଖନନ ଆଶଙ୍କା ବଢ଼ିଲା, ପ୍ରତିବାଦ ପାଇଁ ସଜବାଜ



**ବଲାଙ୍ଗିର, ୧୩।୭(ସଂଚାର ବ୍ୟୁରୋ):** ବଲାଙ୍ଗିର ଓ ପଡୋଶି ବରଗଡ଼ ଜିଲ୍ଲା ସହ ଗନ୍ଧମାର୍ଦ୍ଦନ ପାହାଡକୁ ଗତ ମାର୍ଚ୍ଚ ମାସ ରଜ୍ୟ ଗୃହ ବିଭାଗ ସମ୍ପୂର୍ଣ୍ଣ ମାଓମୁକ୍ତ ଘୋଷଣା କରିସାରିଛି। ପୂର୍ବରୁ ଏହି ଅଞ୍ଚଳରେ ମାଓବାଦୀ ସହ ଗୁଳି ବିନିମୟ ନଜିର ରହିଛି। ବଲାଙ୍ଗିର ଓ ବରଗଡ଼ ମାଓମୁକ୍ତ ଜିଲ୍ଲା ଘୋଷଣା ହେବା ପରେ ଜନସାଧାରଣ ଆଶ୍ୱସ୍ତ ହୋଇଛନ୍ତି। ଇତିମଧ୍ୟରେ ଜିଲ୍ଲାରେ ଖଣିଜ ସମ୍ପଦ ଉପରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ନଜର ପକାଇ ସାରିଛନ୍ତି। ବିନା ପଲ୍ଲୀସଭା, ଗ୍ରାମସଭା ଓ ଜନସୁଣାଣିରେ ଖଣି ନିଲାମ ସରିଛି। ସେହିପରି, ଆଇଆର୍‌ବି ବାଟାଲିଆନ୍ ପାଇଁ ସ୍ଥାୟୀ କ୍ୟାମ୍ପ ସକାସେ ଯୋଜନା ଚାଲୁଥିବାରୁ ଏହା ଗନ୍ଧମାର୍ଦ୍ଦନ ସହ ଅଞ୍ଚଳରୁ ଖଣି ଖନନ ପାଇଁ ଏକ ସୁରକ୍ଷିତ ଷଡଯନ୍ତ୍ର ଚାଲିଥିବା କୋଶଲ୍ ମୁକ୍ତି ମୋର୍ଚ୍ଚା ଆଶଙ୍କା କରିଛି। ଗନ୍ଧମାର୍ଦ୍ଦନ ପାହାଡ ପାଦ ଦେଶରେ ଆଦାନି ଗ୍ରୃପ୍ ବିପୁଳ ଜମି କିଣିବା ମଧ୍ୟ ଏହାର ସଂକେତ ବୋଲି ମୋର୍ଚ୍ଚା କହିଛି। ଏସବୁ ଘଟଣାବଳୀକୁ ନେଇ ଆୟୋଜିତ ଏକ ପ୍ରତିବାଦ ସଭାରେ ମୋର୍ଚ୍ଚା ପ୍ରସ୍ତାବିତ ଖଣି ଅଞ୍ଚଳର ଗ୍ରାମରେ ସଚେତନତା ସଭା କରିବାକୁ ନିଷ୍ପତି ନେଇଛି। ସ୍ଥାନୀୟ ଆଦିବାସୀ ଭବନ ଠାରେ ମୋର୍ଚ୍ଚାର ଉପଖଣ୍ଡ ସଭାପତି ଗିରିରାଜ ଭୋଇଙ୍କ ଆହ୍ୱାନରେ ଅନୁଷ୍ଠିତ ସଭାରେ ପ୍ରବକ୍ତା ଜନ୍‌ସନ୍ ନାଗ, କେଏମ୍ଏମ ର କାର୍ଯ୍ୟକାରୀ ସଭାପତି ଡିଙ୍ଗର କୁମ୍ଭାର, ସମ୍ପାଦକ ଜଗନ ମେହେର, ଗନ୍ଧମାର୍ଦ୍ଦନ ସୁରକ୍ଷା ପରିଷଦର ସନ୍ତୋଷ ପଧାନ, ବିମଲ ବାଗ, ଲକ୍ଷେ ଘର ଗଣ୍ଡା ସମାଜ ଖପ୍ରାଖୋଲ ବ୍ଲକ ସଭାପତି ନିରାକାର ଛୁରା, ସୁଶୀଳ ମାଏଟ୍, ମଦନ ମଝୀ, ଯୁଧିଷ୍ଠିର ମିର୍ଦ୍ଧା, ଜନମ୍ ମାଏଟ ସଂଘର୍ଷ ସମିତିର ସୁରେଶ ପୁଟେଲ, ଗଜିନ ତାଣ୍ଡି, ରାଜେଶ ବଗର୍ତି, ରଞ୍ଜିତ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ଦ୍ରାଭିଷେକ ମହାଯଜ୍ଞର ପୂର୍ଣ୍ଣାହୁତି

**ବୈଁଶିଙ୍ଗା, ୧୩।୭(ସଂଚାର ବ୍ୟୁରୋ):** ବୈଁଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ପଞ୍ଚାୟତର ପଦା ପୁରୁଣିଆ ଠାରେ ବହୁ ପୁରାତନ ଇନ୍ଦ୍ରାଭିଷେକ ମହାଯଜ୍ଞ ପ୍ରତିବର୍ଷ ଭଳି ଚଳିତ ବର୍ଷ ଜୁଲାଇ ୧୧ ତାରିଖ ରୁ ଆରମ୍ଭ ହୋଇ ୧୩ ତାରିଖ ସୋମବାର ଦିନ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିବାର ଜଣାଯାଇଛି। ୧୧ ତାରିଖ ଶନିବାର ଦିନ ଚାରି ବେଦର ବ୍ରାହ୍ମଣ ମାନଙ୍କୁ ଯଜ୍ଞ କର୍ତ୍ତା ସଞ୍ଜୟ କୁମ୍ଭାର ମିଶ୍ର ବରଣ କରିଥିଲେ। ବ୍ରାହ୍ମଣ ମାନଙ୍କ ଦ୍ୱାରା ଯଜ୍ଞକୁଣ୍ଡ ସ୍ଥାପନ, ଅଙ୍କୁରାରୋପଣ, ଅଧିବାସ, ଘଟୋତ୍ତଳନ ପରେ ଅଧିଷ୍ଠାତା ଦେବ ଠାକୁର ଶ୍ରୀ ଶ୍ରୀ ରଘୁନାଥ ଜୀଉ ଙ୍କୁ ଆବାହନ କରି ଯଜ୍ଞସ୍ଥଳକୁ ଅଣାଯାଇଥିଲା । ଘୃତ ଯଜ୍ଞରେ ଚରୁ , ତିଳ, ସମିଧ ଆଦିରେ ସହସ୍ର ଆହୁତି ଦିଆଯାଇଥିଲା। ଶେଷ ଦିବସରେ ଘୃତ ନାରିକେଳ ସହିତ ପୂର୍ଣ୍ଣାହୁତି ଦିଆ ଯାଇଥିଲା। ଆଚାର୍ଯ୍ୟ ଭାବେ ହିମାଂଶୁ ଶେଖର ନନ୍ଦ ବ୍ରହ୍ମଚାରୀ, ଏବଂ ଚରୁ ପ୍ରଦାନରେ ବିମେଳେନ୍ଦୁ ମହାପାତ୍ର ଙ୍କ ସମେତ ଜଳ ଜପ ପାଇଁ ଜଗବନ୍ଧୁ ଆଚାର୍ଯ୍ୟ ଏବଂ ପର୍ଶୁରାମ ଆଚାର୍ଯ୍ୟ ପ୍ରମୂଖ ପୂଜା ହୋମ କାର୍ଯ୍ୟ ରେ ସହଯୋଗ କରିଥିଲେ।

### ଉଦ୍ୟାନ କୃଷି ଅଧିକାରୀଙ୍କ ମନମାନୀ

## କାର୍ଯ୍ୟାନୁଷ୍ଠାନ ବଦଳେ ବାବୁଙ୍କୁ ବିଭାଗର ଅନୁକମ୍ପା



**ମ. ରାମପୁର, ୧୩।୭(ସଂଚାର ବ୍ୟୁରୋ):** ଉଦ୍ୟାନ କୃଷି ବିଭାଗର କିଛି ସରକାରୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପ କୁ ଦେଖିଲେ ଲାଗୁଚି ଏହା ସରକାରୀ କାର୍ଯ୍ୟାଳୟ ପରିବର୍ତ୍ତେ ସରକାରୀ ନିଗମ୍ ବା ସଂସ୍ଥା ସଦୃଶ ପାଲଟିଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ଉଚ୍ଚ ସ୍ତରୀୟ ଅଡିଟ ହେଉନି କି କାର୍ଯ୍ୟାନୁଷ୍ଠାନ ମଧ୍ୟ ନାହିଁ। ଯା ଫଳରେ ଏଠି'ଦଲାଲ୍ ରାଜ୍ ; ସରକାରୀ ବାବୁ ମାଲେମାଲ୍ ଆଉ ପ୍ରକୃତ ଚାଷୀ ବେହାଲ୍'। ଖବର ଅନୁଯାୟୀ କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ଉଦ୍ୟାନ ବିଭାଗରେ ଚାଷୀଙ୍କ ପାଇଁ ଆସିଥିବା ବିଭିନ୍ନ ଯୋଜନା ଗୁଡିକର ସବସିଡି ଟଙ୍କାକୁ ଆତ୍ମସାତ ଉଦେଶ୍ୟରେ ଅଣଚାଷୀଙ୍କୁ ହାତବାରିଶି କରି ଉକ୍ତ ବିଭାଗର ଜଣେ କୃଷକ ସାଥି ଦାଶରଥି ରଣା ନାମକ କର୍ମୀ ଦଲାଲ ଗିରୀ କରି ଓଭର୍ଶିଅର୍ ଏଏଚଓ ଙ୍କ ଜରିଆରେ ଏଡିଏଚ ଠୁ ଡିଡିଏଚ ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ହାତ ଗୁଞ୍ଜା ଦେଇ ସମସ୍ତେ ମାଲେମାଲ୍ ହେଉଛନ୍ତି। ବାସ୍ତବରେ ଫିଲ୍ଡ ରେ ଚାଷର ଚ ଦେଖା ନଥିବା ବେଳେ କମ୍ପ୍ୟୁଟର୍ରାଇଜ୍ ଜରିଆରେ ଫୋଟ ଏଡିଟିଙ୍ଗ କରିବା ସହ ଏଠି ଖାତା ଖାତିୟାନ୍ ପ୍ଲଟ ରେ ଧାନ, ମୁଗ, କପା, ଭଳି ଅନ୍ୟାନ୍ୟ ଚାଷ ସାଙ୍ଗେ ଏଭଳି ପଡ଼ିଆ ଜମିକୁ ମଧ୍ୟ ଫଳ ଓ ପରିବା, ଲଙ୍କା ଧନିଆ ଅଦା ହଳଦୀ, ଚାଷ କରୁଥିବା ଦର୍ଶେଇ ମୋଟ ସବସିଡି ଟଙ୍କା କୁ ୨୫ ପ୍ରତିଶତ ଅଣଚାଷୀ, ୨୫ ପ୍ରତିଶତ ଦଲାଲି, ଓ ୫୦ ପ୍ରତିଶତ ଅଧିକାରୀ କର୍ମଚାରୀ ମାନଙ୍କ ମଧ୍ୟରେ ଭାଗ ବାଣ୍ଟି କୁଣ୍ଟି ହଡ଼ପ କରାଯାଉ ଥିବା ନେଇ ଖୋଦ୍ କିଛି ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ଗଣ ମାଧ୍ୟମ ଗୁଡିକରରେ ଖବର ପ୍ରକାଶ ପାଇଥିବା ବେଳେ ଅନେକ ସୂଚନା ଅଧିକାର କର୍ମୀ ସୂଚନା ପାଇଁ ଆବେଦନ କରିଥିଲେ ସୁଦ୍ଧା ଏଯାବତ୍ କୌଣସି ଉତ୍ତର ମିଳିନି। ଏଠି ଖୋଦ୍ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ଭବାନୀପାଟଣା କାର୍ଯ୍ୟାଳୟର ଲୋକ ସୁଚନା ଅଧିକାରୀ (ପିଆଇଓ) ଦାୟିତ୍ୱରେ ଥିବା ମୋନାଲିସା ପଧାନ ନିଜେ ଦୁର୍ନିତୀରେ ସମ୍ପୃକ୍ତ ଥିବା ସ୍ପଷ୍ଟ ହୋଇଛି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ବଲାଙ୍ଗିର, ୧୩।୭(ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ପାଟଣାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ହରିଶଙ୍କର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସିଧାସଳଖ ଭାବରେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଏହି ଶିବିରରେ ଜିଲ୍ଲାପାଳ ଗୌରବ୍ ଶିୱାଜୀ ଇସଲୱାର ଯୋଗଦାନ କରି ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣାଣି କରି, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଶିବିରରେ ମୋଟ ୬୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୫୭ଟି ବ୍ୟକ୍ତିଗତ ଏବଂ ୩ଟି ସାମୂହିକ ଅଭିଯୋଗ ଥିଲା। ତଦ୍‌ମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା, ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ଶୀଘ୍ର ନିଷ୍ପତ୍ତି ପାଇଁ ସମ୍ପର୍କିତ ବିଭାଗକୁ ପଠାଯାଇଛି। ଏହି ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ନିବେଦିତା ସ୍ୱାଇଁ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଏସ୍ଏମ୍‌ସି ଗଠନ ନିର୍ଦ୍ଦେଶାବଳୀରେ ଦ୍ୱନ୍ଦ୍ୱ

## ସ୍ପଷ୍ଟୀକରଣରେ ତୁଷ୍ଟିକରଣ

**ବୈଁଶିଙ୍ଗା, ୧୩।୭(ସଂଚାର ବ୍ୟୁରୋ):** ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ନୂତନ ସ୍କୁଲ ମ୍ୟାନେଜମେଣ୍ଟ କମିଟି (ଏସ୍ଏମ୍‌ସି) ଗଠନ ପାଇଁ ଓଏସ୍ଇପିଏ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକା ପତ୍ରାଙ୍କ.୭୦୬୩ / ୨୬.୬.୨୬ ରେ ଥିବା କେତେକ ବ୍ୟବସ୍ଥାକୁ ନେଇ ପ୍ରଧାନଶିକ୍ଷକ ଓ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ବୁଦ୍ଧିଜୀବୀ ଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ନିର୍ଦ୍ଦେଶାବଳୀର ଧାରା- ୧-୧-୪ ରେ ଅଭିଭାବକ ପ୍ରତିନିଧିଙ୍କ ଦ୍ୱାରା ସ୍ଥାନୀୟ ଶିକ୍ଷାବିତ, ବିଶେଷଜ୍ଞ, ପୂର୍ବତନ ଛାତ୍ରଛାତ୍ରୀ କିମ୍ବା ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ଏଏନ୍ଏମ୍ ଭଳି ସମ୍ମୁଖଧାଡ଼ିର କର୍ମୀମାନଙ୍କ ମଧ୍ୟରୁ ସଦସ୍ୟ ଚୟନ କରାଯାଇପାରିବ ବୋଲି ଉଲ୍ଲେଖ ରହିଛି। କିନ୍ତୁ ଧାର ୧ ରେ ୧୦୦ରୁ କମ୍ ଛାତ୍ରଛାତ୍ରୀ ଏବଂ ଧାରା ୨ ରେ ୧୦୦ ରୁ ବେଶୀ ମାତ୍ର ୫୦୦ ରୁ କମ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟ ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କୁ ପୂର୍ବତନ ଅଧିକାରୀ ସଦସ୍ୟ ଭାବେ ନିର୍ଦ୍ଦିଷ୍ଟ କରାଯାଇଛି। ଏହାଫଳରେ ସ୍ଥାନୀୟ ଶିକ୍ଷାବିତଙ୍କୁ ସଦସ୍ୟ ଭାବେ ନିଆଯାଇପାରିବ କି ନାହିଁ, ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରଧାନଶିକ୍ଷକମାନଙ୍କ ମତରେ, ଏହି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଓଏସ୍ଇପିଏ ତୁରନ୍ତ ଏକ ସ୍ପଷ୍ଟୀକରଣ ଜାରି କରିବା ଆବଶ୍ୟକ। ଏହା ଦ୍ୱାରା ସମଗ୍ର ରାଜ୍ୟରେ ଏକ ସମାନ ପ୍ରକ୍ରିୟାରେ ଏସ୍ଏମ୍‌ସି ଗଠନ ସମ୍ଭବ ହେବ ଓ ଭବିଷ୍ୟତରେ ଅନାବଶ୍ୟକ ପ୍ରଶାସନିକ ଜଟିଳତାକୁ ଏଡ଼ାଯାଇପାରିବ। ଏହି ପ୍ରସଙ୍ଗରେ ଓଏସ୍ଇପିଏ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶୀଘ୍ର ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବେ ବୋଲି ଶିକ୍ଷକ ମହଲରେ ଆଶା ପ୍ରକାଶ ପାଇଛି।

### ପୂଜାସ୍ଥଳୀ ସୁରକ୍ଷା ଦାବିରେ ଆଦିବାସୀ ମେଳି

## ଜବରଦଖଲ ଉଚ୍ଛେଦକୁ ଦୃଢ଼ ବିରୋଧ

**ରାଉରକେଲା, ୧୩।୭(ସଂଚାର ବ୍ୟୁରୋ):** ପୂଜାସ୍ଥଳୀ ସୁରକ୍ଷା ଦାବିରେ ଆଦିବାସୀ ମେଳି । ଜମି ଅଧିଗ୍ରହଣ ହେଉ କିନ୍ତୁ ଆଦିବାସୀଙ୍କ ଧର୍ମପୀଠକୁ ଉଚ୍ଛେଦ କରା ନ ଯାଉ । ଏଭଳି ଦାବି ରଖି ଆଜି ରାଉରକେଲା ଠାରେ ଆଦିବାସୀ ମେଳି ହୋଇଛି। ବନ୍ଧମୁଣ୍ଡା ଶୀତଳ ନଗର ଠାରେ ଆଦିବାସୀଙ୍କ ପକ୍ଷରୁ ଏକ ବଡ଼ଧରଣର ଶୋଭାଯାତ୍ରା କରାଯାଇଛି । ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ୬୦ ହଜାର କୋଟି ମଞ୍ଜୁର ହୋଇଛି । ଏଥିଲାଗି ଅଧିଗ୍ରହଣ ହୋଇଥିବା ଜମିରୁ ଜବରଦଖଲ ଉଚ୍ଛେଦ ଜୋରଦାର କରାଯାଉଛି । ଏହିକ୍ରମରେ ଆଜି ସାରନା ପୀଠରୁ ଜବରଦଖଲ ଉଚ୍ଛେଦବେଳେ ଏହାକୁ ଦୃଢ଼ ବିରୋଧ କରିଥିଲେ ଆଦିବାସୀ । ବନ୍ଧମୁଣ୍ଡା ଶୀତଳ ନଗର ରେ ଥିବା ସାରନା ପୂଜା ସ୍ଥଳ ଆଦିବାସୀ ଙ୍କ ଆସ୍ଥା । ଏଣୁ ଆଦିବାସୀଙ୍କ ଧାର୍ମିକ ଆସ୍ଥା ଉପରେ ପ୍ରହାର କରା ନ ଯାଉ ବୋଲି କହିଛନ୍ତି ଶତାଧିକ ମହିଳା ଓ ପୁରୁଷ ଆଦିବାସୀ । ପାରମ୍ପରିକ ବେଶବୁଶା ଧାରଣ କରି ଆରଏସପିର ଜବରଦଖଲ ଉଚ୍ଛେଦକୁ କଡ଼ା ପ୍ରତିବାଦ କରିଥିଲେ।



### ରବି ଧାନ କିଣା ଅବ୍ୟବସ୍ଥାରେ ସରିଲା

## ଖରିଫ୍ ପାଇଁ ପ୍ରଶାସନିକ ପ୍ରସ୍ତୁତି ବି ଶୂନ୍



**ବଲାଙ୍ଗିର, ୧୩।୭(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲାରେ ରବିଧାନ କିଣା ସମ୍ପୂର୍ଣ୍ଣ ଅବ୍ୟବସ୍ଥା ମଧ୍ୟରେ ସରିଲା। କେତେ ଧାନ ବିକ୍ରି ନହୋଇ ପଡ଼ି ରହିଛି, କେତେ ଚାଷୀଙ୍କ ଟୋକନ୍ ଅବଧି ସରିଗଲା, ସମୀକ୍ଷା କରିବାକୁ କୌଣସି ଅଧିକାରୀ ପ୍ରସ୍ତୁତ ନୁହନ୍ତି। ମିଲର୍ସ, ଯୋଗାଣ ବିଭାଗର ସଲାସୁତୁରାରେ ଧାନ ବିକ୍ରି ସରିଗଲା। ଚାଷୀଙ୍କୁ ଛାଡି ସଭିଏଁ ଲାଭବାନ ହେଲେ। ସିଧା କହିବାକୁ ଗଲେ ପ୍ରଶାସନ ସବୁ ଦୃଷ୍ଟିରୁ ଚାଷୀଙ୍କୁ ଧୋକା ଦେଲା। ତଥାପୀ, ଚଷୀଙ୍କ ଧାନ ବନ୍ଦ ମଣ୍ଡରେ ବର୍ଷାରେ ଭିଜୁଛି। ଯୋଗାଣ ବିଭାଗ ନିଷ୍କ୍ରିୟ ରହିବା ଫଳରେ ଛତିଶଗଡ଼ର ଧାନ ବଲାଙ୍ଗିର ଜିଲ୍ଲାର ମଣ୍ଡରେ ବିକ୍ରି ହେଲା। ସ୍ଥିତି ଏଭଳି ରହିଲା ଯେ, ଟାର୍ଗେଟ ଥିଲେ ହେଁ ଚାଷୀଙ୍କ ଟୋକନ ଅବଧୀ ସରିଗଲା। ରବି ଋତୁର ଏପରି ତିକ୍ତ ଅନୁଭୂତି ପାଇଥିବା ଚାଷୀ ଖରିଫ୍ ଚାଷ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କିଛି ଦିନ ତଳର ଲଗାତାର ବର୍ଷା ଯୋଗୁଁ ବିଲରେ ପାଣି ଭରିଛି ତେଣୁ ରୁହା ବିହୁଡା ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ପ୍ରଶାସନିକ ସ୍ତରରେ ଖରିଫ୍ ଚାଷ ପାଇଁ ଚିନ୍ତା ନାହିଁ। ଜୁଲାଇ ପହିଲାର ଭଲ ବର୍ଷା କାରଣରୁ ଚାଷୀ ଭଲ ଚାଷ ପାଇଁ ଆଶାବାଦୀ ଅଛନ୍ତି। ସ୍ୱାଭାବିକ ଭାବେ ଜିଲ୍ଲାରେ ଖରିଫ୍ ୩.୪୫ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ। ଯେଉଁଥିରୁ ୬୦ ଲକ୍ଷ କ୍ୱିଟାଂଲ ଧାନ ଅମଳ ହୁଏ। ସେହିପରି ୨୧ ହଜାର ହେକ୍ଟର ରେ ପରିବା ଚାଷ ହୋଇଥାଏ। ଖରିଫ ଚାଷ ପାଇଁ ପ୍ରଶାସନ ପକ୍ଷରୁ ନୀତି ନିର୍ଦ୍ଧାରଣ ବୈଠକ ବସିନାହିଁ। ଅଥଚ ଚାଷୀମାନେ ଧାନ ବୁଣିବା ଆରମ୍ଭ କଲେଣି। ପରିବା ଚାଷ ମଧ୍ୟ ଆଗେଇଛି। ଖରିଫ୍ ଚାଷ ପାଇଁ ପର୍ଯ୍ୟାପ୍ତ ସାର, ବିହନ ଥିବା କୁହାଯାଉଛି। କିନ୍ତୁ ସରକାରୀ ସାର, ବିହନ ଚାଷୀଙ୍କ ହାତରେ ଲଗୁନାହିଁ। ପେକ୍ସ ଜରିଆରେ ଚାଷୀଙ୍କୁ ବିହନ ଯୋଗାଇବାକୁ ମଧ୍ୟ ସରକାରୀ ନିୟମ ରହିଛି। କିନ୍ତୁ ଏହି ନିୟମରୁ କିଛି ପେକ୍ସର ଅସାଧୁ କର୍ମଚାରୀ ଫାଇଦା ଉଠାଇବାକୁ ପଛାଉନାହାନ୍ତି। ଚଷୀଙ୍କ ଦସ୍ତାବେଜ୍ ଏବଂ କାର୍ଡ ସଂଗ୍ରହ ହେଉଛି। ଜାଲ୍ ଦସ୍ତଖତ କରି ବିହନ ଯୋଗାଇ ଦିଆଯାଉଥିବା ରେକର୍ଡରେ ଲିପିବଦ୍ଧ ରହୁଛି। ଜିଲ୍ଲା କୃଷି ବିଭାଗ କିଛି ମାତ୍ରାରେ ଚଢଉ କରୁଥିଲେ ହେଁ ଏହି କାରବାରରେ ଲଗାମ୍ ଲାଗିନାହିଁ। ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ସାର, ବିହନ ଆସୁଥିଲେ ହେଁ ତାହା ଚାଷୀଙ୍କ ପାଖରେ ଠିକଣା ସମୟରେ ପହଚୁଂ ନଥିବା ବାରମ୍ବାର ଅଭିଯୋଗ ହେଉଛି। ସେହିପରି ବେପାରୀମାନଙ୍କ ଠାରୁ ଚାଷୀମାନେ ସାର ଓ ବିହନ ଚଢ଼ା ଦରରେ କିଣୁଛନ୍ତି।